


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ISSUE-351 FRIDAY 19 JUNE 2026 PAGE-12 ₹ 7.00 | SAMBALPUR | ବର୍ଷ-୪୩ ସଂଖ୍ୟା-୩୫୧ ଶୁକ୍ରବାର ୧୯ ଜୁନ୍ ୨୦୨୬ ପୃଷ୍ଠା-୧୨ ଟ.୭.୦୦







## ୧୧୧ ଦିନ ପରେ ବୁଝାମଣା ସ୍ୱାକ୍ଷର

# ଶାନ୍ତି ପାଇଁ ଚୁକ୍ତି

■ ୱାଶିଂଟନ/ତେହେରାନ, ୧୮।୬ (ଏଜେନ୍ସି): ଇରାନ ଉପରେ ଆମେରିକା ଏବଂ ଇସ୍ରାଲ ଆକ୍ରମଣ ପରେ ଦୀର୍ଘ ତିନି ମାସରୁ ଅଧିକ ସମୟ ଧରି ଅଶାନ୍ତ ଥିବା ମଧ୍ୟପ୍ରାଚ୍ୟରେ ଶାନ୍ତି ପ୍ରତିଷ୍ଠା ଲାଗି ବାଟ ଫିଟିଛି। ସ୍ଥାୟୀ ରୂପେ ଯୁଦ୍ଧ ବନ୍ଦ କରିବା ସହିତ ହର୍ମୁଜ ଅବରୋଧ ହଟାଇବା ଲାଗି ସହମତ ହୋଇଛନ୍ତି ଇରାନ ଏବଂ ଆମେରିକା। ଏସଂପର୍କରେ ସେମାନଙ୍କ ମଧ୍ୟ ବହୁପ୍ରତୀକ୍ଷିତ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏଥିରେ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ ଏବଂ ଇରାନ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ ସ୍ୱାକ୍ଷର କରିଛନ୍ତି। ଏହି ଚୁକ୍ତି ତତକ୍ଷଣାତ୍ କାର୍ଯ୍ୟକାରୀ ହୋଇଛି। ଶାନ୍ତି ପ୍ରତିଷ୍ଠା ସହିତ ଗୁରୁତ୍ୱପୂର୍ଣ୍ଣ ହର୍ମୁଜ ସମୁଦ୍ର ପଥ ଖୋଲିବା ଲାଗି ଏଥିରେ




ସହମତି ପ୍ରକାଶ ପାଇଥିବାରୁ ସାରା ବିଶ୍ୱ ଆଶ୍ୱସ୍ତ ହୋଇଛି। ହର୍ମୁଜରୁ ଆମେରିକା ଏହାର ନୌଅବରୋଧ ହଟାଇବା ସହିତ ଇରାନ ମଧ୍ୟ କଟକଣା ମୁକ୍ତ ଯାତାୟାତ ଲାଗି ଅନୁମତି ପ୍ରଦାନ କରିଛି।

ଦୁଇ ଦେଶ ମଧ୍ୟରେ ସ୍ୱାକ୍ଷରିତ ବୁଝାମଣା ଅନୁଯାୟୀ ଇରାନକୁ ଅନେକ ରିହାତି ପ୍ରଦାନ କରାଯାଇଛି। ଆମେରିକାରେ ଜବତ ଥିବା ଇରାନର ସଂପତ୍ତିକୁ ହସ୍ତାନ୍ତର କରାଯିବ। ଇରାନର

### ଦସ୍ତଖତ କଲେ ଦୁଇ ଦେଶର ରାଷ୍ଟ୍ରପତି

### ଇରାନକୁ ରିହାତି, ଖୋଲିବ ହର୍ମୁଜ

ଅର୍ଥନୈତିକ ସୁରକ୍ଷା ଲାଗି ଆମେରିକା ୩୦୦ ବିଲିୟନ ଡଲାରର ପାଣ୍ଠି ପାଇଁ ଗ୍ୟାରେଣ୍ଟି ଦେଇଛି। ଇରାନ ପରମାଣୁ ଅସ୍ତ୍ର ତିଆରି କରିବ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିବା ବେଳେ ବିବାଦୀୟ ପରମାଣୁ ସମୃଦ୍ଧୀକରଣ ଉପରେ ଆଲୋଚନା ଜାରି ରହିବ। ଲେବାନନ ଉପରେ ଇସ୍ରାଏଲ ଆକ୍ରମଣ କରିବ ନାହିଁ ବୋଲି ଏହି ବୁଝାମଣାପତ୍ରରେ ସର୍ତ୍ତ ରହିଛି।

ଜି-୭ ଶିଖର ସମ୍ମିଳନୀ ଅବସରରେ ଗତକାଲି ପ୍ୟାରିସରେ ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ ମାକ୍ରୋନଙ୍କ ସହ ନୈଶଭୋଜି ସମୟରେ ଟ୍ରମ୍ପ ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି। ଏହି ଘଟଣାରେ ମଧ୍ୟସ୍ଥତା କରୁଥିବା ଅନ୍ୟାନ୍ୟ ଦେଶଗୁଡ଼ିକୁ ମଧ୍ୟ ଏହି ସ୍ୱାକ୍ଷରିତ ନଥିର ନକଲ ପଠାଯାଇଛି।

ସ୍ଥାୟୀ ଚୁକ୍ତି ପାଇଁ ଦୁଇ ଦେଶକୁ ୬୦ ଦିନର ସମୟ ମିଳିଛି। ଏହି ସମୟ ମଧ୍ୟରେ କୌଣସି ପକ୍ଷ ନୂତନ କଟକଣା କିମ୍ବା ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ନାହିଁ। ପରମାଣୁ କାର୍ଯ୍ୟକ୍ରମ ସମ୍ପର୍କରେ ଇରାନ ସ୍ପଷ୍ଟ କରିଛି ଯେ ତା'ର ସମୃଦ୍ଧ ୟୁରାନିୟମ ଦେଶ ବାହାରକୁ ▶ପୃଷ୍ଠା-୭

### ସମ୍ବଲପୁର ଶୀତଳଷଷ୍ଠୀ

## ଶୁଭଲଗ୍ନରେ ଦେବବିବାହ





■ ସମ୍ବଲପୁର, ୧୮।୬ (ସମିସ): ଦେବ ଦେବ ମହାଦେବ ଓ ଜଗଜ୍ଜନନୀ ମାତା ପାର୍ବତୀଙ୍କ ଲୌକିକ ବିବାହ ଉତ୍ସବ ଶୀତଳଷଷ୍ଠୀରେ ଚଳଚଞ୍ଚଳ ହୋଇଉଠିଛି ସମ୍ବଲପୁର। ଗୁରୁବାର ରାତିରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ମହାଦେବ ବାବା ବରବେଶରେ ସଜ୍ଜିତ ହୋଇ ଦେବାଦେବୀଙ୍କ ଗହଣରେ ବରାନୁଗମନ ଶୋଭାଯାତ୍ରାରେ ବାହାରିଥିଲେ। କନ୍ୟାଳୟେରେ ପହଞ୍ଚିବାପରେ ବୈଦିକ ରୀତିନୀତିରେ ଗୁରୁବାର ବିଳମ୍ବିତ ରାତ୍ରି ବ୍ରାହ୍ମ ମୁହୂର୍ତ୍ତରେ ଜ୍ୟେଷ୍ଠ ଶୁକ୍ଳପକ୍ଷ ପଞ୍ଚମୀ ଗତେ ଷଷ୍ଠୀ ଶୁଭଲଗ୍ନରେ ଦେବଦେବ ମହାଦେବଙ୍କ ଜଗଜ୍ଜନନୀ ମାତା ପାର୍ବତୀଙ୍କ ସହ ହାତଗଣ୍ଠି ପଡ଼ିଥିଲା। ୧୯ ତାରିଖ ରାତିତମାମ ଏବଂ ୨୦ ତାରିଖ ତାରିଖ ଦିନବେଳା ଦେବଦମ୍ପତି ଯୁଗଳ ଦର୍ଶନ ଶୋଭାଯାତ୍ରାରେ ନଗର ପରିକ୍ରମା କରି ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ। ୨୦ ତାରିଖ ଅପରାହ୍ଣରେ ଦେବଦମ୍ପତି ସ୍ୱ-ମନ୍ଦିରରେ ପ୍ରବେଶ କରିବା କାର୍ଯ୍ୟକ୍ରମ ରହିଛି। ଆଜି ରାତ୍ରି ପ୍ରାୟ ୧୦ଟାବେଳେ ଦେବଦେବ ▶ପୃଷ୍ଠା-୭

## ଭତ୍ତା ପାଇଁ ଲୋକେ ନୟାନ୍ତ ହେବା ଦୁଃଖଦାୟକ: ନବୀନ

### ଲୋକଙ୍କ ଦୁର୍ଦ୍ଦଶା ସମୟରେ ସରକାର ଚୁପ୍ କାହିଁକି



■ ଭୁବନେଶ୍ୱର, ୧୮।୬ (ସମିସ): ରାଜ୍ୟର ଲକ୍ଷ ଲକ୍ଷ ସାମାଜିକ ସୁରକ୍ଷା ଭତ୍ତା ହିତାଧିକାରୀ ଗତ ୩ ମାସ ହେଲାଣି ଭତ୍ତା ନ ପାଇ ଦୁର୍ଦ୍ଦଶାରେ କାଳ କାଟୁଛନ୍ତି। ଏହାକୁ ନେଇ ବିଭିନ୍ନ ମହଲରେ ଉଦବେଗ ପ୍ରକାଶ ପାଇ ଆସୁଥିବା ବେଳେ କ୍ଷୋଭ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଭତ୍ତା ପାଇଁ ଲୋକେ ନୟାନ୍ତ ହେବା ଅତ୍ୟନ୍ତ ଦୁଃଖଦାୟକ। ୨ ବର୍ଷ ପୂରଣ କରିଥିବା ବିଜେପି ସରକାରର ଏଇଆ କ'ଣ ଫାଇଦା ବୋଲି ନବୀନ ପ୍ରଶ୍ନ କରିଛନ୍ତି।

ସାମାଜିକ ଗଣମାଧ୍ୟମରେ ନବୀନ କହିଛନ୍ତି ଯେ ତିନି ମାସରୁ ଅଧିକ ସମୟ ଧରି ରାଜ୍ୟର ଲକ୍ଷ ଲକ୍ଷ ଲୋକ ସାମାଜିକ ସୁରକ୍ଷା ଅଧୀନରେ ଭତ୍ତା ନ ପାଇ ବ୍ୟାପକ ସମସ୍ୟାର ସାମ୍ନା କରୁଛନ୍ତି। ଭତ୍ତା ପାଇଁ ଲୋକ ଜୀବନ ହାରିବା ପରି ଖବର ମଧ୍ୟ ଗଣମାଧ୍ୟମର ଶିରୋନାମା ପାଲଟିଛି; ଯାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ନିର୍ବାଚନ ସମୟରେ ଭତ୍ତା ବଢ଼ାଇବାର ମିଛ ପ୍ରତିଶ୍ରୁତି ଦେଇ ଓଡ଼ିଶା ବିଜେପି କ୍ଷମତାକୁ ଆସିଲା। ହେଲେ ବର୍ତ୍ତମାନ ଯାଏଁ ଭତ୍ତା ବଢ଼ାଇବା ଦୂରେ ଥାଉ ହିତାଧିକାରୀଙ୍କୁ ପୂର୍ବରୁ ମିଳୁଥିବା ଭତ୍ତାକୁ ବି ସରକାର ପ୍ରଦାନ କରିବାରେ ଅସମର୍ଥ। ଏହା ଅନେକ ବୟସ୍କ ଲୋକ, ମା'ମାଉସୀଙ୍କୁ ହତାଶା ଓ ଯନ୍ତ୍ରଣା ଭିତରକୁ ଠେଲି ଦେଇଛି। ଭତ୍ତା ଉପରେ ନିର୍ଭର କରି ଜୀବନ ଅତିବାହିତ କରୁଥିବା ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ▶ପୃଷ୍ଠା-୭

### କଠୋର ହେଲେ ମୁଖ୍ୟମନ୍ତ୍ରୀ

## ଡାକ୍ତରାଣୀ ବହିଷ୍କୃତ, ଏଡିଜି ନିଲମ୍ବିତ

### ପୂର୍ବତନ ମେଡିକାଲ ଅଫିସର ବହିଷ୍କୃତ

■ ଭୁବନେଶ୍ୱର, ୧୮।୬ (ସମିସ): ଦୀର୍ଘଦିନ ଧରି ଡାକ୍ତରଖାନା ନ ଆସି, ରୋଗୀ ସେବାରୁ ବିରତ ରହୁଥିବା ଡାକ୍ତରମାନଙ୍କ ଉପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। କନ୍ଧମାଳ ପୁଲିସ ହସ୍ପିଟାଲର ପୂର୍ବତନ ମେଡିକାଲ ଅଫିସର ଡାକ୍ତର ବିଚକ୍ଷଣା ପାଣିଗ୍ରାହୀଙ୍କୁ ମୁଖ୍ୟମନ୍ତ୍ରୀ ସରକାରୀ ସେବାରୁ ବହିଷ୍କୃତ କରିଛନ୍ତି। ଡାକ୍ତର ପାଣିଗ୍ରାହୀ ୨୦୧୨ ପରଠାରୁ ଅନଧିକୃତ ଭାବେ ଅନୁପସ୍ଥିତ ରହିଛନ୍ତି। ବିଭାଗ ପକ୍ଷରୁ ତାଙ୍କୁ ବିଭିନ୍ନ ସମୟରେ ଅନୁପସ୍ଥିତିର କାରଣ ଦର୍ଶାଇବା ସହ କାର୍ଯ୍ୟରେ ଯୋଗଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ସେ ତାହାର ଅନୁପାଳନ କରି ନ ଥିଲେ। ରୋଗୀ ସେବାରେ ତାଙ୍କର ଏହି ଅନାଗ୍ରହ ଯୋଗୁଁ ତାଙ୍କୁ କାର୍ଯ୍ୟରୁ ବହିଷ୍କାର କରାଯାଇଛି। ଏଥିସହିତ ରାଜ୍ୟବ୍ୟାପୀ ବିଭିନ୍ନ ଡାକ୍ତରଖାନାରେ ୫ ବର୍ଷରୁ ଅଧିକ ସମୟଧରି କାର୍ଯ୍ୟରେ ଅନୁପସ୍ଥିତ ଥିବା ୧୨୮ ଜଣ ମେଡିକାଲ ଅଫିସର ଓ ଡେଣ୍ଟାଲ ସର୍ଜନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ▶ପୃଷ୍ଠା-୭



୧୨୮ ମେଡିକାଲ ଅଫିସର ଓ ଡେଣ୍ଟାଲ ସର୍ଜନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ

### ନିଲମ୍ବନ ହେଲେ ଆଇପିଏସ୍ ଗଙ୍ଗୱାର

■ ଭୁବନେଶ୍ୱର, ୧୮।୬ (ସମିସ): ବାଲିଅନ୍ତା ଭିଡ଼ହତ୍ୟାର ଶିକାର ସୌମ୍ୟରଞ୍ଜନଙ୍କ ମୃତ୍ୟୁ ପରବର୍ତ୍ତୀ ଘଟଣାରେ ଗୃହ ବିଭାଗର ଓଏସ୍‌ଡ଼ି ତଥା ବିବାଦୀୟ ବରିଷ୍ଠ ଆଇପିଏସ୍ ଦୟାଲ ଗଙ୍ଗୱାରଙ୍କୁ ନିଲମ୍ବନ କରିଛନ୍ତି ରାଜ୍ୟ ସରକାର। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶକ୍ରମେ ତାଙ୍କୁ ନିଲମ୍ବନ କରାଯାଇଥିଲେ ହେଁ ନିର୍ଦ୍ଦେଶନାମାରେ କୌଣସି କାରଣ ଉଲ୍ଲେଖ କରାଯାଇ ନାହିଁ। ବାଲିଅନ୍ତା ସୌମ୍ୟ ହତ୍ୟାକାଣ୍ଡରେ ପରେ ଦୟାଲ ଗଙ୍ଗୱାରଙ୍କ ନାମ ଚର୍ଚ୍ଚାକୁ ଆସିଥିଲା। ସୌମ୍ୟଙ୍କ ପରିବାର ଲୋକେ ସିଧାସଳଖ ଦୟାଲ ଗଙ୍ଗୱାରଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠାଇଥିଲେ। ଏପରିକି ସୌମ୍ୟଙ୍କୁ ହତ୍ୟା ଘଟଣାକୁ ଏକ ଷଡ଼ଯନ୍ତ୍ର ଅଭିହିତ କରି ଏହାପଛରେ ଗଙ୍ଗୱାରଙ୍କ ହାତ ଥିବା ▶ପୃଷ୍ଠା-୭



ସୌମ୍ୟଙ୍କୁ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ କରିଥିଲେ ମା'

### ପିଲାଙ୍କ ବସ୍ତାନୀରେ ଅଫିସରଙ୍କ ପାପ ବୋଝ

## ଏବର୍ଷ ପିଲା ପଢ଼ିବେ ଭୁଲ୍ ପାଠ

■ ଭୁବନେଶ୍ୱର, ୧୮।୬ (ସମିସ): ତଥାକଥିତ ଜ୍ଞାନୀ ଓ ପଣ୍ଡିତମାନଙ୍କ ପାପର ବୋଝ ଏବେ ବୋହିବେ ସ୍କୁଲ ପିଲା। ଭୁଲ ଛପା ଯୋଗୁଁ ଅପବ୍ୟୟ ହୋଇଥିବା କୋଟି କୋଟି ଟଙ୍କାର ବୋଝ ରାଜ୍ୟବାସୀ ବୋହିବେ। ମାତ୍ର ତଳୁ ଉପର ପର୍ଯ୍ୟନ୍ତ ବିଭାଗୀୟ ଅଧିକାରୀ,

**ଆରବର୍ଷକୁ ନୂଆ ବହି**

**ସମ୍ପାଦକ, ସମୀକ୍ଷକ, ସଂଯୋଜକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି**

**ଦରମାରୁ ବହି ଛପା ବାବଦରେ ବ୍ୟୟ ରାଶି ଭରଣା କରିବାକୁ ଦାବି**

ବହିଗୁଡ଼ିକର ବିଶେଷ ବିଶେଷଜ୍ଞ, ସମୀକ୍ଷକମଣ୍ଡଳୀ, ସମ୍ପାଦକ ମଣ୍ଡଳୀ, ସଂଯୋଜକ, ମୁଖ୍ୟ ସଂଯୋଜକମାନଙ୍କର ଏଥିରେ କୌଣସି ଦାୟିତ୍ୱ ନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବିଭାଗୀୟ ମନ୍ତ୍ରୀଙ୍କ ଦାୟିତ୍ୱହୀନ ଟିପ୍ପଣୀ। ଚଳିତ ବର୍ଷ ଆଉ ବହି ଛପାଯିବ ନାହିଁ, ଛପା ଯାଇଥିବା ତ୍ରୁଟିପୂର୍ଣ୍ଣ ବହିରେ ପିଲାମାନେ ପାଠ ପଢ଼ିବେ ଓ ଆସନ୍ତା ବର୍ଷ ତ୍ରୁଟି ଶୂନ୍ୟ ନୂଆ ବହି ଛପାଯିବ। ଯେଉଁଠି ମୁଖ୍ୟମନ୍ତ୍ରୀ ଏହି ପ୍ରସଙ୍ଗରେ କ୍ଷୋଭ ପ୍ରକାଶ କରିବା ସହ ତଦନ୍ତ ନିର୍ଦ୍ଦେଶ ଦେଇ ସାରିଛନ୍ତି, ସେଠାରେ ବିଭାଗୀୟ ମନ୍ତ୍ରୀ ନିରବ ରହିବା ଓ ଚଳେଇଦେବା ନ୍ୟାୟରେ ମନ୍ତବ୍ୟ ଦେବା ସାଧାରଣରେ ବିସ୍ମୟ ସୃଷ୍ଟି କରିଛି।

୨୦୨୬-୨୭ ଶିକ୍ଷାବର୍ଷ ପାଇଁ ପ୍ରସ୍ତୁତ ▶ପୃଷ୍ଠା-୭

### ତଦନ୍ତ କମିଟି ଗଠିତ

■ ଭୁବନେଶ୍ୱର, ୧୮।୬ (ସମିସ): ରାଜ୍ୟର ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ପାଠ୍ୟ ପୁସ୍ତକରେ ବ୍ୟାପକ ମୁଦ୍ରଣଜନିତ ତ୍ରୁଟି ଉପରେ ତଦନ୍ତ ପାଇଁ ଗୁରୁବାର ଏକ କମିଟି ଗଠିତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ ଅନୁଯାୟୀ ଗଠିତ ଏହି କମିଟିରେ ଉନ୍ନୟନ କମିସନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂହ ଅଧ୍ୟକ୍ଷ ରହିଛନ୍ତି। ଓଡ଼ିଆ ଭାଷା, ▶ପୃଷ୍ଠା-୭




## ପଞ୍ଚାୟତରେ ଅପମାନିତ ହେବା ପରେ ମହିଳାଙ୍କ ଆତ୍ମହତ୍ୟା

ଗାଜିଆବାଦ, ୧୮ ।୬(ଏଜେନ୍ସି): ଉତ୍ତର ପ୍ରଦେଶର ଗାଜିଆବାଦରେ ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ମହମ୍ମଦ ସମୀର ନାମକ ଜଣେ ଯୁବକ ନିଖୋଜ ହେବା ପଛରେ ଶିଦ୍ରା (୨୪) ନାମକ ଜଣେ ମହିଳାଙ୍କ ହାତ ଥିବା ନେଇ ଯୁବକଙ୍କ ପରିବାର ଲୋକେ ଅଭିଯୋଗ କରିଥିଲେ। ଏହି ଘଟଣାକୁ ନେଇ ଆୟୋଜିତ ଏକ ସ୍ଥାନୀୟ ପଞ୍ଚାୟତରେ ଶିଦ୍ରାଙ୍କୁ ସର୍ବସାଧାରଣରେ ଗାଳିଗୁଲଜ ଓ ଗଭୀର ଅପମାନିତ କରାଯାଇଥିଲା। ଏହି ମାନସିକ ନିର୍ଯାତନା ସହି ନପାରି ଶିଦ୍ରା ଗତ ମଙ୍ଗଳବାର ରାତିରେ ନିଜ ଘରେ ବେକରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଛନ୍ତି। ଶିଦ୍ରାଙ୍କ ମୃତ୍ୟୁ ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ପରିବାର ଓ ସ୍ଥାନୀୟ ଲୋକେ ମୃତଦେହକୁ ରାସ୍ତାରେ ରଖି ପ୍ରତିବାଦ କରିବା ସହ ପୁଲିସ ସହ ଧସ୍ତାଧସ୍ତି ହୋଇଥିଲେ। ତେବେ ପୁଲିସ ତଦନ୍ତରୁ ଏକ ନୂଆ ତଥ୍ୟ ସାମ୍ନାକୁ ଆସିଛି ଯେ, ଯୁବକ ସମୀର ପ୍ରକୃତରେ ନିଖୋଜ ନଥିଲେ, ବରଂ ଅନ୍ୟ ଏକ ମାମଲାରେ ପୁଲିସ ତାଙ୍କୁ ପଚରାଉଚରା ପାଇଁ ଅଟକ ରଖିଥିଲା ଏବଂ ସେ ଦୁଇ ଦିନ ପୂର୍ବରୁ ହିଁ ଘରକୁ ଫେରିଆସିଥିଲେ। ଅନ୍ୟପଟେ ମୃତ ମହିଳାଙ୍କ ପରିବାର ଅଭିଯୋଗ କରିଛନ୍ତି ଯେ, ସମୀର ବିବାହର ପ୍ରତିଶ୍ରୁତି ଦେଇ ଶିଦ୍ରାଙ୍କୁ ଶୋଷଣ କରୁଥିଲେ ଏବଂ ପଞ୍ଚାୟତରେ ହୋଇଥିବା ଅପମାନ ଯୋଗୁଁ ହିଁ ସେ ଜୀବନ ହାରିଛନ୍ତି। ବର୍ତ୍ତମାନ ପୁଲିସ ଏହି ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

## ଗୁଣିଗାରେଡ଼ି ସନ୍ଦେହରେ ଘରୋଇ ସହାୟିକାଙ୍କୁ ହତ୍ୟା କଲେ ଦିଲ୍ଲୀର ଡାକ୍ତର

ନୂଆଦିଲ୍ଲୀ, ୧୮ ।୬(ଏଜେନ୍ସି): ଦିଲ୍ଲୀର ସମ୍ଭ୍ରାନ୍ତ ମାଉଣ୍ଟ କୈଳାସ ଅଞ୍ଚଳରେ ଏକ ଚାଞ୍ଚଲ୍ୟକର ହତ୍ୟାକାଣ୍ଡ ଘଟିଛି। ଜଣେ ଡାକ୍ତର ନିଜ ଘରୋଇ ସହାୟିକା ମୀନା (୪୫)ଙ୍କୁ ପ୍ରଥମେ ବ୍ୟାଟ୍‌ରେ ପିଟି ଏବଂ ପରେ ଛୁରୀ ଭୁସି ନିର୍ମମ ଭାବେ ହତ୍ୟା କରିଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ରକ୍ତ ଜୁଡୁବୁଡୁ ଅବସ୍ଥାରେ ମହିଳାଙ୍କ ମୃତଦେହ ଉଦ୍ଧାର କରିବା ସହ ସେଠାରେ ବସିଥିବା ଅଭିଯୁକ୍ତ ଡାକ୍ତର ମନୀଷ ଗୁପ୍ତାଙ୍କୁ ଗିରଫ କରିଛି। ପୁଲିସ ଜେରା ବେଳେ ଡାକ୍ତର ଜଣକ ନିଜର ଅପରାଧ ସ୍ୱୀକାର କରିଛନ୍ତି। ସେ ଦାବି କରିଛନ୍ତି ଯେ ମୃତ ମହିଳା ଜଣକ ତାଙ୍କ ଘରେ ଗୁଣିଗାରେଡ଼ି ବା କଳାଜାଦୁ କରୁଥିଲେ, ଯାହାଦ୍ୱାରା ତାଙ୍କ ପରିବାରର ଶାନ୍ତି ନଷ୍ଟ ହେଉଥିଲା। ତେବେ ପୁଲିସ ସୂଚନା ଅନୁଯାୟୀ, ଡାକ୍ତର ଜଣକ ଦୀର୍ଘ ଦିନ ହେବ ମାନସିକ ଅବସାଦ ଅର୍ଥାତ୍ ଡିପ୍ରେସନ୍‌ରେ ପୀଡ଼ିତ ଅଛନ୍ତି ଏବଂ ବାରମ୍ବାର ନିଜ ବୟାନ ବଦଳାଉଛନ୍ତି। ପୁଲିସ ହତ୍ୟାରେ ବ୍ୟବହୃତ ବ୍ୟାଟ୍ ଓ ଛୁରୀ ଜବତ କରିବା ସହ ସିସିଟିଭି ଫୁଟେଜ୍ ଆଧାରରେ ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

## ଟେଲିଗ୍ରାମ କଟକଣା ମାମଲା: ହାଇକୋର୍ଟଙ୍କ ପ୍ରଶ୍ନ

ନୂଆଦିଲ୍ଲୀ, ୧୮ ।୬(ଏଜେନ୍ସି): ନିଟ୍-ୟୁଜି ପୁନଃ-ପରୀକ୍ଷା ପୂର୍ବରୁ ସାରା ଦେଶରେ ଟେଲିଗ୍ରାମ ଉପରେ ଲାଗିଥିବା ସାମୟିକ କଟକଣା ବିରୋଧରେ ହୋଇଥିବା ଆବେଦନ ଉପରେ ଦିଲ୍ଲୀ ହାଇକୋର୍ଟ ନିଜର ରାୟ ସଂରକ୍ଷିତ ରଖିଛନ୍ତି। ୨୨ ଲକ୍ଷରୁ ଅଧିକ ପରୀକ୍ଷାର୍ଥୀଙ୍କ ଭବିଷ୍ୟତ ଓ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଜୁନ ୨୨ ପର୍ଯ୍ୟନ୍ତ ଏହି ବ୍ୟାନ୍‌କୁ ସଠିକ୍ ବୋଲି ଦର୍ଶାଇଛନ୍ତି। ଅଦାଲତରେ ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଛନ୍ତି ଯେ, ଟେଲିଗ୍ରାମରେ ବେଆଇନ ଚ୍ୟାନେଲ ଓ ବଟ୍ସ ମାଧ୍ୟମରେ ଅପରାଧୀଙ୍କୁ ଟ୍ରାକ୍ କରିବା କଷ୍ଟକର। ଏହାର 'ମେସେଜ୍ ଏଡିଟିଂ' ଫିଚର ବ୍ୟବହାର କରି ପୂର୍ବରୁ ପ୍ରଶ୍ନପତ୍ର ଲିକ୍‌ର ଗୁଜବ ସୃଷ୍ଟି କରାଯାଇଥିଲା। ଟେଲିଗ୍ରାମ ଏଭଳି ସନ୍ଦିଗ୍ଧ ଗତିବିଧି ରୋକିବାରେ ବିଫଳ ହୋଇଛି ଏବଂ ଅନ୍ୟ ଦେଶଗୁଡ଼ିକ ମଧ୍ୟ ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଅନ୍ୟପଟେ, କୋର୍ଟ ପ୍ରଶ୍ନ କରିଥିଲେ ଯେ କିଛି ଲୋକଙ୍କ ଅପରାଧ ପାଇଁ ସାଧାରଣ ଜନତାଙ୍କ ଅଧିକାରକୁ କ୍ଷୁଣ୍ଣ କରାଯାଇପାରିବ କି? ଏହାର ଜବାବରେ ସରକାର କହିଛନ୍ତି ଯେ ସୁରକ୍ଷା ଦୃଷ୍ଟିରୁ ଏହା ଏକ ଜରୁରୀ ପ୍ରତିଷେଧକ ମୂଳକ ପଦକ୍ଷେପ। ଅନ୍ୟପଟେ, ଟେଲିଗ୍ରାମ ପକ୍ଷରୁ କୁହାଯାଇଛି ଯେ ସମ୍ପୂର୍ଣ୍ଣ ଆପ୍ ବ୍ୟାନ୍ କରିବା ବଦଳରେ କେବଳ ସନ୍ଦେହଜନକ ଡିଭାଇସ୍ ବା ମୋବାଇଲ୍‌ଗୁଡ଼ିକୁ ବ୍ଲକ କରାଯାଇପାରିଥାନ୍ତା।

## ହାଇକୋର୍ଟରେ ମମତାଙ୍କୁ ଝଟ୍‌କା


### ଋତବ୍ରତଙ୍କ ନିଯୁକ୍ତି ଉପରେ ରୋକ୍ ଲାଗିବ ନାହିଁ

କୋଲକାତା, ୧୮ ।୬(ଏଜେନ୍ସି): ତୃଣମୂଳ କଂଗ୍ରେସ (ଟିଏମସି) ସୁପ୍ରିମୋ ମମତା ବାନାର୍ଜୀଙ୍କୁ କଲିକତା ହାଇକୋର୍ଟରୁ ଏକ ବଡ଼ ସେଟ୍‌ବ୍ୟାକ୍ ମିଳିଛି। ପଶ୍ଚିମବଙ୍ଗ ବିଧାନସଭାରେ ବିଦ୍ରୋହୀ ବିଧାୟକ ଋତବ୍ରତ ବାନାର୍ଜୀଙ୍କୁ ବିରୋଧୀ ଦଳ ନେତା ଭାବେ ସ୍ୱୀକୃତି ଦେବା ପାଇଁ ବାଚସ୍ପତି ରଥିନ ବସୁଙ୍କ ନିଷ୍ପତ୍ତି ଉପରେ ମଧ୍ୟବର୍ତ୍ତୀକାଳୀନ ରୋକ ଲଗାଇବାକୁ ହାଇକୋର୍ଟ ମନା କରିଦେଇଛନ୍ତି। ଫଳରେ ଋତବ୍ରତ ବର୍ତ୍ତମାନ ପାଇଁ ନିଜ ପଦବୀରେ ବଜାୟ ରହିବେ। ବିଧାନସଭା ନିର୍ବାଚନରେ ଟିଏମସିର ପରାଜୟ ପରେ ଦଳ ମଧ୍ୟରେ ବିଭାଜନ ସୃଷ୍ଟି ହୋଇଥିଲା ଏବଂ ଅଧିକାଂଶ ବିଧାୟକ ବିଦ୍ରୋହୀ ସାଜିଥିଲେ। ଦଳୀୟ ନେତୃତ୍ୱ ବରିଷ୍ଠ ନେତା ଶୋଭନଦେବ ଚଟ୍ଟୋପାଧ୍ୟାୟଙ୍କୁ ଏହି ପଦ ପାଇଁ ମନୋନୀତ କରିଥିଲେ ମଧ୍ୟ, ଋତବ୍ରତ ୫୮ ଜଣ ବିଧାୟକଙ୍କ ସମର୍ଥନ ହାସଲ କରି ବିରୋଧୀ ଦଳ ନେତା ବନିଥିଲେ। ଏହାକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ଆବେଦନ କରାଯାଇଥିଲା। ବିଚାରପତି କୃଷ୍ଣା ରାଓ ଏହି ମାମଲାରେ କୌଣସି ଜରୁରୀ ଆଦେଶ ଦେବାକୁ ମନା କରିବା ସହ ଆଗାମୀ ଶୁଣାଣି ଜୁଲାଇ ୨୮ ତାରିଖକୁ ଧାର୍ଯ୍ୟ କରିଛନ୍ତି ଏବଂ ସମସ୍ତ ପକ୍ଷଙ୍କୁ ସେମାନଙ୍କର ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ଗଣଦୁଷ୍କର୍ମ ପରେ ମହିଳାଙ୍କ ଗୁପ୍ତାଙ୍ଗରେ ଗୁଳି ପୂରାଇଦେଲେ

ବେଗୁସରାଇ, ୧୮ ।୬(ଏଜେନ୍ସି): ବିହାରର ବେଗୁସରାଇ ଜିଲ୍ଲାରୁ ଏକ ଅତ୍ୟନ୍ତ ସ୍ତବ୍ଧ କରିଦେବା ଭଳି ଅମାନୁଷିକ ଘଟଣା ସାମ୍ନାକୁ ଆସିଛି। ଚକିଆ ଥାନା ଅଞ୍ଚଳରେ ୫ ଜଣ ଦୁର୍ବୃତ୍ତ ଜଣେ ମହିଳାଙ୍କ ସ୍ୱାମୀଙ୍କୁ ଘର ଭିତରେ ବନ୍ଦ କରିବା ପରେ ମହିଳାଙ୍କୁ ଏକ ନିଛାଟିଆ ସ୍ଥାନକୁ ନେଇ ଗଣଦୁଷ୍କର୍ମ କରିଛନ୍ତି। କେବଳ ସେତିକି ନୁହେଁ, ବିରୋଧ କରିବାରୁ ବ୍ଲେଡ୍‌ରେ ତାଙ୍କ ଶରୀରକୁ କ୍ଷତବିକ୍ଷତ କରିବା ସହ ଅଚେତ ଅବସ୍ଥାରେ ତାଙ୍କ ଗୁପ୍ତାଙ୍ଗ ଭିତରକୁ ଗୁଳି ଓ ପଥର ପଶାଇ ବର୍ବରତାର ସବୁ ସୀମା ପାର୍ କରିଛନ୍ତି। ଗତ ଜୁନ ୧୧ ତାରିଖ ବିଳମ୍ବିତ ରାତିରେ ଏହି ଜଘନ୍ୟ କାଣ୍ଡ ଘଟିଥିଲା। ପୀଡ଼ିତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ବାରାଉନି ଏବଂ ପରେ ସଦର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅସହ୍ୟ ଯନ୍ତ୍ରଣା ହେବାରୁ ଡାକ୍ତରମାନେ ଗଭୀର ଭାବେ ଯାଞ୍ଚ କରିବା ପରେ ମହିଳାଙ୍କ ଗୁପ୍ତାଙ୍ଗ ଭିତରୁ ଏକ ଜୀବନ୍ତ ଗୁଳି ଅର୍ଥାତ ବୁଲେଟ୍, ପଥର ଏବଂ କାଠ ଖଣ୍ଡ ଉଦ୍ଧାର କରିଛନ୍ତି। ମହିଳାଙ୍କ କହିବା ଅନୁଯାୟୀ, ୩ ମାସ ପୂର୍ବରୁ ମଧ୍ୟ କିଛି ଅପରାଧୀ ତାଙ୍କ ଘରେ ପଶି ଲୁଟପାଟ କରିବା ସହ ଦୁଷ୍କର୍ମ ଉଦ୍ୟମ କରିଥିଲେ, ମାତ୍ର ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲା। ସ୍ଥାନୀୟ ଡିଏସପି ଆନନ୍ଦ କୁମାର ପାଣ୍ଡେ କହିଛନ୍ତି ଯେ ପୀଡ଼ିତାଙ୍କ ବୟାନ ସତ୍ୟ ପ୍ରତୀତ ହେଉଛି ଏବଂ ଏହି ସଙ୍ଗୀନ ମାମଲାର ବୈଜ୍ଞାନିକ ପଦ୍ଧତିରେ ତଦନ୍ତ କରାଯାଉଛି। ଅଭିଯୁକ୍ତମାନଙ୍କୁ ଶୀଘ୍ର ଗିରଫ କରାଯିବା ସହ ପୂର୍ବରୁ ଅବହେଳା କରିଥିବା ପୁଲିସ କର୍ମଚାରୀଙ୍କ ବିରୋଧରେ ମଧ୍ୟ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ଆଶ୍ୱାସନା ଦେଇଛନ୍ତି।

# ଏନ୍‌ଡିଏକୁ ସୁହାଉଛି ବିଭାଜନ



**ଟାର୍ଗେଟ୍ ୩୬୨**

ନୂଆଦିଲ୍ଲୀ, ୧୮ ।୬: ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ମମତାଙ୍କ ଟିଏମ୍‌ସିର ଶୋଚନୀୟ ପରାଜୟ ପରେ ବଦଳିଯାଇଛି ଜାତୀୟ ରାଜନୀତିର ଦୃଶ୍ୟପଟ୍ଟ। ଗତ ଦୁଇ ସପ୍ତାହ ମଧ୍ୟରେ ଯାହାସବୁ ଘଟି ଚାଲିଛି, ସେଥିରେ ବିରୋଧୀ ମେଣ୍ଟ ଦୁର୍ବଳ ହେଉଥିବା ବେଳେ କେନ୍ଦ୍ରରେ କ୍ଷମତାସୀନ ଏନଡିଏ ଶକ୍ତିଶାଳୀ ହେବାକୁ ଲାଗିଛି। ଏଭଳି ଧାରା ଜାରି ରହିଲେ ଲୋକସଭାରେ ଏନ୍‌ଡିଏ ସାଂସଦଙ୍କ ସଂଖ୍ୟା ଦୁଇ ତୃତୀୟାଂଶ (୩୬୨) ଛୁଇଁବାକୁ ଆଉ ଅଧିକ ସମୟ ଲାଗିବ ନାହିଁ। ଏହି ସଂଖ୍ୟା ଛୁଇଁଲେ ମହିଳା ସଂରକ୍ଷଣ, ସୀମା ପୁନଃନିର୍ଦ୍ଧାରଣ ଏବଂ ୟୁନିଫର୍ମ ସିଭିଲ କୋଡ୍ (ୟୁସିସି) ସଂକ୍ରାନ୍ତ ସମ୍ବିଧାନ ସଂଶୋଧନ ବିଲ୍ ଅନୁମୋଦନରେ ଆଉ ପ୍ରତିବନ୍ଧକ ରହିବ ନାହିଁ। ୨୦୨୯ ସାଧାରଣ ନିର୍ବାଚନ ପୂର୍ବରୁ ଏହି ଲକ୍ଷ୍ୟ ହାସଲ ହେବ ବୋଲି କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲଙ୍କ ମନ୍ତବ୍ୟ ଏଭଳି ଆକଳନକୁ ବଳ ଯୋଗାଇଛି। ସେ କହିଛନ୍ତି ଯେ ମହିଳା ଆସନ ସଂରକ୍ଷଣ ପାଇଁ ଆଉ ବେଶି ଦିନ ଅପେକ୍ଷା କରିବାକୁ ପଡ଼ିବ ନାହିଁ। ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ବହୁତ କିଛି ଘଟିଯିବ।

ଗତ ଏପ୍ରିଲ ମାସରେ କେନ୍ଦ୍ର ସରକାର ମହିଳା ସଂରକ୍ଷଣ ବିଲ୍ ଏବଂ ସୀମା ପୁନଃନିର୍ଦ୍ଧାରଣ ବିଲ୍ ଲୋକସଭାରେ ଆଗତ କରିଥିଲେ। ମାତ୍ର ସମ୍ବିଧାନ ସଂଶୋଧନ ପାଇଁ ଆବଶ୍ୟକ ଦୁଇ ତୃତୀୟାଂଶ ସମର୍ଥନ ନମିଳିବାରୁ ୫୪ ଭୋଟରେ କାଟ୍ ଖାଇଯାଇଥିଲା ଏହି ବିଲ୍। ଏହି ବିଲ୍ ପାସ୍ କରାଇବାକୁ ହେଲେ ୫୪୩ ସଭ୍ୟ ବିଶିଷ୍ଟ ଲୋକସଭାରେ ୩୬୨ ସଭ୍ୟଙ୍କ ସମର୍ଥନ ଦରକାର। ଟିଏମସିର ୧୯ ବିଦ୍ରୋହୀ ସାଂସଦଙ୍କୁ ମିଶାଇଲେ ଲୋକସଭାରେ ଏବେ ଏନଡିଏ ସାଂସଦ ସଂଖ୍ୟା ୩୧୨ରେ ପହଞ୍ଚିଥିବା ବେଳେ ଉଦ୍ଧବ ସେନାର ୬ ସାଂସଦ ଏଥିରେ ସାମିଲ ହେବେ ବୋଲି କୁହାଯାଉଛି। ଫଳରେ ଏନ୍‌ଡିଏ ସଂଖ୍ୟା ୩୧୮କୁ ବୃଦ୍ଧି ପାଇବ। ଦୁଇ ତୃତୀୟାଂଶ ସଂଖ୍ୟା ପାଇଁ ଆହୁରି ୪୪ ସଭ୍ୟଙ୍କ ସମର୍ଥନ ଦରକାର ଥିବାରୁ ଡିଏମ୍‌କେ ସହିତ ଏନଡିଏ ନେତାଙ୍କ ଆଲୋଚନା ଚାଲିଛି। କଂଗ୍ରେସ ଉପରେ କ୍ଷୁବ୍ଧ ହୋଇ ଇଣ୍ଡିଆ ମେଣ୍ଟ ଛାଡ଼ିଥିବା ଡିଏମକେର ୨୨ ଜଣ ଲୋକସଭା ସାଂସଦ ଅଛନ୍ତି। ଏହାର ସମର୍ଥନ ମିଳିଲେ ଏନ୍‌ଡିଏ ୩୪୦ ସହିତ ଟାର୍ଗେଟ ୩୬୨ର ନିକଟତର ହୋଇଯିବ। ଏହି ଟାର୍ଗେଟ୍ ହାସଲ ପାଇଁ ଅନ୍ୟ ଛୋଟ ଛୋଟ ଦଳ ସହିତ ଆଲୋଚନା ଚାଲିଥିବାର ଖବର ମିଳିଛି। ଆସନ୍ତା ଲୋକସଭା ଅଧିବେଶନ ବେଳେ ଏହି ସଂଖ୍ୟା ମିଳିଯିବ ବୋଲି ଜଣେ ନେତା ଆଶା ପ୍ରକାଶ କରିଛନ୍ତି। ଲୋକସଭାରେ ଇଣ୍ଡିଆ ମେଣ୍ଟରେ ୧୯୦ ସାଂସଦ ଥିବା ବେଳେ ନିରପେକ୍ଷ ରହିଛନ୍ତି ୩୮ ସାଂସଦ। ନିରପେକ୍ଷଙ୍କ ମଧ୍ୟରେ ରହିଛି ଡିଏମକେ।


ସେହିଭଳି ରାଜ୍ୟସଭାରେ ମୋଟ୍ ସାଂସଦ ସଂଖ୍ୟା ୨୪୫ ଥିବା ବେଳେ ଦୁଇ ତୃତୀୟାଂଶ ସଂଖ୍ୟା ହେଉଛି ୧୬୪। ଏବେ ୫ଟି ଆସନ ଖାଲି ପଡ଼ିଥିବାରୁ ଦୁଇ ତୃତୀୟାଂଶ ସଂଖ୍ୟା ୧୬୧କୁ ଖସି ଆସିଛି। ରାଜ୍ୟସଭାରେ ଏନଡିଏ ସଭ୍ୟ ସଂଖ୍ୟା ୧୪୯ ଥିବା ବେଳେ ଇଣ୍ଡିଆ ମେଣ୍ଟର ୬୨ ସାଂସଦ ଏବଂ ନିରପେକ୍ଷ ସାଂସଦ ସଂଖ୍ୟା ରହିଛି ୨୯। ସମ୍ବିଧାନ ସଂଶୋଧନ ବିଲ୍ ଅନୁମୋଦନ ପାଇଁ ଏନଡିଏକୁ ଆଉ ୧୨ ସାଂସଦଙ୍କ ସମର୍ଥନ ଦରକାର। ଡିଏମକେ (୮) ଏବଂ ଜଗନ ରେଡୀଙ୍କ ୱାଇଏସ୍‌ଆରସିପି (୪) ସମର୍ଥନ ଦେଲେ ସରକାରଙ୍କୁ ବେଶି ଅସୁବିଧା ହେବନାହିଁ।



## ଗାଡ଼ି ଭିତରେ ବିଜେପି ନେତାଙ୍କୁ ଜାଳିଦେଲେ

ରାୟପର, ୧୮ ।୬(ଏଜେନ୍ସି): ଛତିଶଗଡ଼ର କୋରିଆ ଜିଲ୍ଲାରେ ବାଲି ମାଫିଆଙ୍କ ମଧ୍ୟରେ ଚାଲିଥିବା ବିବାଦ ଏକ ବର୍ବର ହତ୍ୟାକାଣ୍ଡର ରୂପ ନେଇଛି। ବିଜେପି ନେତା ତଥା ପୂର୍ବତନ ଜନପଦ ପଞ୍ଚାୟତ ସଭାପତି ଭରତ ସିଂହ ଓରଫ ଲଲ୍ଲା ସିଂହଙ୍କ ସହ ୩ ଜଣଙ୍କୁ ଏକ ଏସୟୁଭି ଗାଡ଼ି ଭିତରେ ପେଟ୍ରୋଲ ଢାଳି ଜୀବନ୍ତ ଜାଳି ଦିଆଯାଇଛି। ଏହି ଘଟଣା ସମଗ୍ର ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ମଙ୍ଗଳବାର ବିଳମ୍ବିତ ରାତିରେ ସୋନହାଟ୍ ଥାନା ଅନ୍ତର୍ଗତ ନୌଗେନ୍ ଗ୍ରାମରେ ଏହି ଘଟଣା ଘଟିଛି। ଭରତ ସିଂହ ଏକ ବାଲି ଖାଦାନ ବିବାଦର ସମାଧାନ ପାଇଁ ଯାଇଥିବା ବେଳେ ତାଙ୍କୁ ସେଠାରେ ଘେରି ନିଆଯାଇଥିଲା। ବିରୋଧୀ ଗୋଷ୍ଠୀର ଟ୍ରକ୍‌ଗୁଡ଼ିକ ତାଙ୍କ ଗାଡ଼ିର ଆଗ ଓ ପଛ ପଟୁ ବନ୍ଦ କରିଦେଇଥିଲେ। ଏହାପରେ ଗାଡ଼ି ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦିଆଯାଇଥିଲା। ନିଆଁରେ ପୋଡ଼ି ହୋଇ ଭରତ ସିଂହଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ସମ୍ପର୍କୀୟ ଭାଇ ନଗେନ୍ଦ୍ର ସିଂହ ଏବଂ ଚିକିତ୍ସାଧୀନ ଅବସ୍ଥାରେ ବୀରେନ୍ଦ୍ର ସିଂହଙ୍କର ମୃତ୍ୟୁ ହୋଇଛି। ଅନ୍ୟ ଜଣେ ଆହତ ମୟଙ୍କ ସିଂହଙ୍କ ଅବସ୍ଥା ଗୁରୁତର ରହିଛି। ଭରତ ସିଂହଙ୍କ ଗୋଷ୍ଠୀ ଏବଂ ସ୍ଥାନୀୟ ବିଜେପି ନେତା ମନୋଜ ତ୍ରିପାଠୀଙ୍କ ପରିବାର ମଧ୍ୟରେ ଦୀର୍ଘ ମାସ ଧରି ବାଲି ପରିବହନ ଏବଂ ବେଆଇନ ଆଦାୟକୁ ନେଇ ଶତ୍ରୁତା ଚାଲିଥିଲା। ତ୍ରିପାଠୀ ପରିବାରର ବାଲି ବୋଝେଇ ଟ୍ରକ୍ ଚଳାଚଳ ଏବଂ କାରବାର ଉପରେ କର୍ତ୍ତୃତ୍ୱକୁ ନେଇ ଦୁଇ ପକ୍ଷ ମଧ୍ୟରେ ପୂର୍ବରୁ ମଧ୍ୟ ମାଡ଼ପିଟ୍ ହୋଇଥିଲା। ପୁଲିସ ଏହି ମାମଲାରେ ଅକ୍ଷତ ତ୍ରିପାଠୀ, ବିଶାଳ ତ୍ରିପାଠୀ, ସତ୍ୟପ୍ରକାଶ ତ୍ରିପାଠୀ ଏବଂ ମନ୍ନୁ ତ୍ରିପାଠୀଙ୍କ ସମେତ ୪ ଜଣଙ୍କୁ ଗିରଫ କରିଛି। ଅନ୍ୟ ୫ ଜଣ ଫେରାର ଅଛନ୍ତି। ମୃତକଙ୍କ ପରିବାର ଏହି ଘଟଣାର ସିବିଆଇ ତଦନ୍ତ ଦାବି କରିଛନ୍ତି।

# ଉଦ୍ଧବଙ୍କ ହାତ ଛାଡ଼ିଲେ ୬ ସାଂସଦ




**ବାଚସ୍ପତିଙ୍କୁ ଭେଟି ସ୍ୱତନ୍ତ୍ର ଗୋଷ୍ଠୀ ପାଇଁ ଦାବି ଜଣାଇଲେ**

ନୂଆଦିଲ୍ଲୀ, ୧୮ ।୬(ଏଜେନ୍ସି): ଉଦ୍ଧବ ଠାକରେଙ୍କ ନେତୃତ୍ୱାଧୀନ ଶିବସେନା (ୟୁବିଟି)ରେ ପୁଣି ବିଦ୍ରୋହ। ହୁଇପ୍ ସତ୍ତ୍ୱେ ଦଳର ୬ ସାଂସଦ ସେନା ବୈଠକକୁ ଆସିଲେ ନାହିଁ। ଅନ୍ୟପକ୍ଷରେ ଲୋକସଭା ବାଚସ୍ପତି ଓମ ବିର୍ଲାଙ୍କୁ ଭେଟି ସ୍ୱତନ୍ତ୍ର ଗୋଷ୍ଠୀର ମାନ୍ୟତା ପାଇବାକୁ ଦାବି କରିଛନ୍ତି। ଏକନାଥ ସିନ୍ଦେଙ୍କ ନେତୃତ୍ୱାଧୀନ ଶିବ ସେନାରେ ସାମିଲ ହେବାଲାଗି ମଧ୍ୟ ସେମାନେ ଆଗ୍ରହ ପ୍ରକାଶ କରିଛନ୍ତି। ଲୋକସଭାରେ ଉଦ୍ଧବ ସେନାର ୯ ସାଂସଦ ଥିବା ବେଳେ ଏହାର ଦୁଇ ତୃତୀୟାଂଶ ସାଂସଦ (୬) ଅଲଗା ହୋଇଥିବାରୁ ସେମାନେ ଅଯୋଗ୍ୟ ଘୋଷିତ ହେବେ ନାହିଁ। ମମତା ବାନାର୍ଜୀଙ୍କ ଟିଏମସି ପରେ ବିଦ୍ରୋହ ଓ ବିଭାଜନର ଶିକାର ହେବାରେ ଉଦ୍ଧବ ସେନା ହେଉଛି ଦ୍ୱିତୀୟ ଆଞ୍ଚଳିକ ଦଳ। ଏହି ଘଟଣା ଜାତୀୟ ରାଜନୀତିକୁ ପୁଣି ସରଗରମ କରିଛି। ଆକ୍ରମଣ ଭୟ ଦର୍ଶାଇ ସରକାର ଏହି ୬ ସାଂସଦଙ୍କୁ ୱାଇ-ପ୍ଲସ୍ ସୁରକ୍ଷା ପ୍ରଦାନ କରିଛନ୍ତି। କଂଗ୍ରେସ ସହିତ ସେନା ମିଶ୍ରଣ ଯୋଜନା ଚାଲିଥିବାରୁ ସେମାନେ ବିଦ୍ରୋହ କରିଥିବା ଏହି ସାଂସଦ ବାଚସ୍ପତିଙ୍କୁ କହିଥିବା ଜଣାପଡ଼ିଛି।

ଦଳର ବରିଷ୍ଠ ନେତା ତଥା ରାଜ୍ୟସଭା ସାଂସଦ ସଞ୍ଜୟ ରାଉତ ଏହି ସାଂସଦମାନଙ୍କୁ 'ବିଶ୍ୱାସଘାତକ' ବୋଲି କହିଛନ୍ତି। ଇଡି ଓ ସିବିଆଇର ଭୟ ଦେଖାଇ ଗଣତନ୍ତ୍ରକୁ ପରିହାସ କରାଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି। ଏହି ସମ୍ପୂର୍ଣ୍ଣ ଘଟଣା ପଛରେ ମହାରାଷ୍ଟ୍ର ଉପ-ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ଶିବିର ଦ୍ୱାରା ପରିଚାଳିତ 'ଅପରେସନ ଟାଇଗର'ର ହାତ ଥିବା ଚର୍ଚ୍ଚା ହେଉଛି। ୨୦୨୨ ମସିହାରେ ଏକନାଥ ସିନ୍ଦେଙ୍କ ନେତୃତ୍ୱରେ ହୋଇଥିବା ବିଦ୍ରୋହ ପରେ ଉଦ୍ଧବ ଠାକରେଙ୍କ ପାଇଁ ଏହା ସବୁଠାରୁ ବଡ଼ ରାଜନୈତିକ ଧକ୍କା।

## ଝାଡ଼ଖଣ୍ଡ ରାଜ୍ୟସଭା ନିର୍ବାଚନରେ କ୍ରସ୍-ଭୋଟିଂ

ରାଞ୍ଚି, ୧୮ ।୬(ଏଜେନ୍ସି): ଝାଡ଼ଖଣ୍ଡର ଦୁଇଟି ରାଜ୍ୟସଭା ଆସନ ପାଇଁ ଅନୁଷ୍ଠିତ ରୋମାଞ୍ଚକର ନିର୍ବାଚନରେ ବଡ଼ ଧରଣର ଅଦଳବଦଳ ଦେଖିବାକୁ ମିଳିଛି। ବିରୋଧୀ କ୍ୟାମ୍ପରେ 'କ୍ରସ୍-ଭୋଟିଂ' (ଦଳୀୟ ନିର୍ଦ୍ଦେଶ ବିରୋଧରେ ଭୋଟ୍ ଦେବା) ଯୋଗୁଁ ରାଷ୍ଟ୍ରୀୟ ଗଣତାନ୍ତ୍ରିକ ମେଣ୍ଟ (ଏନଡିଏ) ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ପରିମଲ ନଥୱାନୀ ଏକ ଆସନରେ ବିଜୟ ହାସଲ କରିଛନ୍ତି। ଅନ୍ୟପଟେ ଶାସକ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମଏମ) ପ୍ରାର୍ଥୀ ବୈଦ୍ୟନାଥ ରାମ ଦ୍ୱିତୀୟ ଆସନଟିକୁ ନିଜ ସପକ୍ଷରେ କରିଛନ୍ତି। ପରିମଲ ନଥୱାନୀ ମୋଟ ୨୮ ଟି ଭୋଟ୍ ପାଇ ବିଜୟୀ ହୋଇଛନ୍ତି। ସେ କଂଗ୍ରେସ ପ୍ରାର୍ଥୀ ପ୍ରଣବଙ୍କୁ ପରାସ୍ତ କରିଛନ୍ତି, ଯିଏ ମାତ୍ର ୨୦ଟି ଭୋଟ୍ ପାଇବାରେ ସକ୍ଷମ ହୋଇଥିଲେ। ବୈଦ୍ୟନାଥ ରାମ ସର୍ବାଧିକ ୩୦ଟି ଭୋଟ୍ ପାଇ ସହଜରେ ନିର୍ବାଚିତ ହୋଇଛନ୍ତି। ଏହି ନିର୍ବାଚନରେ ମୋଟ ୩ଟି ଭୋଟ୍ ନାକଚ ହୋଇଛି, ଯେଉଁଥିରେ ବିଜେପିର ୨ଟି ଏବଂ କଂଗ୍ରେସର ୧ଟି ଭୋଟ୍ ସାମିଲ ରହିଛି। ୮୧ ସଦସ୍ୟ ବିଶିଷ୍ଟ ଝାଡ଼ଖଣ୍ଡ ବିଧାନସଭାରେ ଏନଡିଏ ପାଖରେ ମାତ୍ର ୨୪ ଜଣ ବିଧାୟକ ଥିଲେ ଏବଂ ଜିତିବା ପାଇଁ ଆବଶ୍ୟକ ୨୮ ଟି ପ୍ରଥମ ପସନ୍ଦ ଭୋଟ୍‌ଠାରୁ ସେମାନେ ୪ଟି ଭୋଟ୍ ପଛରେ ଥିଲେ। ଅନ୍ୟପଟେ ଶାସକ 'ଇଣ୍ଡିଆ' ମେଣ୍ଟ ପାଖରେ ୫୬ ଜଣ ବିଧାୟକ ଥିବାରୁ ସେମାନଙ୍କ ପାଇଁ ଦୁଇଟିଯାକ ଆସନ ଜିତିବା ସହଜ ମନେହେଉଥିଲା। ବିଧାୟକମାନଙ୍କୁ ଏକାଠି ରଖିବା ପାଇଁ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ବାସଭବନରେ ବୈଠକ ଓ ମକ୍ ପୋଲ୍ କରାଯାଇଥିଲେ ମଧ୍ୟ ବିରୋଧୀ ଦଳର ବିଧାୟକମାନେ କ୍ରସ୍-ଭୋଟିଂ କରିଥିଲେ।



**କଂଗ୍ରେସକୁ ହରାଇଲେ ବିଜେପି ସମର୍ଥିତ ପ୍ରାର୍ଥୀ**

## ଏମିରେଟ୍ସରେ ପିଲାମାନଙ୍କୁ ସାମାଜିକ ଗଣମାଧ୍ୟମ ମନା



ଦୁବାଇ, ୧୮ ।୬(ଏଜେନ୍ସି): ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) କ୍ୟାବିନେଟ୍ ଶିଶୁମାନଙ୍କ ସୁରକ୍ଷା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ ଆଣିଛନ୍ତି। ନୂଆ ନିୟମ ଅନୁଯାୟୀ, ସାମାଜିକ ଗଣମାଧ୍ୟମ ବା ସୋସିଆଲ ମିଡିଆ ପ୍ଲାଟଫର୍ମ ବ୍ୟବହାର କରିବା ପାଇଁ ଶିଶୁମାନଙ୍କ ସର୍ବନିମ୍ନ ବୟସ ୧୫ ବର୍ଷ ନିର୍ଦ୍ଧାରଣ କରାଯାଇଛି। ଏଭଳି କଟକଣା ଲାଗୁ କରିବାରେ ୟୁଏଇ ପ୍ରଥମ ଆରବ ଦେଶ ହୋଇଛି। ୧୫ ବର୍ଷରୁ କମ୍ ବୟସର ପିଲାମାନଙ୍କୁ ସାମାଜିକ ଗଣମାଧ୍ୟମରେ ନିଜର ବ୍ୟକ୍ତିଗତ ଖାତା ବା ଆକାଉଣ୍ଟ ଖୋଲିବା ଏବଂ ବ୍ୟବହାର କରିବାକୁ ଅନୁମତି ମିଳିବ ନାହିଁ। କମ୍ ବୟସର ବ୍ୟବହାରକାରୀଙ୍କ ପାଇଁ ବୟସ-ଉପଯୋଗୀ ବିଷୟବସ୍ତୁ କଟକଣା, ଅଜଣା ବ୍ୟକ୍ତିଙ୍କ ସହ ଯୋଗାଯୋଗ ଉପରେ ସୀମା, ସ୍କ୍ରିନ୍ ସମୟ ନିର୍ଦ୍ଧାରଣ ଏବଂ ଅଭିଭାବକଙ୍କ ନିୟନ୍ତ୍ରଣ ଉପକରଣ ଭଳି ବ୍ୟବସ୍ଥା କରାଯିବ। ସୋସିଆଲ ମିଡିଆ କମ୍ପାନୀଗୁଡ଼ିକୁ ଏହି ନୂଆ ନିୟମ ପାଳନ କରିବା ଏବଂ ବୈଷୟିକ ପ୍ରସ୍ତୁତି ପାଇଁ ସରକାରଙ୍କ ପକ୍ଷରୁ ୧୨ ମାସର ସମୟ ଦିଆଯାଇଛି। ଏକ ସର୍ଭେ ଅନୁଯାୟୀ, ୟୁଏଇର ପିଲାମାନେ ଦୈନିକ ପ୍ରାୟ ୩ ଘଣ୍ଟା ସୋସିଆଲ ମିଡିଆରେ ବିତାଉଛନ୍ତି। ଏହା ଦ୍ୱାରା ସେମାନେ ସାଇବର ଅପରାଧ ଏବଂ ଅଶ୍ଳୀଳ ବିଷୟବସ୍ତୁର ଶିକାର ହେବାର ଆଶଙ୍କା ଥିବାରୁ ଏହି ପଦକ୍ଷେପ ନିଆଯାଇଛି। ପୂର୍ବରୁ ବ୍ରିଟେନ, ଅଷ୍ଟ୍ରେଲିଆ ଏବଂ ମାଲେସିଆ ଭଳି ଦେଶ ଏହିପରି ନିୟମ ଆଣିଥିବା ବେଳେ, ବର୍ତ୍ତମାନ ୟୁଏଇ ଏହାକୁ ଆପଣାଇ ଆରବ ଜଗତରେ ଏକ ନୂଆ ଉଦାହରଣ ସୃଷ୍ଟି କରିଛି।

## ୧୫ ବର୍ଷ ଧରି ମହିଳାଙ୍କୁ ଯୌନ ନିର୍ଯାତନା; ଭଣ୍ଡ ବାବା ଗିରଫ



ପୁଣେ, ୧୮ ।୬(ଏଜେନ୍ସି): ପୁଣେର ୱାଘୋଲି ଅଞ୍ଚଳରେ ଜଣେ ୪୧ ବର୍ଷୀୟା ମହିଳାଙ୍କୁ ଦୀର୍ଘ ୧୫ ବର୍ଷ ଧରି ଶାରୀରିକ, ମାନସିକ ଓ ଯୌନ ନିର୍ଯାତନା ଦେବା ଅଭିଯୋଗରେ ଭଣ୍ଡ ବାବା ରାଧାମୋହନ ମିଶ୍ର (୫୯) ଏବଂ ତାଙ୍କର ୭ ଜଣ ସହଯୋଗୀଙ୍କୁ ପୁଲିସ ଗିରଫ କରିଛି। ଗିରଫ ସହଯୋଗୀଙ୍କ ମଧ୍ୟରେ ୬ ଜଣ ମହିଳା ରହିଛନ୍ତି। ପୁଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ବାବା ଜଣକ ମହିଳାଙ୍କ ପରିବାରର ଅନ୍ଧବିଶ୍ୱାସର ସୁଯୋଗ ନେଇ ତାଙ୍କୁ ନିଜ ଆଶ୍ରମରେ ବନ୍ଦୀ କରି ରଖିଥିଲା। ସେଠାରେ ସେ ମହିଳାଙ୍କୁ ମୂତ୍ର ପିଇବାକୁ ବାଧ୍ୟ କରିବା, କରେଣ୍ଟ ଝଟକା ଦେବା, ବ୍ଲାକମେଲ୍ କରି ସ୍ୱାମୀଙ୍କଠାରୁ ଛାଡ଼ପତ୍ର କରାଇବା ଏବଂ ସମ୍ପତ୍ତି ନିଜ ନାମରେ କରିବା ଭଳି ଅଘୋରୀ ଓ ଅମାନୁଷିକ କାଣ୍ଡ ଭିଆଇଥିଲା। ପୀଡ଼ିତାଜଣକ କୌଶଳକ୍ରମେ ସେଠାରୁ ଖସି ଆସି ପରିବାରକୁ ଜଣାଇବା ପରେ ପୁଲିସ ଆଶ୍ରମରେ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ସେଠାରୁ ବିପୁଳ ପରିମାଣର ଲାପଟପ୍, ହାର୍ଡ ଡିସ୍କ, ନଗଦ ଟଙ୍କା, ସୁନା ଏବଂ ଗୁଳି ଜବତ କରାଯାଇଛି। ସମସ୍ତ ଅଭିଯୁକ୍ତଙ୍କୁ ଜୁନ ୨୦ ପର୍ଯ୍ୟନ୍ତ ପୁଲିସ ହେପାଜତକୁ ପଠାଯାଇଛି।

# ଏସିଆରେ ଜଳବାୟୁ ସଙ୍କଟ: ପ୍ରବଳ ଗ୍ରୀଷ୍ମ, ବନ୍ୟା, ଗ୍ଲେସିୟର କ୍ଷୟ

**ବିଶ୍ୱ ପାଣିପାଗ ସଂଗଠନର ଚେତାବନୀ**

ନୂଆଦିଲ୍ଲୀ, ୧୮ ।୬(ଏଜେନ୍ସି): ବିଶ୍ୱ ପାଣିପାଗ ସଂଗଠନ (ଡବ୍ଲ୍ୟୁଏମ୍‌ଓ) ପକ୍ଷରୁ ଜାରି ହୋଇଥିବା 'ଷ୍ଟେଟ୍ ଅଫ୍ କ୍ଲାଇମେଟ୍ ଇନ୍ ଏସିଆ ୨୦୨୫' ରିପୋର୍ଟ ଅନୁଯାୟୀ, ୨୦୨୫ ବର୍ଷରେ ଏସିଆ ମହାଦେଶରେ ପ୍ରବଳ ଗ୍ରୀଷ୍ମ ପ୍ରବାହ, ବନ୍ୟା, ମରୁଡ଼ି ଏବଂ ଭୟଙ୍କର ବର୍ଷା ଭଳି ଚରମ ପାଣିପାଗ ସ୍ଥିତି ଦେଖାଦେଇଥିଲା। ୨୦୨୫ର ହାରାହାରି ତାପମାତ୍ରା ପୂର୍ବ ବର୍ଷଗୁଡ଼ିକର ହାରାହାରି ତୁଳନାରେ ୦.୯୬ ଡିଗ୍ରୀ ସେଲସିୟସ୍ ଅଧିକ ରହିଥିଲା, ଯାହା ଏହାକୁ ରେକର୍ଡ ଅନୁସାରେ ଇତିହାସର ଦ୍ୱିତୀୟରୁ ଚତୁର୍ଥ ସବୁଠାରୁ ଗରମ ବର୍ଷ ଭାବେ ଚିହ୍ନିତ କରିଛି। ଭାରତୀୟ ଉପମହାଦେଶ ସମେତ ଦକ୍ଷିଣ ଏସିଆର କିଛି ଅଞ୍ଚଳକୁ ବାଦ୍ ଦେଲେ ବାକି ସମସ୍ତ ସ୍ଥାନରେ ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହିଥିଲା। ଜାପାନ, ଚୀନ୍ ଏବଂ ଦକ୍ଷିଣ କୋରିଆରେ ୨୦୨୫ ମସିହାରେ ଇତିହାସର ସବୁଠାରୁ ଗରମ ଗ୍ରୀଷ୍ମଋତୁ ଅନୁଭୂତ ହୋଇଥିଲା। ମଧ୍ୟ ଏସିଆ, ପଶ୍ଚିମ ଏସିଆ ଏବଂ ଆରବ ଦ୍ୱୀପପୁଞ୍ଜରେ ଦୀର୍ଘ ଦିନ ଧରି ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଥିଲା। ଅତ୍ୟଧିକ ଗରମ ଏବଂ ଶୀତଦିନେ କମ୍ ବରଫପାତ ଯୋଗୁଁ ଏସିଆର ପାର୍ବତ୍ୟ ଅଞ୍ଚଳରେ ଥିବା ସମସ୍ତ ୨୩ଟି ଜଗାଯାଇଥିବା ଗ୍ଲେସିୟରର ବରଫ ସ୍ତର ବହୁ ପରିମାଣରେ ହ୍ରାସ ପାଇଛି। ୧୯୯୦ ଦଶକ ପରଠାରୁ ସମୁଦ୍ରର ତାପମାତ୍ରା କ୍ରମାଗତ ଭାବେ ବଢ଼ୁଥିବା ବେଳେ ୨୦୨୫ରେ ଏହା ଏକ ନୂଆ ରେକର୍ଡ ସ୍ତରରେ ପହଞ୍ଚିଛି। ଉତ୍ତର ଭାରତ ମହାସାଗରର ଉପକୂଳବର୍ତ୍ତୀ ଅଞ୍ଚଳଗୁଡ଼ିକର ଜଳସ୍ତର ବିଶ୍ୱର ହାରାହାରି ଜଳସ୍ତର ବୃଦ୍ଧି (ବାର୍ଷିକ ୩.୬ ମିଲିମିଟର) ତୁଳନାରେ ଅଧିକ ଦ୍ରୁତ ଗତିରେ ବଢ଼ିଛି। ଭାରତ ମହାସାଗର ଏବଂ ବଙ୍ଗୋପସାଗରରେ ସମୁଦ୍ର ଜଳର ଅମ୍ଳୀୟତା ବୃଦ୍ଧି ପାଇଛି, ଯାହା ସାମୁଦ୍ରିକ ଜୀବଜନ୍ତୁ ଓ ପରିବେଶ ପାଇଁ ବିପଦ ସୃଷ୍ଟି କରୁଛି। ବିଶ୍ୱ ପାଣିପାଗ ସଂଗଠନର ମୁଖ୍ୟ ସେଲେଷ୍ଟେ ସାଉଲୋ ଏବଂ ଜାତିସଂଘର ପ୍ରତିନିଧି ଅର୍ମିଦା ଆଲିସଜାବାନା ଏହି ସ୍ଥିତି ଉପରେ ଗଭୀର ଚିନ୍ତା ପ୍ରକାଶ କରିଛନ୍ତି। ବନ୍ୟା, ମରୁଡ଼ି ଏବଂ ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ବହୁ ମାତ୍ରାରେ ଅର୍ଥନୈତିକ କ୍ଷତି ଓ ଜୀବନହାନି ଘଟୁଛି। ଏହି ବଦଳୁଥିବା ଜଳବାୟୁ ସହ ଖାପଖୁଆଇ ଚଳିବା ଏବଂ ସବୁଠାରୁ ଅସହାୟ ଲୋକଙ୍କ ଜୀବନ ରକ୍ଷା କରିବା ପାଇଁ ସଠିକ ସମୟରେ 'ଆଗୁଆ ସତର୍କ ସୂଚନା ପ୍ରଣାଳୀ' ଏବଂ ସାମଗ୍ରିକ ପ୍ରସ୍ତୁତିକୁ ସୁଦୃଢ଼ କରିବା ନିହାତି ଜରୁରୀ।



ଫିଲ୍ମ ଷ୍ଟାଇଲରେ ସୁନା ଦୋକାନରୁ ଲୁଟ୍, କର୍ମଚାରୀଙ୍କୁ ଅପହରଣ

# ପୁଲିସ ଏନକାଉଣ୍ଟର, ୨ ଦୁର୍ବୃତ୍ତ ଗୁରୁତର

■ ମିଛ ପୁଲିସ ସାଜି ଲୁଟିଥିଲେ
■ ସତ ପୁଲିସ ଗୁଳିରେ ସାବାଡ଼ ହେଲେ
■ ୪ ଆନ୍ତଃରାଜ୍ୟ ଲୁଟେରା ଗିରଫ

ଅନୁଗୋଳ,୧୮ ।୬(ସମିସ): ତାଳଚେର ସହରରେ ବୁଧବାର ରାତିରେ ଘଟିଥିବା ଚାଞ୍ଚଲ୍ୟକର ସୁନା ଲୁଟ୍ ଘଟଣାର ମାତ୍ର ୧୨ ଘଣ୍ଟା ମଧ୍ୟରେ ପର୍ଦ୍ଦାଫାସ କରିଛି ଅନୁଗୋଳ ପୁଲିସ। ଇନକମ ଟାକ୍ସ ଅଫିସର ଓ ପୁଲିସ ପରିଚୟ ଦେଇ ସୁନା ରିଫାଇନାରୀ ଦୋକାନରୁ ପ୍ରାୟ ୨୯୦ ଗ୍ରାମ ସୁନା ଓ ଲକ୍ଷାଧିକ ଟଙ୍କାର ସୁନାଗହଣା ଲୁଟି ଫେରାର ହୋଇଯାଉଥିବା ଏକ ଆନ୍ତଃରାଜ୍ୟ ଗ୍ୟାଙ୍ଗକୁ ହଣ୍ଡପା ଚୁଲିଆପୁର ଜଙ୍ଗଲରେ ଗୋଡ଼େଇ ଗୋଡ଼େଇ କାବୁ କରିଛି ପୁଲିସ। ଏହି ସମୟରେ ପୁଲିସ ଓ ଦୁର୍ବୃତ୍ତଙ୍କ ମଧ୍ୟରେ ଗୁଳିବିନିମୟ ହୋଇଥିବା ବେଳେ ମହାରାଷ୍ଟ୍ରର ଦୁଇ ଦୁର୍ଦ୍ଦାନ୍ତ ଲୁଟେରାଙ୍କ ଦେହରେ ଗୁଳି ବାଜିଛି। ସେମାନେ ହେଲେ ମହାରାଷ୍ଟ୍ରର ସଚିନ ଗାଜଗେ ଏବଂ ପ୍ରକାଶ ମାହାନେ। ଉଭୟଙ୍କ ଗୋଡ଼ରେ ଗୁଳି ବାଜିଛି। ଗୁରୁତର ଅବସ୍ଥାରେ ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏମାନଙ୍କ ବ୍ୟତୀତ ପୁଲିସ ଏହି ଗ୍ୟାଙ୍ଗର ଅନ୍ୟ ଦୁଇ ସଦସ୍ୟ ରାଜେଶ ମାତନେ ଏବଂ ଦେବ ପ୍ରଭାକର ଲୋଖଣ୍ଡେଙ୍କୁ ମଧ୍ୟ ଗିରଫ କରିବାରେ ସଫଳ ହୋଇଛି।

ଗତକାଲି ରାତିରେ ଏକ କଳା ରଙ୍ଗର ଦାମୀ କାରରେ




ଆସି ଦୁର୍ବୃତ୍ତମାନେ ତାଳଚେର ହାଟତୋଟାସ୍ଥିତ ଶ୍ରୀ ବାଲାଜୀ ଗୋଲ୍ଡ ଆଣ୍ଡ ସିଲଭର ରିଫାଇନାରୀ ଦୋକାନରେ ପହଞ୍ଚିଥିଲେ। ନିଜକୁ ଭୁବନେଶ୍ୱରରୁ ଆସିଥିବା ପୁଲିସ ଓ ଇନକମ ଟାକ୍ସ କର୍ମଚାରୀ ପରିଚୟ ଦେଇ ସେମାନେ ଦୋକାନରେ 'ରେଡ୍' ବାହାନା କରିଥିଲେ। ଦୋକାନୀଙ୍କୁ ଭୟଭୀତ କରାଇ ପ୍ରାୟ ୨୯୦ ଗ୍ରାମ ଓଜନର ସୁନା ଓ ଲକ୍ଷାଧିକ ଟଙ୍କାର ସୁନାଗହଣା ଜବତ କରିବା ସହ ଦୋକାନର ଜଣେ କର୍ମଚାରୀଙ୍କୁ ଜୋରଜବରଦସ୍ତ କାରରେ ବସାଇ ଭୁବନେଶ୍ୱର ଅଭିମୁଖେ ବାହାରିଥିଲେ। ପରେ ଅନୁଗୋଳ କାଲଟାକ୍ସ ଛକ ନିକଟରେ ସମ୍ପୃକ୍ତ କର୍ମଚାରୀଙ୍କୁ ଛାଡ଼ି ଦୁର୍ବୃତ୍ତମାନେ ଚମ୍ପଟ ମାରିଥିଲେ। ଏହି ସମଗ୍ର ଘଟଣା ଦୋକାନର ସିସିଟିଭି କ୍ୟାମେରାରେ କଏଦ ହୋଇଥିଲା। ଘଟଣା ସମ୍ପର୍କରେ ଦୋକାନ ମାଲିକ ତାଳଚେର ଥାନାରେ ଅଭିଯୋଗ କରିବା ପରେ ଅନୁଗୋଳ ଏସପିଙ୍କ ନିର୍ଦ୍ଦେଶରେ ତୁରନ୍ତ ୫ଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ସ୍ପେଶାଲ ସ୍କ୍ୱାଡ୍ ସହାୟତାରେ ସର୍ଚ୍ଚ ଅପରେସନ ଆରମ୍ଭ ହୋଇଥିଲା। ସିସିଟିଭି ଫୁଟେଜ୍ ଆଧାରରେ ଲୁଟେରାମାନେ ସମ୍ବଲପୁର ଅଭିମୁଖେ ଯାଉଥିବା ସୁରାକ ପାଇ ପୁଲିସ ସେମାନଙ୍କ ପିଛା କରିଥିଲା। ପଡ଼ୋଶୀ ଢେଙ୍କାନାଳ ସମେତ ରାଜ୍ୟର ସବୁ ଥାନା ଅଞ୍ଚଳରେ ମଧ୍ୟ ପୁଲିସକୁ ଆଲର୍ଟ କରାଯାଇ ନାକାବନ୍ଦୀ କରାଯାଇଥିଲା। ପୁଲିସ ଗୋଡ଼ାଉଥିବା ଜାଣିପାରି ଲୁଟେରାମାନେ ନିଜ ଗାଡ଼ି ଛାଡ଼ି ହଣ୍ଡପା ଥାନା ଅନ୍ତର୍ଗତ ଚୁଲିଆପୁର ଜଙ୍ଗଲ ଭିତରକୁ ଦୌଡ଼ି ପଳାଇବାକୁ ଉଦ୍ୟମ କରିଥିଲେ। ପୁଲିସ ସେମାନଙ୍କୁ କାବୁ କରିବାକୁ ଉଦ୍ୟମ କରିବା ବେଳେ ଲୁଟେରାମାନେ ପୁଲିସ ଉପରକୁ ଗୁଳି ଚଳାଇଥିଲେ। ଜବାବରେ ପୁଲିସ ପକ୍ଷରୁ ପାଲଟା ଗୁଳିଚାଳନା କରାଯାଇଥିଲା।

ଅଶାନ୍ତ ହେଉଛି ରୌପ୍ୟନଗରୀ

# ପୁଣି ବଳ ଗୋଟାଉଛି ଡି-ଗ୍ୟାଙ୍ଗ୍


କଟକ,୧୮ ।୬(ସମିସ): ରୌପ୍ୟନଗରୀରେ ଏକଦା ଚର୍ଚ୍ଚାରେ ଥିବା ଗ୍ୟାଙ୍ଗଷ୍ଟର୍ ଡି-ବ୍ରଦର୍ସ ୨୦୧୬ ଜାନୁଆରୀ ୨୯ ତାରିଖରେ ଗିରଫ ପରେ ଗ୍ୟାଙ୍ଗୱାର୍ କମି ଆସିଥିଲା। ଦୀପୁ-ଓମ୍ ହତ୍ୟାକାଣ୍ଡ, ବେଆଇନ ଅସ୍ତ୍ରଶସ୍ତ୍ର ମାମଲା, ଡାଲି ବ୍ୟବସାୟୀ ଫାରୁକ୍ ହତ୍ୟାକାଣ୍ଡ, ଜାଲ୍ ନୋଟ୍ କାରବାର ଭଳି ଏକାଧିକ ସଙ୍ଗୀନ ଅପରାଧରୁ ଅଦାଲତରୁ ଅଦାଲତରୁ କେତେକ ମାମଲାରୁ ନିର୍ଦ୍ଦୋଷରେ ଖଲାସ ହୋଇଥିବା ବେଳେ ଆଉ କେତୋଟି ମାମଲାରେ ଜେଲ୍ ଭିତରେ ସଜା କାଟି ସାରିଲେଣି। କିଛି ମାମଲା ଏବେ ବି ବିଚରାଧୀନ ରହିଛି। ଏହି ପରିପ୍ରେକ୍ଷୀରେ

## ଚୌଦ୍ୱାର ଜେଲ୍‌ର ସୁରକ୍ଷାକୁ ନେଇ ପ୍ରଶ୍ନ

ଚୌଦ୍ୱାର ଜେଲରୁ କୁଖ୍ୟାତ ଅପରାଧୀ ଲିଟୁଆର ଜାମିନ୍, ଥର୍ ଗାଡିରେ ଜାକ୍‌ଜମ୍‌ରେ ଦାଦାଲିଆ ଠାଣିରେ ଘରକୁ ଫେରିବାର ଭିଡ଼ିଓ ପୁଣି କଟକକୁ ଅଶାନ୍ତ କରିବାର ଆଭାସ ଦେଇଛି।

ଧଳସାମନ୍ତ ଭ୍ରାତା (ଡି-ବ୍ରଦର୍ସ)ଙ୍କ ଅତ୍ୟନ୍ତ ବିଶ୍ୱସ୍ତ ସହଯୋଗୀ ଲିଟୁଆ ବେହେରା ଓରଫ୍ ଲିଟୁ ଚୌଦ୍ୱାର ସର୍କଲ ଜେଲରୁ ମୁକ୍ତ ହେବା ପରେ କଟକର ଅପରାଧିକ ସାମ୍ରାଜ୍ୟରେ ଏକ ବଡ଼ ଧରଣର ଓଲଟପାଲଟ ହେବାର ସଂକେତ ମିଳିଛି। ଜେଲ୍ ଗେଟ୍ ସମ୍ମୁଖରେ ଯେଉଁଭଳି ଭାବେ ଶହ ଶହ ସମର୍ଥକ, ଗାଡ଼ି ଉପରେ ସିନେମା ଷ୍ଟାଇଲ୍‌ରେ ରିଲ୍ସ ପ୍ରସ୍ତୁତ ହେଲା; ତାହା ଜେଲ୍ ଫେରନ୍ତା ସେଲିବ୍ରେସନ୍ ନ ଥିଲା, ବରଂ ବିରୋଧୀ ଗୋଷ୍ଠୀଙ୍କୁ ଏକ ଖୋଲା ଚ୍ୟାଲେଞ୍ଜ ଥିବା ଚର୍ଚ୍ଚା ହେଉଛି।

ସୁଶାନ୍ତ ଓ ସୁଶୀଲ ଧଳସାମନ୍ତ ଜେଲ୍ ଯିବା ପରେ କଟକ ଏବଂ ଏହାର ଆଖପାଖ ଅଞ୍ଚଳରେ ଥିବା କୋଟି କୋଟି ଟଙ୍କାର ସରକାରୀ ଟେଣ୍ଡର, ମହାନଦୀ ଓ କାଠଯୋଡ଼ିର ବାଲିଘାଟରୁ ବଟି ଆଦାୟ, ସ୍କ୍ରାପ୍ ବ୍ୟବସାୟ ଏବଂ ପରିବହନ ସିଣ୍ଡିକେଟ୍ ଉପରୁ ଡି-ଗ୍ୟାଙ୍ଗ୍‌ର ସାମ୍ରାଜ୍ୟ କିଛି ମାତ୍ରାରେ ଦୁର୍ବଳ ହୋଇପଡ଼ିଥିଲା। ଏହି ସୁଯୋଗରେ ସହରର କେତେକ ଛୋଟବଡ଼ ନୂଆ ଗ୍ରୁପ୍ ମୁଣ୍ଡ ଟେକିଥିଲେ ଓ ଏହି ଅବୈଧ କାରବାରକୁ ନିଜ ନିୟନ୍ତ୍ରଣକୁ ନେଇଥିଲେ। ଏବେ ଲିଟୁଆ



ଜେଲ୍‌ରୁ ବାହାରିବା ପରେ ତାର ପୁରୁଣା ଗ୍ରୁପ୍ ପୁଣି ସକ୍ରିୟ ହୋଇଛନ୍ତି। ଚାଉଳିଆଗଞ୍ଜ, ମାଲଗୋଦାମ, ବାଦାମବାଡ଼ି ଏବଂ ସିଡିଏ ଅଞ୍ଚଳରେ ନିଜର ପୁରୁଣା ଦବ୍‌ଦବା ଫେରାଇ ଆଣିବା ପାଇଁ "ଲିଟୁ ଗ୍ରୁପ୍' ବଳ ଗୋଟାଇବା ସହ ଗୁପ୍ତ ବୈଠକ କରୁଥିବା ଖବର ମିଳିଛି। ଏହାକୁ ନେଇ ସହରରେ ଥିବା ଅନ୍ୟ ସକ୍ରିୟ ଗ୍ୟାଙ୍ଗଗୁଡ଼ିକ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପଟେ ଚୌଦ୍ୱାର ଜେଲ୍ ଭିତରେ କଡ଼ା ସୁରକ୍ଷା ବ୍ୟବସ୍ଥାକୁ ଚ୍ୟାଲେଞ୍ଜ ଘଟଣା ରାଜ୍ୟରେ ଚହଳ ସୃଷ୍ଟି କରିଛି। ଜେଲ୍ ଭିତରକୁ ଲିଟୁଆକୁ ସ୍ୱାଗତ କରିବା ପାଇଁ କଳା ରଙ୍ଗର ଥାର୍ ଗାଡ଼ି କେମିତି ପଶିଲା ? ତାହାକୁ ନେଇ ରାଜ୍ୟ ଗୃହ ବିଭାଗରେ ମଧ୍ୟ ତତ୍ପରତା ପ୍ରକାଶ ପାଇଛି। ଜେଲ୍ ଡିଆଇଜି ଏହି ଘଟଣାରେ ଜେଲ୍ ସୁପରିଟେଣ୍ଡେଣ୍ଟ ଏବଂ ସେଠାରେ ନିୟୋଜିତ ଥିବା ସୁରକ୍ଷା କର୍ମୀଙ୍କୁ କୈଫିୟତ ତଲବ କରିଛନ୍ତି। ଜେଲ୍ ପରିସରରେ ମୋବାଇଲ୍ ବ୍ୟବହାର ନିଷେଧ ଥିବାବେଳେ କେଉଁ ପରିସ୍ଥିତିରେ ଏବଂ କାହା ସହଯୋଗରେ ସେଠାରେ ଭିଡିଓ ସୁଟିଂ କରାଯାଇ ସୋସିଆଲ ମିଡିଆରେ ଭାଇରାଲ କରାଗଲା, ସେ ନେଇ ଏକ ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି।

ପୁଲିସର ସୂଚନା ଅନୁଯାୟୀ, କଟକ ସହରରେ କୌଣସି ବି ପରିସ୍ଥିତିରେ ଦାଦାବଟି କିମ୍ବା ଗ୍ୟାଙ୍ଗୱାର୍‌କୁ ବରଦାସ୍ତ କରାଯିବ ନାହିଁ। ଯଦି କୌଣସି ଗ୍ରୁପ୍ ଆଇନକୁ ହାତକୁ ନେବାକୁ ଚେଷ୍ଟା କରେ, ତେବେ ସେମାନଙ୍କ ବିରୋଧରେ ଜାତୀୟ ସୁରକ୍ଷା ଆଇନ ଭଳି କଠୋର ଦଫା ଲଗାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ବିଜେପିରେ 'ଭତ୍ତା' ବିସ୍ଫୋରଣ

## ସରକାରଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠାଇଲେ ଦଳୀୟ ସାଂସଦ

ଭୁବନେଶ୍ୱର,୧୮।୬(ସମିସ): ଗତ ୩ ମାସ ଧରି ରାଜ୍ୟର ବିଭିନ୍ନ ଅଞ୍ଚଳରେ ବୃଦ୍ଧ, ବୃଦ୍ଧାଙ୍କୁ ଭତ୍ତା ନ ମିଳିବା ରାଜ୍ୟରେ ହିତାଧିକାରୀଙ୍କ ମନରେ ସୃଷ୍ଟି କରିଛି ଚରମ ଅସନ୍ତୋଷ। ନିର୍ବାଚନ ସମୟରେ ଘୋଷିତ ୩ ହଜାର ଟଙ୍କା ଭତ୍ତା ତ ଦୂରର କଥା, ଏବେ ପୂର୍ବ ସରକାର ପ୍ରଦାନ କରୁଥିବା ୧ ହଜାର ଟଙ୍କା ଭତ୍ତା ବି ହିତାଧିକାରୀ ପାଉ ନାହାନ୍ତି। ରାଜ୍ୟ ସରକାର ଏହି ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କୁ ଦୋଷ ଦେଉଛନ୍ତି ଓ ଖୁବ୍ ଶୀଘ୍ର ସମସ୍ୟା ସମାଧାନ ହେବ ବୋଲି ଆଶ୍ୱାସନା ଦେଉଛନ୍ତି। ଏହି ପ୍ରରିପେକ୍ଷୀରେ କରୁଥିବା ବେଳେ ଖୋଦ୍ ବିଜେପି ସାଂସଦଙ୍କ ଅଭିଯୋଗ ସରକାରଙ୍କ ପାଇଁ ଅସ୍ୱସ୍ତିକର ହୋଇଛି।

ଡ. ପାଣିଗ୍ରାହୀ ଚିଠିରେ ଉଲ୍ଲେଖ କରି କହିଛନ୍ତି ଯେ ନିଜ ନିର୍ବାଚନ ମଣ୍ଡଳୀର ବିଭିନ୍ନ କାର୍ଯ୍ୟକ୍ରମ ଏବଂ ଗ୍ରାମାଞ୍ଚଳ ଗସ୍ତ ସମୟରେ ହଜାର ହଜାର ଅସହାୟ ବୃଦ୍ଧବୃଦ୍ଧା, ବିଧବା ଓ ଭିନ୍ନକ୍ଷମ ବ୍ୟକ୍ତିମାନେ ଗତ ୩ ମାସ ହେବ ଭତ୍ତା ପାଇନଥିବା ନେଇ ଦୁଃଖ ପ୍ରକାଶ କରିଛନ୍ତି। ସ୍ଥାନୀୟ ଜନପ୍ରତିନିଧି ଏବଂ ଜନସାଧାରଣ ଏହି ସମସ୍ୟାର ତୁରନ୍ତ ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ସ୍ୱତଃପ୍ରବୃତ୍ତ ମାମଲା ରୁଜୁ କରି ଓଡ଼ିଶା ସରକାରଙ୍କୁ ସମସ୍ତ ସାମାଜିକ ସୁରକ୍ଷା ଓ ମୌଳିକ ସୁବିଧା ତୁରନ୍ତ ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ବୋଲି ସାଂସଦ ଚିଠିରେ ଉଲ୍ଲେଖ କରିଛନ୍ତି। ସାଂସଦ ଡଃ ପାଣିଗ୍ରାହୀ କହିଛନ୍ତି ଯେ ଡିଜିଟାଲ୍ କିମ୍ବା ଅନଲାଇନ୍ ସଫ୍ଟୱେର୍ ଅପଡେଟ୍ ନାଁରେ ଅସହାୟ ଗରିବ ଲୋକଙ୍କୁ ମାସ ମାସ ଧରି ଭୋକିଲା ରଖାଯାଇପାରିବ ନାହିଁ। ଏ ନେଇ ଡ. ପାଣିଗ୍ରାହୀ ୩ ଦଫା ଦାବି କରିଛନ୍ତି। ଯେପର୍ଯ୍ୟନ୍ତ ନୂତନ ସଫ୍ଟୱେର୍ କିମ୍ବା ଡିଜିଟାଲ୍ ବ୍ୟବସ୍ଥା ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକ୍ଷମ ଓ ତ୍ରୁଟିଶୂନ୍ୟ ହୋଇନାହିଁ, ସେ

■ ଗରିବଙ୍କୁ ମାସ ମାସ ଭୋକିଲା ରଖାଯାଇପାରିବ ନାହିଁ
■ ସମସ୍ୟା ସମାଧାନ ଯାଏଁ ହିତାଧିକାରୀଙ୍କ ମିଳୁ ନଗଦ ଅର୍ଥ
■ ଭତ୍ତାରୁ ବଞ୍ଚିତ ଲକ୍ଷ ଲକ୍ଷ ବୃଦ୍ଧବୃଦ୍ଧା ଭୋଗୁଛନ୍ତି ଚରମ ଦୁର୍ଦ୍ଦଶା

ବ୍ରହ୍ମପୁର ବିଜେପି ସାଂସଦ ପ୍ରଦୀପ ପାଣିଗ୍ରାହୀ ମୁଖ୍ୟମନ୍ତ୍ରୀଙ୍କୁ ଲେଖିଥିବା ଚିଠି ଓ ଉଠାଇଥିବା ପ୍ରଶ୍ନ ଦଳରେ ସୃଷ୍ଟି କରିଛି ଆଲୋଡ଼ନ । ଶ୍ରୀ ପାଣିଗ୍ରାହୀଙ୍କ ଚିଠି ପରୋକ୍ଷରେ ରାଜ୍ୟରେ ଭତ୍ତାକୁ ନେଇ ସୃଷ୍ଟି ହୋଇଥିବା ଅବ୍ୟବସ୍ଥା ଓ ଶାସକ ଦଳରେ ଭତ୍ତା ପ୍ରସଙ୍ଗରେ ବୃଦ୍ଧି ପାଇଥିବା ଅସନ୍ତୋଷକୁ ପ୍ରମାଣିତ କରିଥିବା କୁହାଯାଉଛି। ସଫ୍ଟୱେର ଅପଡ଼େଟ୍ ନାମରେ ଗରିବ ଲୋକଙ୍କୁ ମାସମାସ ଭୋକିଲା ରଖାଯାଇ ପାରିବ ନାହିଁ ବୋଲି ଉଲ୍ଲେଖ କରି ଶ୍ରୀ ପାଣିଗ୍ରାହୀ ହିତାଧିକାରୀଙ୍କୁ ନଗଦ ଅର୍ଥ ଦେବାକୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଏପରିକି ଭତ୍ତା ନପାଇବା କାରଣରୁ ଜଣେ ଅସହାୟ ବିଧବା ଆତ୍ମହତ୍ୟା କରିବା ପରି ହୃଦୟବିଦାରକ ଘଟଣା ସମ୍ପର୍କରେ ଚିଠିରେ ଉଲ୍ଲେଖ କରିଛନ୍ତି ସାଂସଦ। ସରକାରୀ ଅଧିକାରୀମାନେ ଏପରି ଆତ୍ମହତ୍ୟାକୁ ଅସ୍ୱୀକାର ସାଂସଦଙ୍କୁ ବାରମ୍ବାର ଅନୁରୋଧ କରିଆସୁଛନ୍ତି। ଭତ୍ତା ନମିଳିବାରୁ ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ା ବ୍ଲକ ଚଢ଼େୟାପଦା ଗ୍ରାମର ୬୬ ବର୍ଷୀୟା ଅସହାୟ ବିଧବା ମହିଳା ବି. ସାବିତ୍ରୀ ଡୋରା ଆତ୍ମହତ୍ୟା କରିବାକୁ ଚରମ ନିଷ୍ପତ୍ତି ନେଇଛନ୍ତି। ଗତ ୩ ମାସ ଧରି ବୃଦ୍ଧାବସ୍ଥା ଭତ୍ତା ନପାଇ ଚରମ ଆର୍ଥିକ ଅନାଟନ ମଧ୍ୟରେ ସେ ଗତି କରୁଥିବା ବେଳେ ବ୍ୟାଙ୍କଠାରୁ ବ୍ଲକ ଯାଏଁ ଦୌଡ଼ି ଦୌଡ଼ି ନିରାଶ ହେବା ପରେ ବିଷ ପିଇ ଆତ୍ମହତ୍ୟା କଲେ। କେବଳ ଗଞ୍ଜାମ ଜିଲ୍ଲାରେ ହିଁ ୧.୪୯ ଲକ୍ଷରୁ ଅଧିକ ହିତାଧିକାରୀ ଏହି ସଫ୍ଟୱେର ସମସ୍ୟା ଯୋଗୁଁ ଭତ୍ତା ପାଇବାରୁ ବଞ୍ଚିତ ଅଛନ୍ତି। ସେହିପରି ଏକ ସମସ୍ୟାକୁ ନେଇ ସୁବର୍ଣ୍ଣପୁର ଜିଲ୍ଲାର ଜଣେ ଜନ୍ମାନ୍ଧ ବ୍ୟକ୍ତି ଜପ ଭୁଏ ଓ ତାଙ୍କର ୮୦ ବର୍ଷୀୟା ବୃଦ୍ଧା ମାଆ ରାଧିକା ଭୁଏଙ୍କ ଅତି ଦୟନୀୟ ଅବସ୍ଥା ସମ୍ପର୍କରେ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ସମସ୍ତ ବ୍ଲକ ଏବଂ ପଞ୍ଚାୟତରେ ମାନୁଆଲ୍ ପଦ୍ଧତିରେ (ନଗଦ ଆକାରରେ) ଭତ୍ତା ପ୍ରଦାନ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରିବାକୁ ଡ. ପାଣିଗ୍ରାହୀ ଦାବି କରିଛନ୍ତି। ସେହିପରି ରାଜ୍ୟର ସମସ୍ତ ଜିଲ୍ଲାପାଳମାନଙ୍କୁ ନିଜ ନିଜ ଜିଲ୍ଲାରେ ଭତ୍ତା ବଣ୍ଟନ ପ୍ରକ୍ରିୟାକୁ ବ୍ୟକ୍ତିଗତ ଭାବେ ତଦାରଖ କରିବାକୁ ଏବଂ ଆଗାମୀ ଦିନରେ ଯେପରି ଏଭଳି କୌଣସି ଅଭାବନୀୟ ବା ଦୁଃଖଦ ଘଟଣା ନଘଟେ, ସେଥିପାଇଁ ସେମାନଙ୍କୁ ସମ୍ପୂର୍ଣ୍ଣ ଦାୟିତ୍ୱ ଦିଆଯାଉ। ଗଞ୍ଜାମ ଜିଲ୍ଲାରେ ବି. ସାବିତ୍ରୀ ଡୋରାଙ୍କ ମୃତ୍ୟୁ ଘଟଣାର ଏକ ଉଚ୍ଚସ୍ତରୀୟ ପ୍ରଶାସନିକ ସମୀକ୍ଷା କରାଯାଇ ଦୋଷୀ କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ଏବଂ ମୃତକଙ୍କ ପରିବାରକୁ ତୁରନ୍ତ ସରକାରୀ ସହାୟତା/ ଅନୁକମ୍ପାମୂଳକ ରାଶି ପ୍ରଦାନ କରାଯାଉ ବୋଲି ଡ. ପାଣିଗ୍ରାହୀ ଦାବି କରିଛନ୍ତି।

ଚାକିରି ନେଲା ଲାଞ୍ଚ ଲୋଭ

# ମଞ୍ଚେଶ୍ୱର ଥାନା ଏଏସ୍‌ଆଇ ବହିଷ୍କୃତ

ଭୁବନେଶ୍ୱର ୧୮ ।୬ (ସମିସ): ମୋବାଇଲ ଫେରାଇବାକୁ ଲାଞ୍ଚ ନେଇଥିବା ଏଏସ୍‌ଆଇ ରାଜେଶ କୁଲୁଙ୍କୁ ଚାକିରିରୁ ବିଦା କରିଛନ୍ତି ରାଜ୍ୟ ସରକାର। ଖାଲି ଏଏସ୍‌ଆଇ ନୁହନ୍ତି, ଦୁଇ ହୋମଗାର୍ଡଙ୍କୁ ମଧ୍ୟ ବହିଷ୍କାର ପାଇଁ ନୋଟିସ୍ ଦିଆଯାଇଛି।

ସୂଚନା ଅନୁସାରେ, ମଞ୍ଚେଶ୍ୱର ଥାନା ଏଏସ୍‌ଆଇ ତଥା ତଦନ୍ତକାରୀ ଅଧିକାରୀ ରାଜେଶ କୁଲୁ ଦୁଇ ମାସ ତଳେ ଜଣେ ବ୍ୟକ୍ତିଙ୍କ ଠାରୁ ୨ଟି ମୋବାଇଲ ଜବତ କରିଥିଲେ। ମୋବାଇଲ ଫେରି ପାଇବାକୁ ଯୋଗାଯୋଗ କରିବାରୁ କୁଲୁ ତାଙ୍କୁ ଏକ ଲକ୍ଷ ଟଙ୍କା ମାଗିଥିଲେ। ବ୍ୟକ୍ତି ଜଣକ ବିଭିନ୍ନ ପର୍ଯ୍ୟାୟରେ ଏଏସ୍‌ଆଇଙ୍କୁ ୫୦ ହଜାର ଟଙ୍କା ଦେଇଥିଲେ ମଧ୍ୟ ମୋବାଇଲ ଫେରି ପାଇ ନ ଥିଲେ। ଗତ ୧୨ ତାରିଖ ଦିନ ଆହୁରି ୩୦ ହଜାର ଟଙ୍କା ଦେବାପରେ ଏଏସ୍‌ଆଇ କୁଲୁ ତାଙ୍କୁ ଗୋଟିଏ ମୋବାଇଲ୍ ଫେରସ୍ତ କରିଥିଲେ। ତଥାପି ଟଙ୍କା ମାଗିବାରୁ ବ୍ୟକ୍ତି ଜଣକ ଭିଜିଲାନ୍ସର ଦ୍ୱାରସ୍ଥ ହୋଇ

## ଦୁଇ ହୋମଗାର୍ଡଙ୍କୁ ବହିଷ୍କାର ପାଇଁ ନୋଟିସ୍

ଅଭିଯୋଗ କରିଥିଲେ। ଗତକାଲି ୨୦ ହଜାର ଟଙ୍କା ନେଇ ମୋବାଇଲ ଆଣିବାକୁ ମଞ୍ଚେଶ୍ୱର ଥାନାକୁ ଯାଇଥିଲେ। କୁଲୁ ଟଙ୍କା ଗ୍ରହଣ କରିବାକୁ ହୋମଗାର୍ଡ ଜ୍ୟୋତି ରଞ୍ଜନ ବେହେରାଙ୍କୁ ପଠାଇଥିଲେ। ଜ୍ୟୋତି ସଂପୃକ୍ତ ବ୍ୟକ୍ତିଙ୍କ ଠାରୁ ୨୦ ହଜାର ଟଙ୍କା ନେବାବେଳେ ଭିଜିଲାନ୍ସ ତାଙ୍କୁ ଧରିବାକୁ ଉଦ୍ୟମ କରିଥିଲା। ଭିଜିଲାନ୍ସ ଟିମକୁ ଦେଖି ଜ୍ୟୋତି ଟଙ୍କା ଫୋପାଡ଼ି ଥାନା ଭିତରକୁ ପଳାଇଥିଲେ। ଭିଜିଲାନ୍ସ ଟିମ୍ ପିଛା କରି ଯାଇ ଏଏସ୍‌ଆଇ କୁଲୁ ଓ ଜ୍ୟୋତିଙ୍କୁ ଗିରଫ କରିବା ସହ ୨୦ ହଜାର ଟଙ୍କା ଜବତ କରିଥିଲା। ତେବେ ଲାଞ୍ଚ ନେବା ଘଟଣାରେ ହୋମଗାର୍ଡ ଅବଦୁଲ ସର୍ଫରାଜ ଖାନଙ୍କ ସଂପୃକ୍ତି ଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଭାରତୀୟ ସମ୍ବିଧାନର ଧାରା ୩୧୧(୨)(ବି) ଅନୁସାରେ, ରାଜ୍ୟ ସରକାର ଏଏସ୍‌ଆଇ କୁଲୁଙ୍କୁ ଚାକିରିରୁ ବିଦା କରିଛନ୍ତି। ସେହିପରି ଘଟଣାରେ ସଂପୃକ୍ତ ଦୁଇ ହୋମଗାର୍ଡ ଜ୍ୟୋତି ଓ ସର୍ଫରାଜଙ୍କୁ ଚାକିରିରୁ ବହିଷ୍କାର କରିବା ପାଇଁ ମାସିକିଆ ନୋଟିସ ଦିଆଯାଇଛି।

ଡାକ୍ତରଖାନାରୁ ବାହାରି ଜିଲ୍ଲାପାଳଙ୍କୁ ଭେଟିଲେ ସରପଞ୍ଚ ଚାମେଲି ଓଝା

# ବିଡିଓ, ଆଇଆଇସିଙ୍କ ବିରୋଧରେ ସାଂଘାତିକ ଅଭିଯୋଗ

କେନ୍ଦ୍ରାପଡ଼ା,୧୮।୬(ସମିସ): ମହାକାଳପଡ଼ା ବ୍ଲକ ତିଖିରି ଗ୍ରାମପଞ୍ଚାୟତର ସରପଞ୍ଚ ଚାମେଲି ଓଝାଙ୍କୁ କେନ୍ଦ୍ର କରି ଗତ ଏକ ସପ୍ତାହ ଧରି ଚାଲିଥିବା ବିବାଦ ନୂଆ ମୋଡ଼ ନେଇଛି। ସାତ ଦିନ ଧରି କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ରହିବା



ପରେ ଚାମେଲି ଡିସଚାର୍ଜ ହୋଇ ସିଧାସଳଖ ଜିଲ୍ଲାପାଳଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟିଛନ୍ତି। ତାଙ୍କ ଉପରେ ହୋଇଥିବା ଆକ୍ରମଣ ଓ ସମଗ୍ର ଘଟଣା ସମ୍ପର୍କରେ ବର୍ଣ୍ଣନା କରିବା ସହ ସେ ବିଡିଓ ଓ ଆଇଆଇସିଙ୍କ ବିରୋଧରେ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଡାକ୍ତରଖାନାରୁ ବାହାରିବା ପରେ ଚାମେଲି ନିଜ ଗାଁ ତିଖିରିକୁ ଫେରିବା ବେଳେ ଶହ ଶହ ମହିଳା ଓ ପୁରୁଷ ତାଙ୍କୁ ଫୁଲତୋଡ଼ା ଓ ନାରାବାଜି ଦେଇ ଭବ୍ୟ ସ୍ୱାଗତ ଜଣାଇଥିଲେ।

ଅନ୍ୟପକ୍ଷରେ ଘଟଣାର ଆଠ ଦିନ ପରେ ମହାକାଳପଡ଼ା ବିଡିଓ ରବିନାରାୟଣ ଆଚାର୍ଯ୍ୟ ପ୍ରଥମ ଥର ପାଇଁ ନିଜ ପ୍ରତିକ୍ରିୟା ରଖିଛନ୍ତି। ତାଙ୍କ ବିନା ଅନୁମତିରେ ଚାମେଲି ଭିଡିଓ ରେକର୍ଡିଂ କରିଥିଲେ ବୋଲି ସେ ଅଭିଯୋଗ କରିବା ସହ ତିଖିରି ପଞ୍ଚାୟତର କୌଣସି ପ୍ରକଳ୍ପର ବିଲ୍ ବାକି ନ ଥିବା ଓ ୧ ଲକ୍ଷ ୧୯ ହଜାର ୫୦୦ ଟଙ୍କାର ବିଲ୍‌କୁ ଗତ ୧୦ ତାରିଖରେ ମଞ୍ଜୁର କରାଯାଇଥିବା ବିଡିଓ କହିଛନ୍ତି। ତେବେ ବିଡିଓଙ୍କ ଦାବିକୁ ଚାମେଲି ସିଧାସଳଖ ଖଣ୍ଡନ କରିଛନ୍ତି ଏବଂ

■ ସୁରକ୍ଷା ପାଇଁ ପୁଲିସ ଡିଜିଙ୍କୁ ଲେଖିଲେ ଚିଠି
■ ସାନ ଭଉଣୀ ଚାମେଲି ଷଡ଼ଯନ୍ତ୍ରର ଶିକାର: ବିଧାୟକ
■ ବିଧାୟକ ସାନ ଭଉଣୀ ପରି ଦେଖିନାହାନ୍ତି: ଚାମେଲି

ଆହୁରି ୪ଟି ବିଲ୍ ବାକିଥିବା ଦାବି କରିଛନ୍ତି ।

ଅନ୍ୟପକ୍ଷରେ ଚାମେଲି ଓଝା ପୁଲିସ ଡିଜିପି ଓ କେନ୍ଦ୍ରାଞ୍ଚଳ ଆଇଜିଙ୍କୁ ଚିଠି ଲେଖି ନିଜ ଓ ପରିବାରର ସୁରକ୍ଷା ପାଇଁ ଅନୁରୋଧ କରିଛନ୍ତି। ସେ କହିଛନ୍ତି, ଘଟଣାରେ ଜଡିତ ୭ ଜଣଙ୍କ ନାମରେ ଏତଲା ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କାହାକୁ ଗିରଫ କରିନାହିଁ। ତାଙ୍କ ଅଭିଯୋଗରେ ବିଡିଓ, ମହିଳା ପୁଲିସ କର୍ମଚାରୀ ଓ ଆଇଆଇସିଙ୍କ ନାମ ଥିବା ସତ୍ତ୍ୱେ ସେମାନଙ୍କ ନାମକୁ ବାଦ୍ ଦିଆଯାଇଛି। ଯଦି ଆଗାମୀ ୭ ଦିନ ମଧ୍ୟରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ନ ଯାଏ, ତେବେ ଆସନ୍ତା ୨୪ ତାରିଖରୁ କେନ୍ଦ୍ରାପଡ଼ା ଏସପିଙ୍କ କାର୍ଯ୍ୟାଳୟ ସେ ସମ୍ମୁଖରେ ଅନିର୍ଦ୍ଦିଷ୍ଟକାଳ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

ଏପଟେ ଘଟଣାକୁ ନେଇ ପ୍ରଥମଥର ପାଇଁ ମୁହଁ ଖୋଲିଛନ୍ତି ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ । ଚାମେଲିଙ୍କୁ ସାନ ଭଉଣୀ ବୋଲି ଉଲ୍ଲେଖ କରି ସେ ଷଡ଼ଯନ୍ତ୍ରର ଶିକାର ହୋଇଛନ୍ତି ବୋଲି ମନ୍ତବ୍ୟ ଦେଇଛନ୍ତି। ମାତ୍ର ବିଧାୟକଙ୍କ ଏହି ମନ୍ତବ୍ୟକୁ ଚାମେଲି ସମାଲୋଚନା କରି କାଠଗଡ଼ାକୁ ଟାଣିଛନ୍ତି । ବିଧାୟକ ତାଙ୍କୁ କେବେ ଭଉଣୀ ଭାବରେ ଦେଖି ନାହାନ୍ତି, ଏପରିକି ସେ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ସମୟରେ ତାଙ୍କୁ ଭେଟିବାକୁ ବି ଆସି ନ ଥିଲେ ବୋଲି ପାଲଟା ଅଭିଯୋଗ କରିଛନ୍ତି ।

ରାଜ୍ୟ ଜିଲ୍ଲାପରିଷଦ ଅଧକ୍ଷ ସଂଘର ସଭାପତି ଦେବାଶିଷ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଚାମେଲିଙ୍କୁ ହସ୍ପିଟାଲରେ ଭେଟି ଘଟଣାରେ ଜଡିତ ବ୍ୟକ୍ତିମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସେହିପରି ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନର ଏକ ରାଜ୍ୟସ୍ତରୀୟ ପ୍ରତିନିଧି ଦଳ ମଧ୍ୟ ଚାମେଲିଙ୍କୁ ସାକ୍ଷାତ କରି ସମର୍ଥନ ଜଣାଇବା ସହ ସମ୍ପୃକ୍ତ ବିଡିଓ ଓ ଥାନା ଅଧିକାରୀଙ୍କୁ ନିଲମ୍ବନ କରିବା ପାଇଁ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି। ସେହିପରି ଜିଲ୍ଲା ସରପଞ୍ଚ ସଂଘ ପକ୍ଷରୁ ଆସନ୍ତା ୨୦ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ କରାଯିବ ଏବଂ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବ ବୋଲି ଚାମେଲି ଓଝା ସୂଚନା ଦେଇଛନ୍ତି।



ସକାଳ
THE SAKALA





ବର ବେଶରେ ବାଲିବନ୍ଧାର ଶ୍ରୀ ସୋମନାଥ ବାବା



ବର ବେଶରେ ଠାକୁରପଡ଼ାର ଶ୍ରୀ ଗୁପ୍ତେଶ୍ୱର ବାବା



ବର ବେଶରେ ବଡ଼ବଜାରର ଶ୍ରୀ ଶୀତଳେଶ୍ୱର ବାବା

# ବାବା ଶଗଡ଼େଶ୍ୱର ଓ ମାତା ପାର୍ବତୀଙ୍କ ବିବାହ ସମ୍ପନ୍ନ

**ଜମନକିରା, ୧୮ ।୬ (ସମିସ):** ଜମନକିରା ବ୍ଲକ ଅଧୀନ ଡିମିରିମଣ୍ଡା ପଞ୍ଚାୟତର ବାଲିଚକ୍ରା ସ୍ଥିତ ବାମଣ୍ଡା ଗଡ଼ଜାତର ସର୍ବପୁରାତନ ଶୈବ ପୀଠରେ ଦେବାଧିଦେବ ବାବା ଶଗଡ଼େଶ୍ୱରଙ୍କ ଦ୍ୱାଦଶ ଶୀତଳ ଷଷ୍ଠୀ ଯାତ୍ରା ସମ୍ପନ୍ନ ହୋଇଯାଇଛି । ଶଗଡ଼େଶ୍ୱର ମନ୍ଦିର ପରିସରସ୍ଥ ହିମାଳୟରେ ଜଗଜ୍ଜନନୀ ମାତା ପାର୍ବତୀଙ୍କ ଲୌକିକ ରୀତିରେ ପତରପେଣ୍ଡି ବା ନିର୍ବନ୍ଧ ଅନୁଷ୍ଠିତ ହୋଇଥିଲା । କନ୍ୟା କର୍ତ୍ତା ଭାବରେ କୁଚିଣ୍ଡା ନିବାସୀ ପ୍ରଭାସ କୁମାର ପଟେଲ ଓ ସହଧର୍ମିଣୀ ମୋନାଲିସା ନାୟକ ଲୋକାଚାର ପରମ୍ପରା ନିର୍ବାହ କରିଥିଲେ । ପରେ ପରେ ନାଗ, ଯକ୍ଷ, ରକ୍ଷ, କିନ୍ନର, ଚଣ୍ଡ, ମୁଣ୍ଡ, ଦେବ, ଗନ୍ଧର୍ବ, ଋଷି ତଥା ଶହ ଶହ ଭକ୍ତଙ୍କ ଗହଣରେ ବରବେଶରେ ବାବା ଶଗଡ଼େଶ୍ୱର ହିମାଳୟରେ ବିରାଜିତ ହୋଇଥିଲେ । ବରଯାତ୍ରା ସମୟରେ ବର କର୍ତ୍ତାମଣ୍ଟୁ ପଟେଲ ଓ ସହଧର୍ମିଣୀ ସଙ୍ଗୀତା ପଟେଲଙ୍କ ଉଚ୍ଛ୍ୱସିତ ଭକ୍ତିମୟ ନୃତ୍ୟ ପରିବେଷଣ ସମସ୍ତଙ୍କ ମନମୋହି ନେଇଥିଲା । ଶଙ୍ଖ-ଘଣ୍ଟ-ହରିବୋଲ ଓ ହୁଳହୁଳିର ଅପୂର୍ବ କୋଳାହଳ ବର୍ଣାଢ଼୍ୟ ମନଲୋଭା ପରିବେଶ ମଧ୍ୟରେ ମାତା ପାର୍ବତୀ ଓ ବାବା ଶଗଡ଼େଶ୍ୱରଙ୍କ ଦେବ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ପୂଜକ ପିୟୁଷ ମହାପାତ୍ର, ପ୍ରତାପ ପୁରୋହିତ, ସାର୍ଥକ ପୁରୋହିତ ଓ ନିତ୍ୟାନନ୍ଦ ମିଶ୍ରଙ୍କ ଦ୍ୱାରା ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ଅନ୍ୟମାନଙ୍କମଧ୍ୟରେ ଶୀତଳ ଷଷ୍ଠୀ ଯାତ୍ରା ଓ ଶଗଡ଼େଶ୍ୱର ମହୋତ୍ସବ କମିଟୀର ସଭାପତି ନୃପଲାଲ ପଲେଇ, ମନ୍ଦିର ପରିଚାଳନା କମିଟିର ସଭାପତି ରୁଦ୍ର ନାରାୟଣ ବେହେରା, ସମ୍ପାଦକ ସୁମନ୍ତ ବେହେରା, କୋଷାଧ୍ୟକ୍ଷ ରତନ ଲାଲ ସିଂହ, ସଂଯୋଜକ ମଳୟ ବେହେରା, କରୁଣାକର କିସାନ, ଗଣେଶ ଗୁପ୍ତା, ସରପଞ୍ଚ ପ୍ରହଲ୍ଲାଦ ଧୁରୁଆ, ନରେନ୍ଦ୍ର ପଲେଇ, ବିକାଶ ମହାକୁଳ, ଅବିନାଶ ସାହୁ, ହିତେଶ ପଲେଇ, ବିରଞ୍ଚି ପଟେଲ, ତରଣୀ ରଞ୍ଜନ ଶର୍ମ୍ମା, ସ୍ଥାନୀୟ ଡ୍ରାଇଭର ସଂଘର କର୍ମକର୍ତ୍ତା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ, ବିଭିନ୍ନ ସାମାଜିକ ସଂଗଠନର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ ।

## ପଦ୍ମପୁର ଶୀତଳଷଷ୍ଠୀ

# ବାବା ସ୍ୱପ୍ନେଶ୍ୱର ଓ ରାମେଶ୍ୱରଙ୍କ ବରଯାତ୍ରା ଶୋଭାଯାତ୍ରାରେ କମ୍ପିଲା ସହର

**ପଦ୍ମପୁର, ୧୮ ।୬(ସମିସ)**

ପଦ୍ମପୁର ସହରରେ ପାଳିତ ଶୀତଳଷଷ୍ଠୀ ମହୋତ୍ସବ ଅବସରରେ ବାବା ସ୍ୱପ୍ନେଶ୍ୱର ଓ ରାମେଶ୍ୱରଙ୍କ ଭବ୍ୟ ବରଯାତ୍ରା ଓ ସାଂସ୍କୃତିକ ଶୋଭାଯାତ୍ରା ସମଗ୍ର ସହରକୁ ଉତ୍ସବମୁଖର କରିଦେଇଥିଲା । ହଜାର ହଜାର ଶ୍ରଦ୍ଧାଳୁ, ଭକ୍ତ ଓ ଦର୍ଶକଙ୍କ ଉପସ୍ଥିତିରେ ସହରର ପ୍ରମୁଖ ରାସ୍ତା ଲୋକାରଣ୍ୟ ପାଲଟିଥିଲା । ସୁସଜ୍ଜିତ ରଥରେ ବାବା ସ୍ୱପ୍ନେଶ୍ୱରଙ୍କ ବରଯାତ୍ରା ବଡ଼ବନ୍ଧରୁ ନଗର ପରିକ୍ରମାରେ ବାହାରିଥିବା ବେଳେ ବାବା ରାମେଶ୍ୱର ସ୍ଥାନୀୟ କଟାବନ୍ଧରୁ ବାହାରି ଢୋଲ, ନିଶାନ, ଘଣ୍ଟ, ଶଙ୍ଖଧ୍ୱନୀ ଓ ହରିବୋଲରେ ପରିବେଶ ମୁଖରିତ ହୋଇ ଉଠିଥିଲା । ଶୋଭାଯାତ୍ରାରେ ବିଭିନ୍ନ ସାଂସ୍କୃତିକ ଦଳ, ସମ୍ବଲପୁରୀ ଲୋକନୃତ୍ୟ, ଘୁମୁରା, ଦଣ୍ଡନୃତ୍ୟ, ପୌରାଣିକ ଆଧାରିତ ଝାଙ୍କି ଓ ଆକର୍ଷଣୀୟ ପୌରାଣିକ ଚିତ୍ରଣ ଦର୍ଶକଙ୍କ ମନ ମୋହିଥିଲା । ସହରର ବିଭିନ୍ନ ଛକ ଓ ରାସ୍ତାକୁ ଆଲୋକମାଳା ଓ ତୋରଣ ଦ୍ୱାରା ସଜାଯାଇଥିବା ବେଳେ ଉତ୍ସବକୁ ସଫଳ କରିବା ପାଇଁ ଶୀତଳଷଷ୍ଠୀ କମିଟି, ସ୍ୱେଚ୍ଛାସେବୀ ଓ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା । ଶୃଙ୍ଖଳିତ ଭାବେ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିବା ବେଳେ ଭକ୍ତମାନଙ୍କ ମଧ୍ୟରେ ଆଧ୍ୟାତ୍ମିକ ଓ ସାଂସ୍କୃତିକ ଉତ୍ସାହ ପରିଲକ୍ଷିତ ହୋଇଥିଲା । ବାବା ସ୍ୱପ୍ନେଶ୍ୱର ଓ ମା' ପାର୍ବତୀଙ୍କ ଦିବ୍ୟ ବିବାହ ଉତ୍ସବକୁ ନେଇ ସମଗ୍ର ପଦ୍ମପୁର ସହର ଭକ୍ତି ଓ ଉତ୍ସବର ରଙ୍ଗରେ ରଙ୍ଗାୟିତ ହୋଇଉଠିଥିଲା ।





## ବରପାଲି ଶୀତଳଷଷ୍ଠୀ ଯାତ୍ରା

# ପତରପେଣ୍ଡି, ତାରକାସୁର ରାଜଦରବାର ଓ ଗଣ୍ଠିଲା ଫିଟା ନୀତି ସମ୍ପନ୍ନ

**ବରପାଲି, ୧୮ ।୬(ସମିସ):** ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ତଥା ଐତିହ୍ୟବାହୀ ୧୪୯ତମ ବରପାଲି ଶୀତଳଷଷ୍ଠୀ ମହୋତ୍ସବ ଭକ୍ତି, ପରମ୍ପରା ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଆଗକୁ ବଢ଼ିଚାଲିଛି । ମହୋତ୍ସବର ଦ୍ୱିତୀୟ ଦିବସରେ ପାରମ୍ପରିକ ପତରପେଣ୍ଡି (କନ୍ୟା ମନୋନୟନ) କାର୍ଯ୍ୟକ୍ରମ, ତାରକାସୁର ରାଜଦରବାର ଓ ପଣ୍ଡାଳ ପିଠା ନୀତି ସମ୍ପନ୍ନ ହୋଇଥିଲା । ହିମାଦ୍ରୀ ନଗରରେ ଆୟୋଜିତ ପତରପେଣ୍ଡି କାର୍ଯ୍ୟକ୍ରମରେ ବାବା କପିଳେଶ୍ୱରଙ୍କ ପକ୍ଷରୁ ମାତା ପାର୍ବତୀଙ୍କୁ ବିବାହ ପାଇଁ ପାରମ୍ପରିକ ଭାବେ କନ୍ୟାପକ୍ଷ ନିକଟରେ ପ୍ରସ୍ତାବ ରଖାଯାଇଥିଲା । ବରପକ୍ଷ ଓ କନ୍ୟାପକ୍ଷର ପଣ୍ଡିତମାନଙ୍କ ମଧ୍ୟରେ ଶାସ୍ତ୍ରୀୟ ଆଲୋଚନା, ବେଦମନ୍ତ୍ର ପାଠ ଓ ପୌରାଣିକ ବ୍ୟାଖ୍ୟା ପରେ କନ୍ୟାପକ୍ଷ ବିବାହ ପ୍ରସ୍ତାବକୁ ସ୍ୱୀକୃତି ପ୍ରଦାନ କରିଥିଲେ ।

ତାରକାସୁରର ବଧ ଓ ବିଶ୍ୱକଲ୍ୟାଣ ପାଇଁ ଶିବ-ପାର୍ବତୀଙ୍କ ବିବାହ କିପରି ଅନିବାର୍ଯ୍ୟ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ପରେ ଉଭୟ ପକ୍ଷ ମଧ୍ୟରେ ସରଗିପତ୍ର ଆଦାନ-ପ୍ରଦାନ ସହ ନିର୍ବନ୍ଧ କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ଏହାପରେ ରାଜବାଟୀ ମଣ୍ଡପଠାରେ ତାରକାସୁର ରାଜଦରବାର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଯାତ୍ରା କମିଟି ପକ୍ଷରୁ ତାରକାସୁରଙ୍କ ରାଜ୍ୟାଭିଷେକ ପରେ ସେ ନଗର ପରିକ୍ରମା କରି ରାଜଦରବାରରେ ଉପସ୍ଥିତ ହୋଇଥିଲେ । ଗୁରୁ ଶୁକ୍ରାଚାର୍ଯ୍ୟଙ୍କ ମନ୍ତ୍ରଣାରେ ଦୈତ୍ୟରାଜ ତାରକାସୁର ଓ ଅନ୍ୟ ରାକ୍ଷସରାଜାମାନେ ସ୍ୱର୍ଗପୁର ଆକ୍ରମଣ ପାଇଁ ରଣନୀତି ପ୍ରସ୍ତୁତ କରିଥିଲେ । ଅନ୍ୟପଟେ ଏହି ଖବର ପାଇ ଦେବରାଜ ଇନ୍ଦ୍ରଙ୍କ ସହ ସମସ୍ତ ଦେବଗଣ ଚିନ୍ତାଗ୍ରସ୍ତ ଦୃଶ୍ୟ ନାଟ୍ୟରୂପେ ଉପସ୍ଥାପିତ ହୋଇଥିଲା । ତାରକାସୁର ଭୂମିକାରେ



ଜଗଦାନନ୍ଦ ମିଶ୍ରଙ୍କ ଜୀବନ୍ତ ଅଭିନୟ ଦର୍ଶକଙ୍କ ପ୍ରଶଂସା ସାଉଁଟିଥିଲା ।

ସେହିପରି ବିବାହ ପୂର୍ବର ପାରମ୍ପରିକ ନୀତି ଗଣ୍ଠିଲା ଫିଟା ମଧ୍ୟ ଭକ୍ତିମୟ ପରିବେଶରେ ସମ୍ପନ୍ନ ହୋଇଥିଲା । ଗତବର୍ଷ କନ୍ୟାପିତା ସଞ୍ଜୟ କୁମାର ମେହେର ଓ ପତ୍ନୀ ସସ୍ମିତା ମେହେର ରୀତିନୀତି ଅନୁସାରେ ଗଣ୍ଠିଲା ଫିଟା ଅନୁଷ୍ଠିତ ହୋଇଥିଲା । ଓଡ଼ିଆ ବିବାହ ପରମ୍ପରା ଅନୁଯାୟୀ ପ୍ରଥମେ ବର ଓ କନ୍ୟାଙ୍କ ପିତାମାତାଙ୍କୁ ତେଲ-ହଳଦୀ ଲଗାଯାଇଥିଲା । ପରେ ବାବା କପିଳେଶ୍ୱର ଓ ମାତା ପାର୍ବତୀଙ୍କ ପ୍ରତୀକାତ୍ମକ ରୂପରେ ତେଲ-ହଳଦୀ ଲେପନ କରାଯାଇ ବିବାହ ଉତ୍ସବର ମଙ୍ଗଳାଚରଣ କରାଯାଇଥିଲା । ହୁଳହୁଳି, ଶଙ୍ଖଧ୍ୱନି, ବେଦମନ୍ତ୍ର ଓ ପାରମ୍ପରିକ ବାଦ୍ୟର ତାଳେ ତାଳେ ସମ୍ପନ୍ନ ଏହି ନୀତି ଭକ୍ତମାନଙ୍କ ମଧ୍ୟରେ ବେଶ୍ ଉତ୍ସାହ ସୃଷ୍ଟି କରିଥିଲା । ପତରପେଣ୍ଡି, ତାରକାସୁର ରାଜଦରବାର ଓ ଗଣ୍ଡାଳପିଠା ଭଳି ପାରମ୍ପରିକ କାର୍ଯ୍ୟକ୍ରମ ସମ୍ପନ୍ନ ପରେ ଶିବ-ପାର୍ବତୀଙ୍କ ଦିବ୍ୟ ବିବାହ ପାଇଁ ଆନୁଷ୍ଠାନିକ ଭାବେ ମାର୍ଗ ପ୍ରଶସ୍ତ ହୋଇଛି । ଶତାଧିକ ଭକ୍ତ, ଶ୍ରଦ୍ଧାଳୁ ଓ ଦର୍ଶକଙ୍କ ଉପସ୍ଥିତିରେ ଆୟୋଜିତ ଏହି ମହୋତ୍ସବ ୧୪୯ ବର୍ଷର ପରମ୍ପରା, ସଂସ୍କୃତି ଓ ଆଧ୍ୟାତ୍ମିକ ଐତିହ୍ୟକୁ ଆହୁରି ଗୌରବାନ୍ୱିତ କରିଛି ।

# 'ବିକାଶର ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମ

**ସମ୍ବଲପୁର, ୧୮ ।୬(ସମିସ):** ଓଡ଼ିଶା ସରକାରଙ୍କ ସଫଳ ଦୁଇବର୍ଷ ପୂର୍ତ୍ତି ଉପଲକ୍ଷେ ସ୍ଥାନୀୟ ତପସ୍ୱିନୀ ପ୍ରେକ୍ଷାଳୟରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ 'ବିକାଶର ଧାରା, ଓଡ଼ିଶା ସାରା' ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ସମ୍ମାନିତ ଅତିଥି ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ନାଉରୀ ନାୟକ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର

### ରାଜସ୍ୱ ଓ ଖାଉଟିମନ୍ତ୍ରୀ ଦେଲେ ବିକାଶର ତାଲିକା




ଯୋଗ ଦେଇଥିଲେ । ରାଜସ୍ୱ ମନ୍ତ୍ରୀ କହିଥିଲେ ଯେ, ମୋହନଚରଣ ମାଝୀଙ୍କ ନେତୃତ୍ୱାଧୀନ ସରକାର ଲୋକଙ୍କ ନିକଟରେ ସମ୍ପୂର୍ଣ୍ଣ ଉତ୍ତରଦାୟୀ । ଯେଭଳି ଶିକ୍ଷକମାନେ ଛାତ୍ରଙ୍କ ମୂଲ୍ୟାଙ୍କନ କରନ୍ତି, ସେହିଭଳି ଗଣତନ୍ତ୍ରରେ ଜନସାଧାରଣ ହେଉଛନ୍ତି ଶିକ୍ଷକ ଏବଂ ନିର୍ବାଚିତ ପ୍ରତିନିଧିମାନେ ହେଉଛନ୍ତି ଛାତ୍ର । ଅତିରିକ୍ତ ୫ କେଜି ଚାଉଳ ପ୍ରଦାନ ପାଇଁ ରାଜକୋଷରୁ ପ୍ରାୟ ୧୦, ୦୦୦ ରୁ ୧୧, ୦୦୦ କୋଟି ଟଙ୍କା ଖର୍ଚ୍ଚହେବ । ସମ୍ବଲପୁର ଜିଲ୍ଲାର ସମସ୍ତ ୧୩୮ଟି ପଞ୍ଚାୟତରେ ୫ ଏକର ଲେଖାଏଁ ଜମି ଚିହ୍ନଟ କରାଯାଇ ଚଳିତ ବର୍ଷ 'ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ' ପ୍ରତିଷ୍ଠା ପାଇଁ ସମ୍ପୂର୍ଣ୍ଣ ଅର୍ଥ ପ୍ରଦାନ କରାଯିବ । ବସୁନ୍ଧରା ଯୋଜନା ଓ ଅନ୍ତ୍ୟୋଦୟ ଗୃହ ଯୋଜନା ମାଧ୍ୟମରେ ଆଗାମୀ ୫ ବର୍ଷ ମଧ୍ୟରେ ଓଡ଼ିଶାକୁ ସମ୍ପୂର୍ଣ୍ଣ ଭୂମିହୀନ ଓ କଚ୍ଛାଘର ମୁକ୍ତ କରାଯିବ । ଖାଦ୍ୟ ଯୋଗାଣ ମନ୍ତ୍ରୀ କହିଥିଲେ, ଗତ ୧୨ ବର୍ଷ ମଧ୍ୟରେ କେନ୍ଦ୍ର ସରକାରଙ୍କ ପ୍ରମୁଖ ୧୨ଟି ଉପଲବ୍ଧି ଉପରେ ସୂଚନା ଦେଇ କହିଥିଲେ-ସାରା ଭାରତବର୍ଷରେ ପ୍ରାୟ ୨୫ କୋଟି ଲୋକଙ୍କୁ ଦାରିଦ୍ର୍ୟ ସୀମାରେଖାରୁ ମୁକ୍ତ କରାଯାଇଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗରିବ ଲୋକଙ୍କ ପାଇଁ ୪ କୋଟି ପକ୍କା ଘର ନିର୍ମାଣ କରାଯାଇଛି । ଓଡ଼ିଶାରେ ଆଗକୁ ପ୍ରାୟ ୩୫ ଲକ୍ଷ ଯୋଗ୍ୟ ପରିବାରକୁ ପକ୍କା ଘର ଯୋଗାଇଦେବାକୁ ଯୋଜନା ରହିଛି । ଆୟୁଷ୍ମାନ ଭାରତ ଯୋଜନାରେ ୬୦ କୋଟିରୁ ଅଧିକ ହିତାଧିକାରୀଙ୍କୁ ସାମିଲ କରାଯାଇ ବାର୍ଷିକ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି । ସାରା ଦେଶରେ ୩ କୋଟି ମହିଳାଙ୍କୁ 'ଲକ୍ଷପତି ଦିଦି' କରିବାର ଲକ୍ଷ୍ୟପୂରଣ ଦିଗରେ କାର୍ଯ୍ୟ ଜାରିରହିଛି । ଆତ୍ମନିର୍ଭରଶୀଳତା ପାଇଁ ଗରିବ ଲୋକଙ୍କୁ ବିନା ଗ୍ୟାରେଣ୍ଟିରେ ୫୭ କୋଟି ମୁଦ୍ରା ଋଣ ପ୍ରଦାନ କରାଯାଇଛି । ସ୍ୱଚ୍ଛ ଭାରତ ଅଭିଯାନ ଅଧୀନରେ ସାରା ଦେଶରେ ୧୨ କୋଟି ଶୌଚାଳୟ ନିର୍ମାଣ କରାଯାଇ ଗ୍ରାମଗୁଡ଼ିକୁ ବାହ୍ୟ ମଳତ୍ୟାଗ ମୁକ୍ତ କରାଯାଇଛି । ପ୍ରତିରକ୍ଷା କ୍ଷେତ୍ରରେ ଭାରତ ସ୍ୱୟଂସମ୍ପୂର୍ଣ୍ଣ ହୋଇଛି । ସରକାର ଗଠନର

### ଦୁଇ ବର୍ଷର ବିଜେପି ସରକାର

ପ୍ରଥମ ଦିନ କ୍ୟାବିନେଟ୍ ବୈଠକରେ ଚାଷୀଙ୍କ ପାଇଁ ଧାନର ସରକାରୀ ମୂଲ୍ୟ କ୍ୱିଣ୍ଟାଲ ପ୍ରତି ୩୧୦୦ ଟଙ୍କା କରିବାକୁ ନିଷ୍ପତ୍ତି ନିଆଯାଇଛି । ପୂର୍ବରୁ ରାଜ୍ୟରେ ଶୀତଳଭଣ୍ଡାରର ଅଭାବ ଥିବାବେଳେ ବର୍ତ୍ତମାନ ସରକାର ନୂଆ ୫୮ଟି ଶୀତଳଭଣ୍ଡାର ସ୍ଥାପନ ପାଇଁ ଯୋଜନା ପ୍ରସ୍ତୁତ କରିଛନ୍ତି । ଚାଷୀଙ୍କ ସୁବିଧା ପାଇଁ ୧୦୦ଟି ମଣ୍ଡିକୁ 'ମଡେଲ ମଣ୍ଡି' ଭାବେ ଗଢ଼ିତୋଳିବା ସହ କୃଷି ଋଣ ଯୋଜନାକୁ ଅଧିକ ବ୍ୟାପକ କରାଯାଇଛି । ଗୋଦାବରୀଶ ମିଶ୍ର ମଡେଲ ସ୍କୁଲ ଅଧୀନରେ ରାଜ୍ୟର ପ୍ରତି ପଞ୍ଚାୟତରେ ଗୋଟିଏ ଲେଖାଏଁ ମଡେଲ ସ୍କୁଲ ପ୍ରତିଷ୍ଠା କରାଯିବ । ପ୍ରସନ୍ନ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ପଶ୍ଚିମ ଓଡ଼ିଶା ପ୍ରତିଶ୍ରୁତି ପୂରଣ ଅପେକ୍ଷାରେ; ବିକାଶ କେବଳ ପ୍ରଚାରରେ: ଇଂ ରୋହିତ ପୂଜାରୀ

**ସମ୍ବଲପୁର, ୧୮ ।୬ (ସମିସ) :** ଓଡ଼ିଶାରେ ବିଜେପି ସରକାର ଦୁଇ ବର୍ଷ ପୂରଣ କରିଥିବା ବେଳେ ପଶ୍ଚିମ ଓଡ଼ିଶାର ଜନସାଧାରଣଙ୍କ ମନରେ ଏକ ପ୍ରଶ୍ନ ସୃଷ୍ଟି ହୋଇଛି ନିର୍ବାଚନ ପୂର୍ବରୁ ଦିଆଯାଇଥିବା ପ୍ରତିଶ୍ରୁତିଗୁଡ଼ିକରୁ କେତୋଟି ପୂରଣ ହୋଇଛି? ୨୦୨୪ ସାଧାରଣ ନିର୍ବାଚନ ସମୟରେ ବିଜେପି ପକ୍ଷରୁ ପଶ୍ଚିମ ଓଡ଼ିଶାର ବିକାଶ ପାଇଁ ଅନେକ ବଡ଼ ବଡ଼ ଘୋଷଣା କରାଯାଇଥିଲା । କିନ୍ତୁ ସରକାରକୁ ଆସିବାର ଦୁଇବର୍ଷ ପରେ ମଧ୍ୟ ସେହି ପ୍ରତିଶ୍ରୁତିଗୁଡ଼ିକ କାଗଜପତ୍ର ଓ ଭାଷଣ ମଧ୍ୟରେ ସୀମିତ ରହିଯାଇଛି । ପଶ୍ଚିମ ଓଡ଼ିଶାର ଦୀର୍ଘ ଦିନର ଦାବି ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ନେଇ ଆଜି ପର୍ଯ୍ୟନ୍ତ କୌଣସି ଦୃଶ୍ୟମାନ ଅଗ୍ରଗତି ହୋଇନାହିଁ । ସେହିପରି ପଶ୍ଚିମ ଓଡ଼ିଶାରେ ଏମ୍ସ ପ୍ରତିଷ୍ଠା, ଡବ୍ଲ୍ୟୁଓଡିସି ମୁଖ୍ୟ କାର୍ଯ୍ୟାଳୟକୁ ଭୁବନେଶ୍ୱରରୁ ସମ୍ବଲପୁରକୁ ସ୍ଥାନାନ୍ତର, କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ମାନ୍ୟତା ପ୍ରଦାନ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସରକାରଙ୍କ ନୀରବତା ଚିନ୍ତାଜନକ । ମହାନଦୀ ଜଳ ବିବାଦ ପ୍ରସଙ୍ଗରେ ମଧ୍ୟ ବିଜେପି ସରକାର ଜନସାଧାରଣଙ୍କ ଆଶା ପୂରଣ କରିବାରେ ବିଫଳ ହୋଇଛନ୍ତି । ବିରୋଧୀ ଦଳରେ ଥିବା ସମୟରେ ମହାନଦୀ ପ୍ରସଙ୍ଗକୁ ନେଇ ବିଜେପି ବହୁତ ଆନ୍ଦୋଳନ ଓ ରାଜନୀତି କରିଥିଲା । କିନ୍ତୁ ଆଜି କେନ୍ଦ୍ର, ଓଡ଼ିଶା ଏବଂ ଛତିଶଗଡ଼ରେ ବିଜେପିର ଟ୍ରିପଲ୍ ଇଞ୍ଜିନ ସରକାର ଥିବା ସତ୍ତ୍ୱେ ମଧ୍ୟ ଏହି ସମସ୍ୟାର ସ୍ଥାୟୀ ସମାଧାନ ଦେଖିବାକୁ ମିଳୁନାହିଁ । ଏହା ପ୍ରମାଣ କରୁଛି ଯେ ମହାନଦୀ ପ୍ରସଙ୍ଗ ବିଜେପି ପାଇଁ କେବଳ ଏକ ନିର୍ବାଚନୀ ସ୍ଲୋଗାନ ଥିଲା, ଜନସ୍ୱାର୍ଥର ପ୍ରସଙ୍ଗ ନୁହେଁ ବୋଲି ପୂର୍ବତନ ମନ୍ତ୍ରୀ ତଥା ବିଜେଡି ସମ୍ବଲପୁର ଜିଲ୍ଲା ସଭାପତି ଇଂ. ରୋହିତ ପୂଜାରୀ ପ୍ରେସ ରିଲିଜ ଜରିଆରେ ମତବ୍ୟକ୍ତ କରିଛନ୍ତି । ସମ୍ବଲପୁରୀ ଭାଷାକୁ ସରକାରୀ ମାନ୍ୟତା ଦେବା ପ୍ରସଙ୍ଗରେ ବିଗତ ବିଜେଡି ସରକାର ସମୟରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ସରକାରଙ୍କୁ ଚିଠି ଲେଖିଥିଲେ । କିନ୍ତୁ ପରିତାପର ବିଷୟ ସମ୍ବଲପୁରୀ ଭାଷାକୁ ସରକାରୀ ମାନ୍ୟତା ପ୍ରଦାନ ନେଇ ନିର୍ବାଚନ ସମୟରେ ଦିଆଯାଇଥିବା ପ୍ରତିଶ୍ରୁତି ଏପର୍ଯ୍ୟନ୍ତ ପୂରଣ ହୋଇନାହିଁ । ପଶ୍ଚିମ ଓଡ଼ିଶାର ଭାଷା, ସାହିତ୍ୟ ଓ ସାଂସ୍କୃତିକ ଅସ୍ମିତା ସହ ଜଡିତ ଏହି ଦୀର୍ଘଦିନର ଦାବି ପ୍ରତି ସରକାରଙ୍କ ଆଭିମୁଖ୍ୟ ନିରାଶାଜନକ । ପଶ୍ଚିମ ଓଡ଼ିଶା ରାଜ୍ୟର କୃଷି, ଶିଳ୍ପ, ଖଣିଜ ଓ ବିଦ୍ୟୁତ ଉତ୍ପାଦନ କ୍ଷେତ୍ରରେ ଅପରିମିତ ଅବଦାନ ରଖିଆସୁଛି । ତଥାପି ଏହି ଅଞ୍ଚଳର ଯୁବକମାନେ ଚାକିରି ଅଭାବରୁ ବାହାର ରାଜ୍ୟକୁ ପଳାୟନ କରିବାକୁ ବାଧ୍ୟ ହେଉଛନ୍ତି । ସ୍ୱାସ୍ଥ୍ୟ, ଶିକ୍ଷା, ଯୋଗାଯୋଗ ଓ ଶିଳ୍ପାୟନ କ୍ଷେତ୍ରରେ ଆଶାନୁରୂପ ଉନ୍ନତି ଦେଖିବାକୁ ମିଳୁନାହିଁ । ମୁଖ୍ୟମନ୍ତ୍ରୀ ତାଙ୍କ ସାମ୍ବାଦିକ ସମ୍ମିଳନୀରେ ଧାନ ଦର ବୃଦ୍ଧି କରିବା ତାଙ୍କର ବଡ଼ ଉପଲବ୍ଧି ବୋଲି କହିଥିଲେ । ଚାଷୀ ଆତ୍ମହତ୍ୟା ହେଉନାହିଁ ବୋଲି କହିଥିବାବେଳେ ଚାଷୀ ନିଜ ଧାନ ବିକିବା ପାଇଁ ଆନ୍ଦୋଳନକୁ ଓହ୍ଲାଉଥିବା, ଧାନ ବିକ୍ରି କରି ନ ପାରି ଇଚ୍ଛାମୃତ୍ୟୁ ପାଇଁ ଅନୁମତି ମାଗିବା କଥା ଭୁଲି ଯାଉଛନ୍ତି ଏହି ସରକାର । ଆଜି ପଶ୍ଚିମ ଓଡ଼ିଶାର ଜନସାଧାରଣ ସରକାରଙ୍କୁ ପଚାରିବାକୁ ଚାହୁଁଛନ୍ତି, ହାଇକୋର୍ଟ ବେଞ୍ଚ ପାଇଁ କେଉଁ ଠୋସ ପଦକ୍ଷେପ ନିଆଯାଇଛି? ଏମ୍ସ ସ୍ଥାପନ ପ୍ରସଙ୍ଗରେ କଣ ଅଗ୍ରଗତି ହୋଇଛି? ଡବ୍ଲୁଓଡିସି କାର୍ଯ୍ୟାଳୟ ଆଜି ପର୍ଯ୍ୟନ୍ତ ସମ୍ବଲପୁରକୁ କାହିଁକି ସ୍ଥାନାନ୍ତର ହୋଇନାହିଁ? କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ସରକାରଙ୍କ ଯୋଜନା କଣ? ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କରିବା ପାଇଁ କଣ ପଦକ୍ଷେପ ନିଆଯାଇଛି? ଟ୍ରିପଲ ଇଞ୍ଜିନ ସରକାର ଥିବା ସତ୍ତ୍ୱେ କାହିଁକି ମହାନଦୀ ଜଳ ବିବାଦର ସମାଧାନ ହୋଇପାରିନାହିଁ? ସମ୍ବଲପୁରୀ ଭାଷାକୁ ସରକାରୀ ମାନ୍ୟତା ଦେବା କ୍ଷେତ୍ରରେ ସରକାର କଣ ସବୁ ପଦକ୍ଷେପ ଗ୍ରହଣ କରିଛନ୍ତି? ପଶ୍ଚିମ ଓଡ଼ିଶା କୌଣସି ବିଶେଷ ଅନୁଗ୍ରହ ମାଗୁନାହିଁ । ଆମେ କେବଳ ନ୍ୟାୟ, ସମାନ ବିକାଶ ଓ ନିର୍ବାଚନ ସମୟରେ ଦିଆଯାଇଥିବା ପ୍ରତିଶ୍ରୁତିର ପାଳନ ଆଶା କରୁଛୁ । ପଶ୍ଚିମ ଓଡ଼ିଶାକୁ ଆଉ ପ୍ରତିଶ୍ରୁତି ନୁହେଁ, ବାସ୍ତବତା ଦରକାର ବୋଲି ଇଂ. ପୂଜାରୀ ମତ ରଖିଛନ୍ତି ।

## ସମ୍ବଲପୁର ଶୀତଳଷଷ୍ଠୀ ଶୋଭାଯାତ୍ରାର ଝଲକ୍








ଦେବବିବାହ ସମ୍ପନ୍ନ

# ବମ୍‌ବରାଡ଼ ବାଲୁଙ୍କେଶ୍ୱର ବାବାଙ୍କ ନଗର ପରିକ୍ରମା ଆଜି

ସମ୍ବଲପୁର, ୧୮।୬ (ସମିସ)



ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରାରେ ଗୁରୁବାର ବିଳମ୍ବିତ ରାତ୍ରି ବ୍ରାହ୍ମମୁହୂର୍ତ୍ତରେ ନନ୍ଦପଡ଼ାର ବମ୍ ବରାଡ୍ ବାଲୁଙ୍କେଶ୍ୱର ବାବା ଓ ମାତା ପାର୍ବତୀଙ୍କ ଲୌକିକ ବିବାହ ସମ୍ପନ୍ନ ହୋଇଛି। ବାଲୁଙ୍କେଶ୍ୱର ବାବାଙ୍କ ବିବାହ ସକାଶେ ଗତ ୧୪ ତାରିଖ ପତରପେଁଡ଼ି, ୧୫ରେ ନୃସିଂହ ନିଉତା ଓ ୧୬ରେ ସାକ୍ଷୀ ଗୋପୀନାଥ ନିମନ୍ତ୍ରଣ ନୀତି ହୋଇଥିଲା। ଆଜି ସକାଳେ ଦଧିବାମନ କଲ୍ୟାଣ ମଣ୍ଡପ, ମହାନ୍ତିପଡ଼ାଠାରେ ଗଣ୍ଡାଳଫିଟା (ଗଣ୍ଡଲାହିଟା) ନୀତି ପରେ ମାତା ପାର୍ବତୀଙ୍କ ଚଳିବବର୍ଷର ମାତାପିତା ପ୍ରଦୀପ ମିଶ୍ର ଓ ବୀଣାପାଣି ମିଶ୍ର ସ୍ୱଗୃହକୁ ନେଇଥିଲେ। ଶିବାଳୟରେ ବାଲୁଙ୍କେଶ୍ୱର ବାବାଙ୍କ ଗନ୍ଧଷଣ ଓ ତୈଳାଭିଷେକ ହୋଇଥିବାବେଳେ କନ୍ୟାଗୃହରେ ମାତା ପାର୍ବତୀଙ୍କ ଗନ୍ଧଷଣ ଓ ତୈଳାଭିଷେକ ହୋଇଥିଲା। ଏହାସହ ହଳଦୀମଖା ନୀତି ହୋଇଥିଲା।

ରାତ୍ରିରେ ବାବା ବାଲୁଙ୍କେଶ୍ୱରଙ୍କ ବିବାହ ପାଇଁ ବରବେଶରେ ଶ୍ରୀ ଚନ୍ଦ୍ରଶେଖର ସୁସଜ୍ଜିତ ହୋଇ ବଜାଗଜା ଓ ରୋଷଣୀ କରି ବରଯାତ୍ରାରେ ବାହାରିଥିଲେ। ସାଥୀରେ ସାକ୍ଷୀଗୋପୀନାଥ, ନୃସିଂହ ଭଗବାନ ଓ ଅନ୍ୟ ଦେବାଦେବୀ ଯାଇଥିଲେ। ବାବା ବାଲୁଙ୍କେଶ୍ୱର (ଚନ୍ଦ୍ରଶେଖର - ଚଳନ୍ତି ପ୍ରତିମା) ମନ୍ଦିରରୁ ବାହାରି ମ୍ୟୁନିସିପାଲିଟି ଅଫିସ ସମ୍ମୁଖ, ଦଲେଇପଡ଼ା, ହାଟପଡ଼ା, ନନ୍ଦପଡ଼ା, ମହାନ୍ତିପଡ଼ା, କଂସାରୀପଡ଼ା, ବୈଦ୍ୟନାଥ ଛକ, ଶକ୍ତିସଂଘ ଛକ, ମ୍ୟୁନିସିପାଲିଟି ଛକ ଦେଇ ବିବାହସ୍ଥଳ ନାରୀସେବା ସଦନଠାରେ ପହଞ୍ଚିଥିଲେ। ବରାତି ଶୋଭାଯାତ୍ରାରେ ଘଣ୍ଟ, ଦୁଲଦୁଲି, ଡମ୍ବରୁ, ଢାପ ବାଜା, କାନ୍ତାରା ନୃତ୍ୟ, କଳସ ନୃତ୍ୟ, ପୁରୁଲିଆ ଛଉ ନୃତ୍ୟ, ଘୁମୁରା, ବାଘ ନୃତ୍ୟ, କେରଳ ବାଜା, ଅଘୋରୀ ନୃତ୍ୟ, ୩ଟି ରଥ ଆଧୁନିକ ନୃତ୍ୟ, ସାକ୍ଷୀଗୋପୀନାଥ ମହାପ୍ରଭୁ ଓ ପଞ୍ଚଭକ୍ତ ମହାପ୍ରଭୁ ଏବଂ ଡିଜିଟାଲ ଓ ପାରମ୍ପରିକ ଆଲୋକ ସାମିଲ ହୋଇଥିଲେ। ଶେଷରେ ଚନ୍ଦ୍ରଶେଖର ମହାପ୍ରଭୁଙ୍କ ମେଢ଼ ରହିଥିଲା। ବରଯା ତ୍ରୀ ଦଳ ନାରୀସେବା ସଦନଠାରେ ପହଞ୍ଚିବା ପରେ କନ୍ୟା ପିତା ପ୍ରଦୀପ ମିଶ୍ର ଓ ମାତା ବିଣାପାଣୀ ମିଶ୍ରଙ୍କ ସହ ପରିବାରବର୍ଗ ସ୍ୱାଗତ କରିଥିଲେ। ଗୁରୁବାର ବିଳମ୍ବିତ ରାତ୍ରି ବ୍ରାହ୍ମ ମୁହୂର୍ତ୍ତରେ ଶୁଭଲଗ୍ନରେ ବୈଦିକ ରୀତିନୀତିରେ ବିବାହ ହୋଇଥିଲା। ପୂଜକ ପଣ୍ଡିତ ଶଶାଙ୍କ ମିଶ୍ର ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ।

ବରପିତା ରାମଚରଣ ମିଶ୍ର, ଶୀତଳଷଷ୍ଠୀ ଯାତ୍ରା କମିଟି ସଭାପତି ଫଣୀଭୂଷଣ ମିଶ୍ର, ଉପସଭାପତି ଆଶୀଷ ବାବୁ ଓ ରାଜୀବ ମାଝି, ସାଧାରଣ ସମ୍ପାଦକ ପ୍ରଭୁଦତ୍ତ ପଣ୍ଡା, ଯୁଗ୍ମ ସମ୍ପାଦକ ବାଳଗୋପାଳ ନନ୍ଦ ଓ ଭବାନୀ ମିଶ୍ର, କୋଷାଧ୍ୟକ୍ଷ ଭୁବନ ମୋହନ ମିଶ୍ର, ଯୁଗ୍ମ ସମ୍ପାଦକ ଆଭାଶିଷ ମିଶ୍ର ଓ ସ୍ୱରୂପ ପାଢ଼ୀ, ଗଣମାଧ୍ୟମ ସଂଯୋଜକ ବିରାଜ କୁମାର ମିଶ୍ର ଓ ସହ ସଂଯୋଜକ ସନତ ନନ୍ଦଙ୍କ ସହ କମିଟି ସଭ୍ୟ ତଥା ଅଞ୍ଚଳବାସୀ ଉପସ୍ଥିତ ଥିଲେ।

## ଶ୍ରୀଶ୍ରୀ ଲୋକନାଥ ବାବାଙ୍କ ପଡ଼ିଲା ହାତଗଣ୍ଠି



ସମ୍ବଲପୁର, ୧୮।୬ (ସମିସ): ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରାରେ ଝାଡୁଆପଡ଼ାର ଶ୍ରୀ ଶ୍ରୀ ଲୋକନାଥ ବାବାଙ୍କ ବିବାହ ଗୁରୁବାର ବିଳମ୍ବିତ ରାତ୍ରି ବ୍ରାହ୍ମମୁହୂର୍ତ୍ତରେ ସମ୍ପନ୍ନ ହୋଇଛି। ଗତ ୧୬ ତାରିଖରେ ପତରପେଁଡ଼ି ଓ ୧୭ ତାରିଖରେ ଗୁଆଗୁଁଡ଼ା ବା ଦେବ ନିମନ୍ତ୍ରଣ ନୀତି ହୋଇଥିଲା। ଆଜି ସକାଳେ ଗଣ୍ଡାଳଫିଟା ନୀତି ହୋଇଥିବାବେଳେ ଚଳିତବର୍ଷର କନ୍ୟା ପିତାମାତା ଜୟବିଜୟ ବେଦି ଓ ପୁନମ ବେଦି କନ୍ୟା ଜଗତ୍‌ଜନନୀ ମାତା ପାର୍ବତୀଙ୍କୁ ସ୍ୱଗୃହକୁ ନେଇଥିଲେ। ଗଣ୍ଡାଳଫିଟା ନୀତିରେ ଗତବର୍ଷର ପିତାମାତା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଓ ପଦ୍ମିନୀ ନାୟକ ସାମିଲ ହୋଇଥିଲେ। ବେଦି ଦମ୍ପତି ମାତା ପାର୍ବତୀଙ୍କୁ ବେଶଭୂଷା କରିବାପରେ ହଳଦୀମଖା ନୀତି କରିଥିଲେ। ଅନ୍ୟପକ୍ଷରେ ଶ୍ରୀ ଲୋକନାଥ ବାବାଙ୍କ ତୈଳାଭିଷେକ ଓ ହଳଦୀ ନୀତି ଅନୁଷ୍ଠିତ ହେଇଥିଲା। ମହିଳାମାନେ ବାବାଙ୍କୁ ହଳଦୀ ଲଗାଇବା ପରେ ହଳଦୀ ଖେଳ ଅନୁଷ୍ଠିତ ହୋଇଥିଲା। ରାତିରେ ଶ୍ରୀ ଲୋକନାଥ ବାବାଙ୍କୁ ବରବେଶରେ ସଜ୍ଜିତକରି ବାଜାଗଜା ଓ ରୋଷଣୀ ସହ ବରଯାତ୍ରା ବାହାରିଥିଲା। ଝାଡୁଆପଡ଼ା ଛକରେ ମହାଆଳତୀ ସହ ବିବାହ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ଲୋକନାଥ ବାବା ମନ୍ଦିରରୁ ବାହାରି କୁଞ୍ଜେଲପଡ଼ା, ଗୌରମଠ ଗଳି, ଗୁରୁପଡ଼ା, କଂସାରିପଡ଼ା, ବୈଦ୍ୟନାଥ ଛକ, ଶକ୍ତିସଂଘ ଛକ, ମ୍ୟୁନିସିପାଲିଟି ଛକ, ଜିଲ୍ଲାପାଳ କାର୍ଯ୍ୟାଳୟ ଦେଇ ଯାଇ ବିବାହସ୍ଥଳ ମହାନଦୀ କ୍ଲବରେ ପହଞ୍ଚିଥିଲା। ଶୋଭାଯାତ୍ରାରେ ଆଲୋକସଜ୍ଜା ସହ ଦୁଲଦୁଲି, ଆସାମ ରଥ ନାଚ, ଛତିଶଗଡ଼ ଝାଞ୍ଜ ନାଚ, ଆସାମ ରଥ ନାଚ, ଛତିଶଗଡ଼ ଆଦିବାସୀ ନାଚ, କୋଲକାତା ରଥ ନାଚ, ଛତିଶଗଡ଼ ବାଡ଼ି ନାଚ, କୋଲକାତା ରଥ ନାଚ, ଛତିଶଗଡ଼ ମୟୁର ଝାଲ ନାଚ, ଘଣ୍ଟ ବାଦ୍ୟ, ହନୁମାନ ରଥ, ରାଧାକୃଷ୍ଣ ରଥ, ସମ୍ପ୍ରଦା, ଶଙ୍ଖ ବାଦ୍ୟ ପଛକୁ ପଛ ରହିଥିଲା। ଶେଷରେ ବରବେଶରେ ବାବା ଶ୍ରୀ ଲୋକନାଥଙ୍କ ମେଢ଼ ରହିଥିଲା। ବିଳମ୍ବିତ ରାତ୍ରି ବ୍ରାହ୍ମମୁହୂର୍ତ୍ତରେ ଜ୍ୟେଷ୍ଠ ଶୁକ୍ଳ ପକ୍ଷ ପଞ୍ଚମୀ ଗତେ ଷଷ୍ଠୀ ଶୁଭଲଗ୍ନରେ ବୈଦିକ ମନ୍ତ୍ର ଉଚ୍ଚାରଣ ମଧ୍ୟରେ ରୀତିନୀତିରେ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଶୀତଳଷଷ୍ଠୀ ଯାତ୍ରା କମିଟି ସଭାପତି ସରୋଜ ଦଳପତ, ସୁଶାନ୍ତ ପୁରୋହିତ, ସଞ୍ଜୟ ମିଶ୍ର, ସଞ୍ଜୀବ ପାଢ଼ୀ, ଅଭିଷେକ ମିଶ୍ର, ସୂର୍ଯ୍ୟ କୁମାର ମିଶ୍ର, ଶ୍ରୀମନ୍ତ ମିଶ୍ର ପ୍ରମୁଖଙ୍କ ସହ ବହୁ ଶ୍ରଦ୍ଧାଳୁ ବିବାହୋତ୍ସବରେ ସାମିଲ ହୋଇଥିଲେ।

## ଜମନକିରାରେ 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ

ଜମନକିରା,୧୮।୬(ସମିସ): ଜମନକିରା ପଞ୍ଚାୟତ ସମିତି ପରିସରରେ ଗୁରୁବାର 'ବିକାଶର ଧାରା ଓଡ଼ିଶା ସାରା' ନେଇ ବ୍ଲକ୍‌ସ୍ତରୀୟ କୃଷକ ସମ୍ବାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜମନକିରା ବିଡିଓ ରବୀନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବରେ ସାଂସଦ ପ୍ରତିନିଧି ରମେଶ ସାହୁ, ମନ୍ତ୍ରୀଙ୍କ ନୋମିନି ତଥା ଜୋନ୍ ୨ ମଣ୍ଡଳ ସଭାପତି ମନୋଜ କୁମାର ମାଝୀ, ସମାଜସେବୀ ବିରେନ୍ଦ୍ର ଚୌଧୁରୀ, ସମାଜସେବୀ ସୁନୀଲ ମୁଦୁଲି, ଗୋଷ୍ଠୀ କୃଷି ଅଧିକାରୀ କାଦମ୍ବିନୀ ଶତପଥୀ, ଅତିରିକ୍ତ ଉଦ୍ୟାନ ଅଧିକାରୀ ହିତେଶ କୁମାର ବଡ଼ାଇ, ପ୍ରାଣୀ ଅଧିକାରୀ ଡ଼ କୁନାଲ ସାହୁ, ଅତିରିକ୍ତ ଫିସେରି ଅଧିକାରୀ ସୁଧାଂଶୁ ଶେଖର ଅଇନ ଯୋଗ ଦେଇଥିଲେ। ଏପିଓ ମନୋଜ ଭୋଇ ସଭା ପରିଚାଳନା କରି ଥିବାବେଳେ ୨୧ ପଞ୍ଚାୟତର ଅନେକ ଛୋଟବଡ଼ ଚାଷୀ, ସିଆରପି, ଏମବିକେ, ବ୍ଲକର ସମସ୍ତ ଲାଇନ ବିଭାଗର ଅଧିକାରୀ ଯୋଗ ଦେଇ ଥିଲେ। ଲାଇନ ବିଭାଗର ଅଧିକାରୀମାନେ ନିଜ ନିଜ ବିଭାଗରେ ଚାଲିଥିବା ସରକାରଙ୍କ ବିଭିନ୍ନ ଯୋଜନା ଉପରେ ସୂଚନା ପ୍ରଦାନ କରିଥିଲେ। ଚାଷୀ ଅଶୋକ କୁମାର ପଟେଲ ୪ ହଜାର ଟଙ୍କା ସରକାରୀ ସହାୟତା ଚାଷ କରି ପାଇଥିବା ପ୍ରକାଶ କରି ଥିଲେ। ଖଡ଼ିଆପାଲି ଗ୍ରାମର ଗୋପବନ୍ଧୁ ସାହୁ ମିଲେଟ କାଫେ ସେଣ୍ଟର ଖୋଲିବାରେ ବିଳମ୍ବ ନେଇ ପ୍ରଶ୍ନ କରୁଥିବା ବେଳେ ଟିକିଲି ପଡ଼ା ଘୋଷରଗୋଡା ଅଗ୍ରଣୀ ଗୋପାଳନ ଚାଷୀ ଶ୍ୟାମ ସୁନ୍ଦର ନାୟକ ଗୋପାଳନ ସହାୟତା ପାଇ ନ ଥିବା ବେଳେ ସର୍ବେଜାଲ ଗ୍ରାମର ଆଳୁ ଜମନକିରା ଶୀତଳ ଭଣ୍ଡାର ରେ ସବୁ ଆଳୁ ନଷ୍ଟ ହୋଇ ଥିବାରୁ କିଏ କ୍ଷତି ପୂରଣ ପ୍ରଦାନ କରିବ ସେ ନେଇ ପ୍ରଶ୍ନ କରିଥିଲେ। ବଡ଼ରମା ବିଶାଳପାଲି ଗ୍ରାମରେ ହାତୀ ଆମ୍ବ ବଗିଚା ନଷ୍ଟ କରିଥିବା, ବଡ଼ମାଳ ପଞ୍ଚାୟତର ମିରଚା ଚାଷର ସହାୟତା ପାଇଁ ନ ଥିବା ସମ୍ବାଦ ମାଧ୍ୟମ ରେ ଜଣାଇ ଥିଲେ। ଅତିରିକ୍ତ କୃଷି ଅଧିକାରୀ ତନ୍ମୟ କୁମାର ମୁର୍ମୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ଥିଲେ। ଏଥିରେ ଔଷଧିଶ ଦନ୍ତା, ଅଞ୍ଜୁଲତା ନାଏକ, ଜୋସ୍ନାମୟୀ ଭୋଇ, ଚନ୍ଦ୍ର କଳା ନାଏକ, ଲୀଳାବତି ଗଡ଼ନାୟକ, ହିମାଂଶୁ ଶେଖର ସାହୁ,ମ ଝସକେତନ ନାଏକ, ଶରତ ଚନ୍ଦ୍ର କିସାନ, ଓମ୍ ପ୍ରକାଶ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଶ୍ରୀଶ୍ରୀ ଜାଗେଶ୍ୱର ବାବାଙ୍କୁ କନ୍ୟା ସମର୍ପିଲେ ପିତା-ମାତା

ସମ୍ବଲପୁର, ୧୮।୬ (ସମିସ)





ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରାରେ ମୁଦିପଡ଼ାର ଶ୍ରୀ ଶ୍ରୀ ଜାଗେଶ୍ୱର ବାବାଙ୍କ ବିବାହ ଗୁରୁବାର ବିଳମ୍ବିତ ରାତ୍ରି ବ୍ରାହ୍ମମୁହୂର୍ତ୍ତରେ ସମ୍ପନ୍ନ ହୋଇଛି। ଦେବବିବାହ ସକାଶେ ଗତ ୧୬ ତାରିଖରେ ପତରପେଁଡ଼ି ଓ ୧୭ ତାରିଖରେ ଦେବନିମନ୍ତ୍ରଣ ବା ଗୁଆଗୁଁଡ଼ା ନୀତି ହୋଇଥିଲା। ଆଜି ସକାଳେ ଗଣ୍ଡଲାହିଟା (ଗଣ୍ଡାଳଫିଟା) ନୀତି ହୋଇଥିବାବେଳେ ଚଳିତବର୍ଷର କନ୍ୟା ପିତାମାତା ବ୍ରିଜେଶ ସୋନି ଓ ସୁସ୍ମିତା ସୋନି କନ୍ୟା ଜଗଜ୍ଜନନୀ ମାତା ପାର୍ବତୀଙ୍କୁ ସ୍ୱଗୃହକୁ ନେଇଯାଇଥିଲେ। କନ୍ୟାଳୟରେ ମାତା ପାର୍ବତୀଙ୍କ ହଳଦୀମଖା ନୀତି ହୋଇଥିଲା। ଅନ୍ୟପକ୍ଷରେ ଶିବାଳୟରେ ଶ୍ରୀ ଜାଗେଶ୍ୱର ବାବାଙ୍କ ତୈଳାଭିଷେକ ଓ ହଳଦୀ ନୀତି ଅନୁଷ୍ଠିତ ହୋଇଥିଲା। ମହିଳା ମାନଙ୍କ ମଧ୍ୟରେ ହଳଦୀ ଖେଳ ହୋଇଥିଲା। ଏହାସହ ଜାଗେଶ୍ୱର ବାବାଙ୍କ ଗୌରୀପୂଜା ନୀତି ଅନୁଷ୍ଠିତ ହୋଇଥିଲା।

ରାତିରେ ଶ୍ରୀ ଶ୍ରୀ ଜାଗେଶ୍ୱର ବାବା ବରବେଶରେ ସଜ୍ଜିତ ହୋଇ ବାଜାଗଜା ଓ ରୋଷଣୀ ସହ ବରାନୁଗମନରେ ବାହାରିଥିଲେ। ବର ଶୋଭାଯାତ୍ରା ମନ୍ଦିରରୁ ବାହାରି ପଦ୍ମକେଶରୀ ପାର୍କ, ପାଣିଟାଙ୍କି ଛକ, ମୁଦିପଡ଼ା ଛକ, ଜଗନ୍ନାଥ ମନ୍ଦିର ଦେଇ ପଟେଲ ଗାର୍ଡେନରେ ପହଞ୍ଚିଥିଲା। ଶୋଭାଯାତ୍ରାରେ ଆଲୋକସଜ୍ଜା, ପାରମ୍ପରିକ ନୃତ୍ୟ ଦଳ ସହ ଅନ୍ୟ ରାଜ୍ୟରୁ ଆସିଥିବା ନୃତ୍ୟ ଦଳ ସାମିଲ ହୋଇଥିଲେ। ଘଣ୍ଟପାର୍ଟି, ଦୁଲଦୁଲି ବାଜା, ଧମାଲ ଡ୍ରମ ପାର୍ଟି, ଯାଡ଼ି ଶଙ୍ଖ, ଗøରବାଡ଼ି, ରଥ ନାଚ, ଆଲବମ ନୃତ୍ୟ ଆଦି ବିଭିନ୍ନ ଦଳ ଯୋଗ ଦେଇଥିଲେ। ଶ୍ରୀ ଶ୍ରୀ ଜାଗେଶ୍ୱର ବାବା ବିବାହସ୍ଥଳ ପଟେଲଗାର୍ଡେନରେ ପହଞ୍ଚିବା ପର କନ୍ୟାପକ୍ଷ ସେମାନଙ୍କୁ ସ୍ୱାଗତ କରିଥିଲେ। ଗୁରୁବାର ବିଳମ୍ବିତ ରାତ୍ରି ବ୍ରାହ୍ମମୁହୂର୍ତ୍ତ ଶୁଭଲଗ୍ନରେ ହସ୍ତବନ୍ଧନ ହୋଇଥିଲା। ବିବାହ ପୁରୋହିତ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ବିବାହ କାର୍ଯ୍ୟ ସମ୍ପାଦନ କରିଥିଲେ।

ମୁଦିପଡ଼ା ଶୀତଳଷଷ୍ଠୀ ଯାତ୍ରା କମିଟି ସଭାପତି ସଭାପତି ସୁନୀଲ କୁମାର ଦାଶ, ସମ୍ପାଦକ ଗଙ୍ଗାଧର ଭୋଇ, କୋଷାଧ୍ୟକ୍ଷ ଖଡ଼ିରତ୍ନ ବେହେରା, ଉପସଭାପତି ଗତିକୃଷ୍ଣ ଷଡ଼ଙ୍ଗୀ, ମୁଖ୍ୟ ଆୟୋଜନ ସଚିବ ହିତେଶ ଟାଙ୍କ, ଆୟୋଜନ ସଚିବ ସୁଜିତ କର୍ଣ୍ଣ, ଗଣମାଧ୍ୟମ ସଂଯୋଜକ ବ୍ୟୋମକେଶ ପଣ୍ଡା ଓ ସୁଦୀପ୍ତ ପଣ୍ଡାଙ୍କ ସମେତ ଅଞ୍ଚଳବାସୀ ସାମିଲ ହୋଇଥିଲେ।

## ଶିଶୁ ଶ୍ରମିକ ନିରାକରଣ ପାଇଁ ସଚେତନତା ପଦଯାତ୍ରା

ରେଢ଼ାଖୋଲ,୧୮।୬(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ଜିଲ୍ଲା ଶ୍ରମ ବିଭାଗ, ରେଢ଼ାଖୋଲ ଶିଶୁ ବିକାଶ ପ୍ରକଳ୍ପ ଓ ଏଡ.ଏଟ୍.ଆକ୍ସନ ର ମିଳିତ ଆନକୂଲ୍ୟରେ ଶିଶୁ ଶ୍ରମିକ ନିରାକରଣ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଛି। ଉକ୍ତ ପଦଯାତ୍ରାକୁ ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମୀ ରଞ୍ଜନ ମହନ୍ତ, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜେନ୍ଦ୍ର ସେନାପତି, ଏନ୍‌ଏସି ଉପାଧ୍ୟକ୍ଷା ଅନୁସୟା ପ୍ରଧାନ ପ୍ରମୁଖ ଶୁଭାରମ୍ଭ କରିଥିଲେ। ସଚେତନତା ପଦଯାତ୍ରା ବିଭିନ୍ନ ସ୍ଲୋଗାନ, ପ୍ଲାକାର୍ଡ ଧରି ସହର ପରିକ୍ରମା କରିଥିଲେ। ପଦଯାତ୍ରା ପୂର୍ବରୁ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଶ୍ରୀମତୀ ଆରତୀ ମିଶ୍ର ଶିଶୁ ଶ୍ରମିକ ନିରାକରଣ ପାଇଁ ଏକ ଶପଥ ପାଠ କରାଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସହକାରୀ ଶ୍ରମ ଅଧିକାରୀ ରେଢ଼ାଖୋଲ ନିକ୍ଷିଲେଶ ଦାସ ପରିଚାଳନା କରିଥିଲେ। ସହକାରୀ ଶ୍ରମ ଅଧିକାରୀ ରେଙ୍ଗାଲି ବ୍ରଜେଶ କୁମାର ହୋତା, ସୁନୀତା ତ୍ରିପାଠୀ, ଜିଲ୍ଲା ସଂଯୋଜିକା ଏଡଏଟ୍‌ଆକ୍ସନ ପ୍ରମୁଖ ଯୋଗଦାନ କରିଥିଲେ।

## ଶିଶୁମନ୍ଦିର ସ୍ଥାୟିତ୍ୱ ନିମନ୍ତେ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ



ରେଢ଼ାଖୋଲ,୧୮।୬(ସମିସ): ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ୍ ଅଧୀନ ସରାପାଲି ଗାଁରେ ୨୦୧୧ ମସିହାରୁ ଏକ ସରସ୍ୱତୀ ଶିଶୁ ମନ୍ଦିର ଆରମ୍ଭ ହୋଇଥିଲା। କୋଭିଡ୍ ମହାମାରୀ ପୂର୍ବରୁ ଏହି ଶିଶୁ ବିଦ୍ୟା ମନ୍ଦିର ବିଦ୍ୟାଳୟ ଭଲ ଚାଲିଥିଲା। ଏଠାରେ ଥିବା ଗରିବ ଶ୍ରେଣୀ ପବିବାରର ଶିଶୁମାନେ ମାଗଣା ଶିକ୍ଷାଦାନ କରି ଉପକୃତ ହେଉଥିଲେ। ହେଲେ ଦୁଃଖର ବିଷୟ ଏହି ଗାଁ ଟି ୬ଟି ପଡ଼ାରେ ବିଭକ୍ତ ଥିବାରୁ ଏଠାର କିଛି କୁଚକ୍ରି ବ୍ୟକ୍ତି ବିଦ୍ୟାଳୟ ବନ୍ଦ କରିବାରେ ପ୍ରୟାସ କରୁଛନ୍ତି। ତେଣୁ ଗ୍ରାମବାସୀ ବିଦ୍ୟାଳୟର ସ୍ଥାୟିତ୍ୱ ନେଇ ଗୁରୁବାର ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମିରଂଜନ ମହାନ୍ତଙ୍କୁ ଏକ ଲିଖିତ ଦାବିପତ୍ର ଦେଇଛନ୍ତି। ଦାବି ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଦୀର୍ଘବର୍ଷ ହେବ ନାକଟିଦେଉଳ ତହସିଲଦାର, ଆଇଆଇସି, ବିଡିଓ ଏବଂ ଉପଜିଲ୍ଲାପାଳ ଓ ଭିଏସଏସ୍ ଓ୍ୱାଇ ସଂଘ ଉପସ୍ଥିତିରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସମସ୍ୟା ସମାଧାନ ହୋଇଥିଲା। ହେଲେ ବର୍ତ୍ତମାନ କିଛି ଅସାଧୁ ବ୍ୟକ୍ତିଙ୍କ ଷଡ଼ଯନ୍ତ୍ର ଯୋଗୁଁ ସ୍କୁଲର ସ୍ଥାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମସ୍ତ କଥା ସମସ୍ତ ପଡାବାସୀ ଜାଣିଥିଲେ ମଧ ସଂଘ ଘର ଏବଂ ଜାଗା ପାଇଁ କିଛି ଅସାଧୁ ବ୍ୟକ୍ତିବିଦ୍ୟାଳୟର କ୍ଷତି ତଥା ବିରୁଦ୍ଧରେ ଯାଉଥିବା ଯୋଗୁଁ ଏହାର ପୂର୍ଣ୍ଣ ସମାଧାନ କରିବା ସହ ବିଦ୍ୟାଳୟ ଗୃହ ଥିବାଜାଗାକୁ ବିଦ୍ୟାଳୟ ନାମରେ କରିବାକୁ ଗ୍ରାମବାସୀ ଦାବିପତ୍ର ପ୍ରଦାନ କରିଛନ୍ତି।




















ସକାଳ
THE SAKALA

# ସମ୍ପାଦକୀୟ



ସଂଘର୍ଷ ବିହୀନ ଓ ଅପରୀକ୍ଷିତ ଜୀବନ ମୂଲ୍ୟହୀନ।
-ସକ୍ରେଟିସ୍

## ଶ୍ମଶାନ-ଅଭିସାର

ଆଜିର ଜେନ-ଜେଡ୍‌ଙ୍କ ଯୁଗରେ ପ୍ରେମପ୍ରଣୟର କବି ଡକ୍ଟର ମାୟାଧର ମାନସିଂହ ଯଦି ଆୟୁଷ୍ମାନ ଥା'ନ୍ତେ ତେବେ ଆରମ୍ଭ ହୋଇସାରିଥିବା ପ୍ରେମ-ମିଳନର ଅତ୍ୟାଧୁନିକ ଧାରା 'ଶ୍ମଶାନରେ ଅଭିସାର'(ଗ୍ରେଭ୍‌ୟାର୍ଡ ଡେଟିଂ)କୁ କେଉଁ ଦୃଷ୍ଟିକୋଣରେ ପରଖିଥା'ନ୍ତେ ତାହା ଅନୁମାନ କରିବା କଷ୍ଟକର; କିନ୍ତୁ 'ଧୂପ' କବିତା ସଂକଳନରେ 'ଆଷାଢ଼-ଅଭିସାର' ପରେ 'ଶ୍ମଶାନ-ଅଭିସାର' ଶୀର୍ଷକରେ ବୋଧହୁଏ ଆଉ ଏକ ସନେଟ୍ ସ୍ଥାନିତ କରିବାର ସୁଯୋଗ ଆଦୌ ସେ ହାତଛଡ଼ା କରି ନ ଥା' ନ୍ତେ। ସେହିପରି ଯଦି ଆଜିର ଦିନରେ ଯଦି ସବୁଜଯୁଗର ଅନ୍ୟତମ ପ୍ରତିଷ୍ଠାତା ଅନ୍ନଦା ଶଙ୍କର ରାୟଙ୍କ ଲେଖନୀ ଚଳଚଞ୍ଚଳ ଥା'ନ୍ତା ତେବେ ତାଙ୍କର କବିଦୃଷ୍ଟି ନିଶ୍ଚୟ ଭାବାନ୍ତର ଲାଗି ବିବଶ କରିଥା'ନ୍ତା ଏବଂ ହୁଏତ 'ସୃଜନସ୍ୱପ୍ନ' ଶୀର୍ଷକ କବିତାର ଏକ ପଂକ୍ତି - 'ଏ ଲୋକେ ମୋର ବାସନା ଦଳ, ବ୍ୟର୍ଥ ବୃଥା ସିନା ସକଳ.../ ଯିବି ପଳାଇ ଦୂରେ, ସୁଦୂରେ ସ୍ୱପନ ଲୋକେ ଗୋପନ ପୁରେ.../ ଯୌବନର ଝରଣା କୂଳେ, ମଳୟ ଯହିଁ ନିୟତ ବୁଲେ...'ରେ ଅଭିସାରର ସ୍ୱପ୍ନ-ସ୍ଥାନ ଭାବେ 'ଶ୍ମଶାନ' ଶବ୍ଦଟି ସ୍ଥାନ ପାଇଥା'ନ୍ତା।

ସାହିତ୍ୟର ଉଦ୍ଧୃତିରୁ ଅବତରିତ ଏହି ଆମୋଦଦାୟକ ପ୍ରସଙ୍ଗର ମନସ୍ତାତ୍ତ୍ୱିକ ଓ ସାମାଜିକ ଆବେଦନ କିନ୍ତୁ ଅତି ସମ୍ବେଦନଶୀଳ। ଅଧୁନା ଉଗ୍ର ଆଧୁନିକ ଯୁବପିଢ଼ି(ଜେନ୍ ଜେଡ୍)ଙ୍କ ମଧ୍ୟରେ ପ୍ରେମ-ମିଳନର ସ୍ଥଳ ଭାବେ ଶ୍ମଶାନ ପ୍ରଥମ ପସନ୍ଦ ପାଲଟିଛି। ଆମର ରୂଢ଼ିବାଦୀ ପରମ୍ପରାରେ ଅତି ଉଭଟ ଓ ଅବାନ୍ତର ମନେ ହେଉଥିବା ଏହି ମାନସିକତା କିନ୍ତୁ ଏକ ନୂଆ ଧାରାକୁ ଜନ୍ମ ଦେଇ କ୍ରମଶଃ ଆଦୃତ ହେବାରେ ଲାଗିଛି। ମଣିଷ ସବୁବେଳେ ଅଭିନବତାର ସନ୍ଧାନରେ ରହିଛି। ମାନବର ଏହି ଉଦ୍ଦାମ ଅଭିଳିପ୍‌ସାର ଜୟଯାତ୍ରାରୁ ଅନନ୍ତ ଆକାଶ, ଚନ୍ଦ୍ରପୃଷ୍ଠ, ଗ୍ରହ, ନକ୍ଷତ୍ର ଓ ସୌର ମଣ୍ଡଳରୁ ଅତଳ ସମୁଦ୍ର, ଦୁର୍ଗମ ଜଙ୍ଗଲ ଓ ଅତ୍ୟୁଚ୍ଚ ଗିରିଶୃଙ୍ଗ ମଧ୍ୟ ବାଦ୍ ପଡ଼ିନି। ଗତାନୁଗତିକ ଜୀବନଶୈଳୀରେ ବିରକ୍ତ ହୋଇ ନୂଆ କରି ଜୀବନ ଜିଇଁବାର ଶୈଳୀକୁ ମଣିଷ ଖୋଜିଛି ଏବଂ ପ୍ରାଗ୍-ଐତିହାସିକ ଜୀବନଚର୍ଯ୍ୟାକୁ ନୂଆ ଟ୍ରେଣ୍ଡ ବା ଧାରା ଭାବେ ଆଦରି ନେଇଛି। ଏହିକ୍ରମରେ ଯଦି ଜେନ୍-ଜେଡ୍ ଅଭିସାର ପାଇଁ ଶ୍ମଶାନ ଭଳି ନୂତନ ବିକଳ୍ପ ସ୍ଥାନକୁ ବାଛି ନେଇଛନ୍ତି ସେଥିରେ ବିଶେଷକିଛି ଆଶ୍ଚର୍ଯ୍ୟ ହେବାର ନାହିଁ।

ଯୁବପିଢ଼ିଙ୍କ ଏହି ଚିନ୍ତାଧାରାକୁ ନେଇ ଏବେ ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞ ଓ ବିଶାରଦମାନେ ଭିନ୍ନ ଭିନ୍ନ ତର୍କମାନ ଉପସ୍ଥାପନ କଲେଣି। ଆମ ସାମାଜିକ ମାନସିକତା ମଧ୍ୟ ଏହାକୁ ନେଇ ଦୁଇଭାଗ ହୋଇଯାଇଛି। ରକ୍ଷଣଶୀଳ ଆମ ସାମାଜିକ ବ୍ୟବସ୍ଥା ଦୃଷ୍ଟିରେ ଶ୍ମଶାନ ସବୁବେଳେ ଭୟାତୁର, ଅପବିତ୍ର ଓ ଅବାଞ୍ଛିତ ହୋଇ ରହିଆସିଛି। ତେଣୁ ଯୁବପିଢ଼ିଙ୍କ ଏହି ଅପ୍ରତ୍ୟାଶିତ ମାନସିକତାକୁ 'ଦୈବଛଡ଼ା', 'ଆଜିର ପିଲାଙ୍କୁ ଯମ ମଧ୍ୟ ପାରିବନି' ଆଦି ଟିପ୍ପଣୀମାନ ଶୁଣିବାକୁ ମିଳୁଛି। ଅପରପକ୍ଷରେ ସମାଜବିଜ୍ଞାନୀ ଏବଂ ଜୈବ-ରସାୟନବିତ୍‌ମାନେ ଏହାକୁ ସମୟର ବିବର୍ତ୍ତନ ଏବଂ ହରମୋନ୍‌ର ଉତ୍ତରଣ ଭାବେ ବ୍ୟାଖ୍ୟା କରିଛନ୍ତି। ଅର୍ଥନୀତିଜ୍ଞମାନେ 'ଗ୍ରେଭ୍‌ୟାର୍ଡ ଡେଟିଂ'କୁ ପ୍ରେମୀଯୁଗଳଙ୍କ ପାଇଁ 'ସୁଲଭ' ସୁଯୋଗ ଭାବେ ଆଖ୍ୟାୟିତ କରିଛନ୍ତି।

'ଗ୍ରେଭ୍‌ୟାର୍ଡ ଡେଟିଂ' କରୁଥିବା ପ୍ରେମୀଯୁଗଳଙ୍କ ମତରେ ସିନେମା ହଲ୍, କାଫେ, ସମୁଦ୍ର କୂଳ, ପାର୍କ, ଝରଣାକୂଳ, ପାହାଡ଼ ପାଦଦେଶ, କୃତ୍ରିମ ଅରଣ୍ୟ ଭଳି ସେହି ଗତାନୁଗତିକ ସ୍ଥାନ ଆଉ ଡେଟିଂ ପାଇଁ ନିର୍ଜନ କିମ୍ବା ସୁରକ୍ଷିତ ହୋଇରହିନାହିଁ। ସେହିସବୁ ସ୍ଥାନଗୁଡ଼ିକ ଏତେ କୋଳାହଳମୟ ଯେ ହୃଦୟର ନିଭୃତ ଭାବନାକୁ ଆନ୍ତରିକତାର ସହ ପରିପ୍ରକାଶ କରିବାରେ ସ୍ୱାଭାବିକତା ରହୁନାହିଁ। ତୁଳନାତ୍ମକ ଭାବେ ଅଭିସାର ପାଇଁ ଶ୍ମଶାନ/କବରସ୍ଥାନ/ସମାଧି ସ୍ଥଳଗୁଡ଼ିକ ଅଧିକ ସୁରକ୍ଷିତ ଓ ନିର୍ଜନ। ସେଠାରେ ଶାନ୍ତିରେ ଏପରିକି ନିରବରେ ମଧ୍ୟ ଜଣେ ଅନ୍ୟର ମନର କଥାକୁ ହୃଦୟର ସହ ଗ୍ରହଣ କରିପାରୁଛି। ଜୀବନ ଓ ଭବିଷ୍ୟତକୁ ଭଲ ଭାବରେ ବୁଝିବା ପାଇଁ 'ଗ୍ରେଭ୍‌ୟାର୍ଡ ଡେଟିଂ'ଠାରୁ ଭଳି ଉତ୍ତମ ବିକଳ୍ପ ଆଉ ନାହିଁ। ଏଭଳି ସ୍ଥାନରେ ପ୍ରେମୀଯୁଗଳ ପରସ୍ପରର ଆର୍ଥିକ ସ୍ୱଚ୍ଛଳତା ବା ଧନସମ୍ପଦର ପ୍ରାବଲ୍ୟ ବଦଳରେ ମନର ସ୍ୱଚ୍ଛତାକୁ ଅଧିକ ବାରି ପାରୁଛନ୍ତି।

ଅଭିନବତାର ଅନ୍ୱେଷଣ ସ୍ୱାଗତଯୋଗ୍ୟ; କିନ୍ତୁ ଆମ ସମାଜରେ ଆଜି ମଧ୍ୟ ଏଭଳି ଅନେକ ଅଲିଖିତ ନିଷିଦ୍ଧ ଇଲାକାରେ ଶାଳୀନ, ସଂଯମ ଓ ଶୃଙ୍ଖଳାର ଲକ୍ଷ୍ମଣରେଖାମାନ ରହିଛି, ଯାହାର ଉଲ୍ଲଙ୍ଘନ ଅବାଞ୍ଛିତ ଓ ଅଗ୍ରହଣୀୟ। ସେଥିମଧ୍ୟରୁ ଜୀବନ-ମୃତ୍ୟୁର ଅନେକ ଗୂଢ଼ ରହସ୍ୟଭରା ଶ୍ମଶାନ ଅନ୍ୟତମ। ଇତିମଧ୍ୟରେ 'ଗ୍ରେଭ୍‌ୟାର୍ଡ ଡେଟିଂ' ପାଇଁ କେତେକ କଟକଣା ବା ନିୟମାବଳୀ ଗୃହୀତ ହୋଇଗଲାଣି। ଯେପରିକି ଉଚ୍ଚ ସ୍ୱରରେ ବାର୍ତ୍ତାଳାପ, ଦାହ ସଂସ୍କାର ହେଉଥିବା ସ୍ଥାନରୁ ଯଥାସମ୍ଭବ ଦୂରେଇ ରହିବା ଇତ୍ୟାଦି। କିନ୍ତୁ ଶ୍ମଶାନ ଯଦି ଅଭିସାର ସ୍ଥଳର ବିକଳ୍ପ ରୂପେ ସ୍ୱୀକୃତ ଓ ଆଦୃତ ହୋଇଚାଲେ ତେବେ ତାହା ସାମାଜିକ ଗୁରୁତ୍ୱ ଓ ସ୍ୱତନ୍ତ୍ରତା ହରାଇ ବସିବ। ଏହି ଟ୍ରେଣ୍ଡ ବା ଧାରାର ଗତି ଯେତେ ବେଗଗାମୀ ହେବ ସେତେଶୀଘ୍ର ଶ୍ମଶାନର ଶାନ୍ତ ଓ ନିର୍ଜନ ପରିବେଶ କୋଳାହଳମୟ ହୋଇଉଠିବ। ଚାରିପାଖରେ ଭଳିକି ଭଳି ଖାଦ୍ୟ ସାମଗ୍ରୀର ପସରାମାନେ ଖୋଲିବ।

ପ୍ରକୃତି ଏଭଳି କିଛି ଅପହଞ୍ଚ ଇଲାକା ଧରି ରଖିଛି ଯାହାକୁ ବିଜ୍ଞାନ ମଧ୍ୟ ଭେଦ କରିପାରିନାହିଁ। ସେହିସବୁ ଅଞ୍ଚଳରେ ବଳପୂର୍ବକ ପ୍ରବେଶ ଓ ଲକ୍ଷଣରେଖାର ଉଲ୍ଲଙ୍ଘନ ବିପତ୍ତିକୁ ଡାକି ଆଣିଛି। ତେଣୁ 'ଗ୍ରେଭ୍‌ୟାର୍ଡ ଡେଟିଂ' କେତେ ସ୍ପୃହଣୀୟ ତାହା 'ଜେନ୍- ଜେଡ୍' ପାଇଁ ପୁନଃବିଚାର୍ଯ୍ୟ। ଏସବୁର ଊର୍ଦ୍ଧ୍ୱରେ ନୈତିକ ବିଜଡ଼ିତ ପ୍ରଶ୍ନଟିଏ ଉଠୁଛି - 'ଗ୍ରେଭ୍‌ୟାର୍ଡ ଡେଟିଂ' କେତେ ବିବେକାନୁମୋଦିତ। ଏହାର ଚମତ୍କାର ଉତ୍ତର ସାହିତ୍ୟିକମାନେ ଦେଇଛନ୍ତି। ସେମାନଙ୍କ ମତରେ ଭାବପ୍ରବଣତା ବିନା ମଣିଷର ଜୀବନ ମୂଲ୍ୟହୀନ। କଳ୍ପନାର ପ୍ରବଣତା କେତେବେଳେ ଜଣେ ବ୍ୟକ୍ତିକୁ ଅପ୍‌ସରା ରାଇଜକୁ ନେଇଯାଏ, ପୁଣି ଶ୍ମଶାନର ଭୂମିକୁ ଚୁମ୍ବନ କରେ। ଯେଉଁ ସ୍ଥାନ ଜୀବନର ଯବନିକାକୁ ଅପେକ୍ଷା କରିଛି ତାହା ହିଁ ସଂସାରର ଧ୍ରୁବସତ୍ୟ। ମଙ୍ଗଳମୟ ସତ୍ୟ ଓ ସୁନ୍ଦରର ପ୍ରତୀକ ଶିବ ତ ପୁଣି ଶ୍ମଶାନନିବାସୀ! ତେଣୁ ଦାମ୍ପତ୍ୟ ବା ପାରିବାରିକ ଜୀବନର ଅୟମାରମ୍ଭ ସେହି ଧ୍ରୁବସତ୍ୟର ଉଦ୍‌ଘୋଷଣା କରୁଥିବା ଭୂମିରୁ ଆରମ୍ଭ ହେଲେ କ୍ଷତି କ'ଣ? ବରଂ ଜୀବନକୁ ଅଧିକ ଭଲ ଭାବରେ ବୁଝିବା ଓ ସାଂସାରିକ ଅନୁଭବକୁ ଉପଲବ୍ଧି କରିବାରେ ଶ୍ମଶାନ ହିଁ ବାସ୍ତବ ମାର୍ଗଦର୍ଶକ। ଏହି ତର୍କ ଉପସ୍ଥାପନ କଲା ବେଳେ ସାହିତ୍ୟିକମାନେ ଓଡ଼ିଆ ସାହିତ୍ୟର ସେହି କାଳଜୟୀ ପଂକ୍ତିଟିକୁ ଉଦ୍ଧୃତ କରିବାକୁ ଭୁଲି ନାହାନ୍ତି, ଯେଉଁଠାରେ ଡ. ମାୟାଧର ମାନସିଂହ କହିଛନ୍ତି - 'ଶୁଣିବ ଯେବେ ପ୍ରିୟା ଗୋ ମୋର ପ୍ରଣୟୀ ତବ ଜଗତେ ନାହିଁ, ଆସିବ ମୋର ଭସ୍ମ ପାଶେ ଦେବ ହେ ତାରେ ଦେହର ଛାଇ / ପାରିବ ଯଦି ଭସ୍ମ ପରେ ପଦ୍ମପାଦ ଚାଲିବ ଧୀରେ, ଜୀବନ ପୁଣି ଲଭିବି ସଖି ନିଶ୍ଚୟ ମୁଁ ମରଣ-ତୀରେ। ତେଣୁ ମାନବ ଜୀବନ ସହିତ ଶ୍ମଶାନର ଆକର୍ଷଣ ଦୁର୍ବାର; ଏହାକୁ ଜେନ୍-ଜେଡ୍ 'ଗ୍ରେଭ୍‌ୟାର୍ଡ ଡେଟିଂ' ଭାବରେ ଏକ ନୂଆ ପରିଭାଷାରେ ପରିଚିତ କରିଛନ୍ତି ମାତ୍ର।

## ସାମାଜିକ ଗଣମାଧ୍ୟମ ଓ ସାମାଜିକ ଅସ୍ଥିରତା

ତ୍ରିନାଥ ନନ୍ଦୀ

ଆଜି ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତିର ବିକାଶ ଯେପରି ଏକ ବିପ୍ଳବାତ୍ମକ ପରିବର୍ତ୍ତନ ଆଣିଛି, ସେହିପରି ଏହା ନୂତନ ସମସ୍ୟା ଓ ଆହ୍ୱାନକୁ ମଧ୍ୟ ଜନ୍ମ ଦେଇଛି। ଆଜି ମଣିଷର ହାତରେ ଥିବା ଏକ ଛୋଟ ସ୍ମାର୍ଟଫୋନ କେବଳ କଥାବାର୍ତ୍ତାର ମାଧ୍ୟମ ନୁହେଁ, ବରଂ ଏହା ଜଗତର ଦ୍ୱାର ଉନ୍ମୋଚନ କରିଛି। ଫେସବୁକ, ହ୍ୱାଟ୍‌ସଆପ୍, ଏକ୍ସ (ପୂର୍ବତନ ଟ୍ୱିଟର), ଇନ୍‌ଷ୍ଟାଗ୍ରାମ, ୟୁଟ୍ୟୁବ, ଟେଲିଗ୍ରାମ ଓ ଅନ୍ୟାନ୍ୟ ସାମାଜିକ ଗଣମାଧ୍ୟମ ଆଜି ବ୍ୟକ୍ତିଜୀବନ, ପରିବାର, ସମାଜ, ରାଜନୀତି, ଅର୍ଥନୀତି ଓ ସଂସ୍କୃତିର ଏକ ଅବିଚ୍ଛିନ୍ନ ଅଂଶ ପାଲଟି ଯାଇଛି। ଏହି ମାଧ୍ୟମଗୁଡ଼ିକ ଯେଉଁଠାରେ ସୂଚନାର ଗଣତନ୍ତ୍ରୀକରଣ କରିଛି, ସେଠାରେ ଏହାର ଅପବ୍ୟବହାର ସମାଜରେ ବିଭିନ୍ନ ପ୍ରକାରର ଅସ୍ଥିରତା, ଅବିଶ୍ୱାସ, ବିଭାଜନ ଓ ସଂଘର୍ଷର ମୂଳକାରଣ ହୋଇ ଉଭା ହୋଇଛି।

ସାମାଜିକ ଗଣମାଧ୍ୟମର ସବୁଠାରୁ ବଡ଼ ବୈଶିଷ୍ଟ୍ୟ ହେଉଛି ଏହାର ଦ୍ରୁତତା। ଆଜିର ବ୍ୟକ୍ତିଗତ ସାମାଜିକ ଗଣମାଧ୍ୟମର ପ୍ରଚାର ପ୍ରସାର ପାଇଁ ଥିବା ସ୍ୱାଧୀନତା ମାଧ୍ୟମରେ କୌଣସି ସୂଚନା, ଫଟୋ, ଭିଡିଓ କିମ୍ବା ମତାମତ କିଛି ସେକେଣ୍ଡ ମଧ୍ୟରେ ଲକ୍ଷ ଲକ୍ଷ ଲୋକଙ୍କ ନିକଟରେ ପହଞ୍ଚିଯାଏ। କିନ୍ତୁ ଏହି ଦ୍ରୁତତା ଅନେକ ସମୟରେ ଯାଞ୍ଚ ଓ ସତ୍ୟତାର ପ୍ରକ୍ରିୟାକୁ ପଛକୁ ଠେଲି ଦିଏ। ଫଳରେ ଭୁଲ ଖବର, ଅର୍ଦ୍ଧସତ୍ୟ, ଗୁଜବ ଏବଂ ଉଦ୍ଦେଶ୍ୟମୂଳକ ଭ୍ରାନ୍ତ ସୂଚନା ଦ୍ରୁତ ଭାବରେ ପ୍ରଚାରିତ ହୁଏ। ଯେତେବେଳେ କୌଣସି ଗୁଜବ ଧର୍ମ, ଜାତି, ଭାଷା କିମ୍ବା ସମ୍ପ୍ରଦାୟ ଭଳି ସମ୍ବେଦନଶୀଳ ବିଷୟ ସହିତ ଜଡ଼ିତ ହୁଏ, ସେତେବେଳେ ତାହାର ପ୍ରଭାବ ଅତ୍ୟନ୍ତ ଭୟଙ୍କର ହୋଇପାରେ। ଅନେକ ସମୟରେ ଦେଖାଯାଇଛି ଯେ ଏକ ପୁରୁଣା ଭିଡିଓକୁ ନୂତନ ଘଟଣା ବୋଲି ପ୍ରଚାର କରାଯାଇଛି କିମ୍ବା ଅନ୍ୟ ଦେଶର ଦୃଶ୍ୟକୁ ସ୍ଥାନୀୟ ଘଟଣା ବୋଲି ଦେଖାଇ ଲୋକଙ୍କ ଭାବନାକୁ ଉତ୍ତେଜିତ କରାଯାଇଛି। ଏହାର ପରିଣାମରେ ସମାଜରେ ଉତ୍ତେଜନା, ଅବିଶ୍ୱାସ ଓ ହିଂସାତ୍ମକ ପରିସ୍ଥିତି ସୃଷ୍ଟି ହୋଇଛି।

ଅନେକ ଘଟଣା ପ୍ରମାଣ କରିଛି ଯେ ସାମାଜିକ ଗଣମାଧ୍ୟମରେ ପ୍ରସାରିତ ଭ୍ରାନ୍ତ ସୂଚନା କେବଳ ବ୍ୟକ୍ତିଗତ କ୍ଷତି ଘଟାଏ ନାହିଁ, ବରଂ ସମଗ୍ର ସାମାଜିକ ବ୍ୟବସ୍ଥାକୁ ଅସ୍ଥିର କରିଦିଏ। ଅନେକ ଲୋକ ସୂଚନାର ସତ୍ୟତା ଯାଞ୍ଚ ନକରି କେବଳ ଆବେଗ କିମ୍ବା ପକ୍ଷପାତର ବଶବର୍ତ୍ତୀ ହୋଇ ତାହାକୁ ଆଗକୁ ପଠାଇ ଦିଅନ୍ତି। ଏଭଳି ଭାବରେ ଗୁଜବର ଏକ ଶୃଙ୍ଖଳ ସୃଷ୍ଟି ହୁଏ, ଯାହା ଶେଷରେ ସାମାଜିକ ଶାନ୍ତିକୁ ବିପନ୍ନ କରିଥାଏ। ଏହି ପ୍ରକ୍ରିୟାରେ ସତ୍ୟ ଅନେକ ସମୟରେ ପଛରେ ରହିଯାଏ ଏବଂ ମିଥ୍ୟା ଲୋକମାନଙ୍କ ମନରେ ସ୍ଥାୟୀ ପ୍ରଭାବ ପକାଇଦିଏ। ଗୋଷ୍ଠୀଗତ ଚାପ ଦ୍ୱାରା ମିଥ୍ୟା ମଧ୍ୟ ସତ୍ୟର ଆସନ ଗ୍ରହଣ କରେ। ସାମାଜିକ ଅସ୍ଥିରତାର ଆଉ ଏକ ମୁଖ୍ୟ କାରଣ ହେଉଛି ଘୃଣାମୂଳକ ବକ୍ତବ୍ୟ ଓ ବିଭାଜନକାରୀ ପ୍ରଚାର। ସାମାଜିକ ଗଣମାଧ୍ୟମରେ ଅନେକ ବ୍ୟକ୍ତି ଏବଂ ଗୋଷ୍ଠୀ ନିଜ ନିଜ ସ୍ୱାର୍ଥ ସାଧନ ପାଇଁ ସମାଜରେ ବିଦ୍ୟମାନ ଭେଦଭାବକୁ ଉସକାଇବାର ଚେଷ୍ଟା କରନ୍ତି। ଧର୍ମ, ଜାତି, ଭାଷା, ଅଞ୍ଚଳ କିମ୍ବା ରାଜନୈତିକ ମତଭେଦକୁ ଆଧାର କରି ଏପରି ବିଷୟବସ୍ତୁ ପ୍ରଚାର କରାଯାଏ, ଯାହା ଲୋକମାନଙ୍କ ମଧ୍ୟରେ ସନ୍ଦେହ ଓ ଶତ୍ରୁତା ବଢ଼ାଇଥାଏ। ସମାଜର ସ୍ୱାଭାବିକ ସହାବସ୍ଥାନକୁ ନଷ୍ଟ କରିବାରେ ଏପରି ପ୍ରଚାର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ। ଫଳସ୍ୱରୂପ ସାମାଜିକ ସଂହତି ଦୁର୍ବଳ ହୋଇପଡ଼େ।

ସାମାଜିକ ଗଣମାଧ୍ୟମରେ ଯାହା ସ୍ୱଳ୍ପ ଲୋକପ୍ରିୟ ହୁଏ ତା'କୁ ଅଧିକ ଲୋକପ୍ରିୟ କରିବା ଆଳରେ ଅନ୍ୟ ପାଇଁ ସୂଚିତ କରି ପରସି ଦେଇଥାଏ। ଏହାଦ୍ୱାରା ସନ୍ତୁଳିତ ଓ ଯୁକ୍ତିନିଷ୍ଠ ବିଷୟବସ୍ତୁ ତୁଳନାରେ ବିବାଦସ୍ପଦ, ଉତ୍ତେଜନାମୂଳକ ଓ ଆବେଗପୂର୍ଣ୍ଣ ପୋଷ୍ଟ ଅଧିକ ଲୋକପ୍ରିୟ ହୋଇଯାଏ। ଏହା ଏକପ୍ରକାର 'ଇକୋ ଚାମ୍ବର' ସୃଷ୍ଟି କରେ, ଯେଉଁଠାରେ ଲୋକମାନେ କେବଳ ନିଜ ବିଶ୍ୱାସକୁ ସମର୍ଥନ କରୁଥିବା ମତାମତ ଦେଖନ୍ତି ଏବଂ ବିପରୀତ ମତକୁ ଶତ୍ରୁ ବୋଲି ଭାବିବାକୁ ଲାଗନ୍ତି। ଏହି ପ୍ରବୃତ୍ତି ଗଣତାନ୍ତ୍ରିକ ଆଲୋଚନାକୁ ଦୁର୍ବଳ କରିଥାଏ ଏବଂ ସମାଜରେ ଧ୍ରୁବୀକରଣ ବୃଦ୍ଧି କରେ।

ଏହାଛଡ଼ା ସାମାଜିକ ଗଣମାଧ୍ୟମରେ ବ୍ୟକ୍ତିଗତ ମତ ପ୍ରକାଶର ସ୍ୱାଧୀନତାକୁ ଅନେକ ସମୟରେ ଦାୟିତ୍ୱହୀନତା ସହ ଗୋଳାଇ ଦିଆଯାଏ। ଗଣତନ୍ତ୍ରରେ ମତପ୍ରକାଶର ସ୍ୱାଧୀନତା ଏକ ମୌଳିକ ଅଧିକାର, କିନ୍ତୁ ଏହା ସହିତ ସାମାଜିକ ଦାୟିତ୍ୱ ମଧ୍ୟ ଜଡ଼ିତ। ଦୁର୍ଭାଗ୍ୟବଶତଃ ଅନେକ ବ୍ୟବହାରକାରୀ ଏହି ଦାୟିତ୍ୱକୁ ଅନୁଭବ କରନ୍ତି ନାହିଁ। ଅପମାନଜନକ ଭାଷା, ବ୍ୟକ୍ତିଗତ ଆକ୍ରମଣ, ଟ୍ରୋଲିଂ, ଚରିତ୍ରହାନି ଓ ଅଶ୍ଳୀଳ ମନ୍ତବ୍ୟ ଆଜି ସାମାଜିକ ଗଣମାଧ୍ୟମର ଏକ ସାଧାରଣ ଦୃଶ୍ୟ ପାଲଟି ଯାଇଛି। ଆଉ ଏକ ଗୁରୁତର ସମସ୍ୟା ହେଉଛି ପ୍ରଯୁକ୍ତିର ଉନ୍ନତି ସହିତ ଏବେ ଏପରି ଭିଡିଓ କିମ୍ବା ଚିତ୍ର ତିଆରି କରିବା ସମ୍ଭବ ହୋଇଛି, ଯାହା ଦେଖି ସାଧାରଣ ଲୋକ ସହଜରେ ଭ୍ରମିତ ହୋଇପାରନ୍ତି। ଏହି ପ୍ରକାରର ଭ୍ରମାତ୍ମକ ସାମଗ୍ରୀ ସାମାଜିକ ଅସ୍ଥିରତାକୁ ଆହୁରି ବଢ଼ାଇପାରେ। କାରଣ ଲୋକମାନେ ଆଖିରେ ଦେଖିଥିବା ଜିନିଷକୁ ସହଜରେ ସତ୍ୟ ବୋଲି ବିଶ୍ୱାସ କରିଥା'ନ୍ତି। ଯୁବପିଢ଼ି ଉପରେ ସାମାଜିକ ଗଣମାଧ୍ୟମର ପ୍ରଭାବ ମଧ୍ୟ ଚିନ୍ତାଜନକ। ସୂଚନାର ଅତ୍ୟଧିକ ପ୍ରବାହ ଓ ନିରନ୍ତର ଡିଜିଟାଲ ସଂପୃକ୍ତତା ଅନେକ ଯୁବକ/ଯୁବତୀଙ୍କୁ ମାନସିକ ଭାବରେ ଅସ୍ଥିର କରୁଛି। ଅନଲାଇନ୍ ଲୋକପ୍ରିୟତାର ମୋହ, ଭାଇରାଲ ହେବାର ପ୍ରତିଯୋଗିତା ଏବଂ ଅନ୍ୟମାନଙ୍କ ସହ ନିଜକୁ ତୁଳନା କରିବାର ପ୍ରବୃତ୍ତି ସେମାନଙ୍କ ମନରେ ଚାପ ସୃଷ୍ଟି କରୁଛି। ଏହା ସାମାଜିକ ସମ୍ପର୍କରେ ମଧ୍ୟ ନକାରାତ୍ମକ ପ୍ରଭାବ ପକାଉଛି।

ତେବେ ଏହା କହିବା ଭୁଲ ହେବ ଯେ ସାମାଜିକ ଗଣମାଧ୍ୟମ କେବଳ ଅସ୍ଥିରତାର କାରଣ। ବାସ୍ତବରେ ଏହା ଏକ ଶକ୍ତିଶାଳୀ ଉପକରଣ। ଏହାର ବ୍ୟବହାର ଉପରେ ନିର୍ଭର କରେ - ଏହା ସମାଜକୁ ଗଢ଼ିବ କି ଭାଙ୍ଗିବ। ଅନେକ ସମୟରେ ସାମାଜିକ ଗଣମାଧ୍ୟମ ଦୁଃସମୟରେ ସହାୟତା ପହଞ୍ଚାଇବା, ରକ୍ତଦାନ, ଶିକ୍ଷା ପ୍ରସାର, ସାମାଜିକ ସଚେତନତା ଏବଂ ଗଣତାନ୍ତ୍ରିକ ଆଲୋଚନାର ଏକ ପ୍ରଭାବଶାଳୀ ମଞ୍ଚ ଭାବରେ ମଧ୍ୟ କାମ କରିଛି। ସମସ୍ୟାଟି ମାଧ୍ୟମରେ ନୁହେଁ, ବରଂ ତାହାର ଦାୟିତ୍ୱହୀନ ବ୍ୟବହାରରେ ରହିଛି। ସାମାଜିକ ଅସ୍ଥିରତାକୁ ରୋକିବା ପାଇଁ ସରକାର, ଗଣମାଧ୍ୟମ ସଂସ୍ଥା, ଶିକ୍ଷାନୁଷ୍ଠାନ, ପ୍ରଯୁକ୍ତି କମ୍ପାନୀ ଏବଂ ସାଧାରଣ ନାଗରିକ ସମସ୍ତଙ୍କର ସମାନ ଭୂମିକା ରହିଛି। ସର୍ବପ୍ରଥମେ ଡିଜିଟାଲ ସାକ୍ଷରତାର ବିକାଶ ଆବଶ୍ୟକ। ଯେକୌଣସି ସୂଚନାକୁ ଅନ୍ଧ ଭାବରେ ବିଶ୍ୱାସ କରିବା ପୂର୍ବରୁ ତାହାର ସତ୍ୟତା ଯାଞ୍ଚ କରିବା କେତେ ଜରୁରୀ, ତାହା ଲୋକମାନଙ୍କୁ ବୁଝାଇବାକୁ ପଡ଼ିବ। ସେହିପରି ସାମାଜିକ ଗଣମାଧ୍ୟମ କମ୍ପାନୀମାନଙ୍କୁ ଭ୍ରାନ୍ତସୂଚନା, ଘୃଣାମୂଳକ ବିଷୟବସ୍ତୁ ଏବଂ ହିଂସା ଉସକାଉଥିବା ପୋଷ୍ଟ ବିରୋଧରେ ଅଧିକ ସକ୍ରିୟ ହେବାକୁ ପଡ଼ିବ।

ସାମାଜିକ ଗଣମାଧ୍ୟମ ଆଜିର ସମାଜର ଏକ ଅନିବାର୍ଯ୍ୟ ବାସ୍ତବତା। ଏହାକୁ ଏଡ଼ାଇ ଯିବା ସମ୍ଭବ ନୁହେଁ, କିନ୍ତୁ ଏହାକୁ ସୁସ୍ଥ ଓ ଦାୟିତ୍ୱଶୀଳ ଭାବରେ ବ୍ୟବହାର କରିବା ସମ୍ଭବ। ଯଦି ଆମେ ସଚେତନ ନହେବା, ତେବେ ଏହି ମାଧ୍ୟମ ସମାଜରେ ଅବିଶ୍ୱାସ, ଘୃଣା ଓ ଅସ୍ଥିରତାର ଅଗ୍ନିକୁ ଆହୁରି ପ୍ରଜ୍ୱଳିତ କରିବ। କିନ୍ତୁ ଯଦି ଆମେ ସତ୍ୟ, ସହିଷ୍ଣୁତା, ଯୁକ୍ତିବୋଧ ଓ ଦାୟିତ୍ୱବୋଧ ସହ ଏହାକୁ ବ୍ୟବହାର କରିବା, ତେବେ ଏହା ସାମାଜିକ ସମ୍ପ୍ରୀତି, ଜ୍ଞାନ ବିସ୍ତାର ଏବଂ ମାନବିକ ମୂଲ୍ୟବୋଧର ବିକାଶରେ ଏକ ଅସାଧାରଣ ମାଧ୍ୟମ ହୋଇପାରିବ। ସମାଜର ସ୍ଥିରତା ଏବଂ ଗଣତନ୍ତ୍ରର ସୁସ୍ଥ ବିକାଶ ପାଇଁ ଆମ ସମସ୍ତଙ୍କୁ ଏହି ଦାୟିତ୍ୱବୋଧକୁ ଅନୁଭବ କରିବାକୁ ହେବ। ସାମାଜିକ ଗଣମାଧ୍ୟମ ଶେଷ ପର୍ଯ୍ୟନ୍ତ ମଣିଷର ହାତରେ ଥିବା ଏକ ଶକ୍ତିଶାଳୀ ଆଇନା। ସେଥିରେ ସମାଜର ମୁହଁ ଯେପରି ଦେଖାଯିବ, ତାହା ନିର୍ଭର କରିବ ଆମେ ସେହି ଆଇନାକୁ କିପରି ବ୍ୟବହାର କରୁଛୁ।

ଜଳେଶ୍ୱର(ବାଲେଶ୍ୱର), ମୋ: ୮୧୧୮୦୪୦୩୯୦

## ଭାରତରେ ନୋବେଲ ପୁରସ୍କାର ବିଜେତା ସୀମିତ କାହିଁକି?

ବିଦ୍ୟାଧର ମହାରଣା

ନୋବେଲ ପୁରସ୍କାର ବିଶ୍ୱର ସର୍ବୋଚ୍ଚ ଓ ସର୍ବାଧିକ ସମ୍ମାନଜନକ ପୁରସ୍କାରମାନଙ୍କ ମଧ୍ୟରୁ ଅନ୍ୟତମ। ବିଜ୍ଞାନ, ସାହିତ୍ୟ, ଶାନ୍ତି ଓ ମାନବ କଲ୍ୟାଣ କ୍ଷେତ୍ରରେ ଅସାଧାରଣ ଅବଦାନ ପାଇଁ ଏହି ପୁରସ୍କାର ପ୍ରତିବର୍ଷ ପ୍ରଦାନ କରାଯାଏ। ସ୍ୱିଡେନର ବୈଜ୍ଞାନିକ ଓ ଶିଳ୍ପପତି ଆଲଫ୍ରେଡ୍ ନୋବେଲଙ୍କ ଇଚ୍ଛାପତ୍ର ଅନୁଯାୟୀ ୧୯୦୧ ମସିହାରୁ ଏହି ସମ୍ମାନଜନକ ପୁରସ୍କାର ବିଶ୍ୱରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପ୍ରଦାନ ଆରମ୍ଭ ହୋଇଥିଲା। ପ୍ରାରମ୍ଭରେ ଭୌତିକ ବିଜ୍ଞାନ, ରସାୟନ ବିଜ୍ଞାନ, ଶରୀର ତତ୍ତ୍ୱ ବା ଚିକିତ୍ସା ବିଜ୍ଞାନ, ସାହିତ୍ୟ ଓ ଶାନ୍ତି କ୍ଷେତ୍ରରେ ଏହି ପୁରସ୍କାର ଦିଆଯାଉଥିଲା। ୧୯୬୯ ମସିହାରେ ଅର୍ଥନୀତିକୁ ଏଥିରେ ଯୋଡ଼ାଯାଇଥିଲା। ପ୍ରତିବର୍ଷ ଡିସେମ୍ବର ୧୦ ତାରିଖରେ ଆଲଫ୍ରେଡ୍ ନୋବେଲଙ୍କ ମୃତ୍ୟୁଦିବସରେ ଏହି ପୁରସ୍କାର ପ୍ରଦାନ କରାଯାଏ।

ନୋବେଲ ପୁରସ୍କାର କେବଳ ଏକ ସମ୍ମାନ ନୁହେଁ, ଏହା ମାନବ ସମାଜ ପାଇଁ ଅସାଧାରଣ ସେବା, ସୃଜନଶୀଳତା ଓ ଜ୍ଞାନର ସ୍ୱୀକୃତି। ଏହି ପୁରସ୍କାରପ୍ରାପ୍ତ ବ୍ୟକ୍ତିମାନେ ବିଶ୍ୱସ୍ତରରେ ପ୍ରେରଣାର ଉତ୍ସ ହୋଇଥା'ନ୍ତି। ଆଜିର ଯୁଗରେ ନୋବେଲ ପୁରସ୍କାର ବିଶ୍ୱର ସର୍ବୋତ୍କୃଷ୍ଟ ପ୍ରତିଭା ଏବଂ ମାନବ ସେବାକୁ ସମ୍ମାନିତ କରିବାର ଏକ ମହାନ ମାଧ୍ୟମ। ଏହା ମଣିଷମାନଙ୍କୁ ନୂତନ ଆବିଷ୍କାର, ସୃଜନଶୀଳ ଚିନ୍ତାଧାରା ଏବଂ ମାନବ କଲ୍ୟାଣ ପାଇଁ କାମ କରିବାକୁ ପ୍ରେରିତ କରେ। ତେଣୁ ନୋବେଲ ପୁରସ୍କାରର ମହତ୍ତ୍ୱ ଓ ଗରିମା ସମଗ୍ର ବିଶ୍ୱରେ ଅତୁଳନୀୟ। ୨୦୨୫ ସୁଦ୍ଧା ବିଶ୍ୱରେ ୬୦୦ରୁ ଅଧିକ ନୋବେଲ ପୁରସ୍କାର ୧୦୦୦ରୁ ଅଧିକ ବ୍ୟକ୍ତି ଓ ସଂସ୍ଥାକୁ ପ୍ରଦାନ କରାଯାଇଛି। ମାରି କ୍ୟୁରି ଏକମାତ୍ର ମହିଳା ଭାବେ ଭୌତିକ ବିଜ୍ଞାନ (୧୯୦୩) ଓ ରସାୟନ ବିଜ୍ଞାନ (୧୯୧୧)ରେ ନୋବେଲ ପୁରସ୍କାର ପାଇଥିଲେ। ସମ୍ପ୍ରତି ପ୍ରତି ପୁରସ୍କାର ବାବଦରେ ଗୋଟିଏ ସ୍ୱର୍ଣ୍ଣପଦକ ସହିତ ପ୍ରାୟ ୮.୮ କୋଟି ଟଙ୍କା, ଯାହା ୧୧ ନିୟୁତ ସ୍ୱିଡେନ କ୍ରୋନର ଆକାରରେ ଦିଆଯାଏ। ଏ ଯାଏଁ ଯୁକ୍ତରାଷ୍ଟ୍ର ଆମେରିକା ସର୍ବାଧିକ ୪୨୦ ନୋବେଲ ପୁରସ୍କାର ହାସଲ କରିଥିବା ସ୍ଥଳେ ଇଂଲଣ୍ଡ ୧୪୫ ଓ ଜର୍ମାନୀ ୧୧୫ ପୁରସ୍କାର ପାଇଛି। ଭାରତ ମୋଟ ୧୩ ଟି ପୁରସ୍କାର ଏଯାଏଁ ପାଇଛି।

ଭାରତ ସହିତ ନୋବେଲ ପୁରସ୍କାରର ସମ୍ପର୍କ ମଧ୍ୟ ଗୌରବମୟ। ୧୯୧୩ ମସିହାରେ ରବୀନ୍ଦ୍ରନାଥ ଠାକୁର ସାହିତ୍ୟ କ୍ଷେତ୍ରରେ ନୋବେଲ ପାଇଥିବା ପ୍ରଥମ ଭାରତୀୟ ତଥା ପ୍ରଥମ ଏସିଆବାସୀ ଥିଲେ। ଏହାପରେ ସି. ଭି. ରମଣ (୧୯୩୦), ମଦର ଟେରେସା (୧୯୭୯), ସୁବ୍ରମଣ୍ୟମ ଚନ୍ଦ୍ରଶେଖର (୧୯୮୩), ଅମର୍ତ୍ତ୍ୟସେନ୍(୧୯୯୮), କୈଳାସସତ୍ୟାର୍ଥୀ(୨୦୧୪) ଓ ଅଭିଜିତ ବାନାର୍ଜୀ (୨୦୧୯) ନୋବେଲ ପୁରସ୍କାର ଲାଭ କରିଛନ୍ତି। ଭେଙ୍କି ରାମକ୍ରିଷ୍ଣନ୍ ୨୦୦୯ ମସିହାରେ ରସାୟନ ଶାସ୍ତ୍ରରେ ନୋବେଲ ପାଇଛନ୍ତି। ଭାରତରେ ଜନ୍ମିତ ହରଗୋବିନ୍ଦ ଖୁରାନା ୧୯୬୮ ମସିହାରେ ଆମେରିକୀୟ ନାଗରିକ ଭାବେ ନୋବେଲ ପୁରସ୍କାର ପାଇଥିଲେ। ମହାତ୍ମା ଗାନ୍ଧୀଙ୍କୁ ଅନେକଥର ନୋବେଲ ଶାନ୍ତି ପୁରସ୍କାର ପାଇଁ ନାମାଙ୍କିତ କରାଯାଇଥିଲେ ମଧ୍ୟ ସେ ଏହି ସମ୍ମାନ ପାଇପାରିନଥିଲେ, ଯାହା ଆଜି ମଧ୍ୟ ନୋବେଲ ଇତିହାସର ଏକ ଚର୍ଚ୍ଚିତ ବିଷୟ।

କୃଷି କ୍ଷେତ୍ରରେ ଏପର୍ଯ୍ୟନ୍ତ ସ୍ୱତନ୍ତ୍ର ନୋବେଲ ପୁରସ୍କାର ନାହିଁ। ତଥାପି ୧୯୭୦ ମସିହାରେ ନର୍ମାନ ବୋରଲଗ୍ ସବୁଜ ବିପ୍ଳବରେ ତାଙ୍କ ଅବଦାନ ପାଇଁ ଶାନ୍ତି କ୍ଷେତ୍ରରେ ନୋବେଲ ପୁରସ୍କାର ପାଇଥିଲେ। ଭାରତରେ ଡଃ ଏମ୍. ଏସ୍. ସ୍ୱାମୀନାଥନଙ୍କ ସହଯୋଗରେ ଉଚ୍ଚ ଅମଳକ୍ଷମ ଗହମ ଚାଷର ପ୍ରସାର ଖାଦ୍ୟ ଉତ୍ପାଦନ ବୃଦ୍ଧିରେ ବିଶେଷ ସହାୟକ ହୋଇଥିଲା। କିନ୍ତୁ ପ୍ରଫେସର ସ୍ୱାମୀନାଥନ ନୋବେଲ ପୁରସ୍କାର ପାଇଁ ବିବେଚିତ ହେଲେ ନାହିଁ। ମାର୍କିନ ବୈଜ୍ଞାନିକା ରାଚେଲ କାର୍ସନ ନିରବ ବସନ୍ତ (ସାଇଲେଣ୍ଟ ସ୍ପ୍ରିଙ୍ଗ) ପୁସ୍ତକ ପାଇଁ ୧୯୬୨ ମସିହାରେ ନୋବେଲ ପୁରସ୍କାର ପାଇଥିଲେ। ଏହାଯୋଗୁଁ ବିଶ୍ୱରେ କୀଟନାଶକ ବିଷ ବ୍ୟବହାର କ୍ଷେତ୍ରରେ ନିୟନ୍ତ୍ରଣ ଆସିଥିଲା।

ଏତେ ବଡ଼ ଜନସଂଖ୍ୟା ଏବଂ ଗୌରବମୟ ଶିକ୍ଷା ପରମ୍ପରା ଥିବା ସତ୍ତ୍ୱେ ଭାରତରେ ନୋବେଲ ବିଜେତାଙ୍କ ସଂଖ୍ୟା କାହିଁକି ସୀମିତ? ଏହାପଛରେ ଅନେକ କାରଣ ରହିଛି। ପ୍ରଥମତଃ, ଗବେଷଣା ଓ ବିକାଶ କ୍ଷେତ୍ରରେ ଭାରତର ବିନିଯୋଗ ଉନ୍ନତ ଦେଶମାନଙ୍କ ତୁଳନାରେ କମ୍। ଦ୍ୱିତୀୟତଃ, ଉଚ୍ଚମାନର ଗବେଷଣା ଭିତ୍ତିଭୂମି ଓ ଆଧୁନିକ ପରୀକ୍ଷାଗାରର ଅଭାବ ଅନେକ ସମୟରେ ଗବେଷକମାନଙ୍କ କାର୍ଯ୍ୟକୁ ବାଧା ଦେଇଥାଏ। ତୃତୀୟତଃ, ଦକ୍ଷ ବୈଜ୍ଞାନିକ ଓ ଗବେଷକମାନଙ୍କର ବିଦେଶଗମନ ଦେଶର ଗବେଷଣା କ୍ଷମତାକୁ ପ୍ରଭାବିତ କରେ। ଏହାଛଡ଼ା ଆମର ଶିକ୍ଷା ବ୍ୟବସ୍ଥାରେ ମୌଳିକ ଚିନ୍ତନ ଓ ଗବେଷଣା ଅପେକ୍ଷା ପରୀକ୍ଷାମୁଖୀ ଅଧ୍ୟୟନକୁ ଅଧିକ ଗୁରୁତ୍ୱ ଦିଆଯାଏ। ଗବେଷଣା କ୍ଷେତ୍ରରେ ପ୍ରଶାସନିକ ଜଟିଳତା, ଦୀର୍ଘମିଆଦୀ ପ୍ରକଳ୍ପ ପାଇଁ ଅପର୍ଯ୍ୟାପ୍ତ ସହଯୋଗ ଏବଂ ଅନ୍ତର୍ଜାତୀୟ ସ୍ତରରେ ଭାରତୀୟ ଗବେଷଣାର ସୀମିତ ପ୍ରଚାର ମଧ୍ୟ ଦାୟୀ। ଅମର୍ତ୍ତ୍ୟ ସେନ୍, ଅଭିଜିତ ବାନାର୍ଜୀ ଓ ହରଗୋବିନ୍ଦ ଖୁରାନାଙ୍କ ଭଳି ଅନେକ ପ୍ରତିଭା ବିଦେଶରେ ଉନ୍ନତ ଗବେଷଣା ପରିବେଶ ପାଇ ପ୍ରତିଭାର ପୂର୍ଣ୍ଣ ବିକାଶ କରିପାରିଥିଲେ।

ଭାରତରେ ପ୍ରତିଭାର ଅଭାବ ନାହିଁ। ଗବେଷଣା, ନବସୃଜନ ଓ ଉଚ୍ଚଶିକ୍ଷା କ୍ଷେତ୍ରରେ ଅଧିକ ବିନିଯୋଗ, ବିଶ୍ୱସ୍ତରୀୟ ଗବେଷଣା ଭିତ୍ତିଭୂମିର ବିକାଶ ଏବଂ ଯୁବ ପିଢ଼ିକୁ ମୌଳିକ ଚିନ୍ତନ ପାଇଁ ପ୍ରୋତ୍ସାହନ ଦିଆଗଲେ ଭବିଷ୍ୟତରେ ଅଧିକ ଭାରତୀୟ ନୋବେଲ ପୁରସ୍କାର ଅର୍ଜନ କରିପାରିବେ। ଶିକ୍ଷା ବ୍ୟବସ୍ଥାରେ ସୃଜନଶୀଳ ଚିନ୍ତାଧାରା, ଗବେଷଣା ଓ ନବସୃଜନକୁ ଅଧିକ ଗୁରୁତ୍ୱ ଦେବା ଦରକାର। କେବଳ ପରୀକ୍ଷାମୁଖୀ ଶିକ୍ଷା ନୁହେଁ, ବରଂ ଜିଜ୍ଞାସା ଓ ସମସ୍ୟା ସମାଧାନ କ୍ଷମତାକୁ ବିକଶିତ କରିବା ଆବଶ୍ୟକ। ଦ୍ୱିତୀୟତଃ, ବିଶ୍ୱବିଦ୍ୟାଳୟ ଓ ଗବେଷଣା ସଂସ୍ଥାନଗୁଡ଼ିକୁ ପର୍ଯ୍ୟାପ୍ତ ଅର୍ଥ, ଆଧୁନିକ ପରୀକ୍ଷାଗାର ଏବଂ ଉଚ୍ଚମାନର ଗବେଷଣା ପରିବେଶ ଯୋଗାଇବା ଦରକାର। ତୃତୀୟତଃ, ପ୍ରତିଭାଶାଳୀ ଯୁବ ଗବେଷକମାନଙ୍କୁ ଦେଶରେ ରହି କାମ କରିବା ପାଇଁ ଆକର୍ଷଣୀୟ ସୁଯୋଗ ଓ ପ୍ରୋତ୍ସାହନ ଦିଆଯିବା ଉଚିତ। ଚତୁର୍ଥତଃ, ଅନ୍ତର୍ଜାତୀୟ ସହଯୋଗ, ଜ୍ଞାନ ବିନିମୟ ଏବଂ ବହୁବିଷୟକ ଗବେଷଣାକୁ ଉତ୍ସାହିତ କରିବା ଦରକାର। ସେହିପରି ସାହିତ୍ୟ, ଶାନ୍ତି ଓ ସାମାଜିକ ବିଜ୍ଞାନ କ୍ଷେତ୍ରରେ ମଧ୍ୟ ମୌଳିକ ଚିନ୍ତାଧାରା ଓ ବିଶ୍ୱମାନର କାର୍ଯ୍ୟକୁ ପ୍ରୋତ୍ସାହନ ଦେବା ଆବଶ୍ୟକ।

(ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦)

## ଗର୍ଦ୍ଦଭ ପୂଜନ ପରମ୍ପରା

### ବିଚିତ୍ର ବିଶ୍ୱାସ

ଓଜସ୍ୱିନୀ

ସବୁ ପଶୁପକ୍ଷୀଙ୍କ ମଧ୍ୟରେ ଗର୍ଦ୍ଦଭ ବା ଗଧକୁ ମୂର୍ଖତା ସହିତ ତୁଳନା କରାଯାଇ ନିକୃଷ୍ଟ ଦୃଷ୍ଟିକୋଣରେ ଦେଖାଯାଏ। ଇତର ପ୍ରାଣୀ ଭାବେ ଗଧକୁ ଅନେକଥର ମନୁଷ୍ୟର ମନ୍ଦ ବୁଦ୍ଧି ଓ ବିବେକ ସହିତ ମଧ୍ୟ ତୁଳନା କରାଯାଏ। ଗଧକୁ ନେଇ ବହୁତ ଆପ୍ତବାକ୍ୟ ରହିଛି। କିନ୍ତୁ ଭାରତୀୟ ଧର୍ମଧାରଣା ଓ ପରମ୍ପରା ଅନୁଯାୟୀ ମା' କାଳରାତ୍ରି ଏବଂ ମାତା ଶୀତଳାଙ୍କ ବାହନ ଗଧକୁ ମଧ୍ୟ କେତେକ ସ୍ଥାନରେ ପୂଜାର୍ଚ୍ଚନା କରାଯାଉଥିବା ବେଳ ବିଦେଶୀୟ ପରମ୍ପରାରେ ମଧ୍ୟ ଗଧ ଆଦରଣୀୟ ଓ ସମ୍ମାନାସ୍ପଦ ହୋଇଛି।

ରାଜସ୍ଥାନର ବିକାନେର୍‌ଠାରେ ଶୀତଳା ସପ୍ତମୀ ଓ ଶୀତଳା ଅଷ୍ଟମୀରେ ଶୀତଳା ମାତାଙ୍କ ସହିତ ଗଧକୁ ବିଧିବିଧାନର ସହିତ ପୂଜା କରିବାର ପରମ୍ପରା ରହିଛି। ବିଶ୍ୱାସ ରହିଛି ଯେ ଗଧକୁ ପୂଜା କରିବା ଦ୍ୱାରା ମାତା ଶୀତଳାଙ୍କ କୃପା ପ୍ରାପ୍ତ ହୋଇଥାଏ, ଯାହାଦ୍ୱାରା ଅନେକ ରୋଗରୁ ମୁକ୍ତି ମିଳେ। ମାତା ଶୀତଳାଙ୍କୁ ବାସିବ୍ୟଞ୍ଜନ ଭୋଗ ଲଗାଇବାର ପ୍ରଥା ରହିଛି। ତେଣୁ ମହିଳାମାନେ ସପ୍ତମୀ କିମ୍ବା ଅଷ୍ଟମୀ ପୂର୍ବଦିନରୁ ବ୍ୟଞ୍ଜନ ପ୍ରସ୍ତୁତ କରି ରଖନ୍ତି। ପୂଜା ଦିନ ସକାଳୁ ସ୍ନାନାଦି ସାରି ଶୁଦ୍ଧପୂତ ଭାବେ ମାତା ଶୀତଳାଙ୍କ ମନ୍ଦିରରେ ବ୍ୟଞ୍ଜନଗୁଡ଼ିକୁ ଭୋଗ ଲଗାଇବା ପରେ ଗଧମାନଙ୍କୁ ପୂଜାର୍ଚ୍ଚନା କରିଥା'ନ୍ତି। ଏହାପରେ ଗଧମାନଙ୍କୁ ମଧ୍ୟ ବିଭିନ୍ନ ବ୍ୟଞ୍ଜନ ଅର୍ପଣ କରାଯାଏ ଏବଂ ମାତା ଶୀତଳାଙ୍କ ଭୋଗକୁ ମହିଳାମାନେ ପ୍ରସାଦ ଭାବେ ସେବନ କରନ୍ତି। ମାତା ଶୀତଳା ଓ ଗଧଙ୍କ ଠାରେ ସମର୍ପିତ ଭୋଗକୁ ରୋଗୀ ସେବନ କଲେ ଶୀଘ୍ର ଆରୋଗ୍ୟଲାଭ ହୋଇଥାଏ ବୋଲି ବିଶ୍ୱାସ ରହିଛି।

ଏହାବ୍ୟତୀତ ଭାରତର ଏଭଳି ଗୋଟିଏ ରାଜ୍ୟ ଅଛି, ଯେଉଁଠି ବର୍ଷର ଗୋଟିଏ ଦିନ ଗଧମାନଙ୍କୁ ବିଭିନ୍ନ ପ୍ରକାର ବସ୍ତ୍ର ଓ ଅଳଙ୍କାରରେ ସଜାଇ ପୂଜାର୍ଚ୍ଚନା କରାଯାଏ। ରାଜସ୍ଥାନର ଭିଲ୍‌ୱାଡ଼ା ଓ ଆଜମେର୍‌ରେ ବସବାସ କରୁଥିବା ମଣ୍ଡଳ ଅଞ୍ଚଳର କୁମ୍ଭାର ସମାଜର ଲୋକମାନେ ଦୀପାବଳୀ କିମ୍ବା ଗୋବର୍ଦ୍ଧନ ପୂଜାର ଦ୍ୱିତୀୟ ଦିନ ଗଧମାନଙ୍କୁ ପୂଜାର୍ଚ୍ଚନା କରିଥା'ନ୍ତି। ଉକ୍ତଦିନ ଗଧଙ୍କୁ ବିଭିନ୍ନ ବସ୍ତ୍ର ଓ ଆଭୂଷଣରେ ସଜାଇ ତିଳକ ଲଗାଇ ଆଳତି କରାଯାଏ। ଏହାପରେ ଗଧଙ୍କ ଭିତରେ ଦୌଡ଼ ପ୍ରତିଯୋଗିତା ମଧ୍ୟ ଆୟୋଜନ ହୁଏ। ଦୌଡ଼ରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଗଧର ମାଲିକଙ୍କୁ ପୁରସ୍କୃତ କରାଯାଏ। ଏହାପଛରେ ବିଶ୍ୱାସ ରହିଛି ଯେ, ଗଧମାନେ ହେଉଛନ୍ତି କୁମ୍ଭାର ସମାଜର ଜୀବନଜୀବିକା ପାଇଁ ଏକ ମାଧ୍ୟମ। ମାଟି ଆଣିବାଠାରୁ ଆରମ୍ଭ କରି ମାଟିପାତ୍ର କିଣାବିକା କରିବା ପର୍ଯ୍ୟନ୍ତ ସେମାନେ ଗଧକୁ ନିଜର ସାଧନ ଭାବେ ଉପଯୋଗ କରିଥା'ନ୍ତି। ତେଣୁ ସେମାନେ ଗଧକୁ ଅନ୍ନଦାତା ଏବଂ ଧନ ଉପାର୍ଜନର ମାଧ୍ୟମ ମନେ କରି ତା' ପ୍ରତି ନିଜର କୃତଜ୍ଞତା ବ୍ୟକ୍ତ କରିବା ପାଇଁ ପୂଜାର୍ଚ୍ଚନା କରିଥା'ନ୍ତି।

ବିଦେଶୀୟ ସଂସ୍କୃତିରେ ଗଧର ଆଧ୍ୟାତ୍ମିକ ମହତ୍ତ୍ୱ ରହିଛି। ଅଧିକାଂଶ ୟୁରୋପୀୟ ଦେଶ, ବିଶେଷଭାବେ ଗ୍ରୀସ୍ ଓ ଭୂମଧ୍ୟସାଗରୀୟ ଦେଶରେ, ଗଧକୁ ସାଂସ୍କୃତିକ ଲୋକକଥାର ଅଂଶ ଭାବେ ଗ୍ରହଣ କରାଯାଇଛି। ଲୋକକଥା ଅନୁସାରେ ଗଧକୁ ଲୋକମାନଙ୍କ ସେବା କରିବାର ବରଦାନ ପ୍ରଭୁ ଯିଶୁଖ୍ରୀଷ୍ଟ ଦେଇଛନ୍ତି। ବାଇବେଲ୍‌ରେ ଗଧ ଏକ ପବିତ୍ର ପଶୁ ଭାବେ ବର୍ଣ୍ଣିତ। ମାନ୍ୟତା ରହିଛି ଯେ, ମାତା ମରିୟମ୍ ଗଧ ପିଠିରେ ବସି ବେଥଲ୍‌ହମ୍ ଯାଇଥିଲେ ଏବଂ ପ୍ରଭୁ ଯିଶୁ ଗଧ ଉପରେ ବସି ଜେରୁଜେଲମ୍‌ରେ ପହଞ୍ଚିଥିଲେ। ତେଣୁ ଈଶାହି ଧର୍ମରେ ଗଧକୁ ସେବା, ବିନମ୍ରତା ଓ ଶାନ୍ତିର ପ୍ରତୀକ ଭାବେ ଗ୍ରହଣ କରାଯାଇ ବିଶେଷ ସମ୍ମାନ ପ୍ରଦାନ କରାଯାଇଥାଏ। ପ୍ରାଚୀନ ଇଜିପ୍ଟ ସଭ୍ୟତାରେ ଗଧକୁ ଧନ, ଉର୍ବରତା, ଜ୍ଞାନ ଓ ଐଶ୍ୱର୍ଯ୍ୟର ପ୍ରତୀକ ଭାବେ ଗଣନା କରାଯାଉଥିଲା। ପ୍ରାଚୀନ ୟୁନାନ୍ ଓ ରୋମ୍‌ରେ ଗଧକୁ ମଦିରା ଓ ଉତ୍ସବର ଦେବତା 'ଡାୟୋନିସସ୍'ଙ୍କ ବାହନ ଭାବେ ମାନ୍ୟତା ମିଳିଥିଲା।

ଶତାଧିକ ବର୍ଷ ଧରି ଚାଲିଆସୁଥିବା ଗଧ ପୂଜନର ଏହି ପରମ୍ପରା ପ୍ରକୃତରେ ଅନନ୍ୟ ଭାରତୀୟ ସଂସ୍କୃତିର ବାର୍ତ୍ତା ବହନ କରେ।

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଲାଞ୍ଚ ନେଉଥିଲେ ଫରେଷ୍ଟର; ମାଡ଼ିବସିଲା ଭିଜିଲାନ୍ସ

ପୁରୀ/ଡେଲାଙ୍ଗ,୧୮।୬(ସମିସ): ଜଙ୍ଗଲ ରାସ୍ତା ଦେଇ ଟ୍ରାକ୍ଟର ଛାଡ଼ିବା ପାଇଁ ୨୫ ହଜାର ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାତରେ

## ଘରୁ ଜବତ ହେଲା ୧.୪୧ ଲକ୍ଷ ଟଙ୍କା

ଧରାପଡ଼ିଛନ୍ତି ଡେଲାଙ୍ଗ ରେଞ୍ଜ ଅଧୀନ ଆଙ୍କୁଇ ଫରେଷ୍ଟର ରାକେଶ କୁମାର ପଣ୍ଡା। ତାଙ୍କୁ ଗିରଫ କରାଯାଇଥିବା ବେଳେ ଘରେ ଚଢ଼ଉ ବେଳେ ୧.୪୧ଲକ୍ଷଟଙ୍କା ମଧ୍ୟ ଜବତ ହୋଇଛି।

ଭିଜିଲାନ୍ସ ସୂଚନା ଅନୁଯାୟୀ, ଅଭିଯୁକ୍ତ ଫରେଷ୍ଟର ଶ୍ରୀ ପଣ୍ଡା ଜଣେ ଟ୍ରାକ୍ଟର ମାଲିକଙ୍କୁ ଧମକ ଦେଇଥିଲେ। ଟ୍ରାକ୍ଟରରେ ମାଟି ନେଇ ନିଜ ଜମିରେ ପକାଇବା ପାଇଁ ଜଙ୍ଗଲ ରାସ୍ତା ବ୍ୟବହାର କଲେ ଗାଡ଼ି ଜବତ କରିଦେବାକୁ କହି ୨୫ ହଜାର ଟଙ୍କା ଦାବି କରିଥିଲେ। ବାଧ ହୋଇ ଟ୍ରାକ୍ଟର ମାଲିକ ଭିଜିଲାନ୍ସକୁ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଭିଜିଲାନ୍ସ ଟିମ୍ ବୁଧବାର ଯୋଜନା ପ୍ରସ୍ତୁତ କରିଥିଲା। ଅଙ୍କୁଇ ଅଫିସ ରୁମ୍‌ରେ ଟଙ୍କା ନେବା ବେଳେ ସାକ୍ଷୀଙ୍କ ଉପସ୍ଥିତିରେ



ରାକେଶ ପଣ୍ଡାଙ୍କୁ ଧରାଯାଇଥିଲା। ତାଙ୍କଠାରୁ ୨୫ ହଜାର ଟଙ୍କା ଜବତ ହୋଇଥିଲା। ତାଙ୍କ ଡାହାଣ ହାତ ଧୋଇବା ପରେ ରାସାୟନିକ ପରୀକ୍ଷାରେ ପଜିଟିଭ୍ ଆସିଥିଲା, ଯାହା ଲାଞ୍ଚ ଟଙ୍କା ଛୁଇଁଥିବା ପ୍ରମାଣ କରିଥିଲା। ଗିରଫ ପରେ ଭିଜିଲାନ୍ସ ଅଙ୍କୁଇସ୍ଥିତ ସରକାରୀ ବାସଭବନ ଓ ଖୋର୍ଦ୍ଧାସ୍ଥିତ ପୈତୃକ ଘରେ ଚଢ଼ଉ କରିଥିଲା। ଖୋର୍ଦ୍ଧା ଘରୁ ନଗଦ ୧ ଲକ୍ଷ ୪୧ ହଜାର ଟଙ୍କା ଜବତ କରାଯାଇଛି। ଏନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା ଦୁର୍ନୀତି ନିବାରଣ ସଂଶୋଧିତ ଆଇନ ୨୦୧୮ ର ଧାରା ୭ ଅନୁଯାୟୀ ରୁଜୁ ହୋଇଛି। ଅଭିଯୁକ୍ତ ଫରେଷ୍ଟର ଶ୍ରୀ ପଣ୍ଡାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇ ଆୟ ବହିର୍ଭୂତ ସମ୍ପତ୍ତିର ତଦନ୍ତ ଜାରି ରହିଛି।

# ୨ ଆଇଏଏସଙ୍କୁ ନୂଆ ଦାୟିତ୍ୱ

ଭୁବନେଶ୍ୱର,୧୮।୬(ସମିସ): ରାଜ୍ୟ ସରକାର ଗୁରୁବାର ଦୁଇ ବରିଷ୍ଠ ଆଇଏଏସ ଅଧିକାରୀଙ୍କୁ ନୂଆ ଦାୟିତ୍ୱ ପ୍ରଦାନ କରିଛନ୍ତି। ୧୯୯୫ ବ୍ୟାଚର ଆଇଏଏସ ଚିତ୍ରା ଅରୁମୁଗମଙ୍କୁ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ପ୍ରଶିକ୍ଷଣ ସମନ୍ୱୟ ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଛି। ଏହା ସହିତ ସେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ଜାରି ରଖିବେ। ବର୍ତ୍ତମାନ ଚିତ୍ରା ଅରୁମୁଗମ ଶ୍ରମ ଓ ଇଏସ୍‌ଆଇ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଭାବେ କାର୍ଯ୍ୟ କରୁଛନ୍ତି। ସେହିପରି ୨୦୦୧ ବ୍ୟାଚର ଡୋଲ୍ଲା ଭେଙ୍କଟ ସ୍ୱାମୀଙ୍କୁ ଶ୍ରମ ଓ ଇଏସ୍‌ଆଇ ବିଭାଗର ପ୍ରମୁଖ ଶାସନ ସଚିବ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। ନିକଟରେ ସେ କେନ୍ଦ୍ରୀୟ ଡେପୁଟେସନ ସାରି ଓଡ଼ିଶା ଫେରିଛନ୍ତି।

# ପ୍ରଧାନମନ୍ତ୍ରୀଙ୍କୁ ଗାନ୍ଧୀବାଦୀଙ୍କ ନିବେଦନ: କାର୍ଯ୍ୟକାରୀ ହେଉ ନିଶାମୁକ୍ତ ଓଡ଼ିଶା ଗ୍ୟାରେଣ୍ଟି

ଭୁବନେଶ୍ୱର,୧୮।୬(ସମିସ): 'ଓଡ଼ିଶା ପାଇଁ ମୋଦୀଙ୍କ ଗ୍ୟାରେଣ୍ଟି 'ର ଅନୁପାଳନ ଲାଗି ଖୋଦ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ଜଣାଶୁଣା ଗାନ୍ଧୀ ବିଚାର ଚିନ୍ତକ ପ୍ରହ୍ଲାଦ କୁମାର ସିଂହ। ଏହି ମର୍ମରେ ସେ ନିଜ ଗ୍ୟାରେଣ୍ଟିକୁ ନିଜେ ଅନୁପାଳନ କରାଇବା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ସେ ଲେଖିଛନ୍ତି ଯେ ୨୦୨୪ ସାଧାରଣ ନିର୍ବାଚନ ସମୟରେ ମଇ ମାସରେ ତତ୍କାଳୀନ ବିଜେପି କେନ୍ଦ୍ରୀୟ ସଭାପତି ଜେପି ନଡ୍ଡା 'ଓଡ଼ିଶା ପାଇଁ ମୋଦୀଙ୍କ ଗ୍ୟାରେଣ୍ଟି' ସଂକଳ୍ପ ପତ୍ର ଉନ୍ମୋଚନ କରିଥିଲେ। ଏହି ସଂକଳ୍ପ ପତ୍ରରେ ଅନ୍ୟାନ୍ୟ ପ୍ରସଙ୍ଗ ମଧ୍ୟରେ ଓଡ଼ିଶାକୁ ନିଶାମୁକ୍ତ ରାଜ୍ୟରେ ପରିଣତ କରିବା ଲାଗି ମୋଦୀଙ୍କ ନାମରେ ଗ୍ୟାରେଣ୍ଟି ଦିଆଯାଇଥିଲା। ୨୦୨୪ ଜୁନ୍ ୧୨ ତାରିଖରେ ଓଡ଼ିଶାରେ ବିଜେପି ସରକାର ଗଠନ କରାଯିବା ପରେ ମନ୍ତ୍ରିମଣ୍ଡଳର ପ୍ରଥମ ବୈଠକରେ ଏହି ସଂକଳ୍ପ ପତ୍ର ବା ଗ୍ୟାରେଣ୍ଟିକୁ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ କରାଯିବ ବୋଲି ମଧ୍ୟ କୁହାଯାଇଥିଲା। ମାତ୍ର ଦୁଇବର୍ଷ ଭିତରେ ଓଡ଼ିଶାରେ ନିଶା ନିବାରିତ ହେବା ପରିବର୍ତ୍ତେ ଅଧିକ ପ୍ରସାରିତ ହୋଇଛି। ୨୦୨୧-୨୨ ବେଳକୁ ଓଡ଼ିଶାରେ ପ୍ରାୟ ୨୦ କୋଟି ଲିଟର ସରକାରୀ ମଦ ବିକ୍ରୟ କରାଯାଇଥିବାବେଳେ ୨୦୨୪-୨୫ ବେଳକୁ ତାହା ପ୍ରାୟ ୪୦ କୋଟି ୧୭ଲକ୍ଷ ଲିଟରରେ ପହଞ୍ଚିଥିଲା। ରାଜ୍ୟର ଅବକାରୀ ରାଜସ୍ୱ ୨୦୦୦ ମସିହାରେ ୧୩୫କୋଟି ୩୫ଲକ୍ଷ ଟଙ୍କା ଥିବାବେଳେ ଏ ବର୍ଷ ତାହା ୧୦ ହଜାର କୋଟି ଟଙ୍କାରୁ ଅଧିକ ହେବ ବୋଲି ନିଜେ ସରକାର ଅନୁମାନ ରଖିଛନ୍ତି। ଗୁଜରାଟ, ବିହାର ଭଳି ବିଜେପି ଶାସିତ ରାଜ୍ୟମାନଙ୍କରେ ସଂପୂର୍ଣ୍ଣ ନିଶା ନିବାରଣ ଲାଗୁ କରାଯାଇଥିବାବେଳେ ଓଡ଼ିଶାରେ ଏହା ମୋଦୀଙ୍କ ଗ୍ୟାରେଣ୍ଟି ସହ ତୁରନ୍ତ ଲାଗୁ କରିବାକୁ ସେ ନିବେଦନ କରିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଶାନ୍ତି ପାଇଁ...

ମିଳିଛି। ଏହି ସମୟ ମଧ୍ୟରେ କୌଣସି ପକ୍ଷ ନୂତନ କଟକଣା କିମ୍ବା ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ନାହିଁ। ପରମାଣୁ କାର୍ଯ୍ୟକ୍ରମ ସମ୍ପର୍କରେ ଇରାନ ସ୍ପଷ୍ଟ କରିଛି ଯେ ତା'ର ସମୃଦ୍ଧ ୟୁରାନିୟମ ଦେଶ ବାହାରକୁ ଯିବ ନାହିଁ, ବରଂ ଏହାକୁ ପତଳା କରାଯିବା ଉପରେ ବିଚାର କରାଯାଇପାରେ। ତେବେ କ୍ଷେପଣାସ୍ତ୍ର କ୍ଷମତା ଉପରେ କୌଣସି ଆଲୋଚନା ହେବନାହିଁ ବୋଲି ଇରାନ କହିଛି। ଅପରପକ୍ଷରେ ଟ୍ରମ୍ପ ମଧ୍ୟ କହିଛନ୍ତି ଯେ ଆଞ୍ଚଳିକ ସନ୍ତୁଳନ ରକ୍ଷା ପାଇଁ ଇରାନ ପାଖରେ କ୍ଷେପଣାସ୍ତ୍ର ରହିବା ଅନୁଚିତ ନୁହେଁ, କିନ୍ତୁ ସୁରକ୍ଷା ଦୃଷ୍ଟିରୁ ଆମେରିକୀୟ ସେନା ସେହି ଅଞ୍ଚଳରେ କିଛି ଦିନ ରହିବେ।

ଏହି ବୁଝାମଣା ପ୍ରକ୍ରିୟାରେ ପାକିସ୍ତାନ ମଧ୍ୟସ୍ଥି ସାଜିଥିଲା। ପାକିସ୍ତାନର ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ଏହାକୁ 'ଇସଲାମାବାଦ ବୁଝାମଣାପତ୍ର' ବୋଲି ଅଭିହିତ କରିଛନ୍ତି ଏବଂ ଶାନ୍ତି ପ୍ରତିଷ୍ଠା ପାଇଁ ଏହା ଏକ ବଡ଼ ପଦକ୍ଷେପ ବୋଲି କହିଛନ୍ତି। ଏହି ଚୁକ୍ତି ଅନ୍ତର୍ଗତ ଯୁଦ୍ଧ ପରବର୍ତ୍ତୀ ପୁନରୁଦ୍ଧାର କାର୍ଯ୍ୟ ପାଇଁ ଇରାନରେ ପ୍ରାୟ ୩୦୦ ବିଲିୟନ ଡଲାରର ପୁଞ୍ଜିନିବେଶ କରାଯିବାର ବ୍ୟବସ୍ଥା ରହିଛି। ହର୍ମୁଜ ପ୍ରଣାଳୀ ପୂର୍ବ ସ୍ଥିତିକୁ ଫେରିବ ନାହିଁ ଏବଂ ଏଥିରୁ ଯାତାୟାତ କରୁଥିବା ଜାହାଜଗୁଡ଼ିକ ଠାରୁ ଶୁଳ୍କ ଆଦାୟ କରାଯିବ ବୋଲି ଇରାନର ମୁଖ୍ୟ ଆଲୋଚନାକାରୀ ମହମ୍ମଦ ବାକେର କାଲିବାଫ ସୂଚନା ଦେଇଛନ୍ତି। ଆମେରିକା ଓ ଇରାନ ମଧ୍ୟରେ ହୋଇଥିବା ଏହି ଡିଜିଟାଲ ଚୁକ୍ତିନାମା ଆନ୍ତର୍ଜାତୀୟ ସ୍ତରରେ ଉତ୍ତେଜନା ହ୍ରାସ କରିବାରେ ସହାୟକ ହେବ।

## ଶୁଭଲଗ୍ନରେ ଦେବବିବାହ...

ମହାଦେବ ବାଜାଗଜା ସହିତ ରୋଶଣୀ କରି ବରଯାତ୍ରାରେ ବାହାରିଥିଲେ। ସେମାନେ କନ୍ୟାଗୃହରେ ପହଞ୍ଚିବାପରେ ସେମାନଙ୍କୁ ପାଛୋଟି ନେଇଥିଲେ। ନନ୍ଦପଡ଼ାର ବମ୍ବରାଡ଼ ବାଲୁଙ୍କେଶ୍ୱର ବାବା, ଝାଡ଼ୁଆପଡ଼ାର ଶ୍ରୀ ଲୋକନାଥ ବାବା, ମୁଦିପଡ଼ାର ଶ୍ରୀ ଜାଗେଶ୍ୱର ବାବା, ବଡ଼ବଜାରର ଶ୍ରୀ ଶୀତଳେଶ୍ୱର ବାବା, ଠାକୁରପଡ଼ାର ଶ୍ରୀ ଗୁପ୍ତେଶ୍ୱର ବାବା, ବାଲିବନ୍ଧାର ଶ୍ରୀ ସୋମନାଥ ବାବା ବୃଷଭ, ଦେବାଦେବୀ ଓ ବରଯାତ୍ରୀ ଦଳ ତଥା ବାଜାଗଜା ସହ ବିବାହସ୍ଥଳ ଯଥାକ୍ରମେ ନାରୀସେବା ସଦନ, ମହାନଦୀ କ୍ଲବ, ମୁଦିପଡ଼ା ପଟେଲ ଗାର୍ଡେନ, ମୁଦିପଡ଼ା ତ୍ରିନାଥ ଗଳି, ପାଞ୍ଚଗଛିଆ ଓ ହାଟପଡ଼ାରେ ଯାଇ ପହଞ୍ଚିଥିଲେ। ସେଠାରେ କନ୍ୟା ପକ୍ଷ ସେମାନଙ୍କୁ ପାଛୋଟି ନେଇଥିଲେ। ନନ୍ଦପଡ଼ାର ବମ୍ବରାଡ଼ ବାଲୁଙ୍କେଶ୍ୱର ବାବାଙ୍କୁ କନ୍ୟା ପିତାମାତା ପ୍ରଦୀପ ମିଶ୍ର ଓ ବୀଣାପାଣି ମିଶ୍ର ସ୍ୱାଗତ ଗତ କରି ପାଛୋଟି ନେଇଥିବାବେଳେ ଝାଡ଼ୁଆପଡ଼ାର ଶ୍ରୀ ଲୋକନାଥ ବାବାଙ୍କୁ କନ୍ୟା ପିତାମାତା ଜୟବିଜୟ ବେଦି ଓ ପୁନମ ବେଦି, ମୁଦିପଡ଼ାର ଶ୍ରୀ ଜାଗେଶ୍ୱର ବାବାଙ୍କୁ ବ୍ରିଜେଶ ସୋନି ଓ ସୁସ୍ମିତା ସୋନି, ବଡ଼ବଜାରର ଶ୍ରୀ ଶୀତଳେଶ୍ୱର ବାବାଙ୍କୁ ପ୍ରଫେସର କୁଞ୍ଜବନ ପଟେଲ ଓ ଗାୟତ୍ରୀ ପଟେଲ, ଠାକୁରପଡ଼ାର ଶ୍ରୀ ଗୁପ୍ତେଶ୍ୱର ବାବାଙ୍କୁ ସୁଜିତ କୁମାର ଓ ଅପରାଜିତା ସିଂହ, ବାଲିବନ୍ଧାର ଶ୍ରୀ ସୋମନାଥ ବାବାଙ୍କୁ ମଣ୍ଟୁ ଝରଝରିଆ ଓ ସରିତା ଅଗ୍ରୱାଲଙ୍କ ସହ କନ୍ୟାପକ୍ଷ ସ୍ୱାଗତ କରିଥିଲେ। ବୈଦିକ ରୀତିନୀତିରେ ସମ୍ପୂର୍ଣ୍ଣ ଲୋକାଚାରରେ ଦେବବିବାହ ହୋଇଥିଲା। ଏହାସହ ସମସ୍ତ ଶିବାଳୟ ଗୁଡ଼ିକରେ ଦେବବିବାହ ସମ୍ପନ୍ନ ହୋଇଛି। ଶୁକ୍ରବାର ରାତିରେ ବାହାରିବ ଦେବଦମ୍ପତିଙ୍କ ନଗର ପରିକ୍ରମା ଶୋଭାଯାତ୍ରା। ଦେବବିବାହରେ ସାମିଲ ହେବାପାଇଁ ସମ୍ବଲପୁର ସହରକୁ ଶ୍ରଦ୍ଧାଳୁଙ୍କ ଆଗମନ ଆରମ୍ଭ ହୋଇଗଲାଣି। ଲୋକାରଣ୍ୟ ହୋଇପଡ଼ିଛି ସମ୍ବଲପୁରର ରାସ୍ତାଘାଟ। ଘରେ ଘରେ କୁଣିଆ ମୈତ୍ରଙ୍କ ଭିଡ଼ ଲାଗିଛି। ସବୁଆଡ଼େ ବିବାହ ଉତ୍ସବର ମାହୋଲ। ଗତ ୧୬ ତାରିଖରେ ଝାଡ଼ୁଆପଡ଼ା, ମୁଦିପଡ଼ା, ବଡ଼ବଜାର ଓ ଠାକୁରପଡ଼ା ସମେତ ସମସ୍ତ ଶିବାଳୟରେ ପତରପେଁଡ଼ି ନୀତି ହୋଇଥିବାବେଳେ ୧୭ ତାରିଖ ହନୁମାନ ନିଉତା ବା ଗୁଆଗୁଁଡ଼ା ନୀତି ସମ୍ପନ୍ନ ହୋଇଥିଲା। ଏହାପୂର୍ବରୁ ୧୪ ତାରିଖ ନନ୍ଦପଡ଼ାର ପତରପେଁଡ଼ି, ୧୫ରେ ନୃସିଂହ ନିଉତା ଓ ୧୬ରେ ସାକ୍ଷୀ ଗୋପୀନାଥ ନିମନ୍ତ୍ରଣ ନୀତି ହୋଇଥିଲା। ଆଜି ସକାଳେ ଗଣ୍ଠଲାହିଟା ନୀତି ପରେ ମାତା ପାର୍ବତୀଙ୍କ ଚଳିତବର୍ଷର ପିତାମାତା ସ୍ୱଗୃହକୁ ତାଙ୍କ କନ୍ୟାଙ୍କୁ ନେଇ ଯାଇଥିଲେ। ତା'ପରେ ଶିବାଳୟ ଗୁଡ଼ିକରେ ମହାଦେବଙ୍କ ଅଭିଷେକ ହୋଇଥିଲା। ଅଭିଷେକ ପରେ ମହାଦେବ ବାବାଙ୍କ ଗନ୍ଧଷଣ ଓ ତୈଳାଭିଷେକ ହୋଇଥିବାବେଳେ କନ୍ୟାଗୃହରେ ମାତା ପାର୍ବତୀଙ୍କ ଗନ୍ଧଷଣ ଓ ତୈଳାଭିଷେକ ହୋଇଥିଲା। ଏହାସହ ହଳଦୀମଖା ନୀତି ହୋଇଥିଲା ଓ ମହିଳାମାନେ ଏହାକୁ ଉତ୍ସାହର ସହ ପାଳନ କରିଥିଲେ।

## ପୂର୍ବତନ ମେଡିକାଲ...

ନେବା ପାଇଁ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସରକାର ସ୍ୱାସ୍ଥ୍ୟ ସେବାକୁ ଗୁରୁତ୍ୱ ଦେଇ ନୂଆ ନୂଆ ଡାକ୍ତରଖାନା ଖୋଲୁଛନ୍ତି। ଡାକ୍ତରଖାନାଗୁଡିକର ଆଧୁନିକୀକରଣ କରାଯାଉଛି ଏବଂ ସ୍ୱାସ୍ଥ୍ୟ ଶିକ୍ଷା ପାଇଁ ନୂଆ ନୂଆ ମେଡିକାଲ କଲେଜ ମଧ୍ୟ ଖୋଲାଯାଉଛି। ତଥାପି ନିଯୁକ୍ତି ପାଇବା ପରେ ଅନେକ ଡାକ୍ତର କାର୍ଯ୍ୟରେ ଯୋଗ ନ ଦେଇ ଦୀର୍ଘ ବର୍ଷ ଧରି ଅନୁପସ୍ଥିତ ରହୁଛନ୍ତି। ଏହାକୁ କୌଣସି ପରିସ୍ଥିତିରେ ଗ୍ରହଣ କରାଯିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ନିଲମ୍ବନ ହେଲେ...

ସୌମ୍ୟଙ୍କ ମା କବିତା ସ୍ୱାଇଁ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ ସୌମ୍ୟଙ୍କୁ ଆଇପିଏସ୍ ଗଙ୍ଗୱାର ନିଜ ଘରେ ରଖି ବ୍ୟକ୍ତିଗତ କାର୍ଯ୍ୟରେ ନିୟୋଜିତ କରିବା ସହ ମୋଡ଼ାଘସା କାମରେ ଲଗାଇଥିଲେ। ତାଙ୍କ ନିଜସ୍ୱ ଜିମ୍‌ରେ ଖଟାଉଥିଲେ। ଏହାକୁ ନେଇ ପରବର୍ତ୍ତି ସମୟରେ ସୌମ୍ୟ ଓ ଦୟାଲ ଗଙ୍ଗୱାର ମଧ୍ୟରେ ଅପଡ଼ ହୋଇଥିଲା। ତାଙ୍କ କଥା ନ ମାନିବାରୁ ସୌମ୍ୟଙ୍କ ବିରୋଧରେ ଗଙ୍ଗୱାର ଷଡ଼ଯନ୍ତ୍ର ଆରମ୍ଭ କରି ଦେଇଥିଲେ। କ୍ଷମତାର ଅପବ୍ୟବହାର କରି ଶେଷରେ ସୌମ୍ୟଙ୍କୁ ଚାକିରିରୁ ନିଲମ୍ବନ କରିଥିଲେ ଓ ତାଙ୍କ ଦରମା ବନ୍ଦ କରି ଦିଆଯାଇଥିଲା। ତେଣୁ ଗଙ୍ଗୱାରଙ୍କ ଉପରେ ପରିବାର ଲୋକଙ୍କ ସନ୍ଦେହ କେନ୍ଦ୍ରୀଭୂତ ହୋଇଥିଲା।

ଏହି ସମୟରେ ମାନବାଧିକାର କର୍ମୀ ଭଜମନ ବିଶ୍ୱାଳଙ୍କ ଦ୍ୱାରା ଜାତୀୟ ମାନବାଧିକାର କମିସନଙ୍କ ନିକଟରେ ବାଲିଅନ୍ତା ଭିଡ଼ହତ୍ୟା ମାମଲା ଦାୟର କରାଯାଇଥିଲା। ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଜଣେ କନ୍‌ଷ୍ଟେବଲ୍‌ଙ୍କୁ କିଭଳି ଜଣେ ବରିଷ୍ଠ ଆଇପିଏସ୍ ଅଧିକାରୀ ବ୍ୟକ୍ତିଗତ କାର୍ଯ୍ୟରେ ନିୟୋଜିତ କରିଥିଲେ ତାହାକୁ ନେଇ ପ୍ରଶ୍ନ ଉଠିଥିଲା। ଏହି ମାମଲାର ତଦନ୍ତ କରିବାକୁ ଦିଲ୍ଲୀରୁ ୨ଜଣିଆ ଟିମ୍ ଭୁବନେଶ୍ୱର ଆସିଥିଲା। ଏହାପୂର୍ବରୁ ମେ' ୨୫ ତାରିଖରେ ଏଚ୍‌ଆରପିସି ସୌମ୍ୟ ହତ୍ୟା ମାମଲାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି କ୍ରାଇମ୍‌ବ୍ରାଞ୍ଚକୁ ଏକ ରିପୋର୍ଟ ମାଗିଥିଲା। ଏହିଦିନ ଦୟାଲ ଗଙ୍ଗୱାରଙ୍କୁ ଗୃହ ବିଭାଗର ଓଏସଡି ଭାବେ ବଦଳି କରାଯାଇଥିଲା। ଗତମାସ ୨୬ ତାରିଖରେ କ୍ରାଇମ୍‌ବ୍ରାଞ୍ଚ ରେଲବାଇ ବିଭାଗକୁ ଏକ ଚିଠି ଲେଖି ସୌମ୍ୟଙ୍କୁ କିଭଳି ଭାବେ ବ୍ୟକ୍ତିଗତ କାର୍ଯ୍ୟରେ ନିୟୋଜିତ କରାଯାଉଥିଲା ଏହାର ରିପୋର୍ଟ ଏଚ୍‌ଆରପିସିକୁ ପ୍ରଦାନ କରିବାକୁ କୁହାଯାଇଥିଲା। ଜୁନ୍ ୧ ତାରିଖରେ କମିସନଙ୍କ ଟିମ୍ ଭୁବନେଶ୍ୱର ଆସିଥିଲେ ମଧ୍ୟ ଗଙ୍ଗୱାର କିନ୍ତୁ ରାଜ୍ୟ ଅତିଥି ଭବନରେ ବ୍ୟକ୍ତିଗତ ଭାବେ ହାଜର ହୋଇ ନଥିଲେ।ଏହାପରେ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ଉପରେ ସୌମ୍ୟଙ୍କ ପରିବାର ଲୋକଙ୍କ ସନ୍ଦେହ ବଢିବାକୁ ଲାଗିଥିଲା। ସେମାନେ ପୁନର୍ବାର ସିବିଆଇ ତଦନ୍ତ ଦାବି କରିଥିଲେ।

## ଭତ୍ତା ପାଇଁ ନୟାନ୍ତ...

ହେଉଛନ୍ତି। କିଏ ଜୀବନ ରକ୍ଷାକାରୀ ଔଷଧ କିଣି ପାରୁ ନାହାନ୍ତି ତ କିଏ ଭୋକ, ଉପାସରେ ରହୁଛନ୍ତି। ଲୋକଙ୍କ ଦୁର୍ଦ୍ଦଶା ଜନମାନସକୁ ଆନ୍ଦୋଳିତ କରୁଥିବା ବେଳେ ସରକାର କ'ଣ ପାଇଁ ଚୁପ୍ ବସିଛନ୍ତି? ଲୋକଙ୍କୁ ହତାଶା ଭିତରକୁ ଠେଲି ନଦେଇ ତୁରନ୍ତ ଭତ୍ତା ପ୍ରଦାନର ବ୍ୟବସ୍ଥା କରାଯାଉ। ମାନ୍ୟବର ମୁଖ୍ୟମନ୍ତ୍ରୀ ଏଥିରେ ତୁରନ୍ତ ହସ୍ତକ୍ଷେପ କରି ଲୋକଙ୍କ ସାମାଜିକ ସୁରକ୍ଷା ସୁନିଶ୍ଚିତ କରନ୍ତୁ ବୋଲି ନବୀନ ଦାବି କରିଛନ୍ତି।

## ଏବର୍ଷ ପିଲା...

ହୋଇଥିବା ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ନୂତନ ପାଠ୍ୟପୁସ୍ତକରେ ୧,୬୭୮ଟି ତ୍ରୁଟି ଚିହ୍ନଟ ହୋଇଥିବା ଘଟଣା ଶିକ୍ଷକ, ଅଭିଭାବକ ଏବଂ ଶିକ୍ଷାବିତଙ୍କ ମଧ୍ୟରେ ଗଭୀର ଚିନ୍ତା ସୃଷ୍ଟି କରିଛି। ଭୁଲ ବନାନ, ତଥ୍ୟଗତ ତ୍ରୁଟି, ଭୁଲ ଛବି ଏବଂ ଐତିହାସିକ ଭୁଲ ବିବରଣୀ ପରି ଅନେକ ଗୁରୁତର ଅସଙ୍ଗତି ଏହି ପୁସ୍ତକଗୁଡ଼ିକରେ ରହିଥିବା ଜଣାପଡ଼ିଛି। ଏହି ପୁସ୍ତକଗୁଡ଼ିକ ଜାତୀୟଶିକ୍ଷାନୀତି ୨୦୨୦ ଆଧାରରେ ପ୍ରସ୍ତୁତ କରାଯାଇଥିବା କୁହାଯାଉଛି, ମାତ୍ର ବିଡ଼ମ୍ବନା ହେଉଛି ଏତେବଡ଼ ପ୍ରସଙ୍ଗରେ କାହାକୁ ଉତ୍ତରଦାୟୀ କରାଯାଇ ନାହିଁ।

ସବୁଠାରୁ ଅଧିକ ତ୍ରୁଟି ଥିବା ୮ମ ଶ୍ରେଣୀ ସାମାଜିକ ବିଜ୍ଞାନ ବହିର ସମ୍ପାଦନାମଣ୍ଡଳୀରେ ଡ଼. ଶିବଶଙ୍କର ସାହୁ, ଡ଼. ହେମନ୍ତ ପରିଡ଼ା, ଡ଼. ରାମଚନ୍ଦ୍ର ମାଝୀ, ଡ଼. ପ୍ରଦୀପ କୁମାର ମିଶ୍ର, ଡ଼. ଶରଦାକାନ୍ତ ମିଶ୍ର, ମନୋଜ କୁମାର ଲେଙ୍କା, ଅମ୍ବିକା ପ୍ରସାଦ ଦାସ ସ୍ଥାନ ପାଇଥିଲେ। ଡ଼. ନିରଞ୍ଜନ ଦାଶ, ଡ଼. ହେମନ୍ତ ପରିଡ଼ା, ଡ଼. ପ୍ରଦୀପ ମିଶ୍ର, ମନୋଜ ଲେଙ୍କା, ଅରବିନ୍ଦ ଦାଶ ଏହାର ସମୀକ୍ଷକ ମଣ୍ଡଳୀରେ ରହିଥିଲେ। ଡ଼. ଗଣେଶ୍ୱର ସ୍ୱାଇଁ ଓ ଅମ୍ବିକା ପ୍ରସାଦ ଦାସ ବିଷୟ ବିଶେଷଜ୍ଞ, ମାନସ ଚନ୍ଦ୍ର ରାଉତ ସଂଯୋଜକ ଓ ଡ଼. ସବିତା ସାହୁ ମୁଖ୍ୟ ସଂଯୋଜିକା ଥିଲେ। ମାତ୍ର କେହି ଜଣେ ହେଲେ ବି ବହିଟିକୁ ମୂଳରୁ ଚୂଳ ଯାଏ ଦେଖିଲେ ନାହିଁ, ଫଳରେ ପଣପଣ ଭୁଲ ବହିରେ ଦେଖିବାକୁ ମିଳିଲା। ଯଦି ଏମାନେ ବହି ଦେଖିଥିଲେ, ତେବେ ଏତେ ଭୁଲ କିପରି ହେଲା ବୋଲି ବି ସ୍ୱାଭାବିକ ପ୍ରଶ୍ନ ଉଠିବ । ବହିରେ ଛପା ଯାଇଥିବା ସମୀକ୍ଷକ, ସମ୍ପାଦକ, ସଂଯୋଜକ, ବିଷୟ ବିଶେଷଜ୍ଞଙ୍କ ନାମ ତ୍ରୁଟିଶୂନ୍ୟ ଭାବରେ ପ୍ରକାଶ ପାଇଲା; ମାତ୍ର ବହି ଭିତରେ ବିଷୟଗୁଡ଼ିକରେ ଏତେ ଭୁଲ କାହିଁକି ହେଲା ବୋଲି ବି ପ୍ରଶ୍ନ ଉଠୁଛି । ବିଶ୍ୱବିଖ୍ୟାତ ବିଜ୍ଞାନୀ ଆଇଜାକ୍ ନ୍ୟୁଟନ୍ କେଉଁଦିନ ଜଣେ ପାଇଲଟ ହେଲେ ତାହା କେହି ବୁଝି ପାରୁନାହାନ୍ତି। କର୍ଣ୍ଣାଟକର ହମ୍ପି ସ୍ଥାପତ୍ୟ କିପରି କୋଣାର୍କ ସୂର୍ଯ୍ୟମନ୍ଦିରରେ ପରିଣତ ହେଲା ତାହା ବି ସମସ୍ତଙ୍କ ପାଇଁ ଅବୋଧ ।

ସାଧାରଣତଃ ଛୋଟ ପିଲାମାନଙ୍କ ମସ୍ତିଷ୍କ ସଫେଦ କାଗଜ ପରି । ସେମାନଙ୍କ ମନରେ ଯାହା ଥରେ ଛପିଯାଏ, ତାହାକୁ ସେମାନେ ଭୁଲି ପାରନ୍ତି ନାହିଁ। ତେଣୁ ବହିର ଭୁଲ ତଥ୍ୟ ପିଲାମାନଙ୍କୁ କେବଳ ମୁର୍ଖ ନୁହେଁ, ମହାମୁର୍ଖ କରିବାର ଆଶଙ୍କା ସୃଷ୍ଟି ହୋଇଛି । ତେଣୁ ପିଲାଙ୍କ ପଢ଼ା ବହିଗୁଡ଼ିକରେ ତ୍ରୁଟି ସମ୍ପୃକ୍ତ ବହିଗୁଡ଼ିକର ସମ୍ପାଦକ, ସମୀକ୍ଷକ, ବିଶେଷଜ୍ଞ, ସଂଯୋଜକଙ୍କ ଭୂମିକାକୁ କାଠଗଡ଼ାରେ ଠିଆ କରିଛି।

## ତଦନ୍ତ କମିଟି...

ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ବିଜୟ କେତନ ଉପାଧ୍ୟାୟ ଏବଂ ସାଧାରଣ ପ୍ରଶାସନ ବିଭାଗର ଉପ-ସଚିବ ସ୍ମିତା ପାଣି କମିଟିର ସଦସ୍ୟ ରହିଛନ୍ତି। ଏହି କମିଟି ତଦନ୍ତ କରି କେଉଁ ସ୍ତରରେ ମୁଦ୍ରଣଜନିତ ତ୍ରୁଟି ହୋଇଛି ଏବଂ କେଉଁ ଅଧିକାରୀ ବା ସଂସ୍ଥାମାନେ ଏଥିପାଇଁ ଦାୟୀ ତାହା ନିର୍ଣ୍ଣୟ କରିବେ। ସାତ ଦିନ ମଧ୍ୟରେ ତଦନ୍ତ ସମ୍ପୂର୍ଣ୍ଣ କରି ରିପୋର୍ଟ ପ୍ରଦାନ କରିବାକୁ କମିଟିକୁ କୁହାଯାଇଛି।

ସୂଚନାଯୋଗ୍ୟ ଯେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟ ପୁସ୍ତକରେ ମୁଦ୍ରଣଜନିତ ତ୍ରୁଟି ଯୋଗୁଁ ପିଲାମାନଙ୍କ ପାଠପଢ଼ାରେ ସମସ୍ୟା ସୃଷ୍ଟି ହୋଇଛି। ମୁଖ୍ୟମନ୍ତ୍ରୀ ଏହା ଉପରେ କଡ଼ା ଆଭିମୁଖ୍ୟ ପ୍ରକାଶ କରି ଗତକାଲି ଏ ସମ୍ପର୍କରେ ସମୀକ୍ଷା କରିଥିଲେ। ସମୀକ୍ଷାରେ ମୁଖ୍ୟମନ୍ତ୍ରୀ ଏହି ତ୍ରୁଟିଗୁଡିକୁ ତୁରନ୍ତ ସୁଧାରିବା ସହିତ ଏହି ଘଟଣାରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ।


## PUBLIC NOTICE

It is hereby informed to the general public that certain original property documents deposited with our branch by the borrower/customer as security for credit facilities have been damaged/destroyed due to an accidental fire incident that occurred in the branch premises dated 22.06.2025.

**The details of the property as follows:**

**1) Name of Customer: Susanti Sahoo, Property Address:** Khata No.: 77/604, Plot No.: 656/1592, Mouza: Lathikata, Tahasil/PS: Lathikata, Dist.: Sundargarh, Odisha, PIN-770037, **Document Details:** Original Title Deed/Sale Deed bearing No.: 11711301303 Dated: 02.07.2013 and other related property documents.

**2) Name of Customer: Namita Rana, Property Address:** Khata No.: 119/183, Plot No.: 741/2509, Mouza: Balani, Tahasil/PS: Lathikata, Dist.: Sundargarh, Odisha - 770037, **Document Details:** Original Title Deed/Sale Deed bearing No.: 11712200282, Dated: 21.03.2022 and other related property documents.

Despite diligent efforts, the aforesaid documents could not be retrieved as they were damaged in the accident. Any person having any claim, objection, lien, charge, mortgage or interest in respect of the above mentioned properties are requested to submit the same along with supporting documents to the undersigned within 15 days from the date of publication of this notice.

If no claim is received within the stipulated period, the Bank shall proceed with the issuance of necessary certificates/confirmations regarding loss of documents and take further action as deemed appropriate.

**For and on behalf of State Bank of India**
**Lathikata Branch**
**At/Po: Lathikata, Dist.: Sundargarh, Odisha, PIN-770037**

## FOR SALE

01 Number of TATA TIGOR CARS & UVS /2024, Registration No.- OD-15-Z-5647, Model- 2024, - ENGINE NO – REVTRN19DVXK45019, CHASSIS NO – MAT63708RKD30756, For Details, contact – 9437019531, Sundaram Finance Ltd., 1st Floor, Sabat Complex, Near Wesco Office, Ainthapalli, Po/dist- Sambalpur-768004

## VEHICLE SALE

TATA TIAGO, Model - 2024, Registration No- OD-34-U-2309, in as is where is condition Contact: M/S Sundaram Finance Limited, JAJPUR ROAD BRANCH, Ph:94371 02409 within 7 days

## AFFIDAVIT

By virtue of an affidavit sworn before The Notary Public, Rayagada No. 6456 dated 17.06.2026, by Smt. Shakuntala Dandasena, aged about 45 years, Wife of Late Trinath Dandasena, resident of Beheraguda, PO- Pitamahal, PS- Seskhal, Block/Dist- Rayagada, Pin-765002, Odisha, declare that I have changed the name of my daughter from Hira Dandasena to Harika Dandasena. Henceforth, she shall be known as **Harika Dandasena** for all purposes.

**Sd/- Shakuntala Dandasena**

## AFFIDAVIT

By virtue of an affidavit sworn before Executive Magistrate, Rayagada No. 1140 dated 17.06.2026, by Sri Jagannath Yadav, aged about 53 years, S/o- Late Munshi Yadav, presently residing at Sai Priya Nagar, Near NVR Public School, Rayagada, PO/PS/Block/Dist- Rayagada, Pin-765001, Odisha, permanent resident of At/PO/PS-Gudari, Dist-Rayagada, Odisha, 765026, declare that I have changed the name of my daughter from Priyanka Kumari to Priyanka Kumari Yadav. Henceforth, she shall be known as **Priyanka Kumari Yadav** for all purposes.

**Sd/- Jagannath Yadav**

## ZILLA PARISHAD OFFICE, BALANGIR

19001/108/2627

Balangir - 767001 (Odisha)
E-mail: ori-dbolangir@od.gov.in
No. 245 / Date: 17/06/2026

### SHORT TENDER CALL NOTICE

CDO-cum-EO, Zilla Parishad, Balangir invite proposal on behalf of Department of Mission Shakti, Govt. of Odisha for Supply of Assorted specific varieties of Flexible Laminates and Food Packaging Pouches/materials with designing & printing with certain terms & conditions from competent Firms/ Agencies/ Parties having GSTIN no. may apply for the said works.

The tender papers along with details documents, terms & conditions, eligibility, criteria, format etc. for said works can be downloaded from District portal http://balangir.odisha.gov.in.

The undersigned reserves the right to accept or reject any or all the tenders without assigning any reason thereof.

OIPR-19001/19367/1/26-27/0001

CDO-cum-EO,
Zilla Parishad, Balangir

## AFFIDAVIT

I, Gulnara Khatoon, W/o- Shaikh Jakir, resident of At-Durgapur, Po- Sujanpur, Ps- Jajpur Sadar, Dist- Jajpur, Pin- 755017, Odisha declare by this affidavit No.8492, dtd- 02/06/2026 that now onwards I shall be known as **GULNAR KHATUN** for all future purposes.

## Notice (for Minor)

By virtue of an affidavit sworn before Executive Magistrate, Bhubaneswar, dated 17/06/2026 I, Madhusmita Nayak, W/o Philiman Nayak, Address Tarini Nagar, Salia Sahi, Po-RRL, PS-Maitree Vihar, Bhubaneswar, Pin-751013 declare that I have changed the name of my daughter from Nancy Nayak to N Nancy. Henceforth, she shall be known as **N Nancy** for all purposes.

**Madhusmita Nayak**

## AFFIDAVIT

By virtue of an affidavit (SL No. 5259, dtd- 18/03/2026) sworn before The Executive Magistrate, Jajpur. I, **Suhana Bibi** (applicant name), W/o Sk Jibrail, permanent resident of At- Pandiagopinathpur, Po- Rekabi Bazar, Ps- Jajpur Sadar, Dist- Jajpur, Odisha, PIN- 755009 declare that I have changed my minor daughter's name from **Janena Parween** (old name) to **Janera Parween** (new name). Henceforth, she shall be known as **Janera Parween** (new name) for all purposes.

**Suhana Bibi**

## AFFIDAVIT

By virtue of an affidavit sworn before the Executive Magistrate, Kanas, No.- 2337, Dated.- 11.06.2026, I, PRADIPTA KUMAR SAMANTARAY, Vill- Golara, Po-Gadasahi, Ps- Gadisagoda, Dist-Puri, Odisha, Pin-752017, declared that I havechanged my name from PRADIP KUMAR SAMANTARA (Old Name) to PRADIPTA KUMAR SAMANTARAY (New Name), Henceforth. I shall be known as **PRADIPTA KUMAR SAMANTARAY** for all purposes.

## GOVERNMENT OF ODISHA, DEPARTMENTOF WATER RESOURCES

32001/412/2627

**Office of the Executive Engineer, Mechanical Division, Bhawanipatna.**
Email Address: eemechbhawanipatna@gmail.com
**e-Procurement Tender Call Notice No.- EE/MDB-01/2026-27**

| | | | |
|---|---|---|---|
| 1. | Name of the Work | : | Mechanical Gate Works |
| 2. | No. of Works | : | 08 (Eight) |
| 3. | Category of executors | : | SSI Units registered under DIC/ NSIC/ MSME for Irrigation Shutters / Hydro mechanical gates. |
| 4. | Estimated Cost | : | Varies from 5.84 to ₹ 8.16 lacs. (Excluding GST) |
| 5. | EMD | : | Refer to DTCN |
| 6. | Cost of tender paper | : | Refer to DTCN |
| 7. | Period of Completion | : | 01 (One) calendar month |
| 8. | Date & time of availability of bid documents in the Portal | : | From dt.19.06.2026 (10.00 AM) to dt.29.06.2026 (5.30 PM) |
| 9. | Last date/ time for receipt of bid in the Portal | : | dt.29.06.2026 (up to 5.30 PM) |
| 10. | Date and place of opening of Bid | : | dt.30.06.2026 (12.00 PM onwards in the O/O the undersigned) |
| 11. | Lottery | : | If required the date of lottery is to be intimated to the Qualified Bidders after evaluation. |
| 12. | Name of the Officer inviting bid | : | Executive Engineer, Mechanical Division, Bhawanipatna |

Further details can be seen from the e-procurement portal **https://tendersodisha.gov.in**. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

Sd/- Executive Engineer,
Mechanical Division,
Bhawanipatna

OIPR-32001/32540/1/26-27/0001

## AFFIDAVIT

By virtue of an affidavit No-1958 sworn before the Executive Magistrate, Champua on dtd- 17/06/2026. I, **Janaki Babanga**, Age 53 yrs, W/o- Surendranath Babanga, permanent residence of At- Jamukundia, Po- Kalhohundula, Ps- Joda, Dist- Keonjhar, Pin- 758038, Odisha, declare that I have changed my minor son's name from **Sambhusamanath Munda** (old name) to **Sambhunath Munda** (new name). Henceforth, he shall be known as **Sambhunath Munda** (new name) for all future purposes.

**Sd/- Janaki Babanga**

## Notice (for Minor)

By virtue of an affidavit sworn before Executive Magistrate, Bhubaneswar, dated 05/06/2026 I, Ruturaj Barik, S/o Dipak Barik, Address Tarini Nagar, Salia Sahi, Po-RRL, PS-Maitree Vihar, Bhubaneswar, Pin-751013 declare that I have changed the name of my son from Sai Barik to Ayush Barik. Henceforth, He shall be known as **Ayush Barik** for all purposes.

**Ruturaj Barik**

## OFFICE OF THE MUNICIPAL COUNCIL, TALCHER

13001/903/2627

**DIST :- ANGUL**
Phone No.- (06760) 240259
E-Mail ID : e.o.talcher@gmail.com
**No. 2257 / Date: 17.06.26**

### EXPRESSION OF INTEREST

Expression of interest in the sealed cover and invited from the intending organization/Firms/Persons/NGOs/SHG Groups for **"To Take, Management and day to days Maintenance of the Handidhua Kalyani Mandap for a period of Two Years on Lease Basis under Talcher Municipality"**. The sale of tender paper shall be commenced from **dt.18.06.2026 to dt.25.06.2026** during office hours. The Cost of tender paper is **Rs.2,000/- (Rupees Two Thousand)** only. The last date of receipt sealed cover is **dt.29.06.2026 up to 1:30 PM** and the same will be opened at **3:30 P.M.** The EMD for Each Mandap **Rs.50,000/- (Rupees Fifty Thousand)** only in shape of Cash Deposit Money Receipt / Demand Draft should be enclosed duly in favour of Executive Officer, Talcher Municipality which will be refunded to the unsuccessful bidder after finalization of E.O.I process. They are required to quote the amount of lease for one year to be paid in favour of Executive Officer, Talcher Municipality before execution of agreement in one time. The upset price of the Kalyani Mandap is mention below. They should quote the rate both in words and figures. The copy of PAN Card, Adhaar Card, GST up to date should be enclosed along with E.O.I. The details of terms and conditions are mentioned in the tender paper. The undersigned has the right to accept / reject any or all E.O.I. paper without assigning any reason thereof.

| Sl. No. | Location of the Kalyani Mandap | Unit | Offset Price |
|---|---|---|---|
| 1 | Handidhua Kalyani Mandap | Per One Year | Rs. 4,00,000/- |

**Terms & Conditions:**

1. The period of lease is for two years.
2. No addition and alteration of the building will be taken up by the lessee without the permission of Municipal Authority.
3. He should keep the building as well as premises neat and clean in all times.
4. He should bear the monthly energy charges of the building.
5. Repair of water pumps and electric equipment's will be borne by the lessee.
6. The lessee should hand over the building in good condition at the time of completion of lease period.
7. Disobedience the above terms and conditions will attract cancellation of work order and forfeit of security deposit.

The authority reserved the right to reject or cancel the above E.O.I. without assigning any reason thereof.

**Executive Officer**
**Talcher Municipality**

OIPR-13001/13077/1/26-27/0015

## AFFIDAVIT

By virtue of an affidavit (CF No. 108, dtd- 03/06/2026) sworn before The Executive Magistrate, Bhubaneswar. I, **Khaleeq Ahmad,** S/o- Rafique Ahemad, resident of Nuapatana, VTC Pankal, PS/PS: Nuapatana, Nuapatna, Dist: Cuttack, State: Odisha, Pin: 754035 declare that I have changed my name from **Safique** to **Khaleeq Ahmad** in my birth certificate vide Regd. No. 6341/2006. Henceforth, I shall be known as **Khaleeq Ahmad** for all purposes.

## AFFIDAVIT

I, SUJAY PANDA alias SUJAY KUMAR PANDA S/o Arun Panda, residing at Immanuel English School, Jhinkar Guda,GP- Tankua, Jeypore, Dist- Koraput, Odisha – 764003. By virtue of an affidavit no2431, Dated 17.06.2026 sworn before Notary, Jeypore, Odisha, I have changed my name and shall be known as **SUJAY ARUN PANDA** for all future purposes

## AFFIDAVIT

I, Rosanara Bibi, W/o- Hanif Mohammed, resident of At- Betamalia, Po- Alando, Ps- Biride, Dist- Jagatsinghpur, Pin- 754130, Odisha declare by this affidavit No- 20679, date- 17/06/2026 that now onwards I shall be known as **ROSHAN ARA BIBI** for all future purposes.

## AFFIDAVIT

I,Tapaswini Hota,43 years,W/o Suchitra Hota of Vill- Narasinghpur P.O.-/PS-Dhusuri Dist-Bhadrak,pin-756119,declaer by this Affidavit No 6073 Dated 10-06-2026 my adhar card No.2601 6824 7560,that my name Tapaswini Hota, and Susama Hota is one and same person being the Wife of Tapaswini Hota,That my husband Late Suchitra Hota was opened a L.I. C.Policy bearing Pol. No. 586543982 in LIC of India Bhadrak Branch,

### ଭିଡିଓ ବାର୍ତ୍ତା ଯୋଗେ ଶୁଭେଚ୍ଛା ଜଣାଇଲେ କେନ୍ଦ୍ରମନ୍ତ୍ରୀ

# ଆଧ୍ୟାତ୍ମିକତା ଓ ଲୋକସଂସ୍କୃତିର ବିରଳ ସମାହାର 'ଶୀତଳ ଷଷ୍ଠୀ'

ସମ୍ବଲପୁର, ୧୮ ।୬ (ସମିସ)

ଓଡ଼ିଶାର ଗୌରବମୟ ସାଂସ୍କୃତିକ ତଥା ଆଧ୍ୟାତ୍ମିକ ପର୍ବ ପବିତ୍ର 'ଶୀତଳ ଷଷ୍ଠୀ' ଅବସରରେ ସମଗ୍ର ଓଡ଼ିଶାବାସୀ, ବିଶେଷ କରି ସମ୍ବଲପୁରର ଗୁରୁଜନ, ମା', ଭଉଣୀ ଓ ଭାଇମାନଙ୍କୁ ଏକ ଭିଡିଓ ବାର୍ତ୍ତା ଯୋଗେ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ। ବିଜେପି ରାଜ୍ୟ ପ୍ରବକ୍ତା ତଥା କ୍ଷେତ୍ରୀୟ ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସିଙ୍କ ଜରିଆରେ ଦେଇଥିବା ପ୍ରେସ୍ ବାର୍ତ୍ତାରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ, ଆମ ଓଡ଼ିଆ ଜାତିର ସଂସ୍କୃତି ହେଉଛି ଭାବ ଏବଂ ଭକ୍ତିର ସଂସ୍କୃତି। ଏଠାରେ ପ୍ରତିଟି ପରମ୍ପରା ପଛରେ ସମାଜ ମଙ୍ଗଳର ଏକ ମହାନ୍ ବାର୍ତ୍ତା ଲୁଚି ରହିଥାଏ। ଯେତେବେଳେ ପ୍ରଚଣ୍ଡ ଖରାରେ ଧରିତ୍ରୀ ଆକୁଳ ହୋଇଉଠେ, ସେତେବେଳେ ସଂସାରକୁ ସୁଖ ଓ ଶୀତଳତା ପ୍ରଦାନ କରିବାକୁ ପ୍ରଭୁ ଶିବ ନିଜେ ଆଗେଇ ଆସନ୍ତି। ସେପରି ଏକ ଅନନ୍ୟ ଆଧ୍ୟାତ୍ମିକ ଓ ସାମାଜିକ ପରମ୍ପରା ହେଉଛି ପବିତ୍ର 'ଶୀତଳ ଷଷ୍ଠୀ'। ଶ୍ରୀ ପ୍ରଧାନ ଏହି ପର୍ବର ବୈଶିଷ୍ଟ୍ୟ ଉପରେ ଆଲୋକପାତ କରି କହିଛନ୍ତି ଯେ, ଶୀତଳ ଷଷ୍ଠୀର ସବୁଠାରୁ ବଡ଼ ସ୍ୱତନ୍ତ୍ରତା ହେଉଛି ଏହାର 'ମାନବୀୟ ଲୀଳା'। ଯେଉଁଠି ସ୍ୱୟଂ ଭଗବାନ ଜଣେ ସାଧାରଣ ମଣିଷ ଭଳି ବରଯାତ୍ରୀ ନେଇ କନ୍ୟାପିତାଙ୍କ ଦୁଆରକୁ ଯାଆନ୍ତି।



ଏହି ଉତ୍ସବରେ ଜଣେ ସାଧାରଣ ମଣିଷ ଭଗବାନଙ୍କ ଉପରେ ନିଜର ଅଧିକାର ଜାହିର୍ କରେ ଏବଂ ପ୍ରଭୁ ମଧ୍ୟ ଭକ୍ତର ଗୁହାରି ଶୁଣି ତା'ର ସୁଖଦୁଃଖରେ ସାମିଲ ହୁଅନ୍ତି। ଏହି ପବିତ୍ର ଅବସରରେ ସମଗ୍ର ସମାଜ ସବୁ ଭେଦଭାବ ଭୁଲି ଏକାଠି ହୋଇଥାଏ, ଯାହା ଆମର ପାରିବାରିକ ଓ ସାମାଜିକ ସଂସ୍କାରକୁ ଯୁଗ ଯୁଗ ଧରି ମଜଭୁତ କରି ରଖିଛି। ଶୀତଳ ଷଷ୍ଠୀ କେବଳ ଏକ ପର୍ବ ନୁହେଁ, ଏହା ଆମ ଓଡ଼ିଆ ସଂସ୍କୃତିର ଅନନ୍ୟ ଗାରିମା ଏବଂ ଭାବମୟ ପରିଚୟ। ଏହା ଆଧ୍ୟାତ୍ମିକତା, ଧର୍ମଧାରା ଓ ଲୋକ ସଂସ୍କୃତିର ବିରଳ ସମାହାର। 'ଥାଳ ଉଠା', 'ପତରପେଣ୍ଡି', 'ଦେବ ନିମନ୍ତ୍ରଣ', 'ଦେବ ବିବାହ' ଏବଂ 'ନଗର ପରିକ୍ରମା' ଭଳି ପ୍ରତ୍ୟେକଟି ପାରମ୍ପରିକ ରୀତିନୀତି ଏହି ପର୍ବକୁ ସାରା ବିଶ୍ୱରେ ଏକ ସ୍ୱତନ୍ତ୍ର ସ୍ଥାନ ଦେଇଛି। ମାତା ପାର୍ବତୀ ଓ ପ୍ରଭୁ ଶିବଙ୍କର ଏହି ବିବାହ ପଛରେ ସମଗ୍ର ଜଗତର କଲ୍ୟାଣ ଚେତନା ରହିଛି। ଶୀତଳ ଷଷ୍ଠୀ ଆମ ଭାରତବର୍ଷର 'ଇନଟାଞ୍ଜିବୁଲ୍ କଲଚରାଲ ହେରିଟେଜ'ର ଏକ ଭବ୍ୟ ରୂପ, ଯେଉଁଠି ବିଭିନ୍ନ ଲୋକକଳା, ସାଂସ୍କୃତିକ ବାଦ୍ୟ, ପାରମ୍ପରିକ ନୃତ୍ୟ ଏବଂ ଲୋକଗୀତର ଏକ ଅପୂର୍ବ ମହାସଙ୍ଗମ ଦେଖିବାକୁ ମିଳେ। ଭାରତ ସରକାର ଏହି ଅନନ୍ୟ ଲୋକ ସଂସ୍କୃତିକୁ ସମ୍ମାନ ଜଣାଇ ଏକ ସ୍ମାରକୀ ଡାକଟିକେଟ ପ୍ରଚଳନ କରିଥିବାରୁ ସେ ଖୁସି ବ୍ୟକ୍ତ କରିଛନ୍ତି।

କେନ୍ଦ୍ରମନ୍ତ୍ରୀ ତାଙ୍କ ବାର୍ତ୍ତାରେ ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱ ଦେଇ କହିଛନ୍ତି ଯେ, ଶୀତଳ ଷଷ୍ଠୀ ପ୍ରକୃତିକୁ ସୁରକ୍ଷା ଦେବାର ଏବଂ ପରିବେଶକୁ ସବୁଜ ସୁନ୍ଦର କରିବାର ଏକ ମହାନ ବାର୍ତ୍ତା ଦିଏ। ତେଣୁ ଏହି ପବିତ୍ର ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନରେ 'ଏକ୍ ପେଡ୍ ମା' କେ ନାମ' ଅଭିଯାନରେ ସାମିଲ ହୋଇ ପ୍ରତ୍ୟେକେ ଗୋଟିଏଗୋଟିଏ ଗଛ ଲଗାଇବା ଏବଂ ଏହି ଜଗତକୁ ସବୁଜିମାରେ ଶୀତଳ କରିବାର ସଂକଳ୍ପ ନେବା ଉଚିତ। ଶୀତଳଷଷ୍ଠୀ ଯାତ୍ରାର ସାଂସ୍କୃତିକ ଭବ୍ୟତାକୁ ଆହୁରି ଆଗକୁ ନେବା ଏବଂ ଏହାର 'ଜଗତ କଲ୍ୟାଣ' ବାର୍ତ୍ତାକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ନିରନ୍ତର ପ୍ରୟାସ କରିବା ପାଇଁ ଶ୍ରୀ ପ୍ରଧାନ ଆହ୍ୱାନ କରିବା ସହ 'ବିକଶିତ ସମ୍ବଲପୁର', 'ବିକଶିତ ଓଡ଼ିଶା' ଏବଂ 'ବିକଶିତ ଭାରତ' ଗଠନ ପାଇଁ ସମସ୍ତେ ମିଳିତ ପ୍ରୟାସ କରିବା ପାଇଁ ସେ ଜନସାଧାରଣଙ୍କୁ ଅପିଲ୍ କରିଛନ୍ତି।

ଶ୍ରୀ ପ୍ରଧାନ ଓଡ଼ିଶାର ଯୁବ ସମାଜକୁ ଆହ୍ୱାନ କରି କହିଛନ୍ତି ଯେ, ଆଜିର ଯୁବପିଢ଼ି ଶୀତଳଷଷ୍ଠୀକୁ ନେଇ ସୁନ୍ଦର ରିଲ୍ସ ଏବଂ ସୋସିଆଲ ମିଡିଆ ବିଷୟବସ୍ତୁ ପ୍ରସ୍ତୁତ କରନ୍ତୁ, ଯାହାଦ୍ୱାରା ସାରା ବିଶ୍ୱରେ ଓଡ଼ିଶା ତଥା ସମ୍ବଲପୁରର ସାଂସ୍କୃତିକ ଓ ଆଧ୍ୟାତ୍ମିକ ବିଭବ ସହଜରେ ପରିଚିତ ହୋଇପାରିବ। ଶେଷରେ, ମହାଦେବ ଏବଂ ମାତା ପାର୍ବତୀଙ୍କ ଅପାର କୃପା ଓ ଆଶୀର୍ବାଦ ସମସ୍ତଙ୍କ ପରିବାର ଉପରେ ସଦାସର୍ବଦା ରହିଥାଉ ଏବଂ ସମସ୍ତଙ୍କ ଜୀବନ ସୁଖ, ଶାନ୍ତି ଓ ସମୃଦ୍ଧିରେ ଭରିଯାଉ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରାର୍ଥନା କରିବା ସହ 'ଓଁ ନମଃ ଶିବାୟ' କହି ନିଜର ଅଭିଭାଷଣ ଶେଷ କରିଛନ୍ତି।

## ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ପ୍ରସ୍ତୁତି ବୈଠକ



ଦେବଗଡ଼,୧୮ ।୬(ସମିସ): ଆଗାମୀ ମୌସୁମୀ ପ୍ରବାହକୁ ଦୃଷ୍ଟିରେ ରଖି ସମ୍ଭାବ୍ୟ ବନ୍ୟା ଓ ବାତ୍ୟା ପରିସ୍ଥିତିର ମୁକାବିଲା ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଜିଲ୍ଲାପାଳଙ୍କ ବିକାଶଭବନ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାପାଳ ଶ୍ରୀ ସାହୁ ପ୍ରବଳବର୍ଷା ଜନିତ ସମ୍ଭାବ୍ୟ ବାତ୍ୟା ପରିସ୍ଥିତିର ମୁକାବିଲା ନିମନ୍ତେ ସମସ୍ତ ବିଭାଗ ସଜାଗ ରହିବା ସଙ୍ଗେ ସଙ୍ଗେ ଏଭଳି ପରିସ୍ଥିତିକୁ ସମ୍ମୁଖୀନ ହେବା ନିମନ୍ତେ ଯଥେଷ୍ଟ ପୂର୍ବରୁ ନିଜ ନିଜ ବିଭାଗର କାର୍ଯ୍ୟ ଖସଡ଼ା ପ୍ରସ୍ତୁତି କରି ରଖିବାକୁ ପରାମର୍ଶ ଦେଇଥିଲେ। ବୈଠକରେ କୃଷି ବିଭାଗ, ଶକ୍ତି ବିଭାଗ, ପଶୁ ସମ୍ପଦ ବିଭାଗ, ମତ୍ସ୍ୟ ବିଭାଗ, ଯୋଗାଣ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଜନସ୍ୱାସ୍ଥ୍ୟ ବିଭାଗ, ପୌରପରିଷଦ, ଜଙ୍ଗଲ ବିଭାଗ, ପଞ୍ଚାୟତ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ଅଗ୍ନିଶମ ବିଭାଗ ଓଡ୍ରାଫ ଟିମ୍‌ର ଉପସ୍ଥିତି ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ନିମନ୍ତେ ନିଜ ନିଜ ବିଭାଗର ପ୍ରସ୍ତୁତି ଉପରେ ସୂଚନା ପ୍ରଦାନ କରିଥିଲେ। ଜିଲ୍ଲାପାଳ ଶ୍ରୀ ସାହୁ ଦୁର୍ଗମ ଅଞ୍ଚଳରେ ଆବଶ୍ୟକ ଖାଦ୍ୟ ସାମଗ୍ରୀ, କିରୋସିନି ଆଦି ଗଚ୍ଛିତ କରିବାକୁ ପରାମର୍ଶ ଦେବା ସଙ୍ଗେ ସଙ୍ଗେ କୃଷି କାର୍ଯ୍ୟ ନିମନ୍ତେ ଆବଶ୍ୟକୀୟ ବିହନ, କୀଟନାଶକ ଔଷଧ ଏବଂ ସାର ମହଜୁଦ କରି ରଖିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଜିଲ୍ଲା ସଦର ମହକୁମା ଡାକ୍ତରଖାନା, ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ଅତ୍ୟାବଶ୍ୟକୀୟ ଔଷଧ, ଓଆରଏସ ଏବଂ ସାପ କାମୁଡ଼ା ଇଞ୍ଜେକ୍ସନ ମହଜୁଦ ରଖିବାକୁ ପରାମର୍ଶ ଦେଇଥିଲେ। ବୈଠକରେ ସ୍ୱତନ୍ତ୍ର ରିଲିଫ୍ କମିଶନର ଦେବବ୍ରତ କର, ଆରକ୍ଷୀ ଅଧିକ୍ଷକ କିଶୋର ଚନ୍ଦ୍ର ମୁଣ୍ଡ, ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଉପ ଜିଲ୍ଲପାଳ ପରକ୍ଷିତ ସାହୁ, ଏସିଏଫ୍ ଅରୁଣ କୁମାର ବେହେରା, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ମୁକେଶ ଭୋଇ, ପୌରପରିଷଦ ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ କଳିଙ୍ଗ ଆଶିଷ ଶତପଥୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ଜିଲ୍ଲା ସମାଜିକ ସୁରକ୍ଷା ଅଧିକାରୀ ଶ୍ରୀନିବାସ ଜାନୀ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସିକା ସନ୍ଧ୍ୟା ମାଝୀ, ତହସିଲଦାର କର୍ଣ୍ଣ ମଲିକ୍, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଓ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

ଝାରସୁଗୁଡ଼ା: ଆସନ୍ନ ମୌସୁମୀ ଋତୁରେ ବନ୍ୟା, ବାତ୍ୟା ତଥା ଅନ୍ୟାନ୍ୟ ପ୍ରକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା ଓ ପୂର୍ବ ପ୍ରସ୍ତୁତି ସ୍ୱରୂପ ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଜିଲ୍ଲାସ୍ତରୀୟ 'ଟେବୁଲ୍ ଟପ୍' ଅଭ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡ଼ା ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଲଳିତ ସୋରେଙ୍ଗଙ୍କ ଅଧ୍ୟକ୍ଷତାରେ ଏହି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ରାଜ୍ୟସ୍ତରୀୟ ପର୍ଯ୍ୟବେକ୍ଷକ ଶୁଭମ ତାମାଙ୍ଗ ଯୋଗଦେଇ ଜିଲ୍ଲାର ପ୍ରସ୍ତୁତିର ସମୀକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗଦେଇ ମୌସୁମୀ ସମୟରେ ଘଟିବାକୁ ଥିବା ସମ୍ଭାବ୍ୟ ବିପର୍ଯ୍ୟୟର ପୂର୍ବରୁ, ବିପର୍ଯ୍ୟୟ ସମୟରେ ଏବଂ ବିପର୍ଯ୍ୟୟ ପରବର୍ତ୍ତୀ ସ୍ଥିତିରେ ଗ୍ରହଣ କରାଯିବାକୁ ଥିବା ବିଭିନ୍ନ ପଦକ୍ଷେପ ଓ ପ୍ରସ୍ତୁତି ସମ୍ପର୍କରେ ନିଜ ନିଜ ବିଭାଗ ପକ୍ଷରୁ ବିସ୍ତୃତ ବିବରଣୀ ଉପସ୍ଥାପନ କରିଥିଲେ। ସମସ୍ତ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷାକରି 'ଜିରୋ କାଜୁଆଲଟି' ନୀତିକୁ କାର୍ଯ୍ୟକାରୀ କରିବା ପାଇଁ ସେମାନେ ଗୁରୁତ୍ୱାରୋପ କରିଥିଲେ। ସୁଶାନ୍ତ କୁମାର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ସମସ୍ତ ଅତିଥି ଓ ଅଧିକାରୀମାନଙ୍କୁ ବୈଠକକୁ ସ୍ୱାଗତ କରିଥିଲେ। ଏହାପରେ ଅତିରିକ୍ତ ଜିଲ୍ଲାପାଳ ଏବଂ ରାଜ୍ୟ ପର୍ଯ୍ୟବେକ୍ଷକ ମହୋଦୟ ସଭାକୁ ସମ୍ବୋଧିତ କରି ମାର୍ଗଦର୍ଶନ ଦେଇଥିଲେ। ପରିଶେଷରେ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ମୃତ୍ୟୁଞ୍ଜୟ ସବର ଉପସ୍ଥିତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ପ୍ରତିନିଧିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଟ୍ରେନ୍‌ରୁ ଖସିପଡ଼ି ଯୁବକଙ୍କ ଗୋଡ଼ କଟିଲା

ଝାରସୁଗୁଡ଼ା,୧୮ ।୬(ସମିସ): ଟାଟା ବିଲାସପୁର ଏକ୍ସପ୍ରେସରେ ଯାଉଥିବା ଜଣେ ଯୁବକ ଟ୍ରେନ୍‌ରୁ ଖସି ପଡ଼ିବାରୁ ତାଙ୍କର ଏକ ଗୋଡ଼ କଟିଯାଇଛି। ତାଙ୍କ ନାମ ମନୋଜ କୁମାର ଯାଦବ। ଖବରପାଇ ଘଟଣାସ୍ଥଳକୁ ରେଲୱେ ପୁଲିସ ପହଞ୍ଚି କେତେକ ସ୍ଥାନୀୟ ଯୁବକଙ୍କ ସହାୟତାରେ ଝାରସୁଗୁଡ଼ା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ।

## ବଢ଼ିଲା ଖରା ଛୁଟି; ୨୧ରୁ ସ୍କୁଲ

ଦେବଗଡ଼,୧୮ ।୬(ସମିସ): ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲ୍ଲାର ସମସ୍ତ ବିଦ୍ୟାଳୟର ଗ୍ରୀଷ୍ମ ଛୁଟି ଅବଧି ବୃଦ୍ଧି କରାଯାଇଛି। ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁ ଏ ମର୍ମରେ ଆଜି ନିର୍ଦ୍ଦେଶନାମା ଜାରି କରିଛନ୍ତି। ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ବିଦ୍ୟାଳୟଗୁଡ଼ିକୁ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଛୁଟି ଘୋଷଣା କରାଯାଇଛି। ତେବେ କୌଣସି ପରୀକ୍ଷା ଥିଲେ ସକାଳ ସମୟରେ କରିବା ସହ ଶିକ୍ଷାନୁଷ୍ଠାନରେ ବିଶୁଦ୍ଧ ପାନୀୟଜଳ ସହ ଅଂଶୁଘାତ ମୁକାବିଲା ପାଇଁ ସମସ୍ତ ପ୍ରସ୍ତୁତି ରଖିବାକୁ ଜିଲ୍ଲାପାଳ ଶ୍ରୀ ସାହୁ ନିର୍ଦ୍ଦେଶ ଦେଇଛନ୍ତି।

## ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଉପଲକ୍ଷେ ଜିଲ୍ଲାସ୍ତରୀୟ ପ୍ରଦର୍ଶନୀ ମେଳା

ଦେବଗଡ଼,୧୮ ।୬(ସମିସ)

ଜିଲ୍ଲା ପ୍ରଶାସନ ପକ୍ଷରୁ ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଉପଲକ୍ଷେ ଜିଲ୍ଲାସ୍ତରୀୟ ପ୍ରଦର୍ଶନୀ ମେଳା ପ୍ରଧାନପାଟ୍ ରୋଡ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଛି। ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ



ମୁଖ୍ୟ ଅତିଥି ଭାବେ ଜିଲ୍ଲପାଳ କବୀନ୍ଦ୍ର କୁମାର ସାହୁ, ଅତିଥି ଭାବେ ଆରକ୍ଷୀ ଅଧିକ୍ଷକ କିଶୋର ଚନ୍ଦ୍ର ମୁଣ୍ଡ, ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଭାରପ୍ରାପ୍ତ ପୌରପରିଷଦ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜ, ପୂର୍ବତନ ବିଧାୟକ ତଥା ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ସୁବାସ ଚନ୍ଦ୍ର ପାଣିଗ୍ରାହୀ, ଜିଲ୍ଲା ବିଜେପି ସଭାପତି ଅରୁଣ କୁମାର ସାହୁ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରା, ବିଧାୟକଙ୍କ ପ୍ରତିନିଧି ଚନ୍ଦ୍ରଶେଖର ଭୁକ୍ତା ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କର ଦୁଇ ବର୍ଷ ପୂର୍ତ୍ତି ଉପଲକ୍ଷେ ଜିଲ୍ଲାରେ ନୂତନ ସରକାରଙ୍କ ଦୁଇବର୍ଷ ଅବଧିରେ ହୋଇଥିବା ବିକାଶ ଉପରେ ମଞ୍ଚାସିନ ଅତିଥିବୃନ୍ଦ ନିଜ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସ୍ଥାନୀୟ କଳାକାରମାନଙ୍କୁ ନେଇ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ୨୪ରେ ବେଲପାହାଡ଼ ନଗରପାଳଙ୍କ ବିରୋଧରେ ଅନାସ୍ଥା ଭୋଟିଂ

ଇବଥର୍ମାଲ,୧୮ ।୬(ସମିସ)

ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ପୌରପରିଷଦ ଅଧ୍ୟକ୍ଷ ନିମାଇଁ



ଚରଣ ପଣ୍ଡାଙ୍କ ବିରୋଧରେ ଆସନ୍ତା ୨୪ ତାରିଖ ପୂର୍ବାହ୍ନ ୧୧ରେ ହେବ ଅନାସ୍ଥା ଭୋଟ। ବେଲପାହାଡ଼ ପୌରପରିଷଦ ସଭାଗୃହରେ ସଞ୍ଜୀବ କୁମାର ପଟେଲଙ୍କ ଅଧ୍ୟକ୍ଷତାରେ ଏଥିପାଇଁ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହେବ। ଜିଲ୍ଲାପ୍ରଶାସନ ପକ୍ଷରୁ ଆଜି ଏନେଇ ଏକ ନୋଟିସ ଜାରି କରାଯାଇଛି। ବେଲପାହାଡ଼ ପୌର ପରିଷଦରେ ଥିବା ୧୯ କାଉନସିଲର ମଧ୍ୟରୁ ନଗରପାଳ ନିମାଇଁ ଚରଣ ପଣ୍ଡାଙ୍କ ବିରୋଧରେ ୧୪ ଜଣ କାଉନସିଲର ଆସ୍ଥା ନ ଥିବା ଦର୍ଶାଇ ଗତ ଜୁନ୍ ୮ ତାରିଖ ଜିଲ୍ଲା ପ୍ରଶାସନ ନିକଟରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ଜିଲ୍ଲାପ୍ରଶାସନ ଏହି ପ୍ରସ୍ତାବକୁ ଗ୍ରହଣ କରିବାସହ ଅନାସ୍ଥା ଭୋଟ ପାଇଁ ୨୪ ତାରିଖ ପୂର୍ବାହ୍ନ ୧୧ ଟା ରେ ସମୟ ଧାର୍ଯ୍ୟ କରାଯାଇଛି।

ସୂଚନା ଯୋଗ୍ୟ ଯେ, କିଛିଦିନ ପୂର୍ବରୁ ବେଲପାହାଡ଼ ପୌର ପରିଷଦ ଜନସାଧାରଣ ପୌରାଧ୍ୟକ୍ଷ ଶ୍ରୀ ପଣ୍ଡା ସର୍ବସାଧାରଣ ଭୋଟରେ ବିଜୟୀ ହୋଇ ଲୋକ ହିତରେ କାର୍ଯ୍ୟ କରୁଥିବା ତର୍କ ଦେଇ ଝାରସୁଗୁଡ଼ା ଜିଲ୍ଲାପାଳଙ୍କୁ ଶ୍ରୀ ପଣ୍ଡାଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ ଉପରେ ପୁନଃ ବିଚାର କରି ଅନସ୍ଥା ଭୋଟ ନକରିବାକୁ ଲିଖିତ ଅନୁରୋଧ କରିଥିଲେ। ହେଲେ ଜିଲ୍ଲା ପ୍ରଶାସନ ନୋଟିସ୍ ପରେ ଅନାସ୍ଥା ଉପରେ ଭୋଟିଂ ହେବ।

## ଝାରସୁଗୁଡ଼ା ହେବ ଓଡ଼ିଶାର ପରବର୍ତ୍ତୀ ପ୍ରଗତିର କେନ୍ଦ୍ରବିନ୍ଦୁ : ମନ୍ତ୍ରୀ

ଝାରସୁଗୁଡ଼ା,୧୮ ।୬ (ସମିସ

ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଗୁରୁବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥିତ ଜିଲ୍ଲା ଖଣିଜ ପ୍ରେକ୍ଷାଳୟ କକ୍ଷରେ ରାଜ୍ୟ ସରକାରଙ୍କ ଦ୍ୱିତୀୟ ବର୍ଷ ପୂର୍ତ୍ତି ଉପଲକ୍ଷେ "ବିକାଶର ଧାରା, ଓଡ଼ିଶା ସାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏନେଇ ଏକ ସାମ୍ବାଦିକ ସମ୍ମିଳନୀରେ ସଂସଦୀୟ ବ୍ୟାପାର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଇଲେକଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ସୂଚନା ଦେଇଥିଲେ। ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧନ କରି ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଥିଲେ ଯେ, ଆଗାମୀ ଦିନରେ ଝାରସୁଗୁଡ଼ା ଓଡ଼ିଶାର ପରବର୍ତ୍ତୀ ପ୍ରଗତିର ପ୍ରମୁଖ କେନ୍ଦ୍ରବିନ୍ଦୁ ଭାବେ ଉଭା ହେବାକୁ ଯାଉଛି। ଜିଲ୍ଲାର ସ୍ୱାସ୍ଥ୍ୟ ସେବା କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବା ପାଇଁ ମଙ୍ଗଳ ବଜାର ସାଟେଲାଇଟ୍ ହସ୍ପିଟାଲକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯାଇଅଛି। ଏଥିସହ ଶିକ୍ଷାର ବିକାଶ ପାଇଁ ଜିଲ୍ଲାରେ ଏକ ନୂତନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ନେଇ ରାଜ୍ୟ ସରକାର ପ୍ରସ୍ତାବ ରଖିଛନ୍ତି। ପରିବେଶ ସନ୍ତୁଳନ ପାଇଁ ବ୍ୟାପକ ବୃକ୍ଷରୋପଣ ଏବଂ ରୋପଣ କରାଯାଇଥିବା ଗଛଗୁଡ଼ିକର ବଞ୍ଚିବା ହାର ଉପରେ ବିଶେଷ ନଜର ରଖାଯାଇଛି। ସହର ମଧ୍ୟରେ ବେଆଇନ ଆବର୍ଜନା ପକାଇବା





ରୋକିବା ପାଇଁ ଟାଉନ୍ ମ୍ୟାପିଂ କରାଯାଇ ମାନଚିତ୍ର ପ୍ରସ୍ତୁତ କରାଯାଉଛି ଏବଂ ସହରର ଡ୍ରେନେଜ୍ ବ୍ୟବସ୍ଥାରେ ବ୍ୟାପକ ସୁଧାର ଅଣାଯାଉଛି। ଏହି ସମ୍ମିଳନୀରେ ଝାରସୁଗୁଡ଼ାର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଟଙ୍କଧର ତ୍ରିପାଠୀ ଯୋଗଦେଇ କହିଥିଲେ ଯେ, ଝାରସୁଗୁଡ଼ାରେ ଏବେ 'ସମର୍ପିତ ବିକାଶ'ର ଧାରା ଚାଲୁ ରହିଛି। ଜିଲ୍ଲାର ଛାତ୍ରଛାତ୍ରୀମାନଙ୍କ ସୁବିଧା ପାଇଁ ୨୦ଟି ନୂତନ ହଷ୍ଟେଲ ନିର୍ମାଣ କରାଯାଉଛି। ଚାଷୀମାନଙ୍କ କଲ୍ୟାଣ ତଥା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସଂଯୋଗ କରୁଥିବା ରାସ୍ତାକୁ ୪-ଲେନ୍ ବିଶିଷ୍ଟ ରାସ୍ତାରେ ପରିଣତ କରିବା ପାଇଁ ପଦକ୍ଷେପ ନିଆଯାଇଛି। ପ୍ରାଥମିକ ଶିକ୍ଷା ସ୍ତରରେ ଏକ ବୈପ୍ଳବିକ ପଦକ୍ଷେପ ସ୍ୱରୂପ ପ୍ରଥମରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ଶିଶୁମାନଙ୍କୁ ଟସମ୍ବଲପୁରୀ ଭାଷା'ରେ ଶିକ୍ଷାଦାନ ଦିଆଯିବାର ବ୍ୟବସ୍ଥା କରାଯାଉଛି। ଏହି ସାମ୍ବାଦିକ ସମ୍ମିଳନୀରେ ଝାରସୁଗୁଡ଼ା ସ୍ପେଶାଲ ଡେଭଲପମେଣ୍ଟ କାଉନସିଲର ମାନ୍ୟବର ସାମଲ ନାୟକ, ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ କୁଣାଲ ମୋତିରାମ ଚହ୍ୱାଣ, ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାର ପ୍ରାୟ ୨୦୦ ରୁ ଅଧିକ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ଏହି ଦୁଇ ବର୍ଷର ସଫଳତାକୁ ଜନସାଧାରଣଙ୍କ ପାଖରେ ପହଞ୍ଚାଇବା ପାଇଁ ପ୍ରିଣ୍ଟ, ଇଲେକ୍ଟ୍ରୋନିକ ଏବଂ ଡିଜିଟାଲ ମିଡିଆର ପ୍ରାୟ ୫୦ ଜଣରୁ ଉର୍ଦ୍ଧ୍ୱ ପ୍ରତିନିଧି ଏହି ସମ୍ମିଳନୀରେ ଉପସ୍ଥିତ ଥିଲେ।







### ଆସନ୍ନ ମୌସୁମୀ ବର୍ଷାକୁ ନେଇ ଚିନ୍ତାରେ ଚାଷୀ

# ୫୯ ମଣ୍ଡିରେ ପଡିଛି ୪.୪୧ ଲକ୍ଷ ପ୍ୟାକେଟ୍ ଧାନ

ପଦ୍ମପୁର,୧୮।୬(ସମିସ):



ବରଗଡ଼ ଜିଲ୍ଲା ପଦ୍ମପୁର ଉପଖଣ୍ଡରେ ଚାଷ ଓ ଚାଷୀଙ୍କ ସମସ୍ୟା ସବୁଠାରୁ ଅଧିକ ଥିବାବେଳେ ବର୍ତ୍ତମାନ ଆସନ୍ନ ମୌସୁମୀ ବର୍ଷା ନେଇ ଚାଷୀ ଚିନ୍ତାରେ। ପଦ୍ମପୁର ଉପଖଣ୍ଡରେ ଗତ ୧୧ ତାରିଖରୁ ଚାଲିଛି ରବି ଧାନ କିଣା। ଧାନ ସଂଗ୍ରହ ପ୍ରକ୍ରିୟା ଦିନକୁ ଦିନ ଅଧିକ ଜଟିଳ ହେବାର ଲାଗିଛି। ମଣ୍ଡିକୁ ଧାନ ଆସୁଛି କିନ୍ତୁ ଆବଶ୍ୟକ ଟାର୍ଗେଟ ନ ଥିବାରୁ ଧାନ ଉଠାଇବାକୁ ମିଲର୍ସ ଆସୁନାହାନ୍ତି ବୋଲି ଚାଷୀମାନେ କହିଛନ୍ତି। ସେହିପରି ଟୋକନ କଟକଣା ଧାନ ବିକ୍ରିବଟାରେ ବଡ଼ ସମସ୍ୟା ପାଲଟିଛି। ଚାଷୀମାନେ ଧାନ ଅମଳ କରି ରଖିଛନ୍ତି କିନ୍ତୁ ମାସାଧିକ କାଳ ବିତିଯାଇଥିଲେ ମଧ୍ୟ ଅନେକ ଚାଷୀଙ୍କ ପାଖକୁ ଏପର୍ଯ୍ୟନ୍ତ ଟୋକନ ପହଞ୍ଚି ନାହିଁ। ଯେଉଁ ଚାଷୀଙ୍କୁ ଧାନବିକ୍ରି ଟୋକନ ମିଳିଛି, ସେମାନଙ୍କ ମଧ୍ୟରୁ ଅନେକ ଚାଷୀଙ୍କ ଟୋକନରେ ପରିମାଣ ଯଥେଷ୍ଟ କମ୍ ରହିଛି। ଏହାକୁ ନେଇ ସାରା ଅଞ୍ଚଳରେ ଚାଷୀ ଅସନ୍ତୋଷ ତେଜୁଛି। ସେହିପରି ମୌସୁମୀ ବର୍ଷା ଯୋଗୁଁ ଚାଷୀ ଆତଙ୍କିତ ହୋଇ ପଡୁଛନ୍ତି। ଯଦି ବର୍ଷାରେ ସେମାନଙ୍କ ଧାନ ଭିଜିଯାଏ ତାହେଲେ ଧାନ ବିକ୍ରି ଯୋଗ୍ୟ ରହିବ ନାହିଁ। ପଦ୍ମପୁର ଉପଖଣ୍ଡରେ ରବିଧାନ ସଂଗ୍ରହ ପାଇଁ ପ୍ରଶାସନ ତରଫରୁ ୫୯ଟି ମଣ୍ଡି ଖୋଲାଯାଇଛି। ସର୍ବାଧିକ ସୋହେଲା ବ୍ଲକରେ ଧାନ ସଂଗ୍ରହ ପାଇଁ ୧୬ଗୋଟି ମଣ୍ଡି ଖୋଲିଥିବା ବେଳେ ବିଜେପୁରରେ ୧୩ଟି ମଣ୍ଡି, ଗାଇସିଲେଟରେ ୩ଟି ମଣ୍ଡି, ଝାରବନ୍ଧରେ ୧୨ଟି ମଣ୍ଡି, ପାଇକମାଳରେ ୯ଟି ମଣ୍ଡି ଓ ପଦ୍ମପୁର ବ୍ଲକରେ ୬ଟି ମଣ୍ଡି ଖୋଲିଛି। ତେବେ ବିଶେଷ କରି ଉପଖଣ୍ଡର ପାଇକମାଳ ଓ ଝାରବନ୍ଧ ବ୍ଲକର ବିଭିନ୍ନ ମଣ୍ଡିରେ ଧାନ ଉଠାଣ ଠପ୍ ହୋଇଛି। ପାଇକମାଳ ବ୍ଲକ ଧାରୋଲରେ ୫୦ହଜାର ୧୬୫ ପ୍ୟାକେଟ, ପାଇକମାଳ ମଣ୍ଡିରେ ୪୪ ହଜାର ୨୬୦ ପ୍ୟାକେଟ, ଜାମସେଟ ମଣ୍ଡିରେ ୧୮ହଜାର ପ୍ୟାକେଟ ଧାନ ପଡିଥିବା ବେଳେ ଝାରବନ୍ଧ ବ୍ଲକ ଡଭା ମଣ୍ଡିରେ ୨୪ହଜାର ପ୍ୟାକେଟ ଧାନ ପଡ଼ି ରହିଛି।

ମଙ୍ଗଳବାର ସୁଦ୍ଧା ଉପଖଣ୍ଡର ୧୨ହଜାର ୩୮୧ ଜଣ ଚାଷୀ ୧୨ଲକ୍ଷ ୬୩ ହଜାର ପ୍ୟାକେଟ ଧାନ ବିକ୍ରି କରିଥିବାବେଳେ ବିଭିନ୍ନ ମଣ୍ଡିରେ ୪ ଲକ୍ଷ ୪୧ ହଜାର ୬୦୩ ପ୍ୟାକେଟ ଧାନ ପଡିଥିବା ଆର୍‌ଏମ୍‌ସି ସଂପାଦକ ରବି ନାରାୟଣ ପଣ୍ଡା ସୂଚନା ଦେଇଛନ୍ତି। ତେବେ ସରକାର ଶୀଘ୍ର ମିଲ୍‌ମାନଙ୍କୁ ଧାନ ଉଠାଣ ଟାର୍ଗେଟ ଦେଇ ଶୀଘ୍ର ଧାନ ଉଠାଇବାକୁ ଚାଷୀମାନେ ଦାବି କରିଛନ୍ତି।

## ଡୁଡୁକିଦାଦରରେ ବିରାଟ ପୂଜା



ଝାରବନ୍ଧ,୧୮।୬(ସମିସ): ଝାରବନ୍ଧ ବ୍ଲକ ଡୁଡୁକିଦାଦର ଗ୍ରାମରେ ୧୯୮୪ ମସିହାରୁ ପାଳିତ ହୋଇ ଆସୁଥିବା ପାରମ୍ପରିକ ବିରାଟ ପୂଜା ଚଳିତ ବର୍ଷ ଧୁମ୍‌ଧାମରେ ସମ୍ପନ୍ନ ହୋଇଛି। ବିଶ୍ୱ ଶାନ୍ତି, ସାମାଜିକ ସଦଭାବ ଏବଂ ଗୋ-ମାତାଙ୍କ ସମ୍ମାନ ଓ ସେବା ନେଇ ଡୁଡୁକିଦାଦର ଗଣ୍ଡାପଡାବାସୀଙ୍କ ଉଦ୍ୟମରେ ପ୍ରତିବର୍ଷ ଏହି ପୂଜାର ଆୟୋଜନ କରାଯାଉଛି। ଯଦୁମଣି ଦୀପ ଓ ମୀନକେତନ ସୁନା ମଧୁର କଣ୍ଠରେ ବିରାଟ ପୁରାଣ ଗାୟନ କରିଥିବା ବେଳେ ସମଗ୍ର ଅଞ୍ଚଳ ଭକ୍ତିମୟ ପରିବେଶରେ ମୁଖରିତ ହୋଇଉଠିଥିଲା। ସପତ୍ନୀକ ଗିରିରାଜ କୁମ୍ଭାର ଓ ଗୀତାଞ୍ଜଳି କୁମ୍ଭାର କର୍ତ୍ତା ଭାବେ ସମସ୍ତ ବିଧିବିଧାନ ସମ୍ପନ୍ନ କରିଥିଲେ। ଏହି ଅବସରରେ ପାରମ୍ପରିକ ସଂଚାର ବାହକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। ସଂଚାର ବାହକମାନେ ସେମାନଙ୍କ କଳା ଓ ପାରମ୍ପରିକ ପରିବେଷଣ ମାଧ୍ୟମରେ ଉପସ୍ଥିତ ଭକ୍ତ ଓ ଦର୍ଶକଙ୍କ ମନୋରଞ୍ଜନ କରିବା ସହିତ ଧାର୍ମିକ ଓ ସାମାଜିକ ବାର୍ତ୍ତା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଦେଖିବା ପାଇଁ ଅଞ୍ଚଳର ବହୁ ସଂଖ୍ୟକ ଲୋକଙ୍କ ସମାଗମ ହୋଇଥିଲା। ପୂଜାକୁ ସଫଳ କରିବାକୁ ରାମେଶ୍ୱର ବାଘ, ଦିଲୀପ କୁମ୍ଭାର, ବିନୋଦ ବିହାରୀ ବାଘ, ଗିରିଧାରୀ କୁମ୍ଭାର, ସୁବନ ତାଣ୍ଡି, ମୋହିତ କୁମ୍ଭାର, ରୋହିତ ମହାନନ୍ଦ, କିଶୋର କୁମ୍ଭାର, ବିବେକ କୁମ୍ଭାର, ଅନିଲ ଲୁହାର, ଗିରିଶ ଲୁହାର,ଗୋଲେକ କୁମ୍ଭାରଙ୍କ ସମେତ ଗଣ୍ଡା ସମାଜର ସମସ୍ତ ପରିବାର ସକ୍ରିୟ ସହଯୋଗ କରିଥିଲେ।

## ଜିଲ୍ଲାସ୍ତରୀୟ ଜୈବିକ କୃଷି କର୍ମଶାଳା



ବରଗଡ଼,୧୮।୬(ସମିସ): ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଉପଲକ୍ଷେ ସମଗ୍ର ରାଜ୍ୟରେ ବିଭିନ୍ନ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମ ଆୟୋଜିତ ହେଉଥିବା ପରିପ୍ରେକ୍ଷୀରେ ଆଜି ବରଗଡ଼ ଜିଲ୍ଲା ସ୍ତରରେ 'ଜୈବିକ ଓ ପ୍ରାକୃତିକ କୃଷି କର୍ମଶାଳା' ସ୍ଥାନୀୟ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜୈବିକ ଓ ପ୍ରାକୃତିକ କୃଷିର ପ୍ରସାର ମାଧ୍ୟମରେ ବରଗଡ଼ ଜିଲ୍ଲାକୁ ଏକ ବିଷମୁକ୍ତ ଓ ସୁସ୍ଥ କୃଷି ବ୍ୟବସ୍ଥାର ଦୃଷ୍ଟାନ୍ତମୂଳକ ଜିଲ୍ଲାରେ ପରିଣତ କରିବାକୁ ଚାଷୀମାନଙ୍କୁ ଆହ୍ୱାନ କରିଥିଲେ। ବରଗଡ଼ ପୌରାଧ୍ୟକ୍ଷା କଳ୍ପନା ମାଝୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜୈବିକ ସାର ଏବଂ ଜୈବ କୀଟନାଶକର ବ୍ୟବହାର ବୃଦ୍ଧି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁଙ୍କ ସହ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଲୋଚନ ଚନ୍ଦ୍ର ମାଝୀ, ସହକାରୀ କୃଷି ନିର୍ଦ୍ଦେଶକ ଡ଼. ଅଞ୍ଜନ କୁମାର ନାୟକ କର୍ମଶାଳାର ଉଦ୍ଦେଶ୍ୟ ଏବଂ ଜୈବିକ କୃଷି କ୍ଷେତ୍ରରେ ସରକାରଙ୍କ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ନୃସିଂହ ଚରଣ ବାରିକ ଏବଂ କୃଷି ଅଧିକାରୀ, ପଦ୍ମପୁର ପ୍ରଭାସ ଚନ୍ଦ୍ର ପଣ୍ଡା ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ଚାଷୀମାନଙ୍କୁ ବୈଷୟିକ ତାଲିମ ପ୍ରଦାନ କରିଥିଲେ। ଏହି ଅବସରରେ ଜୈବିକ କୃଷିର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ଝାରବନ୍ଧ ବ୍ଲକର ମଳୟ ପ୍ରଧାନ, ପଦ୍ମପୁର ବ୍ଲକର ଅନନ୍ତ ମୁରାରୀ ହୋତା, ପାଇକମାଳ ବ୍ଲକର କମଳା ବିଝିଁ, ଗାଇସିଲେଟ ବ୍ଲକର ଭଗବାନ ସାହୁ ଏବଂ ବରଗଡ଼ ବ୍ଲକର ବିନୋଦ ସାହୁଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ବିଜେପୁରରେ 'କ୍ଷେତ୍ ବଚାଓ' ଅଭିଯାନ

ବିଜେପୁର,୧୮।୬(ସମିସ): ବରଗଡ଼ ଜିଲ୍ଲା ବିଜେପୁର ବ୍ଲକରେ ଜାତୀୟ ମିଶନ ପକ୍ଷରୁ ଜୈବସାରର ପ୍ରଚାର ଓ ପ୍ରସାରକୁ ନେଇ ଏକ ବ୍ୟାପକ ସଚେତନତା ଏବଂ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ବ୍ଲକର ଅଇଲପୁର ଗ୍ରାମରେ ପ୍ରଗତିଶୀଳ ଚାଷୀମାନଙ୍କୁ ନେଇ କିଷାନ ଗୋଷ୍ଠୀ ସହ ଉଚ୍ଚ-ପ୍ରଭାବଶାଳୀ କ୍ଷେତ୍ର ପ୍ରଦର୍ଶନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ସାଇପାଲି ଗ୍ରାମରେ ଚାଷୀ ଉତ୍ପାଦକ କମ୍ପାନୀଗୁଡ଼ିକ ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଥିଲା। ରାଜ୍ୟ ସରକାରଙ୍କ ଅର୍ଥାୟନରେ ଚାଲୁଥିବା "ଜୈବ ପୋଷାକ" ପ୍ରକଳ୍ପ ଅଧୀନରେ ଏହି କାର୍ଯ୍ୟକ୍ରମଗୁଡ଼ିକ ଅହିଂସା ଚାଷୀ ଉତ୍ପାଦକ କମ୍ପାନୀ ଲିମିଟେଡ୍ ସହଯୋଗରେ ଆୟୋଜିତ ହୋଇଥିଲା। ଏହା "ମେରା ଗାଁ ମେରା ଗୌରବ" କାର୍ଯ୍ୟକ୍ରମ ସହ ସଂଯୁକ୍ତ ହୋଇ କୃଷକମାନଙ୍କ ମଧ୍ୟରେ ଜୈବସାର ବ୍ୟବହାରର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିଥିଲା। କାର୍ଯ୍ୟକ୍ରମର ମୁଖ୍ୟ ସଂଯୋଜକ ଓ ବରିଷ୍ଠ ବୈଜ୍ଞାନିକ ଡ. ଉପେନ୍ଦ୍ର କୁମାର ଚାଷୀମାନଙ୍କୁ ଜୈବସାରର ଉପକାରିତା ସମ୍ପର୍କରେ ବିସ୍ତୃତ ଭାବେ ଅବଗତ କରାଇଥିଲେ। ସେ କହିଥିଲେ ଯେ, ସିସିଆରଆଇ ଜୈବସାର ନାଇଟ୍ରୋଜେନ ଭିତ୍ତିକ ରାସାୟନିକ ସାରର ଏକ କାର୍ଯ୍ୟକ୍ଷମ ବିକଳ୍ପ ଭାବରେ କାମ କରିପାରିବ। କେଭିକେ ବରଗଡ଼ର ବିଷୟ ବିଶେଷଜ୍ଞ ସଂଘମିତ୍ରା ବିଶ୍ୱାଳ ଚାଷୀମାନଙ୍କୁ ସନ୍ତୁଳିତ ସାର ବ୍ୟବହାର, ଜୈବ ପଦ୍ଧତିର ଗୁରୁତ୍ୱ ଓ ମାଟିର ଉର୍ବରତା ବୃଦ୍ଧି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ବିଜେପୁର ବ୍ଲକ କୃଷି ଅଧିକାରୀ ଅନିମା ଦାସ ଓ ସହକାରୀ କୃଷି ଅଧିକାରୀ ସୌରଭ ଆନନ୍ଦ ସେଠୀ ମଧ୍ୟ ଚାଷୀମାନଙ୍କୁ ଜୈବସାର ବ୍ୟବହାରକୁ ପ୍ରୋତ୍ସାହିତ କରିଥିଲେ। ଗବେଷଣା ସହଯୋଗୀ ଡ. ସାଇ କୃଷ୍ଣ ରେପାଲି ଧାନ ଓ ପନିପରିବା ଚାଷରେ ଜୈବସାରର ସଠିକ୍ ପ୍ରୟୋଗ ପଦ୍ଧତି ଉପରେ ବ୍ୟବହାରିକ ପ୍ରଦର୍ଶନ କରିଥିଲେ। ଅହିଂସା କ୍ଲବର ସଚିବ ଶିବ ପ୍ରସାଦ ସାହୁ ଓ ଲାଲାଜୀ ଝାଙ୍କରଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ଦୁଇଟି କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଚାଷୀ, କୃଷି ଉଦ୍ୟୋଗୀ ଓ ଚାଷୀ ଉତ୍ପାଦକ କମ୍ପାନୀର ପ୍ରତିନିଧିମାନେ ଯୋଗଦେଇଥିଲେ।

## 'ବିକାଶର ଧାରା, ଓଡ଼ିଶା ସାରା' ଓ ଜାତି-ଜନଜାତି ସମ୍ବାଦ

ଅମ୍ବାଭୋନା,୧୮।୬(ସମିସ): ଓଡ଼ିଶା ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ ଅନ୍ତର୍ଗତ ଜାତି-ଜନଜାତି ସମ୍ବାଦ କାର୍ଯ୍ୟକ୍ରମ ଅମ୍ବାଭୋନା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ, ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷା କମଳା ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସରୋଜ କୁମାର ପଧାନ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ମୁଖ୍ୟବକ୍ତା ଭାବେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଲୋକନାଥ ଚେରକିଆ ଯୋଗଦେଇଥିଲେ। ଏଥିସହ ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ରୁପେଶ୍ୱର ଭୋଇ, ସିଡିପିଓ ମାଳତୀ ନାଏକ ଓ ସମିତି ସଭ୍ୟା ଦୀପାଞ୍ଜଳି ଭୁଏ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମର ଆରମ୍ଭରେ ମା' ସମଲେଶ୍ୱରୀଙ୍କ ଫଟୋଚିତ୍ରରେ ପୂଜାର୍ଚ୍ଚନା ଓ ଦୀପ ପ୍ରଜ୍ୱଳନ କରାଯାଇଥିଲା। ପରେ ଅତିଥିମାନଙ୍କ ଦ୍ୱାରା ପ୍ରଦର୍ଶନୀ ଉଦ୍‌ଘାଟନ କରାଯାଇଥିଲା। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କିତ ଏକ ଅଡିଓ-ଭିଜୁଆଲ ପ୍ରଦର୍ଶନ ମଧ୍ୟ କରାଯାଇଥିଲା। ଏହି ଅବସରରେ ଶିକ୍ଷକ ରାଜକୁମାର ବଘେଲ ଅମ୍ବାଭୋନା ବ୍ଲକରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ଏକ ବ୍ଲକସ୍ତରୀୟ କମିଟି ଗଠନ କରିବା ସହିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀଙ୍କ ଯାତାୟାତ ସମସ୍ୟା ଦୂର ନିମନ୍ତେ ଛାତ୍ରାବାସ ଶୀଘ୍ର ଆରମ୍ଭ କରିବାକୁ ପ୍ରସ୍ତାବ ରଖିଥିଲେ। କୃଷି, କ୍ରୀଡ଼ା, ଶିକ୍ଷା, ସମାଜସେବା ଓ ଉଦ୍ୟମିତା କ୍ଷେତ୍ରରେ ସଫଳତା ହାସଲ କରିଥିବା ଅନୁସୂଚିତ ଜାତି ଓ ଜନଜାତି ସମୁଦାୟର ବିଶିଷ୍ଟ ବ୍ୟକ୍ତିବିଶେଷ ଏବଂ ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାର ସଦସ୍ୟମାନଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ଅବସରପ୍ରାପ୍ତ ସୈନିକ ଦିଲ୍ଲୀପ ରଣବୀର, ଶିକ୍ଷକ ରାଜ କୁମାର ବଘେଲ,ରୋହିତ ଭୁଏ, କୋଶଲୀ ଲେଖକ ଦେବାର୍ଚ୍ଚନ ନାଏକଙ୍କ ସମେତ ଅନେକ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ବୃକ୍ଷ ଚାରା ପ୍ରଦାନ କରି ସମ୍ମାନିତ କରାଯାଇଥିଲା।

## ଓଡ଼ିଶୀ ନୃତ୍ୟ କର୍ମଶାଳା ଉଦ୍‌ଯାପିତ

ପଦ୍ମପୁର,୧୮।୬(ସମିସ): ପି.ଏମ. ଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ସପ୍ତାହ ବ୍ୟାପି ଅନୁଷ୍ଠିତ ଓଡ଼ିଶୀ ନୃତ୍ୟ କର୍ମଶାଳା ଉଦ୍‌ଯାପିତ ହୋଇଛି। ଏହି ପ୍ରଶିକ୍ଷଣ ଶିବିରରେ ୧୫ ଜଣ ଶିକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ। ଖ୍ୟାତନାମା ଓଡ଼ିଶୀ ନୃତ୍ୟ ଶିଳ୍ପୀ ସୁଶ୍ରୀ ମମତା ବରିହା ପ୍ରଶିକ୍ଷିକା ଭାବେ ଯୋଗ ଦେଇଥିଲେ। ରମେଶ ଗୁର୍ଲା, ଆଶିଷ ବୈକାର ଏବଂ ସାମ୍ବାଦିକ ଗୋପବନ୍ଧୁ ଶିକା, ଅଶୋକ ବହିଦାର, ରାଜେଶ ଗୁର୍ଲା, ମାଧବ ବରିହା, ଦିନବନ୍ଧୁ ବାରିକ ସହଯୋଗ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଏସଡିପିଓ ପାଣ୍ଡବ ଶବର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସର୍ବଶ୍ରୀ କେଶରଞ୍ଜନ ପ୍ରଧାନ, ଦ୍ୱାଦଶ ପ୍ରଧାନ ଓ ଅର୍ଜୁନ ମହାନ୍ତି ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ରାଜେନ୍ଦ୍ର କୁମାର ମହାନ୍ତି ପରିଚାଳନା କରିଥିବା ବେଳେ ଉଦ୍ଧବ ଘିବିଲା ଧନ୍ୟବାଦ ଅର୍ପଣ କରିଥିଲେ।



## ମଣ୍ଡି ବୁଲି ଚାଷୀଙ୍କ ସମସ୍ୟା ବୁଝିଲେ ପୂର୍ବତନ ବିଧାୟକ

ବରଗଡ଼,୧୮।୬(ସମିସ): ବର୍ତ୍ତମାନ ଏ ସରକାର ଅମଳରେ ଚାଷୀ ହନ୍ତସନ୍ତ ହୋଇ ଯୋଉ ଲୁଟ ଓ ଶୋଷଣର ଶିକାର ହୋଇଛନ୍ତି ଏମିତି କେବେ ପୂର୍ବରୁ ଦେଖା ଯାଇ ନଥିଲା ବୋଲି ପୂର୍ବତନ ବିଧାୟକ ସାଧୁ ନେପାକ କ୍ଷୋଭ ପ୍ରକାଶ କରିଛନ୍ତି। ଗୁରୁବାର ଦିନ ତୋରା ଓ କଳାପାଣି ଧାନ ମାର୍କେଟ ୟାର୍ଡ ସମେତ ବିଭିନ୍ନ ପିସି କେନ୍ଦ୍ର ବୁଲି ଦେଖିଲା ପରେ ଶ୍ରୀ ନେପାକ ଏପରି ଚିନ୍ତାଜନକ ଚିତ୍ର ସାମ୍ନାକୁ ଆସିଛି ବୋଲି କହିଥିଲେ। ହଜାର ହଜାର ବସ୍ତା ଧାନ ଏପର୍ଯ୍ୟନ୍ତ ମାର୍କେଟ ୟାର୍ଡରେ ପଡ଼ି ରହିଥିବା ବେଳେ ଅନେକ ଚାଷୀ ଟୋକନ ପାଇନାହାନ୍ତି। କିଛି ଚାଷୀଙ୍କୁ ମାତ୍ର ୩୦%ରୁ ୫୦% ପର୍ଯ୍ୟନ୍ତ ଟୋକନ ପ୍ରଦାନ କରାଯାଇଥିବାରୁ ସେମାନେ ନିଜର ସମ୍ପୂର୍ଣ୍ଣ ଉତ୍ପାଦିତ ଧାନ ବିକ୍ରୟ କରିବାରୁ ବଞ୍ଚିତ ହେଉଛନ୍ତି। ଏପଟେ ପାଣିପାଗ ବିଭାଗ ଆଗାମୀ ଦିନରେ ବର୍ଷାର ସମ୍ଭାବନା ଥିବା ସୂଚନା ଦେଇଥିବାରୁ ଚାଷୀମାନଙ୍କ ଚିନ୍ତା ଆହୁରି ବଢ଼ିଯାଇଛି। ଖୋଲା ଆକାଶ ତଳେ ଧାନ ବସ୍ତା ପଡ଼ି ରହିଥିବାରୁ ବର୍ଷାରେ ଧାନ ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି। ଠିକ୍ ସମୟରେ ଟୋକନ ନମିଳିବା ଏବଂ ଧାନ ଉଠାଣରେ ବିଳମ୍ବ ଯୋଗୁଁ ଚାଷୀମାନେ ଭାରୀ କ୍ଷତିର ସମ୍ମୁଖୀନ ହେବାକୁ ବାଧ୍ୟ। ଏହି ଅବ୍ୟବସ୍ଥାର ସୁଯୋଗ ନେଇ ସ୍ଥାନୀୟ ଓ ରାଜ୍ୟ ବାହାରର ବେପାରୀ ଏବଂ ମିଲରମାନେ ଚାଷୀଙ୍କଠାରୁ ଧାନକୁ କୁଇଣ୍ଟାଲ ପିଛା ମାତ୍ର ୧୭୦୦ରୁ ୧୮୦୦ ଟଙ୍କା ଦରରେ କ୍ରୟ କରୁଛନ୍ତି। ଏହାଫଳରେ ଚାଷୀମାନେ ନିଜର କଠିନ ପରିଶ୍ରମର ଫସଲକୁ ଅଣ୍ଡର ରେଟ୍‌ରେ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ତୋରା ଓ କଳାପାଣି ମାର୍କେଟ ୟାର୍ଡରେ ୭ରୁ ୮ ଜଣ ମିଲରଙ୍କୁ ଟ୍ୟାଗ୍ କରାଯାଇଥିବା ବେଳେ ମାତ୍ର ୨ରୁ ୩ ଜଣ ମିଲର ନିୟମିତ ଭାବେ ଧାନ ଉଠାଣ କରୁଥିବା ଜଣାପଡ଼ିଛି। ଅନ୍ୟପଟେ ସରକାରଙ୍କ ପକ୍ଷରୁ କମ୍ ଟାର୍ଗେଟ ନିର୍ଦ୍ଧାରଣ କରାଯାଇଥିବାରୁ



ପ୍ରାୟ ୩୦ରୁ ୪୦ଟି ଟ୍ରକ ଧାନ ୟାର୍ଡରେ ଅଟକି ରହିଛି। ଏହା ଫଳରେ ଧାନ ଉଠାଣ ପ୍ରକ୍ରିୟା ଅତ୍ୟନ୍ତ ମନ୍ଥର ଗତିରେ ଚାଲିଛି। ଏହି ପରିସ୍ଥିତି ସମ୍ପର୍କରେ ଶ୍ରୀ ନେପାକ ଗଭୀର ଉଦ୍ବେଗ ପ୍ରକାଶ କରିବା ସହ ସରକାରୀ ଅବ୍ୟବସ୍ଥାକୁ ଦାୟୀ କରିଛନ୍ତି। କେବଳ ଧାନ ଉଠାଣ ନୁହେଁ, କଟଣୀ-ଛଟଣୀ ନାମରେ ବସ୍ତା ପିଛା ୬ରୁ ୯ କିଲୋଗ୍ରାମ ପର୍ଯ୍ୟନ୍ତ ଧାନ କାଟି ନିଆଯାଉଥିବା ଅଭିଯୋଗ ମଧ୍ୟ ସାମ୍ନାକୁ ଆସିଛି। ଏହା ଦ୍ୱାରା ଚାଷୀମାନେ ନିଜ ଉତ୍ପାଦର ନ୍ୟାୟସଙ୍ଗତ ମୂଲ୍ୟ ପାଇବାରୁ ବଞ୍ଚିତ ହେଉଛନ୍ତି ଏବଂ ଆର୍ଥିକ ଭାବେ କ୍ଷତିଗ୍ରସ୍ତ ହେଉଛନ୍ତି। ଆଜି ଏହି ସମସ୍ତ ସମସ୍ୟା ସମ୍ପର୍କରେ ଜିଲ୍ଲା ଯୋଗାଣ ଅଧିକାରୀ ବିଭୁ ପ୍ରସନ୍ନ ଆଚାର୍ଯ୍ୟଙ୍କ ସହ ଆଲୋଚନା କରାଯାଇ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଯଦି ସରକାର ଶୀଘ୍ର ହସ୍ତକ୍ଷେପ କରି ଧାନ ସଂଗ୍ରହ, ଟୋକନ ବଣ୍ଟନ ଏବଂ ଧାନ ଉଠାଣ ବ୍ୟବସ୍ଥାରେ ସୁଧାର ନ ଆଣନ୍ତି। ତେବେ ପରିସ୍ଥିତି ଆହୁରି ସଙ୍କଟଜନକ ହେବା ସହ ଏହା ବଡ଼ ଜନଆନ୍ଦୋଳନର ରୂପ ନେବ। ରାଜ୍ୟ ସରକାରଙ୍କ ଚାଷୀବିରୋଧୀ ନୀତି, ଧାନ ସଂଗ୍ରହରେ ଅପର୍ଯ୍ୟାପ୍ତ ଟାର୍ଗେଟ ଏବଂ ପରିଚାଳନାଗତ ଅବ୍ୟବସ୍ଥା ଆଜିର ଏହି ଦୁର୍ଦ୍ଦଶାର ମୂଳ କାରଣ। ଚାଷୀଙ୍କ ସ୍ୱାର୍ଥକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ତୁରନ୍ତ ସମାଧାନ ନ କରାଗଲେ ରାଜ୍ୟ ସରକାରଙ୍କୁ ଏଥିପାଇଁ ସମ୍ପୂର୍ଣ୍ଣ ଭାବେ ଦାୟୀ ରହିବେ। ଆଜି ଉକ୍ତ ମଣ୍ଡି ଗୁଡ଼ିକ ବୁଲିବା ସମୟରେ ଶ୍ରୀ ନେପାକଙ୍କ ସହ ପ୍ରମୋଦ ସାହୁ, ଗଙ୍ଗା ପୂଜାରୀ, ଉପେନ୍ଦ୍ର ଘିବେଲା, ରବି ପତି ଏବଂ ମହାନ୍ତି ରଣା ପ୍ରମୁଖ ଉପସ୍ଥିତ ଥିଲେ।

## ମନରେଗା କାମର ମଜୁରି ପାଇଁ ବନାଞ୍ଚଳ ଅଧିକାରୀଙ୍କୁ ଦାବିପତ୍ର

ପଦ୍ମପୁର,୧୮।୬(ସମିସ): ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ମନରେଗା) ଅଧୀନ ଜଙ୍ଗଲ ବିଭାଗର ଲୁହୁରାକୋଟ ବିଟ୍ ଅଧୀନ ଟଂଘରିଆ ନର୍ସରୀରେ କାର୍ଯ୍ୟ କରିଥିବା ଶ୍ରମିକମାନେ ଏପର୍ଯ୍ୟନ୍ତ ମଜୁରୀ ପାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ଶ୍ରମିକମାନେ ପଦ୍ମପୁର ବନାଞ୍ଚଳ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରି ଶୀଘ୍ର ମଜୁରୀ ପ୍ରଦାନ ପାଇଁ ଦାବି ଜଣାଇଛନ୍ତି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଟଂଘରିଆ ନର୍ସରୀରେ ଚାରାରୋପଣ, ଗଛ ଯତ୍ନ ଓ ଅନ୍ୟାନ୍ୟ କାର୍ଯ୍ୟରେ ଅନେକ ଶ୍ରମିକ କାମ କରିଥିଲେ; କିନ୍ତୁ କାର୍ଯ୍ୟ ସମାପ୍ତ ହେବାର ଦୀର୍ଘ ସମୟ ପରେ ମଧ୍ୟ ସେମାନଙ୍କ ବ୍ୟାଙ୍କ ଖାତାକୁ ମଜୁରୀ ଜମା ହୋଇନାହିଁ। ଏହା ଫଳରେ ଗରିବ ଶ୍ରମିକ ପରିବାରମାନେ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଶ୍ରମିକମାନେ ତୁରନ୍ତ ମଜୁରୀ ପ୍ରଦାନ ସହ ଭବିଷ୍ୟତରେ ଏପରି ବିଳମ୍ବ ନ ହେବାକୁ ପ୍ରଶାସନ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ବନ ବିଭାଗ ପକ୍ଷରୁ ଶୀଘ୍ର ସମାଧାନର ଆଶ୍ୱାସନ ମିଳିଥିବା ଜଣାପଡ଼ିଛି।

## ଧର୍ମପରାୟଣା ମହିଳା ମାଧବୀ ମିଶ୍ରଙ୍କ ପରଲୋକ



ବରଗଡ଼,୧୮।୬(ସମିସ): ବରଗଡ଼ ଜିଲ୍ଲା ଭଟଲି ବ୍ଲକ ଅନ୍ତର୍ଗତ ଖରମୁଣ୍ଡା ଗାଁର ଗୌନ୍ତିଆର ସ୍ୱର୍ଗତ ସ୍ୱପ୍ନେଶ୍ୱର ମିଶ୍ରଙ୍କ ଧର୍ମପତ୍ନୀ ମାଧବୀ ମିଶ୍ର (୯୧)ଙ୍କ ବୁଧବାର ପରଲୋକ ଘଟିଛି। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ଅନ୍ତିମ ସଂସ୍କାର ସମୟରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ବଡ଼ପୁଅ ଶ୍ରୀବସ୍ତ ମିଶ୍ର ମୁଖାଗ୍ନି ଦେଇଥିଲେ।

## ଶିଖ୍ ଧର୍ମଗୁରୁ ଶ୍ରୀ ଅର୍ଜୁନଦେବଙ୍କ ସହିଦ ଦିବସ



ବରଗଡ,୧୮।୬(ସମିସ): ଶିଖ ଧର୍ମର ପଞ୍ଚମ ଗୁରୁ ଶହିଦୋ କେ ସରତାଜ ଗୁରୁ ଶ୍ରୀ ଅର୍ଜୁନଦେବଙ୍କ ଶହୀଦ ଦିବସ ବରଗଡ ଗୁରୁଦ୍ୱାରାଠାରେ ପାଳିତ ହୋଇଛି। ଏହି ଅବସରରେ ବରଗଡର ବିଧାୟକ ଅଶ୍ୱିନୀ ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଗୁରୁଦ୍ୱାରାର ସଭାପତି ସର୍ଦାର ସୁଖବନ୍ତ ସିଂହ, ସମ୍ପାଦକ ସର୍ଦାର ପ୍ରୀତମ ସିଂହ, କୋଷାଧ୍ୟକ୍ଷ ଅବତାର ସିଂହ, ବରିଷ୍ଠ ସଦସ୍ୟ ସରଦାର ଇଂଦରଜୀତ ସିଂହ, ସରଦାର ଯଶବୀର ସିଂହ ସୈନୀ, ସରଦାର ଅମରଜୀତ ସିଂହ, ସରଦାର ତରସେମ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

### ଟେବୁଲ୍ ଟପ୍ ଏକ୍ସରସାଇଜ୍

# ଜରୁରିକାଳୀନ ପରିସ୍ଥିତିର ମୁକାବିଲା ପାଇଁ ସଜାଗ ରହିବାକୁ ନିର୍ଦ୍ଦେଶ

ବରଗଡ଼,୧୮।୬(ସମିସ):

ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅପାତକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଏକ ଟେବୁଲ୍ ଟପ୍ ଏକ୍ସରସାଇଜ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ ବିପର୍ଯ୍ୟୟ ନିରୀକ୍ଷକ କାହ୍ନୁ ଚରଣ ହେମ୍ବ୍ରମ, ଇନ୍‌ଷ୍ଟ୍ରକ୍ଟର, ଏସଆଇଡ଼ିଏମ, ଡିପିଓ ପ୍ରଭାକର ଲେଙ୍କା, ଜିଲ୍ଲା ଆପତ୍ତି ବ୍ୟବସ୍ଥାପନ ଅଧିକାରୀ ଚିଲିକା ପଣ୍ଡା ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ପ୍ରାକୃତିକ ବିପର୍ଯ୍ୟୟ ତଥା ବିପଦ ପରିସ୍ଥିତିରେ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ସଂଯୁକ୍ତ କାର୍ଯ୍ୟପଦ୍ଧତିରେ ଆପାତକାଳୀନ ପରିସ୍ଥିତି ଗୁଡ଼ିକୁ ମୁକାବିଲା ପାଇଁ ରଣନୀତି ପ୍ରସ୍ତୁତ କରିଥିଲେ।




ବୈଠକରେ ଶ୍ରୀ ମହାପାତ୍ର ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟ ତଥା ବନ୍ୟା, ବାତ୍ୟାର ମୁକାବିଲା ନିମନ୍ତେ ଆଗୁଆ ପଦକ୍ଷେପ ନେବା ସହ ଏହାର ସୁପରିଚାଳନା ନିମନ୍ତେ ବିଭାଗୀୟଅଧିକାରୀ ଏବଂ କ୍ଷେତ୍ରକର୍ମଚାରୀମାନେ ସଜାଗ ରହିବା ସହ ଜିଲ୍ଲାର ବନ୍ୟାପ୍ରବଣ ଅଞ୍ଚଳ ବା ତଳି ଅଞ୍ଚଳ ଗୁଡିକରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତିରେ ଉଦ୍ଧାର ଓ ଥଇଥାନ ନିମନ୍ତେ ଅସ୍ଥାୟୀ ଆଶ୍ରୟ ସ୍ଥଳୀ ଗୁଡିକ ଚିହ୍ନଟ କରି ପ୍ରସ୍ତୁତ ରଖିବା ଏବଂ ପାଣି ଜମି ରହୁଥିବା ସ୍ଥାନଗୁଡିକୁ ଚିହ୍ନଟ କରି ଯଥାଶୀଘ୍ର ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବା, ବର୍ଷା ପୂର୍ବରୁ ସମସ୍ତ ନାଳ ସଫା କରିବା, ସୁବ୍ୟବସ୍ଥିତ ବିଶୁଦ୍ଧ ପାନୀୟଜଳ ଯୋଗାଣ ସହ ନିୟମିତ ସମୟ ବ୍ୟବଧାନରେ ସମସ୍ତ ନଳକୂପ, ପାଇପ ଜଳ ଯୋଗାଣ, କୂପ ଇତ୍ୟାଦିକୁ ବିଶୁଦ୍ଧକରଣ କରିବା, ଜିଲ୍ଲାରେ ଥିବା ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର ତଥା ଜିଲ୍ଲା ଓ ଉପଖଣ୍ଡ ଚିକିତ୍ସାଳୟ ଗୁଡ଼ିକରେ ଆବଶ୍ୟକ ପରିମାଣର ଔଷଧ, ହାଲୋଜେନ ବଟିକା, ବ୍ଲିଚିଂ ପାଉଡର ଇତ୍ୟାଦି ମହଜୁଦ କରି ରଖିବା, ପରିମଳ ନିମନ୍ତେ ଆଗୁଆ ପଦକ୍ଷେପ ଗ୍ରହଣ କରିବା, ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକରେ ସାପ କାମୁଡା ଇଞ୍ଜେକସନ ଉପଲବ୍ଧ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏତଦବ୍ୟତୀତ ଜିଲ୍ଲାର ବିଭିନ୍ନ ଜଳସେଚନ ପ୍ରକଳ୍ପ ଓ ନଦୀବନ୍ଧ ନିକଟସ୍ଥ ବନ୍ୟା ପ୍ରବଣ ସ୍ଥାନ ଚିହ୍ନଟ କରି ଆବଶ୍ୟକ ପ୍ରତିକାର ଗ୍ରହଣ କରିବା, ଏବଂ ଦୁର୍ଗମ ଅଞ୍ଚଳରେ ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ ରଖିବା ସହ ପ୍ରାଣୀ ସମ୍ପଦର ସୁରକ୍ଷା ନିମନ୍ତେ ଆଗୁଆ କାର୍ଯ୍ୟଖସଡା ପ୍ରସ୍ତୁତ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ବୈଠକରେ ଆଲୋଚନା କରାଯାଇଥିଲା।

# ସୁବର୍ଣ୍ଣପୁର ଜିଲ୍ଲାରେ ଅତିବୃଷ୍ଟି ଓ ବନ୍ୟା ମୁକାବିଲା ପାଇଁ ପ୍ରସ୍ତୁତି



ତରଭା,୧୮ ।୬(ସମିସ)

ଆସନ୍ତା ବର୍ଷା ଋତୁରେ ସମ୍ଭାବ୍ୟ ଅତିବୃଷ୍ଟି ଓ ବନ୍ୟାଜନିତ ପରିସ୍ଥିତିର ସଫଳ ମୁକାବିଲା ଏବଂ ଜିଲ୍ଲାସ୍ତରୀୟ ପ୍ରସ୍ତୁତିର ସମୀକ୍ଷା ଉଦ୍ଦେଶ୍ୟରେ ଆଜି ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଡ. ନୃପରାଜ ସାହୁଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପ୍ରଶାସନର ଜରୁରୀକାଳୀନ ଶାଖା ପକ୍ଷରୁ ଏକ ଟେବୁଲ ଟପ୍ ଅଭ୍ୟାସ ଆୟୋଜିତ ହୋଇଥିଲା। ଏଥିରେ ଜିଲ୍ଲାର ସମସ୍ତ ବିଭାଗ ଅଂଶଗ୍ରହଣ କରି ସେମାନଙ୍କ ପ୍ରସ୍ତୁତି ଏବଂ କାର୍ଯ୍ୟଯୋଜନା ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ ସାଧାରଣ ଅଞ୍ଜଳିନା ପ୍ରଧାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ ମେହେର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଉଷାରଣୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଡେପୁଟି କଲେକ୍ଟର (ଜରୁରୀ ଶାଖା) ରାଜେଶ ସାହୁ ପରିଚାଳନା କରିଥିଲେ। ବନ୍ୟା ଓ ଅତିବୃଷ୍ଟି ସମୟରେ ଉପଲବ୍ଧ ମାନବ ସମ୍ବଳ, ଯନ୍ତ୍ରପାତି, ଉଦ୍ଧାର ସାମଗ୍ରୀ ଓ ଆବଶ୍ୟକ ସମ୍ବଳ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରାଯାଇଥିଲା। ଗତ ୨୮ ତାରିଖରେ ଘଟିଥିବା କାଳବୈଶାଖୀ ଓ ପବନ-ବର୍ଷା ସମୟରେ ଅଗ୍ନିଶମ, ବିଦ୍ୟୁତ, ପୌରସଂସ୍ଥା ଓ ଅନ୍ୟାନ୍ୟ ବିଭାଗର ସମନ୍ୱିତ ପ୍ରୟାସ ଯୋଗୁଁ ୪ ଦିନ ମଧ୍ୟରେ ସାଧାରଣ ଜନଜୀବନ ସ୍ୱାଭାବିକ ହୋଇଥିବା ଅନୁଭୂତି ମଧ୍ୟ ସମ୍ପୃକ୍ତ ଅଧିକାରୀମାନେ ବାଣ୍ଟିଥିଲେ। ଅଭ୍ୟାସରେ ଜିଲ୍ଲାର ସମସ୍ତ ୬ଟି ବ୍ଲକର ବନ୍ୟାପ୍ରବଣ ଓ ସମ୍ବେଦନଶୀଳ ଅଞ୍ଚଳ ଚିହ୍ନଟ କରାଯିବା ସହ ସମ୍ଭାବ୍ୟ ବିପର୍ଯ୍ୟୟ ସମୟରେ କିପରି ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯିବ, ଉଦ୍ଧାର କାର୍ଯ୍ୟ କିପରି ପରିଚାଳିତ ହେବ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଜିଲ୍ଲା ପ୍ରଶାସନ ପକ୍ଷରୁ ଶୂନ୍ୟ ଜନହାନି ଲକ୍ଷ୍ୟ ନେଇ କାର୍ଯ୍ୟ କରିବା ସହ କୌଣସି ବ୍ୟକ୍ତି ଯେପରି ରିଲିଫ ଓ ଉଦ୍ଧାର ସେବାରୁ ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ଗୁରୁତ୍ୱ ଦିଆଯାଇଥିଲା। ବ୍ଲକସ୍ତରୀୟ ଅଧିକାରୀମାନେ ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ ରାଜ୍ୟ ରିଲିଫ କମିଶନର (ଏସଆରସି)ଙ୍କ ସହ ନିରନ୍ତର ସମନ୍ୱୟ ରକ୍ଷା କରିବା, କ୍ଷୟକ୍ଷତିର ତ୍ୱରିତ ଆକଳନ କରିବା ଏବଂ ଯୋଗ୍ୟ ହିତାଧିକାରୀଙ୍କୁ ଅନୁଗ୍ରହ ରାଶି ଓ ଅନ୍ୟାନ୍ୟ ସହାୟତା ପହଞ୍ଚାଇବା ଉପରେ ଆଲୋଚନା କରାଯାଇଥିଲା। କୃଷି ବିଭାଗ ପକ୍ଷରୁ ଚାଷଜମିର କ୍ଷୟକ୍ଷତି ଆକଳନ ପ୍ରକ୍ରିୟା ସମ୍ପର୍କରେ ଉପସ୍ଥାପନା କରାଯାଇଥିଲା। ଜିଲ୍ଲା ପ୍ରଶାସନ ସମସ୍ତ ବିଭାଗକୁ ରିଲିଫ ମୁଖି ନ ହୋଇ ପ୍ରସ୍ତୁତିମୁଖୀ ଦୃଷ୍ଟିକୋଣ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲା। ମାନବିକତାକୁ ପ୍ରାଧାନ୍ୟ ଦେଇ ପୂର୍ବ ପ୍ରସ୍ତୁତି ସୁଦୃଢ଼ କରିବା, ରେଡକ୍ରସ ରିଲିଫ ସାମଗ୍ରୀ ସଂରକ୍ଷଣ ପାଇଁ ଗୋଦାମ ବ୍ୟବସ୍ଥା କରିବା ଏବଂ ପ୍ରତ୍ୟେକ ବିଭାଗ ନିଜସ୍ୱ ବିକଳ୍ପ କାର୍ଯ୍ୟଯୋଜନା (ପ୍ଲାନ-ବି) ପ୍ରସ୍ତୁତ ରଖିବା ଉପରେ ଜୋର ଦିଆଯାଇଥିଲା। ଏହାସହ ବିଭିନ୍ନ ବିଭାଗକୁ ନିଜସ୍ୱ ଶକ୍ତି ଓ ଦୁର୍ବଳତାର ବିଶ୍ଳେଷଣ କରି ଯେକୌଣସି ପରିସ୍ଥିତିରେ ସମନ୍ୱିତ ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଥିଲା। ଶେଷରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ବିଭାଗକୁ ସର୍ବଦା ସଜାଗ, ପ୍ରସ୍ତୁତ ଏବଂ ଜନସେବା ପ୍ରତି ପ୍ରତିବଦ୍ଧ ରହିବାକୁ ଆହ୍ୱାନ ଦିଆଯାଇଥିଲା।

## ଭର୍ଚୁଆଲ ଏକାଡେମୀର ଚୟନ କମିଟି ବୈଠକ

ବୌଦ୍ଧ,୧୮ ।୬(ସମିସ): ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ଐତିହ୍ୟର ସଂରକ୍ଷଣ ତଥା ପ୍ରଚାର ପ୍ରସାର କ୍ଷେତ୍ରରେ ଓଡ଼ିଆ ଭର୍ଚୁଆଲ ଏକାଡେମୀର କାର୍ଯ୍ୟକ୍ରମକୁ ଜିଲ୍ଲାସ୍ତରରେ ଅଧିକ ଲୋକାଭିମୁଖୀ ଓ ପ୍ରଭାବଶାଳୀ କରିବା ଲକ୍ଷ୍ୟରେ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଚୟନ କମିଟିର ଏକ ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଦଣ୍ଡସନା, ଜିଲ୍ଲା ସଂସ୍କୃତି ଅଧିକାରୀ ଅଙ୍କିତା କୁମାରୀ ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ଡିଇଜିଏମ ସମୀର ନାୟକ, ଶିକ୍ଷକ ନବକିଶୋର ଦୀପ, ସାହିତ୍ୟିକ ନୀଳ ଲୋହିତ ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲାର ଅଧିକରୁ ଅଧିକ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଏବଂ ଏହାର କାର୍ଯ୍ୟପରିଧିକୁ ବ୍ୟାପକ କରିବାପାଇଁ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ପରିପ୍ରେକ୍ଷୀରେ ଚୟନ କମିଟିର ସମସ୍ତ ସଦସ୍ୟଙ୍କୁ ନିଜନିଜ କ୍ଷେତ୍ରରୁ ତିନିଜଣ ଜ୍ଞାନୀ, ଅଭିଜ୍ଞ ଓ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ନାମ ସୁପାରିଶ କରିବା ପାଇଁ ଅନୁରୋଧ କରାଯାଇଥିଲା। ଏହି ବ୍ୟକ୍ତିମାନଙ୍କ ସକ୍ରିୟ ସହଭାଗିତା ଦ୍ୱାରା ଓଡ଼ିଆ ଭର୍ଚୁଆଲ ଏକାଡେମୀର ବିଭିନ୍ନ କାର୍ଯ୍ୟକ୍ରମ ଅଧିକ ସମୃଦ୍ଧ ହେବା ସହିତ ଜିଲ୍ଲାରେ ଏହା ପ୍ରତି ଲୋକଙ୍କ ଆଗ୍ରହ ଓ ସହଭାଗିତା ବୃଦ୍ଧି ପାଇବ ବୋଲି ଆଶା ପ୍ରକାଶ ପାଇଥିଲା। ଜିଲ୍ଲାପାଳ ବୌଦ୍ଧ ଜିଲ୍ଲାର ସମୃଦ୍ଧ ଭାଷା, ସାହିତ୍ୟ ଓ ସାଂସ୍କୃତିକ ପରମ୍ପରାର ସଂରକ୍ଷଣ ଏବଂ ପ୍ରଚାର ପ୍ରସାର ନିମନ୍ତେ ସମସ୍ତଙ୍କ ସକ୍ରିୟ ସହଯୋଗ କାମନା କରିଥିଲେ। ଓଡ଼ିଆ ଭର୍ଚୁଆଲ ଏକାଡେମୀ ମାଧ୍ୟମରେ ଜିଲ୍ଲାର ସୃଜନଶୀଳ ପ୍ରତିଭା ଓ ସାଂସ୍କୃତିକ ଐତିହ୍ୟକୁ ରାଜ୍ୟ ଓ ଜାତୀୟ ସ୍ତରରେ ପରିଚିତ କରାଇବା ଦିଗରେ ଏହି ପଦକ୍ଷେପ ସହାୟକ ହେବ ବୋଲି ସେ ମତବ୍ୟକ୍ତ କରିଥିଲେ।

## ନିଟ୍ ପରୀକ୍ଷାର୍ଥୀଙ୍କ ପାଇଁ ନିଃଶୁଳ୍କ ବସ୍ ଯାତ୍ରା ବ୍ୟବସ୍ଥା

ବୌଦ୍ଧ,୧୮ ।୬(ସମିସ): ଆସନ୍ତା ୨୧ ତାରିଖରେ ବିଭିନ୍ନ କେନ୍ଦ୍ରରେ ଅନୁଷ୍ଠିତ ହେବାକୁ ଥିବା ନିଟ୍ (ୟୁଜି) ପୁନଃ-ପରୀକ୍ଷାରେ ଅଂଶଗ୍ରହଣ କରୁଥିବା ବୌଦ୍ଧ ଜିଲ୍ଲାର ପରୀକ୍ଷାର୍ଥୀମାନଙ୍କ ସୁବିଧା ନିମନ୍ତେ ରାଜ୍ୟସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ନିଃଶୁଳ୍କ ବସ୍ ଯାତ୍ରା ସୁବିଧା ଯୋଗାଇ ଦିଆଯିବ। ଏହି ସୁବିଧା ପାଇବାକୁ ଇଚ୍ଛୁକ ପରୀକ୍ଷାର୍ଥୀମାନେ ନିଜର ନିଟ୍ (ୟୁଜି) ପୁନଃ ପରୀକ୍ଷାର ଆଡମିଟ୍ କାର୍ଡ ସହିତ ଆବେଦନପତ୍ର ଆଞ୍ଚଳିକ ପରିବହନ ଅଧିକାରୀ, ବୌଦ୍ଧଙ୍କ କାର୍ଯ୍ୟାଳୟରେ ଦାଖଲ କରିପାରିବେ। ଏହାଛଡ଼ା ହ୍ୱାଟସ୍ଆପ୍ ମାଧ୍ୟମରେ ମଧ୍ୟ ଆବେଦନ ଓ ଆଡମିଟ୍ କାର୍ଡ ପ୍ରେରଣ କରାଯାଇପାରିବ।

## ଗାଧୋଇବା ବେଳେ ଭାସି ଯାଉଥିବା ମହିଳା ଉଦ୍ଧାର

ବୌଦ୍ଧ,୧୮ ।୬(ସମିସ): ବୌଦ୍ଧ ଚନ୍ଦ୍ରଚୂଡ ସ୍କୁଲ ନିକଟ ମହାନଦୀ ଘାଟରେ ଗାଧୋଇବାକୁ ଯାଇଥିବା ବେଳେ ପାଣିରେ ଭାସି ଯାଉଥିବା ଜଣେ ମହିଳାଙ୍କୁ ଅଗ୍ନିଶମ ବାହିନୀ ଉଦ୍ଧାର କରିଛି। କଟକ ଜିଲ୍ଲାରେ ବିବାହ କରିଥିବା ପ୍ରୀତିପଦ୍ମା ପ୍ରଧାନ ନାମ୍ନୀ ଜଣେ ୪୦ ବର୍ଷୀୟ ମହିଳା ନିଜ ବାପ ଘରକୁ ବୌଦ୍ଧ ଆସିଥିବା ବେଳେ ନଦୀକୁ ଗାଧୋଇବା ପାଇଁ ଯାଇ ଗୋଡ଼ ଖସିଯିବାରୁ ପାଣିରେ ଭାସି ଯାଇଥିଲେ। ଲୋକେ ଏହା ଦେଖି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଉଦ୍ଧାର କରି ବୌଦ୍ଧ ଡାକ୍ତର ଖାନାରେ ଭର୍ତ୍ତି କରିଥିଲେ। ମହିଳାଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ଉନ୍ନତି ଘଟୁଥିବା ସୂଚନା ମିଳିଛି।

## ବଦଳିଲେ ମନମୁଣ୍ଡା ଥାନା ଅଧିକାରୀ

ଶଗଡା,୧୮ ।୬(ସମିସ): ବୌଦ୍ଧ ଜିଲ୍ଲାର ପୁଲିସ ଅଧିକାରୀସ୍ତରରେ ଅଦଳବଦଳ କରାଯାଇଛି। ମନମୁଣ୍ଡା ଥାନା ଅଧିକାରୀ ଇନ୍ସପେକ୍ଟର ସସ୍ମିତା ମଗରଙ୍କୁ ବୌଦ୍ଧ ଆଦର୍ଶ ଥାନାକୁ ବଦଳି କରାଯାଇଛି। ବୌଦ୍ଧ ଆଦର୍ଶ ଥାନାରେ କାର୍ଯ୍ୟରତ ଇନ୍ସପେକ୍ଟର ଚିରଞ୍ଜିବୀ ବେହେରାଙ୍କୁ ମନମୁଣ୍ଡା ଥାନା ଅଧିକାରୀ ଭାବରେ ବଦଳି କରାଯାଇଛି।

## ଶିବ-ପାର୍ବତୀଙ୍କ ବିବାହ ଉତ୍ସବ

ଜହ୍ନାପଙ୍କ,୧୮ ।୬(ସମିସ): ବୌଦ୍ଧ ଜିଲ୍ଲା ତାଳଶରଡ଼ା ପଞ୍ଚାୟତ ମାନେଶ୍ୱରରେ ମାନେଶ୍ୱର ବାବାଙ୍କ ଦ୍ୱିତୀୟ ଶୀତଳ ଷଷ୍ଠୀ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ୬୦ଟି ଗ୍ରାମରୁ ଆସିଥିବା ନିର୍ବନ୍ଧ ଭାର ସହ ସାହାଜପାଲ ଜଗନ୍ନାଥ ମନ୍ଦିରରୁ ବିରାଟ ପଟୁଆର ବାହାରିଥିଲା। ମାନେଶ୍ୱର ମନ୍ଦିରରେ ନିର୍ବନ୍ଧ କାର୍ଯ୍ୟ ହୋଇଥିଲା। ଅପରାହ୍ନ ୪ଟାରେ ସାହାଜପାଲ ଜଗନ୍ନାଥ ମନ୍ଦିରରୁ ଦେବ ଦେବ ମାନେଶ୍ୱର ମହାଦେବଙ୍କୁ ବର ବେଶରେ ସଜିତ କରି ରଥାରୁଢ଼ କରାଯାଇଥିଲା। ଏହାପରେ ବିବାହ ଯାତ୍ରା ଶୁଭାରମ୍ଭ ହୋଇଥିଲା। ସନ୍ଧ୍ୟାରେ ଶୈବପୀଠରେ ଦେବ ଦମ୍ପତିଙ୍କ ବିବାହ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା। ମୁଣ୍ଡିପଦର ଗ୍ରାମର ବରପିତାମାତା ପ୍ରଦୀପ ମହାକୁଡ଼, କନ୍ୟାପିତା ପିତା ମାତା ମାନେଶ୍ୱର ଗ୍ରାମର ସୁଶାନ୍ତ କମ୍ପ, ପୂଜକ ଗୋବର୍ଦ୍ଧନ ଦାସ, ତ୍ରିନାଥ ଖମାରୀ, ମନ୍ଦିର କମିଟି ପରିଚାଳନା ସମେତ ଅଞ୍ଚଳର ଜନସାଧାରଣ ଓ ଉତ୍ତମ ବେହେରା, ରବୀନ୍ଦ୍ର ଦେଓ ଉପସ୍ଥିତ ଥିଲେ।

## ଗଞ୍ଜେଇ କାରବାରରେ ୩ ଗିରଫ

ତରଭା,୧୮ ।୬(ସମିସ): ଗଞ୍ଜେଇ ଚୋରାଚାଲାଣ ଅଭିଯୋଗରେ ତରଭା ପୁଲିସ ୩ ଜଣ ଯୁବକଙ୍କୁ ଗିରଫ କରିଛି। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଏସଆଇ ପ୍ରସନ୍ନଜିତ ବେହେରାଙ୍କ ନେତୃତ୍ୱରେ ଏକ ଟିମ ଘାଟକଇଁନ୍ତରା ବ୍ରିଜ ନିକଟରେ ଜଗି ରହିଥିଲା। କନ୍ଧମାଳ ଅଞ୍ଚଳରୁ ଆସୁଥିବା ଗୋଟିଏ ବାଇକ୍ (ଓଡ଼ି ୦୩ ସି ୮୦୪୩)କୁ ଅଟକାଇ ଯାଞ୍ଚ କରିବାରୁ ୩ କେଜି ଗଞ୍ଜେଇ ବାହାରିଥିଲା। ପୁଲିସ ବାଇକ ଆରୋହୀ ପାଣିମୁରା ଗ୍ରାମର ଉତ୍ତମ ଷାଣ୍ଢ (୩୧) ଓ ମଣ୍ଟୁ ମଲ୍ଲିକ(୨୮)ଙ୍କୁ ଗିରଫ କରିଥିଲା। ଏମାନଙ୍କ ନିକଟରୁ ୩ କେଜି ଗଞ୍ଜେଇ, ମୋଟର ସାଇକେଲ ଓ ୩ଟି ମୋବାଇଲ ଜବତ କରାଯାଇଛି। ସେହିଭଳି ଏହି ଘଟଣାର ୩୫ ମିନିଟ ପରେ ଅନ୍ୟଏକ ବାଇକ୍ (ଓଡି ୧୭ ୧୧୫୬)ରେ ଆସୁଥିବା ୨ଜଣ ଯୁବକଙ୍କୁ ପୁଲିସ ଅଟକାଇବା ପୂର୍ବରୁ ଜଣେ ଦୌଡ଼ି ପଳାଇଥିଲା। ଅନ୍ୟ ଜଣଙ୍କ ବୌଦ୍ଧ ଜିଲ୍ଲା କନ୍ଧମାଳ ଥାନା କମଘାଟ ଗ୍ରାମର ସନାତନ ସେଠି(୩୯) ଧରା ପଡିଥିଲା। ଯାଞ୍ଚ କରିବାରୁ ତା' ନିକଟରୁ ୪ କେଜି ଗଞ୍ଜେଇ ବାହାରିଥିଲା ବୋଲି ଆଇଆଇସି ଡୋଳାମଣି ନାଏକ ସୂଚନା ଦେଇଛନ୍ତି।

## ଶଗଡ଼ା ପ୍ରିମିୟର ଲିଗ୍ କ୍ରିକେଟ ଉଦ୍‌ଘାଟିତ

ମନମୁଣ୍ଡା,୧୮ ।୬(ସମିସ): ବୌଦ୍ଧ ଜିଲ୍ଲା ଶଗଡ଼ା ଖେଳ ପଡ଼ିଆରେ ଶ୍ରୀଜଗନ୍ନାଥ କ୍ରିକେଟ ସଂଘ ତରଫରୁ ଆୟୋଜିତ ଶଗଡ଼ା ପ୍ରିମିୟର ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ଆୟୋଜକ ସଭାପତି ରମାକାନ୍ତ ଖଟୁଆଙ୍କ ଅଧ୍ୟକ୍ଷତାରେ ଶଗଡ଼ା ସରପଞ୍ଚ ସନ୍ଧ୍ୟାରାଣୀ ମହାକୁଡ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ନାଏବ ସରପଞ୍ଚ ବିଶ୍ୱାମିତ୍ର ମହାକୁଡ ଯୋଗ ଦେଇଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଶିବା ଫାଇଟର, ଅନୀଲ ଫାଇଟର, ପ୍ରିନ୍ସ ଫାଇଟର, ଲଗ୍ନା ସ୍ପୋର୍ଟିଂ, ବଂଶିକା ସ୍ପୋର୍ଟିଂ ଏବଂ ମନୀଷ ସ୍ପୋର୍ଟିଂ (୬ ଟି ଦଳ) ଅଂଶ ଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ଦିବସରେ ଲଗ୍ନା, ପ୍ରିନ୍ସ ଏବଂ ବଂଶିକା ବିଜୟୀ ହୋଇଥିଲେ। ସେହିପରି ଗୁରୁବାର ଅନୁଷ୍ଠିତ ମ୍ୟାଚ୍‌ରେ ଲଗ୍ନା, ଅନୀଲ ଏବଂ ପ୍ରିନ୍ସ ଦଳ ବିଜୟୀ ହୋଇଥିଲେ। ଉଭୟ ଦିବସରେ ସୁରେଶ ରାଉତ, କୈଳାଶ ବାଘ ଅମ୍ପାୟାରିଂ କରିଥିଲେ। ସୁରଥ ଦାଶ ସ୍କୋରର ଥିଲେ। ନରେଶ ମେହେର ଧାରାବିବରଣୀ ଦେଇଥିଲେ

## କିର୍ମାଖୋଲ ଗ୍ରାମରେ କଂସ ଦରବାର

ଶଗଡ଼ା,୧୮ ।୬(ସମିସ): ବୌଦ୍ଧ ଜିଲ୍ଲା ସଦର ବ୍ଲକ୍ ଗୁଡୁଲିଆ ପଞ୍ଚାୟତ କିର୍ମାଖୋଲ ଗାଁରେ ରଜ ମହୋତ୍ସବ ଅବସରରେ କଂସ ଦରବାର ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ କନ୍ଧମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ, ସମ୍ମାନିତ ଅତିଥି ଭାବେ ବୌଦ୍ଧ ବ୍ଲକ୍ ଅଧ୍ୟକ୍ଷ ପ୍ରତ୍ୟୁଷ ପ୍ରିୟଦର୍ଶୀ ରଥ, ଜିଲ୍ଲା ପରିଷଦ ସଭ୍ୟ ରାକେଶ ତ୍ରିପାଠୀ, ଗୁଡୁଲିଆ ସରପଞ୍ଚ ଧବଳେଶ୍ୱର ସିଂ, ବିଜେପି ଜିଲ୍ଲା ଉପସଭାପତି ସୁଶାନ୍ତ ବାଘଙ୍କ ସମେତ ଅଞ୍ଚଳର ବହୁ ନେତୃବୃନ୍ଦ ପ୍ରମୁଖ ଯୋଗ ଦେଇଥିଲେ।



## ଆମ୍ବେଦକର ସୋସିଆଲ ଟ୍ରଷ୍ଟ ଦ୍ୱାରା ଖାତା କଲମ ବଣ୍ଟନ

କନ୍ଧମାଳ,୧୮ ।୬(ସମିସ): କନ୍ଧମାଳ ଗଣ୍ଡା ସମାଜ ପକ୍ଷରୁ ରଜ ପର୍ବ ପାଳିତ ହୋଇଛି। ଏହି ଅବସରରେ ଆମ୍ବେଦକର ସୋସିଆଲ ଟ୍ରଷ୍ଟ ପକ୍ଷରୁ ଖାତା କଲମ ବଣ୍ଟନ ବଣ୍ଟନ କରାଯାଇଛି। ଟ୍ରଷ୍ଟର ସଭାପତି ସୁନିଲ ହରିପାଲ, ସାଧାରଣ ସମ୍ପାଦକ ଲୁଭଧର ସୁନା, ମୁଖ୍ୟ ଉପଦେଷ୍ଟା ରାଜେନ୍ଦ୍ର ବାଘ, କୋଷାଧ୍ୟକ୍ଷ ଚମରୁ ବାଘ, ପ୍ରକାଶ ହରିପାଲ, ଆକାଶ ସୁନା, ଚିଙ୍କୁ ସୁନା, ପ୍ରଭଞ୍ଜନ ସୁନା ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ସଚେତନତା

ବୌଦ୍ଧ,୧୮ ।୬(ସମିସ): ବୌଦ୍ଧ ବ୍ଲକ୍ ତାଳସରଡ଼ା ପଞ୍ଚାୟତ ପରିସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସୁଜାତା ପାଣିଗ୍ରାହୀ (ଜିଲ୍ଲା ମହିଳା ସଶକ୍ତିକରଣ ସଂଯୋଜିକା), ସସ୍ମିତା ପାଣ୍ଡେ (ସରପଞ୍ଚ, ତାଳସରଡା) ଏବଂ ଜ୍ଞାନ ନନ୍ଦ (ମହିଳା ସୁପରଭାଇଜର ଉପସ୍ଥିତ ଥିଲେ। ମହିଳା ସୁରକ୍ଷା, ଆଇନଗତ ଅଧିକାର ଓ ସରକାରୀ କଲ୍ୟାଣମୂଳକ ଯୋଜନା ସମ୍ପର୍କରେ ଉପସ୍ଥିତ ଲୋକଙ୍କୁ ସଚେତନ କରାଯାଇଥିଲା। ସମାଜକୁ ହିଂସା ଓ ବୈଷମ୍ୟମୁକ୍ତ କରିବା ସହ ନିଶୁଳ୍କ ଆଇନ ସେବାର ସୁଯୋଗ ନେବାକୁ ସମସ୍ତଙ୍କୁ ଆହ୍ୱାନ କରାଯାଇଥିଲା। କାର୍ଯ୍ୟକ୍ରମରେ କନିଷ୍ଠ କିରାଣି ସୂର୍ଯ୍ୟ ଜେନା ଓ ପାରାଲିଗାଲ ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ।

## ନବନିଯୁକ୍ତ ସରକାରୀ ଓକିଲଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ବୌଦ୍ଧ,୧୮ ।୬(ସମିସ): ଆଜି ବୌଦ୍ଧସ୍ଥିତ ଜିଲ୍ଲା ବିଜେପି କାର୍ଯ୍ୟାଳୟଠାରେ ଜିଲ୍ଲାର ନବ ନିଯୁକ୍ତ ସରକାରୀ ଓକିଲମାନଙ୍କୁ ଜିଲ୍ଲା ବିଜେପି ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଜିଲ୍ଲା ବିଜେପି ସଭାପତି ପ୍ରେମାନନ୍ଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ କନ୍ଧମାଳ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ କହ୍ନେଇ ଚରଣ ଡାଙ୍ଗ ଓ ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲ୍ଲା ସଭାପତି ବିପ୍ର ଚରଣ ମହାନ୍ତି, ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ସତ୍ୟାନନ୍ଦ ପାଣ୍ଡେ, ପିନାକ ଧର ରଣା, ପୂର୍ବତନ ଜିପି ପୃଥ୍ୱୀରାଜ୍ ମେହେର ଯୋଗ ଦେଇଥିଲେ। ନବନିଯୁକ୍ତ ଜିପି, ସହକାରୀ ଜିପି, ସ୍ୱତନ୍ତ୍ର ପିପି ଓ ସହକାରୀ ପିପିମାନଙ୍କୁ ଉତ୍ତରୀୟ ପୁଷ୍ପଗୁଚ୍ଛ ଦେଇ ଜିଲ୍ଲା ବିଜେପି ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

## ବୌଦ୍ଧ ଜିଲ୍ଲା ନ୍ୟାୟାଳୟର ସମସ୍ତ କୋର୍ଟ ପାଇଁ ସରକାରୀ ଓକିଲ ନିଯୁକ୍ତ

ବୌଦ୍ଧ,୧୮ ।୬(ସମିସ): ଓଡିଶା ସରକାରଙ୍କ ଆଇନ୍ ବିଭାଗ ବୌଦ୍ଧ ଜିଲ୍ଲା ନ୍ୟାୟାଳୟର ସମସ୍ତ କୋର୍ଟ ପାଇଁ ନୂତନ ସରକାରୀ ଓକିଲ ନିଯୁକ୍ତ କରିଛନ୍ତି। ବରିଷ୍ଠ ଆଇନଜୀବୀ ଅକ୍ଷୟ କୁମାର ସାହୁ ଜିପି ଭାବେ ନିଯୁକ୍ତ ହୋଇଛନ୍ତି। ଚିତ୍ତ ରଞ୍ଜନ ପାଣିଗ୍ରାହୀ ଜିଲ୍ଲା ଓ ଦୌରା ଜଜଙ୍କ ଅଦାଲତରେ ଏନଡିପିଏସ ମାମଲାର ସ୍ୱତନ୍ତ୍ର ପିପି, ସେହିପରି ଅତିରିକ୍ତ ଜିଲ୍ଲା ଜଜଙ୍କ କୋର୍ଟରେ ତୁଷାରକାନ୍ତ ଦୀପ ଅତିରିକ୍ତ ଜିପି, ଧବଳେଶ୍ୱର ମନହିରା ଆସୋସିଏଟ ଲୟର, ପ୍ରଦେଶୀ ବେହେରା ଏନଡିପିଏସ୍ ମାମଲାର ସ୍ୱତନ୍ତ୍ର ପିପି ଭାବରେ ନିଯୁକ୍ତ ହୋଇଛନ୍ତି। ତରନୀ ସେନ ଭୁକ୍ତା ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ କୋର୍ଟର ଆସୋସିଏଟ ଲୟର, ବିବେକାନନ୍ଦ ଦେହୁରୀ ସିଭିଲ୍ ଜଜ୍ ଜୁନିଅର ଡିଭିଜନ ତଥା ଏସଡିଜେଏମଙ୍କ କୋର୍ଟରେ ସହକାରୀ ପିପି, ଡୋଳାମଣି ପ୍ରଧାନଙ୍କୁ ବୌଦ୍ଧ ଜେଏମଏଫସିଙ୍କ କୋର୍ଟରେ ସହକାରୀ ପିପି, ବରଜ କୁମାର ବେହେରାଙ୍କୁ ପିଏମଜେଜେବି କୋର୍ଟରେ, ଆଶୁତୋଷ ଦାଶ ଓ ପ୍ରଭୁଦତ୍ତ ଦଲାଲଙ୍କୁ ଜେଏମଏଫସି ଏଲଆର କୋର୍ଟରେ ସହକାରୀ ପିପି ଭାବେ ନିଯୁକ୍ତି ମିଳିଛି। ସେହିପରି ମନୋରଞ୍ଜନ ମହାକୁଡଙ୍କୁ କନ୍ଧମାଳ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜଙ୍କ କୋର୍ଟରେ ଅତିରିକ୍ତ ପିପି, ଚିତ୍ତରଞ୍ଜନ ପାତ୍ରଙ୍କୁ ଏନଡିପିଏସ ମାମଲାର ସ୍ୱତନ୍ତ୍ର ପିପି, ପ୍ରତାପ ଚନ୍ଦ୍ର ସାହୁଙ୍କୁ ଏସସି ଏସଟି ମାମଲାର ସ୍ୱତନ୍ତ୍ର ପିପି, ରତନ କୁମାର ପଟ୍ଟନାୟକଙ୍କୁ ସିଭିଲ୍ ଜଜ୍ ସିନିଅର ଡିଭିଜନର ଆସୋସିଏଟ ଲୟର, ବିକାଶ ଚନ୍ଦ୍ର ବେହେରାଙ୍କୁ ସିଭିଲ୍ ଜଜ୍ ଜୁନିଅର ଡିଭିଜନ ତଥା ଜେ ଏମ ଏଫ ସିଙ୍କ ଅତିରିକ୍ତ ସରକାରୀ ଓକିଲ ଓ ସୁଶୀଲ କୁମାର ପାଣିଗ୍ରାହୀଙ୍କୁ ସିଭିଲ୍ ଜଜ୍ ଜୁନିଅର ଡିଭିଜନ ତଥା ଜେ ଏମ ଏଫସିଙ୍କ ଅଦାଲତରେ ସହକାରୀ ପିପି ଭାବରେ ସରକାର ନିଯୁକ୍ତ କରିଛନ୍ତି। ହରଭଙ୍ଗା ବ୍ଲକରେ ଓମପ୍ରକାଶ ମିଶ୍ରଙ୍କୁ ହରଭଙ୍ଗା ଅତିରିକ୍ତ ଜିଲ୍ଲା ଓ ଦୌରାଜଜଙ୍କ କୋର୍ଟରେ ଅତିରିକ୍ତ ପିପି, ବିଭୁପ୍ରସାଦ କ୍ଷେତୀ ଓ ଅଶୋକ କୁମାର ସାହୁଙ୍କୁ ହରଭଙ୍ଗା ସିଭିଲ୍ ଜଜ୍ ଜୁନିଅର ଡିଭିଜନ ତଥା ଜେ ଏମ ଏଫସିଙ୍କ ଅଦାଲତରେ ସହକାରୀ ପିପି ଭାବେ ନିଯୁକ୍ତି ମିଳିଛି।

## ପୋଖରୀ ପୁନରୁଦ୍ଧାରରେ ଦୁର୍ନୀତି ଅଭିଯୋଗ

ଶଗଡ଼ା,୧୮ ।୬(ସମିସ): ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ୍ ପଲସାଗୋରା ପଞ୍ଚାୟତ କାନ୍ଦୁଲ ମୁଣ୍ଡା (ବଡ଼ବନ୍ଧ) ପୋଖରୀ ପୁନଃରୁଦ୍ଧାର କାର୍ଯ୍ୟରେ ନିମ୍ନମାନର କାମ ସହ ଦୁର୍ନୀତି ହେଉଥିବା ନେଇ ଗ୍ରାମବାସୀ ବିଡ଼ିଓଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପଶ୍ଚିମ ଓଡିଶା ବିକାଶ ପରିଷଦ ପକ୍ଷରୁ ୨୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପୋଖରୀ ପୁନଃରୁଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଛି। ବ୍ଲକ୍ କନିଷ୍ଠ ଯନ୍ତ୍ରୀ ସନ୍ତୋଷ ପଣ୍ଡାଙ୍କ ନାଁରେ କାର୍ଯ୍ୟାଦେଶ ରହିଛି। ଜଣେ ଠିକାଦାରଙ୍କ ଦ୍ୱାରା କାର୍ଯ୍ୟ କରାଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। କାର୍ଯ୍ୟସ୍ଥଳରେ ଯନ୍ତ୍ରୀ ଅନୁପସ୍ଥିତ ରହୁ ଥିବା ମଧ୍ୟ ଅଭିଯୋଗ ହୋଇଛି। ନିର୍ମାଣ କାର୍ଯ୍ୟ ଆରମ୍ଭରୁ ସୂଚନା ଫଳକ ଲଗାଇବା ବାଧ୍ୟତାମୂଳକ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ଲଗା ଯାଇ ନାହିଁ। ଏହା ଫଳରେ କେଉଁ ଯୋଜନାରେ କେତେ ଅନୁଦାନ ଆସିଛି ତାହା ଲୋକଙ୍କୁ ସନ୍ଦେହରେ ପକାଇଛି। ବର୍ତ୍ତମାନ ପୋଖରୀର ମାଟି କାମ ସହ ପାହାଚ ନିର୍ମାଣ ଚାଲିଛି। ଯନ୍ତ୍ରୀ ଅନୁପସ୍ଥିତ ଥିବାରୁ କାମର ମାନକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଲୋକେ ଏହାକୁ ପ୍ରତିବାଦ କରିବା ସହ କାମ ବନ୍ଦ କରିଥିଲେ। ପରେ ଗ୍ରାମରେ ଏକ ସଭା କରି ଯନ୍ତ୍ରୀ ନ ଆସିବା ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ବନ୍ଦ କରିଥିଲେ। ଯନ୍ତ୍ରୀଙ୍କୁ ଫୋନ୍ କରିଥିଲେ ମଧ୍ୟ ଫୋନ୍ ଉଠାଇ ନ ଥିଲେ। ଶେଷରେ ଗ୍ରାମବାସୀ କନ୍ଧମାଳ ବିଡ଼ିଓଙ୍କ ଦ୍ୱାରସ୍ଥ ହୋଇ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହାର ତଦନ୍ତ କରି ପଲ୍ଲୀସଭା ମାଧ୍ୟମରେ କାର୍ଯ୍ୟ କରାଗଲେ କାମ ଉନ୍ନତ ମାନର ହୋଇ ପାରିବ ବିଡ଼ିଓଙ୍କୁ ଅନୁରୋଧ କରିଥିଲେ। ଘଟଣା ସମ୍ପର୍କରେ ବିଡ଼ିଓ ଓ କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ କେହି ବି ଫୋନ ଉଠାଇ ନ ଥିଲେ।



## ତରଭା ରଥଯାତ୍ରା ପ୍ରସ୍ତୁତି



ତରଭା,୧୮ ।୬(ସମିସ): ତରଭା ଅଞ୍ଚଳର ପ୍ରସିଦ୍ଧ ଶ୍ରୀ ଦଧିବାବନଙ୍କ ରଥଯାତ୍ରା ପାଳନ ନେଇ ଏନଏସି ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏନଏସି ଅଧ୍ୟକ୍ଷା ବନ୍ଦିତା ନାଏକ, ଉପାଧ୍ୟକ୍ଷ ଗଗନ ଅଗ୍ରୱାଲ, ତହସିଲଦାର ଶ୍ୱେତାଲିନା ମାହାଣା, ବିଡ଼ିଓ ଶିବାନନ୍ଦ କର୍ମୀ, ଆଇଆଇସି ଡୋଳାମଣି ନାଏକ, ବଲାଙ୍ଗୀର ସାଂସଦଙ୍କ ପ୍ରତିନିଧି ମାନସ ସାହୁ, ନିର୍ବାହୀ ଅଧିକାରୀ ଲକ୍ଷ୍ମୀକାନ୍ତ ମଲିକ ପ୍ରମୁଖ ଉପସ୍ଥିତ ଥିଲେ। ନିର୍ବାହୀ ଅଧିକାରୀ ଶ୍ରୀ ମଲିକ ଉଦ୍ଦେଶ୍ୟ ଜ୍ଞାପନ ସହ ଶାନ୍ତି ଶୃଙ୍ଖଳା ସହ ରଥଯାତ୍ରା ସମ୍ପନ୍ନ କରିବାରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଚଳିତ ବର୍ଷ ମଧ୍ୟ ରଥଯାତ୍ରା କମିଟିର ସଭାପତି ଓ ଉପସଭାପତି ଭାବେ ଯଥାକ୍ରମେ ରତନ ଲାଲ ଅଗ୍ରୱାଲ ଓ ମଧୁସୂଦନ ପାଣ୍ଡେଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିବା ବେଳ ନିର୍ବାହୀ ଅଧିକାରୀଙ୍କୁ ସମ୍ପାଦକ ଭାବେ ଚୟନ କରାଯାଇଥିଲା। ବୈଠକରେ ରଥ ନିର୍ମାଣ, ଉପନ ଭୋଗ ପ୍ରଦାନ, ମିନାବଜାର, ପାନୀୟ ଜଳଯୋଗାଣ, ବିଦ୍ୟୁତ୍ ଯୋଗାଣ, ସ୍ୱାସ୍ଥ୍ୟସେବା ଓ ଶାନ୍ତି ଶୃଙ୍ଖଳାର ସହ ରଥଟଣା ଉପରେ ଆଲୋଚନା ହୋଇଥିଲା। ସାମ୍ବାଦିକ ଅଶୋକ ସାହୁ ଦେଇଥିବା ପ୍ରସ୍ତାବ ଅନୁସାରେ ଚଳିତ ବର୍ଷ ଠାରୁ ରଥଟଣା ସମୟରେ ସ୍ୱେଚ୍ଛାସେବୀ ଗଠନ କରାଯାଇ ସହଯୋଗ କରିବା ପ୍ରସ୍ତାବକୁ ଗ୍ରହଣ କରାଯାଇଥିଲା। ଉପନ ଭୋଗ ନିର୍ଦ୍ଧାରିତ ସମୟରେ ଠାକୁରଙ୍କୁ ପ୍ରଦାନ କରିବାକୁ ସମସ୍ତ ପଡା, କ୍ଲବ ଓ ବ୍ୟକ୍ତି ବିଶେଷଙ୍କୁ ଅନୁରୋଧ କରାଯାଇଥିଲା। ବୈଠକରେ ବିଭିନ୍ନ ୱାର୍ଡର କାଉନସିଲର, କ୍ଲବ କର୍ମକର୍ତ୍ତା, ମନ୍ଦିର ପୂଜକ, ସେବାୟତ, ସଚେତନ ନାଗରିକ, ଏନଏସି କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ଏନଏସି କିରାଣି ବିଶ୍ୱରଂଜନ ମିଶ୍ର ସ୍ୱାଗତ ଭାଷଣ ସହ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସାମ୍ବାଦିକ ମାନଭଞ୍ଜନ ମିଶ୍ର ଧନ୍ୟବାଦ ଦେଇଥିଲେ।

## ବିଶ୍ୱ ଯୋଗ ଦିବସ ପାଇଁ ପ୍ରସ୍ତୁତି

ବୌଦ୍ଧ,୧୮ ।୬(ସମିସ): ଆସନ୍ତା ୨୧ ଦ୍ୱାଦଶ ବିଶ୍ୱ ଯୋଗ ଦିବସ ପାଳନ ଅବସରରେ ବୌଦ୍ଧ ଜିଲ୍ଲାରେ ଏହାକୁ ମହାସମାରୋହରେ ଆୟୋଜନ କରିବା ନିମନ୍ତେ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାର ବିଭିନ୍ନ ବିଭାଗର ଉଚ୍ଚପଦସ୍ଥ ଅଧିକାରୀ ଓ ଯୋଗ କାର୍ଯ୍ୟକର୍ତ୍ତାଙ୍କ ସହ ବିଶ୍ୱ ଯୋଗ ଦିବସର ସଫଳ ଆୟୋଜନ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଆଲୋଚନା ପରେ ବୌଦ୍ଧ ଜିଲ୍ଲା ଷ୍ଟାଡିୟମରେ ସାମୂହିକ ଯୋଗାଭ୍ୟାସ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଚଳିତ ବର୍ଷର ବିଶ୍ୱ ଯୋଗ ଦିବସ ପାଳନରେ ବରିଷ୍ଠ ନାଗରିକମାନଙ୍କ ସକ୍ରିୟ ଅଂଶଗ୍ରହଣ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ବାର୍ଦ୍ଧକ୍ୟ ଅବସ୍ଥାରେ ସୁସ୍ଥ ଜୀବନଯାପନ ପାଇଁ ଯୋଗର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଜିଲ୍ଲାର ବରିଷ୍ଠ ନାଗରିକମାନଙ୍କୁ ସ୍ୱତନ୍ତ୍ର ଭାବେ ନିମନ୍ତ୍ରଣ କରାଯିବ ବୋଲି ବୈଠକରେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଏହାସହ ଜିଲ୍ଲାର ସମସ୍ତ ବ୍ଲକ୍ ମୁଖ୍ୟାଳୟ ଏବଂ ପଞ୍ଚାୟତ ମୁଖ୍ୟାଳୟସ୍ତରରେ ମଧ୍ୟ ବିଶ୍ୱ ଯୋଗ ଦିବସକୁ ବ୍ୟାପକ ଓ ଉତ୍ସାହପୂର୍ଣ୍ଣ ଭାବେ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଜିଲ୍ଲା ଷ୍ଟାଡିୟମରେ ଆୟୋଜିତ ସାମୂହିକ ଯୋଗାଭ୍ୟାସ କାର୍ଯ୍ୟକ୍ରମରେ ଏକ ହଜାରରୁ ଅଧିକ ଯୋଗପ୍ରେମୀଙ୍କୁ ସାମିଲ କରିବା ପାଇଁ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ସହ ଯୋଗାଯୋଗ ଏବଂ ସମନ୍ୱୟ ରକ୍ଷା କରିବାକୁ ବୈଠକରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଜିଲ୍ଲା କ୍ରୀଡ଼ା ଅଧିକାରୀ ଜ୍ୟୋତି ରଞ୍ଜନ ଭୂଏ, ଜିଲ୍ଲା ସଂସ୍କୃତି ଅଧିକାରୀ ଅଙ୍କିତା କୁମାରୀ ସାହୁଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ସେହିପରି ପତଞ୍ଜଳି ଯୋଗ ପରିବାରର ଜିଲ୍ଲା ମୁଖ୍ୟ ଦେବାଶିଷ ପୁରୋହିତ, ଯୋଗ ମହୋତ୍ସବ ସମିତିର ସଂଯୋଜକ ବିଜୟ ସାହୁ, ଯୋଗ ପ୍ରଶିକ୍ଷକ ନଟବର ଅଗ୍ରୱାଲା, କୃଷ୍ଣଚନ୍ଦ୍ର ସେଠୀ, ଦିଲ୍ଲୀପ ଚୌଧୁରୀ, ବିକାଶ ଅଗ୍ରୱାଲା ଓ ରୋହିତ ରଣା ପ୍ରମୁଖ ଯୋଗ ଦେଇଥିଲେ।

## ବୌଦ୍ଧ ବ୍ଲକ୍‌ସ୍ତରୀୟ 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ




ବୌଦ୍ଧ,୧୮ ।୬(ସମିସ): ବୌଦ୍ଧ ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ବିକାଶର ଧାରା ଓଡିଶା ସାରା କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସର କାର୍ଯ୍ୟକ୍ରମ କୃଷକ ସମ୍ବାଦ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କନ୍ଧମାଳ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ କହ୍ନେଇ ଚରଣ ଡାଙ୍ଗ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଦାମ ଚରଣ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ଉପାଧ୍ୟକ୍ଷ ପାନେସ୍ୱରୀ ଦେହୁରୀ, ଜିଲ୍ଲା ପରିଷଦ ସଦସ୍ୟ ରାକେଶ ତ୍ରିପାଠୀ, ପୂର୍ବତନ ବିଜେପି କୃଷକ ମୋର୍ଚ୍ଚା ସଭାପତି ପୂର୍ଣ୍ଣଚନ୍ଦ୍ର ଗାଇଗୌରିଆ ମଞ୍ଚାସୀନ ଥିଲେ। କୃଷି ଓ କୃଷକର ବିକାଶ ପାଇଁ ବିଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟ ସରକାର କରିଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ସ୍ଥାନରୁ ଆସିଥିବା କୃଷକ ମାନେ ଅଂଶ ଗ୍ରହଣ କରିଥିଲେ।

## ଏସ୍ଆଇଆର୍ କାର୍ଯ୍ୟରେ ଅବହେଳା
# ୨ ବିଏଲ୍ଓ ନିଲମ୍ବିତ

ବୌଦ୍ଧ,୧୮ ।୬(ସମିସ)

ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାନୁସାରେ ଚାଲିଥିବା ଭୋଟର ତାଲିକାର ବିଶେଷ ସଘନ ସଂଶୋଧନ କାର୍ଯ୍ୟରେ ଗୁରୁତର ଅବହେଳା ଏବଂ ଅନୁପସ୍ଥିତ ରହିବା ଅଭିଯୋଗରେ ୮୬-ବୌଦ୍ଧ ବିଧାନସଭା ନିର୍ବାଚନ ମଣ୍ଡଳୀର ୨ ଜଣ ବୁଥ୍ ଲେଭେଲ୍ ଅଫିସର (ବିଏଓ)ଙ୍କୁ ତୁରନ୍ତ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ନିଲମ୍ବିତ ଅଧିକାରୀମାନେ ହେଲେ ବିରେନ୍ଦ୍ର ବେହେରା (ସହକାରୀ ଶିକ୍ଷକ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗଣ୍ଡିସର) ଏବଂ ଶିବ ଚନ୍ଦ୍ର ଗାଆଣ (ସହକାରୀ ଶିକ୍ଷକ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଖରଭୂଇଁ)। ଉଭୟ ଅଧିକାରୀଙ୍କୁ ୧୭୬-ଗଣ୍ଡିସର ଏବଂ ୧୭୯-ଖରଭୂଇଁ ମତଦାନ କେନ୍ଦ୍ରର ବୁଥ୍ ଲେଭେଲ୍ ଅଫିସର ଭାବେ ନିଯୁକ୍ତ କରାଯାଇଥିଲା। ତେବେ ବାରମ୍ବାର ନିର୍ଦ୍ଦେଶ ଓ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲେ ମଧ୍ୟ ସେମାନେ ଏସଆଇଆର୍ କାର୍ଯ୍ୟରେ ଉପସ୍ଥିତ ରହି ନ ଥିଲେ। କ୍ଷେତ୍ର ପରିଦର୍ଶନ ସମୟରେ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ସେମାନଙ୍କ ଅନୁପସ୍ଥିତି ଚିହ୍ନଟ କରିଥିଲେ। ଜିଲ୍ଲା ପ୍ରଶାସନଙ୍କ ମତ ଅନୁସାରେ ଏଭଳି ଅନଧିକୃତ ଅନୁପସ୍ଥିତି ଓ ଦାୟିତ୍ୱରେ ଅବହେଳା ନିର୍ବାଚନୀ ତାଲିକାର ସଠିକତା, ବିଶୁଦ୍ଧତା ଓ ନିର୍ଭରଯୋଗ୍ୟତା ରକ୍ଷାରେ ବାଧକ ସୃଷ୍ଟି କରୁଛି। ଏହା ୧୯୫୦ ଧାରା ୩୨ର ସ୍ପଷ୍ଟ ଉଲ୍ଲଂଘନ ଏବଂ ସରକାରୀ କର୍ତ୍ତବ୍ୟରେ ଗୁରୁତର ଅବହେଳା ଭାବେ ବିବେଚିତ ହୋଇଛି। ଏହି ପରିପ୍ରେକ୍ଷୀରେ ବିଭୂତି ଭୂଷଣ ନାୟକ, ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ, ବୌଦ୍ଧ ଉଭୟ ଅଧିକାରୀଙ୍କୁ ତୁରନ୍ତ ନିଲମ୍ବନ କରିବା ସହ ସେମାନଙ୍କ ବିରୋଧରେ ଓଡ଼ିଶା ସିଭିଲ ସର୍ଭିସେସ୍ (ବର୍ଗୀକରଣ, ନିୟନ୍ତ୍ରଣ ଓ ଅପିଲ) ନିୟମାବଳୀ ଅନୁଯାୟୀ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବାକୁ ଆଦେଶ ଦେଇଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ବିଏଲଓ, ସୁପରଭାଇଜର ଓ ନିର୍ବାଚନ କାର୍ଯ୍ୟ ସହ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକୁ କଡାକଡି ଭାବେ ପାଳନ କରିବା ସହ ଏସଆଇଆର କାର୍ଯ୍ୟକ୍ରମକୁ ସଫଳ କରିବାପାଇଁ ସମ୍ପୂର୍ଣ୍ଣ ନିଷ୍ଠା ଓ ଦାୟିତ୍ୱବୋଧ ସହ କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଛି।



## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଆର୍ଥିକ ସମସ୍ୟା ଦେଖା ଦେବ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ଗୁରୁଜନଙ୍କ ଆଶୀର୍ବାଦ ନେବେ। ଆର୍ଥିକ କାରବାରରେ ଲାଭ ମିଳିବ। ଦୀର୍ଘଦିନର ସମସ୍ୟା ସମାଧାନ ହେବ।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ। ପରିଶ୍ରମ ଅନୁସାରେ ଫଳ ମିଳିବ। ବାଦବିବାଦରୁ ଦୂରେଇ ରହିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ। ଜୀବନସାଥୀଙ୍କୁ ସମୟ ଦେବେ।

**କର୍କଟ:** ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ। ଇଷ୍ଟ ଦେବଙ୍କୁ ସ୍ମରଣ କରିବେ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି।

**ସିଂହ:** ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେବ। ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ରୋଗମୁକ୍ତ ହେବେ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ବ୍ୟବସାୟରେ ଲାଭ ହେବ। ପାରିବାରିକ ବିବାଦ ଦେଖା ଦେବ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଯାତ୍ରା ଲାଭଦାୟକ ହେବ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ବନ୍ଧୁମିଳନ ଯୋଗ ଅଛି। ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଚିନ୍ତାଗ୍ରସ୍ତ ରହିବେ। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ। ସମୟର ସଠିକ ଉପଯୋଗ କରିବେ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।

**କୁମ୍ଭ:** ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ବୈବାହିକ ଜୀବନ ମଜଭୁତ୍ ହେବ।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁ ମିଳନ ଯୋଗ ଅଛି। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ। ଅଧିକ ଖର୍ଚ୍ଚାନ୍ତ ହେବେ।

## ଆଜିର ଐତିହ୍ୟ

- ୧୯୧୦- ପ୍ରଥମ ଥର ପାଇଁ ୱାଶିଙ୍ଗଟନ୍‌ରେ ପିତୃ ଦିବସ ପାଳନ କରାଗଲା।
- ୧୯୩୩- ଅଷ୍ଟ୍ରିଆ ସରକାର ନାଜି ସଂଗଠନ ଉପରେ ପ୍ରତିବନ୍ଧକ ଲଗାଇଲେ।
- ୧୯୬୮ - ମାର୍ଟିନ୍ ଲୁଥର୍ କିଙ୍ଗ୍‌ଙ୍କ ନେତୃତ୍ୱରେ ଆର୍ଥିକ ନ୍ୟାୟ ପାଇଁ ୫୦ ହଜାର ଲୋକ ବିକ୍ଷୋଭ କଲେ।
- ୧୯୯୧- ସୋଭିଏତ୍ ସଂଘରୁ ହଙ୍ଗେରି ମୁକ୍ତ ହେଲା ।



# ୪୦ ବର୍ଷ ପରେ ରଜନୀକାନ୍ତ -ହ୍ରିତିକ୍

ସୁପରଷ୍ଟାର୍ ରଜନୀକାନ୍ତ ଏବେ ତାଙ୍କ ବ୍ଲକ୍‌ବଷ୍ଟର୍ ଫିଲ୍ମ 'ଜେଲର୍'ର ସିକ୍ୱେଲକୁ ନେଇ ଚର୍ଚ୍ଚାରେ। ଅନେକ ଦିନ ହେଲାଣି 'ଜେଲର୍ ୨'ରେ ଶାହାରୁଖ୍ ଖାନ୍ ଅତିଥି କଳାକାର ଭାବେ ନଜର ଆସିବେ ବୋଲି କୁହାଯାଉଥିଲା। ହେଲେ ଶାହାରୁଖ୍ ଏବେ 'କିଙ୍ଗ୍'ର ସୁଟିଂରେ ବ୍ୟସ୍ତ ଥିବାରୁ ସେ ଏଥିରୁ ଓହରି ଯାଇଛନ୍ତି। ଏବେ ଏଥିରେ ହ୍ରିତିକ୍ ରୋଶନ ଶାହାରୁଖ୍‌ଙ୍କ ସ୍ଥାନ ନେବେ ବୋଲି ଜଣାପଡ଼ିଛି। ଏବେ ଏହି ଫିଲ୍ମ ମାଧ୍ୟମରେ ରଜନୀକାନ୍ତ ଓ ହ୍ରିତିକ୍‌ଙ୍କୁ ଦୀର୍ଘ ୪୦ ବର୍ଷ ପରେ ପରଦା ଉପରେ ଏକାଠି ଦେଖିବାକୁ ମିଳିବ। ଏହା ପୂର୍ବରୁ ଏହି ଦୁଇ କଳାକାର ୧୯୮୬ ମସିହାରେ ଆସିଥିବା ସିନେମା 'ଭଗବାନ ଦାଦା'ରେ ଏକାଠି ନଜର ଆସିଥିଲେ। ଏଥିରେ ଶିଶୁ କଳାକାର ଭାବେ ହ୍ରିତିକ୍, ରଜନୀକାନ୍ତଙ୍କ ପୁଅ ଭୂମିକାରେ ଅଭିନୟ କରିଥିଲେ। ହ୍ରିତିକ୍ ଜୁନ୍ ୨୨ରେ 'ଜେଲର୍ ୨'ର ସୁଟିଂ ଚେନ୍ନାଇରେ ଆରମ୍ଭ କରିବେ। ସେ ସିନେମାରେ ଏମିତି ଏକ ପଏଣ୍ଟରେ ଏଣ୍ଟ୍ରି ମାରିବେ ଯାହା ରଜନୀକାନ୍ତଙ୍କ ଭୂମିକାକୁ ଆଗକୁ ବଢ଼ାଇବ। ନେଲ୍‌ସନ୍ ଦିଲୀପ କୁମାର ଏହାର ନିର୍ଦ୍ଦେଶନା ଦେଉଥିବାବେଳେ ସନ୍ ପିକଚର୍ସ ଏହାକୁ ନିର୍ମାଣ କରୁଛି। ଯଦିଓ ସିନେମାଟି ଆସନ୍ତା ସେପ୍ଟେମ୍ବରରେ ରିଲିଜ୍ ହେବ ବୋଲି କୁହାଯାଉଛି ହେଲେ ଏନେଇ କୌଣସି ବିଧିବଦ୍ଧ ଭାବେ ସୂଚନା ଆସିନାହିଁ।

# ୫ ଲକ୍ଷର ତରଭୁଜ




ଭାରତରେ ୨୦-୧୦୦ ଟଙ୍କା ମଧ୍ୟରେ ବିକ୍ରି ହେଉଥିବା ତରଭୁଜ ଜାପାନରେ ଲକ୍ଷାଧିକ ଟଙ୍କାରେ ବିକ୍ରି ହୁଏ। ଏକଥା ଜାଣି ଆଶ୍ଚର୍ଯ୍ୟ ଲାଗିବା ସ୍ୱାଭାବିକ। ଅବଶ୍ୟ ଏହା ଭାରତର ତରଭୁଜଠାରୁ ସମ୍ପୂର୍ଣ୍ଣ ଅଲଗା। ଡେନ୍‌ସୁକେ ତରଭୁଜ ହେଉଛି ବିଶ୍ୱର ସବୁଠାରୁ ଦାମୀ ତରଭୁଜ। ଜାପାନର ହୋକାଇଡୋ ଦ୍ୱୀପରେ ଏହା ଚାଷ କରାଯାଏ। ଏହାର ଅସାଧାରଣ ରଙ୍ଗ, ସ୍ୱାଦ ଏବଂ ଅତ୍ୟଧିକ ମୂଲ୍ୟ ପାଇଁ ଏହା ସାରା ବିଶ୍ୱରେ ପ୍ରସିଦ୍ଧ। ଏହାର ବାହାର ଚୋପା ସମ୍ପୂର୍ଣ୍ଣ ଗାଢ଼ ସବୁଜ ବା ଚମକଦାର କଳା ରଙ୍ଗର ହୋଇଥାଏ, ଯେଉଁଥିପାଇଁ ଏହାକୁ ବ୍ଲାକ୍ ଡାଇମଣ୍ଡ ମଧ୍ୟ କୁହାଯାଏ। ଏହାର ଭିତର ଅଂଶଟି ସାଧାରଣ ତରଭୁଜ ଭଳି ଲାଲ୍ ରଙ୍ଗର ହୋଇଥାଏ, କିନ୍ତୁ ଏହା ଅଧିକ ମିଠା ଏବଂ ରସାଳ ହୋଇଥାଏ। ଏହି ତରଭୁଜ କେବଳ ହୋକାଇଡୋର ଆଗ୍ନେୟଗିରି ମାଟିରେ ହିଁ ଭଲ ଭାବେ ବଢ଼ିଥାଏ। ଏହା ବେଶ୍ କମ୍ ଫଳୁଥିବା କାରଣରୁ ଏହାର ଦାମ୍ ଅଧିକ ହୋଇଥାଏ। ବର୍ଷକୁ କେବଳ ୧୦୦ଟି ଏଭଳି ତରଭୁଜ ଉତ୍ପାଦନ ହୋଇଥାଏ। ସେଥିପାଇଁ ଏହାକୁ ନିଲାମ ମାଧ୍ୟମରେ ବିକ୍ରି କରାଯାଏ। ଏକ ସାଧାରଣ ଡେନ୍‌ସୁକେ ତରଭୁଜର ମୂଲ୍ୟ ୨୦,୦୦୦ ଟଙ୍କାରୁ ଅଧିକ ହୋଇଥାଏ। ୨୦୦୮ ମସିହାରେ ହୋଇଥିବା ଏକ ନିଲାମରେ ଏହାର ଗୋଟିଏ ତରଭୁଜ ୫ ଲକ୍ଷ ଟଙ୍କାରେ ବିକ୍ରି ହୋଇ ରେକର୍ଡ କରିଥିଲା। ଜାପାନରେ ଏହି ତରଭୁଜକୁ ଗର୍ବର ପ୍ରତୀକ ଭାବେ ବିବେଚନା କରାଯାଏ। ଏହାକୁ ଲୋକେ ଦାମୀ ଉପହାର ଭାବେ ବି କିଣନ୍ତି। ସେଥିପାଇଁ ଲୋକେ ବିବାହ ଉତ୍ସବ, ପାର୍ଟି ଆଦି ଭଳି ବିଶେଷ ଅବସରରେ ଏହାକୁ ଉପହାର ସ୍ୱରୂପ ଦିଅନ୍ତି। ଅନେକ ବଡ଼ ହୋଟେଲ ବିଶେଷ ଅତିଥିଙ୍କୁ ଏହା ପରଷି ଥାଏ।

# ରୋବଟ୍ ମାଗୁଛି ଭିକ

ଆଜିକାଲି ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଫଟୋ ତଥା ଭିଡିଓ ଲୋକଙ୍କ ଦୃଷ୍ଟିଆକର୍ଷଣ କରୁଛି। ଏହି କ୍ରମରେ ଚୀନ୍‌ର ଏକ ଭିଡିଓ ଏବେ ଖୁବ୍ ଭାଇରାଲ ହେଉଛି। ଏଥିରେ ଚୀନ୍ ରାଜରାସ୍ତା ଉପରେ ଏକ ରୋବଟ୍ ରାସ୍ତାରେ ବସି ଭିକ ମାଗୁଥିବାର ଦେଖିବାକୁ ମିଳିଛି। ଏହି ଭିଡିଓ ଭାଇରାଲ ହେବା ପରେ ଏହାକୁ ଦେଖି ଲୋକେ ବି ଆଶ୍ଚର୍ଯ୍ୟ ହୋଇଛନ୍ତି। ତେବେ ରୋବଟ୍‌ଟି ତା'ର ଦୁଇ ଗୋଡ଼ରେ ଆଣ୍ଠୁମାଡ଼ି ରାସ୍ତା ଉପରେ ବସିଛି। ତା'ସହ ରୋବଟ୍ ସମ୍ମୁଖରେ ଏକ କ୍ୟୁଆର୍ କୋଡ୍, ଗୋଟିଏ ପ୍ଲେଟ୍ ଏବଂ ବ୍ୟାଗ୍ ରଖାଯାଇଛି। ସେହିପରି ସେଇ ବାଟ ଦେଇ ଯାଉଥିବା ଲୋକଙ୍କୁ ରୋବଟ୍‌ଟି ପ୍ଲେଟ୍ ଉଠାଇ ଭିକ ମାଗୁଥିବାର ଦେଖାଯାଇଛି। ଅନ୍ୟପଟେ ଲୋକମାନେ ବି ସେହି ପ୍ଲେଟ୍‌ରେ ଟଙ୍କା ରଖି ଚାଲି ଯାଉଛନ୍ତି। ତେବେ ଏହାକୁ ନେଇ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ରଖିଛନ୍ତି। କିଏ ଏହାକୁ ବ୍ୟଙ୍ଗାତ୍ମକ ଦୃଷ୍ଟିକୋଣରୁ ଦେଖୁଥିବା ବେଳେ ଆଉ କିଏ ଭବିଷ୍ୟତରେ ଏଆଇ ଏବଂ ରୋବଟିକ୍‌ର ବ୍ୟବହାରକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି।



# ଯୁବପିଢ଼ିଙ୍କୁ ହୃଦ୍‌ଘାତ

**ହୃତ୍‌ପିଣ୍ଡର ଗୋଟିଏ ଅଂଶକୁ ରକ୍ତ ସରବରାହ ବନ୍ଦ ହୋଇଯିବାକୁ ହୃଦ୍‌ଘାତ ବା ହାର୍ଟ ଆଟାକ୍ କୁହାଯାଏ। ହୃଦ୍‌ଘାତ ବର୍ତ୍ତମାନ ଏକ ପ୍ରମୁଖ ସ୍ୱାସ୍ଥ୍ୟ ସମସ୍ୟା। ଏହାଦ୍ୱାରା ପ୍ରତିବର୍ଷ ଅନେକ ରୋଗୀ ଅସମୟରେ ମୃତ୍ୟୁମୁଖରେ ପଡୁଛନ୍ତି। ଆମ ଦେଶରେ ଅପେକ୍ଷାକୃତ ଭାବରେ ଯୁବାବସ୍ଥାରେ ଏହା ଦେଖାଯାଉଛି। ଯୁବପିଢ଼ିଙ୍କଠାରେ ହୃଦ୍‌ଘାତ କମ୍ ଦେଖାଯାଏ, ତେବେ ଏହା ଅତ୍ୟନ୍ତ ଗୁରୁତର ସମସ୍ୟା। ଏହାର ମୁଖ୍ୟ କାରଣ ହେଉଛି ବଂଶାନୁଗତ ସମସ୍ୟା, ଅନିୟନ୍ତ୍ରିତ ଉଚ୍ଚ ରକ୍ତଚାପ, ମଧୁମେହ, ଶାରୀରିକ ନିଷ୍କ୍ରିୟତା, ମେଦବହୁଳତା, ମାନସିକ ଚାପ ଓ ନିଦ୍ରାହୀନତା।**



ଆଜିକାଲି ଯୁବପିଢ଼ି ଘଣ୍ଟା ଘଣ୍ଟା ଧରି ମୋବାଇଲ୍, ଟିଭି, ଭିଡିଓ ଗେମ୍‌ରେ ବ୍ୟସ୍ତ ରହୁଛନ୍ତି। ଶାରୀରିକ ବ୍ୟାୟାମ, ଖେଳ କସରତର ଅଭାବ ଯୋଗୁଁ ସେମାନଙ୍କ ହୃଦୟ ଏବଂ ରକ୍ତ ସଞ୍ଚାଳନ ଉପରେ ପ୍ରଭାବ ପଡ଼ିଥାଏ। ଏହାବାଦ୍ ଅତ୍ୟଧିକ ଚିନି, ଲୁଣ, ପ୍ରୋସେସ୍ଡ ଖାଦ୍ୟ, ଜଙ୍କ୍‌ଫୁଡ୍ ଖାଉଥିବାରୁ ମେଦବହୁଳତାର ଶିକାର ହେଉଛନ୍ତି। ମେଦବହୁଳତା ଯୋଗୁଁ ଉଚ୍ଚ ରକ୍ତ ଚାପ, ଉଚ୍ଚ କୋଲେଷ୍ଟ୍ରଲ୍, ଟାଇପ୍ -୨ ମଧୁମେହ ହେବାର ଆଶଙ୍କା ବଢ଼ିଥାଏ। ଏହା ହୃଦ୍‌ରୋଗ ସହିତ ଜଡ଼ିତ।

ତେଣୁ ଯୁବାବସ୍ଥାରେ ଛାତିରେ ଯନ୍ତ୍ରଣା ହେବା କିମ୍ବା ଚାପ ଅନୁଭବ କରିବା, ଖେଳିବା ସମୟରେ ଥକ୍କା ଲାଗିବା ଓ ବାରମ୍ବାର ବେହୋଶ ହେବା, ନିଃଶ୍ୱାସ ନେବାରେ କଷ୍ଟ ହେବା, ବାନ୍ତି ଲାଗିବା, ମୁଣ୍ଡ ବୁଲାଇବା, ହୃଦ୍‌ସ୍ପନ୍ଦନ ଜୋର୍ ଜୋର୍ ଚାଲିବା ଆଦି ଲକ୍ଷଣ ଦେଖାଦେଲେ ବିଳମ୍ବ ନ କରି ତୁରନ୍ତ ନିକଟସ୍ଥ ଡାକ୍ତରଙ୍କ ସହିତ ପରାମର୍ଶ କରିବା ଆବଶ୍ୟକ।

**ଉପଚାର:** ଯୁବପିଢ଼ିଙ୍କୁ ପ୍ରତିଦିନ ୩୦ମିନିଟ୍ ଶାରୀରିକ ବ୍ୟାୟାମ କରାଇବାକୁ ପ୍ରୋତ୍ସାହିତ କରିବା ଆବଶ୍ୟକ। ସେମାନେ ଖାଦ୍ୟପେୟରେ ସବୁଜ ପନିପରିବା ଓ ଫଳମୂଳ ସାମିଲ କରିବା ସହିତ ଦୈନିକ ୭ରୁ ୮ ଘଣ୍ଟା ଶୋଇବା ଜରୁରି। ଚିନ୍ତା ମୁକ୍ତ ରହିବାକୁ ଯୋଗ ଓ ପ୍ରାଣାୟମ କରିପାରିବେ। ପରିବାରରେ ଅନ୍ୟ କାହାର ହୃଦ୍‌ସମ୍ବନ୍ଧୀୟ ରୋଗ ଥିଲେ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରାଇନେବା ଏକାନ୍ତ ଆବଶ୍ୟକ।




# ଗର୍ଭାବସ୍ଥାରେ ମୁଖ ଗହ୍ୱରର ଯତ୍ନ

**ଗର୍ଭଧାରଣ ପ୍ରତ୍ୟେକ ମହିଳାଙ୍କ ପାଇଁ ଏକ ଅମୂଲ୍ୟ ଅନୁଭୂତି। ଗର୍ଭାବସ୍ଥା ସମୟରେ ମହିଳାଙ୍କ ଶରୀରରେ ବିଭିନ୍ନ ପ୍ରକାର ହରମୋନ୍‌ର ପରିବର୍ତ୍ତନ ହୋଇଥାଏ। ଏହା କେବଳ ସ୍ୱାସ୍ଥ୍ୟ ନୁହେଁ ବରଂ ମୁଖ ଗହ୍ୱରର ସ୍ୱାସ୍ଥ୍ୟକୁ ପ୍ରଭାବିତ କରିଥାଏ। ତେଣୁ ଗର୍ଭାବସ୍ଥାରେ ମହିଳାମାନେ ମୁଖ ଗହ୍ୱରର ସଠିକ ଯତ୍ନ ନେବା ଆବଶ୍ୟକ।**



ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଗର୍ଭାବସ୍ଥାରେ ୬୦% ମହିଳାଙ୍କ ମାଢ଼ି ଫୁଲିବା, ମାଢ଼ିରୁ ରକ୍ତ ବାହାରିବା କିମ୍ବା ସଂକ୍ରମଣଜନିତ ସମସ୍ୟା ଦେଖାଯାଏ। ଦାନ୍ତ ଯନ୍ତ୍ରଣା ଯୋଗୁଁ ମହିଳାମାନେ ଦାନ୍ତ ଭଲଭାବେ ସଫା କରି ପାରନ୍ତିନି। ଦାନ୍ତରେ ଖାଦ୍ୟ କଣିକା ଜମି ଜୀବାଣୁ ବୃଦ୍ଧି ପାଇ ମୁଖ ସ୍ୱାସ୍ଥ୍ୟକୁ ପ୍ରଭାବିତ କରେ। ଦୀର୍ଘଦିନ ଧରି ଏହାକୁ ଅଣଦେଖା କଲେ ଏହା ଜିଞ୍ଜିଭାଇଟିସ୍ ପରି ରୋଗ ଆଶଙ୍କାକୁ ବଢ଼ାଏ। ଏହାକୁ 'ଗର୍ଭାବସ୍ଥାଜନିତ ଜିଞ୍ଜିଭାଇଟିସ୍' କୁହାଯାଏ। ଏହା ମା ସହିତ ଗର୍ଭସ୍ଥ ଶିଶୁ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଏ। ଫଳରେ ସମୟ ପୂର୍ବରୁ ଗର୍ଭଧାରଣ ଏବଂ କମ୍ ଓଜନଯୁକ୍ତ ପିଲା ଜନ୍ମ, ପିଲାର ମସ୍ତିଷ୍କ ଆଘାତ, ଦୃଷ୍ଟିଶକ୍ତି ଓ ଶ୍ରବଣ ଶକ୍ତି ହ୍ରାସ ପରି ସମସ୍ୟା ବିକଶିତ ହୋଇପାରେ । ତେଣୁ ଗର୍ଭବତୀ ମହିଳାମାନେ ନିୟମିତ ସଠିକ୍ କୌଶଳରେ ଦାନ୍ତ ସଫା କରିବା ଜରୁରି। ଦନ୍ତ ବିଶେଷଜ୍ଞଙ୍କ ପରାମର୍ଶରେ ଦିନରେ ଥରେ କିମ୍ବା ଦୁଇଥର ଫ୍ଲସ୍ କରିପାରିବେ। ସନ୍ତୁଳିତ ଖାଦ୍ୟ ଖାଇବା ସହ ସଠିକ ମାତ୍ରାର ପାଣି ପିଇବା ଆବଶ୍ୟକ। ମୁଖ ସମସ୍ୟାର ପ୍ରାରମ୍ଭିକ ଚିହ୍ନଟ ପାଇଁ ଦନ୍ତ ଚିକିତ୍ସକଙ୍କ ସହିତ ପରାମର୍ଶ କରିପାରିବେ।

## ଘର ବଇଦ

# ଅଜୀର୍ଣ୍ଣର ଉପଚାର

- ପ୍ରତିଦିନ ଖାଇବାର ପ୍ରାୟ ଏକ ଘଣ୍ଟା ପୂର୍ବରୁ ଦୁଇଅଣି ଓଜନ ଅଦା ସହିତ ସାମାନ୍ୟ ସୈନ୍ଧବ ଲବଣ ମିଶାଇ ଖାଇଲେ ଅଜୀର୍ଣ୍ଣ ହେବ ନାହିଁ।
- ଖାଇବାର ୧୫ ମିନିଟ୍ ପରେ ୩ଟା ବା ୫ଟା ଗୋଲମରିଚ ଚୋବାଇ ଖାଇ ଉଷୁମ ପାଣି ଏକ ଗ୍ଲାସ୍ ପିଇଲେ ଯେତେ ଗରିଷ୍ଠ ଖାଦ୍ୟ ଖାଇଥିଲେ ମଧ୍ୟ ଜୀର୍ଣ୍ଣ ହୋଇଯିବ।
- ସୈନ୍ଧବ ଲବଣ, ଗୋଲମରିଚ ଓ ଭଜା ଜୀରା ସମଭାଗ ଏକତ୍ର ଚୂର୍ଣ୍ଣ କରି ଦୁଇଅଣା ମାତ୍ରାରେ ଗୁଆଦହି ସହିତ ଖାଇବେ।
- ଜୁଆଣୀ ୨୦ ତୋଳା, ସୈନ୍ଧବ ଲବଣ ଦୁଇ ତୋଳା, ବିଟ ଲବଣ ଦୁଇ ତୋଳା, କାଗେଜି ଲେମ୍ବୁ ରସରେ ପକାଇ ଶୁଖାଇ ରଖିବେ। ସୁକି ଓଜନରେ ଖାଇଲେ ଅଜୀର୍ଣ୍ଣ ଦୋଷ ନଷ୍ଟ ହୁଏ, କ୍ଷୁଧା ବୃଦ୍ଧି ହୁଏ, ଝାଡ଼ା, ବାନ୍ତି ଓ ପେଟର ବେଦନା ଶାନ୍ତି ହୁଏ।
- ଶୋଧିତ ଗନ୍ଧକ, ତ୍ରିକଟୁ, ଯବକ୍ଷାର, ସର୍ଜୀକ୍ଷାର, ସୈନ୍ଧବଲବଣ, ଲବଙ୍ଗ ସମଭାଗ ଏକତ୍ର ୧୨ ଘଣ୍ଟା ଲେମ୍ବୁ ରସରେ ମର୍ଦ୍ଦନ କରି ଦୁଇ ରତି ହିସାବରେ ବଟିକା କରି ଦିନକୁ ଦୁଇଥର ସକାଳ ଓ ସନ୍ଧ୍ୟାରେ ଖାଇଲେ କ୍ଷୁଧା ବଢ଼େ।

(ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକରୁ ଉଦ୍ଧୃତ)

# ଓଜନ ହ୍ରାସ ଔଷଧର ପାର୍ଶ୍ୱ ପ୍ରତିକ୍ରିୟା

**ବର୍ତ୍ତମାନ ସମସ୍ତେ ଫିଟ୍ ଓ ପତଳା ରହିବାକୁ ପସନ୍ଦ କରୁଛନ୍ତି। ଓଜନ ହ୍ରାସ ପାଇଁ କିଛି ଜଣ ବ୍ୟାୟାମ ଓ ଖାଦ୍ୟପେୟକୁ ଗୁରୁତ୍ୱ ଦେଉଥିବାବେଳେ ଆଉ କିଛି ଅତ୍ୟାଧୁନିକ ଔଷଧ ସେବନ କରୁଛନ୍ତି। ତେବେ ଏହି ଅତ୍ୟାଧୁନିକ ଔଷଧ ସେବନ କେତେ ନିରାପଦ ଜାଣିବା।**



ଓଜନ ହ୍ରାସ ଏବଂ ଟାଇପ୍-୨ ମଧୁମେହ ନିୟନ୍ତ୍ରଣ ପାଇଁ ବଜାରରେ ଅତ୍ୟାଧୁନିକ ଔଷଧ ଯଥା - ଜିଏଲ୍‌ପି-୧ ଆଗୋନିଷ୍ଟ, ଓଜେମ୍ପିକ, ଟିର୍‌ଜେପାଟାଇଡ ଆଦି ଔଷଧ ରହିଛି। ଏହି ଔଷଧକୁ ଦୀର୍ଘ ଦିନ ଧରି ସେବନ କରିବା ଦ୍ୱାରା ଏହାର ସାଧାରଣ ପାର୍ଶ୍ୱପ୍ରତିକ୍ରିୟା ଦେଖାଯାଏ। ପ୍ରଥମତଃ ଦୀର୍ଘ ସମୟ ପର୍ଯ୍ୟନ୍ତ ଭୋକ ଲାଗନି। ଏହା ପାକସ୍ଥଳିକୁ ଅଚଳ କରିବାର ଆଶଙ୍କା ବଢ଼ାଏ। ପେଟ ଯନ୍ତ୍ରଣା, ଖାଦ୍ୟ ହଜମରେ ବାଧା ଉପୁଜାଏ। ରକ୍ତ ଶର୍କରା କମ୍ ବେଶୀ ହୋଇଥାଏ। ଶରୀରରେ ନ୍ୟୁଟ୍ରିଶନ କମ୍ ହୋଇ ମାଂସପେଶୀ ଏବଂ ଅସ୍ଥି ଦୁର୍ବଳ ହୋଇପାରେ । ବାନ୍ତି, ପେଟ ଫୁଲିବା, ଝାଡ଼ା, କୋଷ୍ଠକାଠିନ୍ୟ, ଭୋକ ନ ଲାଗିବା ସମସ୍ୟା ମଧ୍ୟ ହୋଇଥାଏ। ହୃଦ୍‌ସ୍ପନ୍ଦନରେ ଅନିୟମିତତା, ମୁଣ୍ଡବିନ୍ଧା, ଅନିଦ୍ରା, କେଶ ଝଡ଼ିବା ଆଦି ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଏ। ତେଣୁ ଓଜନ ହ୍ରାସ କରିବାକୁ ଚାହୁଁଥିବା ବ୍ୟକ୍ତି ସର୍ବଦା ଡାକ୍ତରଙ୍କ ଉଚିତ ପରାମର୍ଶ ନେବା ଉଚିତ। ପ୍ରାକୃତିକ ଉପାୟରେ ଓଜନ ନିୟନ୍ତ୍ରଣ କରିବା ଫଳପ୍ରଦ। ଏଥିପାଇଁ ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ସହ ସନ୍ତୁଳିତ ଖାଦ୍ୟ ସେବନ ଓ ନିୟମିତ ବ୍ୟାୟାମ, ଯୋଗାଭ୍ୟାସ କରିବା ଜରୁରି।

# ଡିଟକ୍ସ ପାନୀୟ

**ଶରୀରର ଜଳୀୟଅଂଶକୁ ସନ୍ତୁଳିତ ରଖିବାକୁ ଡିଟକ୍ସ ପାନୀୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଥିପାଇଁ ପାଣି ସହିତ କିଛି ପରିମାଣରେ ଫଳ, ପରିବା କିମ୍ବା ଔଷଧୀୟ ପତ୍ରର ମିଶ୍ରଣରୁ ଡିଟକ୍ସ ପାନୀୟ ପ୍ରସ୍ତୁତ ହୋଇଥାଏ।**

- ଏକ ଜଗ୍‌ରେ ଲିଟର ପାଣି ନେଇ ସେଥିରେ ପତଳା କଟାଯାଇଥିବା ଲେମ୍ବୁ ଏବଂ କିଛି ପରିମାଣର ପୁଦିନା ପତ୍ର ମିଶାଇ ଫ୍ରିଜ୍‌ରେ ୨ରୁ ୩ ଘଣ୍ଟା ରଖାଯାଏ। ଏହି ଡିଟକ୍ସ ପାନୀୟ କିଛି କିଛି ମାତ୍ରା କରି ଦିନରେ ପିଇବା ଦ୍ୱାରା ଶରୀର ଥଣ୍ଡା ରୁହେ। ସେହିପରି କାକୁଡ଼ି ଏବଂ ପୁଦିନା ମିଶା ଡିଟକ୍ସ ପାନୀୟ ପିଇବା ଦ୍ୱାରା ଶରୀରର ଜଳୀୟଅଂଶ ସନ୍ତୁଳିତ ରୁହେ।
- ଏକ ଲିଟର ପାଣିରେ ପତଳା କଟାଯାଇଥିବା କାକୁଡ଼ି ଓ ଲେମ୍ବୁ ମିଶାଇ ୨ରୁ୩ ଘଣ୍ଟା ରଖି ପିଇଲେ ଏହା ଶରୀରକୁ ସତେଜ ରଖେ। ତ୍ୱଚାରେ ଚମକ ଆଣେ । ସେହିପରି ଏକ ଲିଟର ପାଣିରେ ତରଭୁଜ କଟାରେ ତୁଳସୀ ପତ୍ର ମିଶାଇ ୧ରୁ୨ଘଣ୍ଟା ରଖିବା ପରେ ଏହାକୁ ପିଇବା ଦ୍ୱାରା ମାଂସପେଶୀ ସୁସ୍ଥ ରୁହେ। ଡିଟକ୍ସ ପାନୀୟ ଶରୀରକୁ ଜଳୀୟଅଂଶ ପ୍ରଦାନ କରିବା ସହ ଆବଶ୍ୟକ ଭିଟାମିନ୍ ଏବଂ ମିନେରାଲ ଯୋଗାଏ। ଶରୀରରୁ ବିଷାକ୍ତ ଦ୍ରବ୍ୟ ବାହାର କରିବା ସହ ଏହା ପାଚନ କ୍ରିୟାକୁ ଉନ୍ନତ କରେ। ତେବେ ଡିଟକ୍ସ ପାନୀୟ ସହିତ ସନ୍ତୁଳିତ ଖାଦ୍ୟ ଓ ପାନୀୟ ଗ୍ରହଣ କରିବା ଏକାନ୍ତ ଆବଶ୍ୟକ।






# ଘାନାର ପ୍ରଥମ ବିଜୟ

ଟରଣ୍ଟୋ,୧୮।୬(ଏଜେନ୍ସି): କାଲେବ ୟିରେଙ୍କିଙ୍କ ଷ୍ଟପେଜ୍ ଟାଇମ୍ ଗୋଲ ବଳରେ ସ୍ଥାନୀୟ ଟରଣ୍ଟୋ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଗ୍ରୁପ୍-ଏଲ୍‌ର ଦ୍ୱିତୀୟ ମ୍ୟାଚ୍‌ରେ ବ୍ଲାକ୍ ଷ୍ଟାରସ ଘାନା ୧-୦ ଗୋଲ୍‌ରେ ପାନାମାକୁ ପରାସ୍ତ କରିଛି। ଏହା ଫଳରେ ଗ୍ରୁପ୍-ଏଲ୍‌ରେ ଇଂଲଣ୍ଡ ସହ ପାନାମା ପୂରା ପଏଣ୍ଟ ପାଇଛି। ଘାନା ଓ ପାନାମା ମଧ୍ୟରେ ଖେଳାଯାଇଥିବା ମୁକାବିଲା ଶେଷ ପର୍ଯ୍ୟନ୍ତ ମୀମାଂସା ହୋଇ ପାରି ନ ଥିଲା। ଷ୍ଟପେଜ୍ ଟାଇମ୍‌ର ୫ମ ମିନିଟ୍‌ରେ ବ୍ରାଣ୍ଡନ ଥୋମାସ-ଆସାନ୍ତେଙ୍କଠାରୁ ବାସ୍ ପାଇ କାଲେବ ୟିରେଙ୍କି ଚମତ୍କାର ସଟ ବଳରେ ଗୋଲ ଦେଇଥିଲେ। ଏହି ଗୋଲ ବ୍ଲାକ୍ ଷ୍ଟାର୍ସଙ୍କୁ ବିଜୟୀ ଉତ୍ସବ ପାଳନ କରିବାରେ ବେଶ ଖୋରାକ ଯୋଗାଇଥିଲା। ଚଳିତ ବିଶ୍ୱକପ୍‌ରେ ଶେଷ ଶେଷ ହେବାର ଅଳ୍ପ ସମୟ ବା ଷ୍ଟପେଜ୍ ଟାଇମ୍‌ରେ ଏଯାଏ ୨ଟି ଗୋଲ ହୋଇଛି। ଏହି ଗୋଲ କରିଥିବା ଦୁଇଟି ଯାକ ଦଳ ଆଫ୍ରିକୀୟ ମହାଦେଶର ଓ ଉଭୟ ୧-୦ ଗୋଲରେ ବିଜୟୀ ହୋଇଛନ୍ତି। ପୂର୍ବରୁ ଇକ୍ୱେଡରକୁ ମଧ୍ୟ ଷ୍ଟପେଜ୍ ଟାଇମ୍ ଗୋଲରେ ଆଇଭରି କୋଷ୍ଟ ପରାସ୍ତ କରିଥିଲା।

# ମେସି, ରୋନାଲ୍ଡୋଙ୍କ ରେକର୍ଡ ଷଷ୍ଠ ବିଶ୍ୱକପ୍

ୱାସିଂଟନ,୧୮।୬(ଏଜେନ୍ସି): ବିଶ୍ୱଫୁଟବଲର ଦୁଇ ସୁପରଷ୍ଟାର ଖେଳାଳି ଆର୍ଜେଣ୍ଟିନାର ଲିଓନେଲ ମେସି ଓ ପର୍ତ୍ତୁଗାଲର କ୍ରିଷ୍ଟିଆନୋ ରୋନାଲ୍ଡୋ ଚଳିତ ବିଶ୍ୱକପ୍‌ରେ ପ୍ରଥମ ମ୍ୟାଚ୍ ଖେଳି ରେକର୍ଡ ବୁକ୍‌ରେ ସାମିଲ ହୋଇଛନ୍ତି। ଗ୍ରୁପ୍-ଏଚ୍‌ରେ ଆଲଜେରିଆ ସହ ଖେଳି ମେସି ପ୍ରଥମ ଖେଳାଳି ଭାବେ ୬ଷ୍ଠ ବିଶ୍ୱକପ୍ ପଦାର୍ପଣ କରିଥିଲେ। କେବଳ ଏତିକି ନୁହେଁ ଏହି ମ୍ୟାଚରେ ସେ ହ୍ୟାଟ୍ରିକ୍ ଗୋଲ ସ୍କୋର ତାଙ୍କ ରେକର୍ଡକୁ ସ୍ମରଣୀୟ କରିପାରିଛନ୍ତି। ସେ ମଧ୍ୟ ୨୭ତମ ମ୍ୟାଚ୍‌ରେ ୧୬ତମ ଗୋଲ ଦେଇ ଫିଫା ବିଶ୍ୱକପ୍‌ରେ ସର୍ବକାଳୀନ ସର୍ବାଧିକ ଗୋଲ ଦେବାରେ ଜର୍ମାନୀୟ ମିରୋସ୍ଲାଭ୍ କୋଜ୍‌ଙ୍କ ରେକର୍ଡ ସହ ସମକକ୍ଷ ହୋଇଛନ୍ତି। କିନ୍ତୁ ରୋନାଲ୍ଡୋଙ୍କ ପଦାର୍ପଣ ରେକର୍ଡ ଛଡ଼ା ସ୍ମରଣୀୟ କଲ ଭଳି କିଛି ପ୍ରଦର୍ଶନ କରିପାରି ନାହାନ୍ତି। ସେ ଜଣେ ଷ୍ଟ୍ରାଇକର ହୋଇଥିଲେ ମଧ୍ୟ ଗୋଟିଏ ହେଲେ ଗୋଲ ଦେଇପାରି ନାହାନ୍ତି। ଏପରିକି କଙ୍ଗୋ ଭଳି ଦଳ ସହ ମଧ୍ୟ ରୋନାଲ୍ଡୋଙ୍କ ପର୍ତ୍ତୁଗାଲ ମ୍ୟାଚ୍ ଡ୍ର ରଖିଛି। ଉଭୟ ୩୯ ବର୍ଷିୟ ମେସି ଓ ୪୧ ବର୍ଷିୟ ରୋନାଲ୍ଡୋ, ୨୦୦୬ରେ ଜର୍ମାନୀ, ୨୦୧୦ରେ ଦକ୍ଷିଣ ଆଫ୍ରିକା, ୨୦୧୪ରେ ବ୍ରାଜିଲ, ୨୦୧୮ରେ ରୁଷିଆ, ୨୦୨୨ରେ କତାର ଓ ଏବେ ୨୦୨୬ରେ ଉତ୍ତର ଆମେରିକାରେ ଅନୁଷ୍ଠିତ ବିଶ୍ୱକପ୍‌ରେ ଖେଳିଛନ୍ତି।

## ହ୍ୟାରୀ କେନ୍, ଜୁଡ ବେଲିଂହାମ୍‌ଙ୍କ ଦମ୍‌ଦାର ପ୍ରଦର୍ଶନ

# କ୍ରୋଏସିଆକୁ ହରାଇ ଇଂଲଣ୍ଡର ପ୍ରତିଶୋଧ


ଆର୍ଲିଙ୍ଗଟନ,୧୮।୬(ଏଜେନ୍ସି): ଷ୍ଟାର ଖେଳାଳି ହ୍ୟାରୀ କେନ୍‌ଙ୍କ ଡବଲ ଗୋଲ, ଜୁଡ ବେଲିଂହାମ ଓ ମାର୍କସ ରାଶଫୋର୍ଡଙ୍କ ଗୋଟିଏ ଲେଖାଏଁ ଗୋଲ ବଳରେ କ୍ରୋଏସିଆକୁ ୪-୨ ଗୋଲରେ ପରାସ୍ତ କରି ଫିଫା ବିଶ୍ୱକପ୍‌ରେ ବିଜୟ ଅଭିଯାନ ଆରମ୍ଭ କରିଛି। ଏହି ବିଜୟ ସହ ୨୦୧୮ ସେମିଫାଇନାଲରେ କ୍ରୋଏସିଆଠାରୁ ପରାଜୟର ପ୍ରତିଶୋଧ ନେବାରେ ମଧ୍ୟ ସଫଳ ହୋଇଛି ଇଂଲଣ୍ଡ। ଏଥର ଇଂଲଣ୍ଡ ଦଳ ବେଶ ଶକ୍ତିଶାଳୀ ରହିଥିଲାବେଳେ କ୍ରୋଏସିଆକୁ ହରାଇବା ଲାଗି ବିଶେଷ କଷ୍ଟ କରିବାକୁ ପଡ଼ି ନ ଥିଲା। ପରାଜିତ କ୍ରୋଏସିଆ ପକ୍ଷରୁ ମାର୍ଟିନ ବାଟୁରିନା ପେଟାର ମୁସା ଗୋଟିଏ ଲେଖାଏଁ ଗୋଲ ଶୁଝାଇଥିଲେ। ଉଭୟ ଦଳ ଖେଳକୁ ସମାନ ନିୟନ୍ତ୍ରଣରେ ରଖିଥିଲାବେଳେ ବେଲିଂହାମ ଓ ବଦଳ ଖେଳାଳି ରାଶଫୋର୍ଡଙ୍କ ଗୋଲ ଦଳକୁ ଜିତାଇଥିଲା। ପ୍ରତିଦ୍ୱନ୍ଦ୍ୱୀଙ୍କ ତ୍ରୁଟିରୁ ଉଭୟ ଦଳ ସେମାନଙ୍କ ପ୍ରଥମ ଗୋଲ ସ୍କୋର କରିଥିଲେ। ଖେଳର ୧୨ତମ ମିନିଟ୍‌ରେ ପେନାଲ୍‌ଟିର ହ୍ୟାରୀ କେନ୍ ପ୍ରଥମ ଓ ୪୨ତମ ମିନିଟ୍‌ରେ ଦ୍ୱିତୀୟ ଗୋଲ ଦେଇଥିଲେ। ଏହା ଫଳରେ ଫିଫା ବିଶ୍ୱକପ୍‌ରେ ସେ ଗ୍ୟାରୀ ଲିନେକରଙ୍କ ସର୍ବାଧିକ ୧୦ଟି ଗୋଲ ଦେବାରେ ଇଂଲଣ୍ଡ ରେକର୍ଡ ସହ ସମକକ୍ଷ ହୋଇଥିଲେ। ସେହିପରି ଇଂଲଣ୍ଡ ରକ୍ଷଣଭାଗର ତ୍ରୁଟିରୁ ଫାଇଦା ଉଠାଇ କ୍ରୋଏସିଆର ବାଟୁରିନା ଗୋଲ ଶୁଝାଇଥିଲେ। ୪୬ତମ ମିନିଟ୍‌ରେ ମୁସା ଆଉ ଏକ ଗୋଲ ଦେବା ଫଳରେ ପ୍ରଥମାର୍ଦ୍ଧ ସୁଦ୍ଧା ଖେଳ ୧-୧ ଗୋଲରେ ସମାନସ୍ତରରେ ରହିଥିଲା। ଦ୍ୱିତୀୟାର୍ଦ୍ଧ ଖେଳ ଆରମ୍ଭ ହେବାପରେ ଇଂଲଣ୍ଡ ପକ୍ଷରୁ ଘନ ଘନ ଆକ୍ରମଣ ହୋଇଥିଲା। ୪୭ତମ ମିନିଟ୍‌ରେ ଜୁଡ ବେଲିଂହାମ୍ ଏବଂ ୮୫ତମ ମିନିଟ୍‌ରେ ବଦଳ ଖେଳାଳିଭାବେ ଖେଳିବାକୁ ଆସିଥିବା ରାଶ୍‌ଫୋର୍ଡ ଗୋଟିଏ ଲେଖାଏଁ ଗୋଲ ଦେଇ ଗ୍ରୁପ୍-ଏଲ୍‌ରେ ଇଂଲଣ୍ଡ ବିଜୟକୁ ସୁନିଶ୍ଚିତ କରିଥିଲେ।



# ପର୍ତ୍ତୁଗାଲକୁ ନାକେଦମ କଲା କଙ୍ଗୋ



ହଷ୍ଟନ,୧୮।୬(ଏଜେନ୍ସି): ଶକ୍ତିଶାଳୀ ତଥା ବିଶ୍ୱର ଅନ୍ୟତମ ସୁପରଷ୍ଟାର କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ପର୍ତ୍ତୁଗାଲ ସହ ଡିଆର୍ କଙ୍ଗୋ ଜବରଦସ୍ତ ଖେଳି ମ୍ୟାଚ୍ ଡ୍ର ରଖିଛି। ପର୍ତ୍ତୁଗାଲ ପକ୍ଷରୁ ଖେଳର ୬ଷ୍ଠ ମିନିଟ୍‌ରେ ଜୋଆଓ ନେଭେସ୍ ଏବଂ କଙ୍ଗୋ ପକ୍ଷରୁ ୟୋଆନେ ୱିସା ପ୍ରଥମାର୍ଦ୍ଧର ଷ୍ଟପେଜ୍ ଟାଇମ୍‌ରେ ଗୋଲ ଦେଇଥିଲେ। କିନ୍ତୁ ପର୍ତ୍ତୁଗାଲ ଏହି ମ୍ୟାଚ୍ ଜିତି ନ ପାରିବା ଏକ ବିପର୍ଯ୍ୟୟ ସହ ତୁଳନା କରାଯାଉଛି। ଏହି ମ୍ୟାଚ୍‌ରେ ପଦାର୍ପଣ କରି ସୁପରଷ୍ଟାର ରୋନାଲ୍ଡୋ ରେକର୍ଡ କରିଥିଲେ ମଧ୍ୟ ଦଳ ମ୍ୟାଚ୍ ଜିତି ନ ପାରିବାରୁ ତାଙ୍କର ଏହି ରେକର୍ଡ ମଳିନ ପଡ଼ିଯାଇଥିଲା।



**ଫିଫା ବିଶ୍ୱକପ୍ ମୁକାବିଲା**

**ଜୁନ୍-୧୯, ଶୁକ୍ରବାର ରାତି**

ଆମେରିକା-ଅଷ୍ଟ୍ରେଲିଆ
ସିଆଟଲ, ରାତି ୧୨.୩୦

ସ୍କଟଲାଣ୍ଡ-ମରୋକ୍କୋ
ଲସ୍‌ଏଞ୍ଜେଲ୍ସ, ରାତି ୩.୩୦
(୧୯ ତାରିଖ ଭୋର)

**ଜୁନ୍-୨୦ ଶନିବାର**

ବ୍ରାଜିଲ-ହାଇତି
ଫିଲାଡେଲଫିଆ, ସକାଳ ୬ଟା

ତୁର୍କୀ-ପାରାଗୁଏ
ସାଣ୍ଟା କ୍ଲାରା, ସକାଳ ୮.୩୦

ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫

# ଚେକିଆ-୧: ଦ.ଆଫ୍ରିକା-୧

ଆଟଲାଣ୍ଟା, ୧୮।୬ (ଏଜେନ୍ସି): ଚଳିତ ଫିଫା ବିଶ୍ୱକପ୍ ଗ୍ରୁପ୍ ପର୍ଯ୍ୟାୟର ଦ୍ୱିତୀୟ ରାଉଣ୍ଡ ଗୁରୁବାରଠାରୁ ଆରମ୍ଭ ହୋଇଛି। ଏଠାରେ ଚେକ୍ ଗଣରାଜ୍ୟ (ଚେକିଆ) ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ୧-୧ ଗୋଲରେ ଅମୀମାଂସିତ ରହିଛି। ଗ୍ରୁପ୍-ଏ'ର ଏହି କଡ଼ା ସଂଘର୍ଷପୂର୍ଣ୍ଣ ମୁକାବିଲାରେ ଉଭୟ ଦଳ ନିର୍ଦ୍ଧାରିତ ସମୟସୀମା ସୁଦ୍ଧା ଗୋଟିଏ ଲେଖାଏ ଗୋଲ୍ ଦେବାରେ ସକ୍ଷମ ହୋଇଥିଲେ। ମ୍ୟାଚର ଷଷ୍ଠ ମିନିଟରେ ମିଚେଲ ସାଦିଲେକଙ୍କ ଗୋଲ୍ ବଳରେ ଚେକିଆ ୧-୦ରେ ଅଗ୍ରଣୀ ଲାଭ କରିଥିଲା। କିନ୍ତୁ ମ୍ୟାଚର ଅନ୍ତିମ ମୁହୂର୍ତ୍ତର ତଥା ୮୩ତମ ମିନିଟରେ ଏକ ପେନାଲ୍ଟିର ଭରପୁର ଫାଇଦା ଉଠାଇ ତେବୋହୋ ମୋକୋଏନା ଦକ୍ଷିଣ ଆଫ୍ରିକା ପାଇଁ ଗୋଲଟି ଶୁଝି ଦେଇଥିଲେ। ଉଭୟ ଦଳ ନିଜ ନିଜର ପ୍ରଥମ ମ୍ୟାଚରେ ହାରିଥିବାରୁ ଏଠାରେ ପଏଣ୍ଟ ଖାତା ଖୋଲିଛନ୍ତି। ଏହି ମ୍ୟାଚରେ ଆମେରିକାର ୩୯ ବର୍ଷୀୟା ମହିଳା ରେଫରୀ ଟୋରି ପେନସୋ ମ୍ୟାଚ୍ ପରିଚାଳନା କରିଥିଲେ।

# କଲମ୍ବିଆର ଦମ୍‌ଦାର ବିଜୟ

ମେକ୍ସିକୋ ସିଟି,୧୮।୬(ଏଜେନ୍ସି): ଡେବ୍ୟୁଟାଣ୍ଟ ଉଜ୍‌ବେକିସ୍ତାନକୁ ୩-୧ ଗୋଲରେ ପରାସ୍ତ କରି କଲମ୍ବିଆ ଫିଫା ବିଶ୍ୱକପ୍‌କୁ ସଫଳତାର ସହ ପ୍ରତ୍ୟାବର୍ତ୍ତନ କରିଛି। ଏହି ମନୋରଞ୍ଜକାରୀ ଟିମ୍ ୨୦୨୨ ବିଶ୍ୱକପ୍‌ରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରି ନ ଥିଲା। ଗ୍ରୁପ୍-କେ'ରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ବିଜୟୀ ଦଳ ପକ୍ଷରୁ ଖେଳର ୪୦ତମ ମିନିଟ୍‌ରେ ଡାନିଏଲ୍ ମୁନୋଜ୍, ୬୫ତମ ମିନିଟ୍‌ରେ ଲୁଇସ୍ ଡିଆଜ ଓ ଷ୍ଟପେଜ୍ ଟାଇମ୍‌ରେ ଜାମିନଷ୍ଟନ କ୍ୟାମ୍ପଜ୍ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଉଜ୍‌ବେକିସ୍ତାନ ପ୍ରଥମଥର ଫିଫା ବିଶ୍ୱକପ୍ ଖେଳୁଥିଲାବେଳେ ସେପରି କିଛି ପ୍ରଭାବ ବିସ୍ତାର କରିବାରେ ସମର୍ଥ ହୋଇ ନ ଥିଲା। କିନ୍ତୁ ଗୋଟିଏ ସଂସ୍କରଣରେ ବିଶ୍ୱକପ୍ ଖେଳି ନ ପାରିବା ସମସ୍ତଙ୍କୁ କଷ୍ଟ ଦେଇଥିଲା।



# ଚୌକାରେ ମନ୍ଧାନାଙ୍କ ରେକର୍ଡ

ଲଣ୍ଡନ, ୧୮।୬ (ଏଜେନ୍ସି): ମହିଳା ଟି-୨୦ କ୍ରିକେଟ ଇତିହାସରେ ପ୍ରଥମ ଖେଳାଳି ଭାବେ ଭାରତର ସ୍ମୃତି ମନ୍ଧାନା ୬୦୦ ଚୌକା ମାରିବାର ବିଶ୍ୱରେକର୍ଡ କରିଛନ୍ତି। ଗତକାଲି ଅନୁଷ୍ଠିତ ଆଇସିସି ଟି-୨୦ ବିଶ୍ୱକପ୍‌ର ନେଦରଲ୍ୟାଣ୍ଡସ ବିପକ୍ଷ ମ୍ୟାଚରେ ମନ୍ଧାନା ଏହି ମାଇଲଖୁଣ୍ଟ ହାସଲ କରିଥିଲେ। ଏହି ମ୍ୟାଚରେ ମନ୍ଧାନାଙ୍କ ୭୪ ରନ ବଳରେ ଭାରତ ୯୫ ରନରେ ନେଦରଲ୍ୟାଣ୍ଡସକୁ ମାତ୍ ଦେଇଥିଲା। ଏହି ଅର୍ଦ୍ଧଶତକୀୟ ପାଳିରେ ସେ ୧୧ ଚୌକା ଓ ଗୋଟିଏ ଛକା ମାରିଥିଲେ। ଫଳରେ ଟି-୨୦ରେ ୧୬୮ତମ ମ୍ୟାଚରୁ ମନ୍ଧାନାଙ୍କ ଚୌକା ସଂଖ୍ୟା ୬୦୪ରେ ପହଞ୍ଚିଛି। ନ୍ୟୁଜିଲାଣ୍ଡର ଭେଟେରାନ ସୁଜି ବେଟ୍ସ ୫୨୧ ଚୌକା ସହ ଏହି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଉଲ୍ଲେଖନୀୟ କଥା ହେଉଛି କୌଣସି ପୁରୁଷ କ୍ରିକେଟର୍ ମଧ୍ୟ ଟି-୨୦ ଫର୍ମାଟରେ ଆଜି ପର୍ଯ୍ୟନ୍ତ ୫୦୦ ଚୌକା ମାରିପାରିନାହାନ୍ତି। ୪୭୭ ଚୌକା ସହ ପାକିସ୍ତାନର ବାବର ଆଜାମ ଶୀର୍ଷରେ ରହିଛନ୍ତି। ଆୟର୍ଲାଣ୍ଡର ପଲ ଷ୍ଟର୍ଲିଂ (୪୪୯), ଭାରତର ରୋହିତ ଶର୍ମା (୩୮୩) ଏହି ତାଲିକାରେ ପଛକୁ ପଛ ରହିଛନ୍ତି।



# ମନପ୍ରୀତ୍‌ଙ୍କ ୪୧୩ ମ୍ୟାଚ୍ ମାଇଲଖୁଣ୍ଟ

ରୋଟରଡାମ, ୧୮।୬ (ଏଜେନ୍ସି): ଭେଟେରାନ ମିଡ୍‌ଫିଲ୍ଡର ମନପ୍ରୀତ୍ ସିଂହ ଅନ୍ତର୍ଜାତୀୟ ପୁରୁଷ ହକିରେ ଭାରତ ପାଇଁ ସର୍ବାଧିକ ମ୍ୟାଚ୍ ଖେଳିବାର ସୌଭାଗ୍ୟ ଲାଭ କରିଛନ୍ତି। ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଜର୍ମାନୀ ବିପକ୍ଷ ମୁକାବିଲା ମନପ୍ରୀତ୍‌ଙ୍କ କ୍ୟାରିୟରର ୪୧୩ ମ୍ୟାଚ୍ ଥିଲା। ଏହିକ୍ରମରେ ସେ ପୂର୍ବତନ ଅଧିନାୟକ ଦିଲୀପ ତିର୍କୀଙ୍କୁ ପଛରେ ପକାଇଦେଇଛନ୍ତି। ଦିଲୀପ ତାଙ୍କ ଜ୍ୱାଜଲ୍ୟମୟ କ୍ୟାରିୟରରେ ୪୧୨ଟି ମ୍ୟାଚ୍ ଖେଳି ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଏହି ମାଇଲଖୁଣ୍ଟର ଅଧିକାରୀ ରହିଥିଲେ। ଯାହାକୁ ୩୩ ବର୍ଷୀୟ ମନପ୍ରୀତ୍ ଏବେ ଟପିଯାଇଛନ୍ତି। ପଞ୍ଜାବ ଜଳନ୍ଧର ଜିଲ୍ଲାର ମିଥାପୁରରେ ଜନ୍ମିତ ମନପ୍ରୀତ୍ ମାତ୍ର ୧୮ ବର୍ଷ ବୟସରେ ସିନିଅର ଦଳ ପକ୍ଷରୁ ପଦାର୍ପଣ କରିଥିଲେ। କ୍ୟାରିୟରରେ ସେ ଦୁଇଥର ଅଲିମ୍ପିକ ପଦକ ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି। ବିଶ୍ୱରେ ପୁରୁଷ ହକିରେ ସର୍ବାଧିକ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବା ତାଲିକାରେ ମନପ୍ରୀତ୍ ୫ମ ସ୍ଥାନରେ ରହିଛନ୍ତି। ବେଲ୍‌ଜିୟମର ଜନ୍-ଜନ୍ ଡୋହମେନ ୪୮୧ ମ୍ୟାଚ୍ ସହ ତାଲିକାର ଶୀର୍ଷରେ ରହିଛନ୍ତି। ୪୦୦ରୁ ଊର୍ଦ୍ଧ୍ୱ ମ୍ୟାଚ୍ ଖେଳିଥିବା ଏକମାତ୍ର ସକ୍ରିୟ ଖେଳାଳି ହେଉଛନ୍ତି ମନପ୍ରୀତ୍। ତେଣୁ ତାଙ୍କ ନିକଟରେ ବିଶ୍ୱରେକର୍ଡର ସୁଯୋଗ ରହିଛି।




# ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଭାରତର ପ୍ରଥମ ବିଜୟ

ରୋଟରଡାମ, ୧୮।୬ (ଏଜେନ୍ସି): ଚଳିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ପ୍ରଥମ ବିଜୟ ସ୍ୱାଦ ଚାଖିଛି ଭାରତ। ଗତକାଲି ରାତିରେ ଏଠାରେ ଅନୁଷ୍ଠିତ ଏକ ମ୍ୟାଚରେ ଭାରତୀୟ ପୁରୁଷ ହକି ଦଳ ୩-୧ ଗୋଲ୍‌ରେ ଡିଫେଣ୍ଡିଂ ବିଶ୍ୱଚାମ୍ପିଅନ ଜର୍ମାନୀକୁ ହରାଇଦେଇଛି। ମନଦୀପ୍ ସିଂହ (୭ତମ ମିନିଟ) ଓ ଓଡ଼ିଆ ଖେଳାଳି ଶିଳାନନ୍ଦ ଲାକ୍ରା (୧୩ତମ ମିନିଟ)ଙ୍କ ଗୋଲ୍ ବଳରେ ଭାରତ ପ୍ରଥମାର୍ଦ୍ଧ ସୁଦ୍ଧା ୨-୦ ଗୋଲ୍‌ରେ ଅଗ୍ରଣୀ ଲାଭ କରିଥିଲା। ଏହାପରେ ଦ୍ୱିତୀୟାର୍ଦ୍ଧ ତଥା ୩୫ତମ ମିନିଟରେ ନୀଳକାନ୍ତ ଶର୍ମା ଭାରତ ପାଇଁ ୩ୟ ଗୋଲଟି ଦେଇଥିଲେ। ତେବେ ଜର୍ମାନୀ ପାଇଁ ରାଫେଲ ହାର୍ଟକଫ ୪୫ତମ ମିନିଟ୍‌ରେ ଗୋଟିଏ ଗୋଲ୍ ଶୁଝି ଦେଇଥିଲେ ମଧ୍ୟ ଏହା ଯଥେଷ୍ଟ ହୋଇ ନ ଥିଲା। ଚଳିତ ପ୍ରୋ ଲିଗ୍‌ରେ ୧୦ମ ମ୍ୟାଚରୁ ଭାରତର ଏହା ପ୍ରଥମ ବିଜୟ। ଗୋଟିଏ ବିଜୟ, ୬ଟି ପରାଜୟ ଓ ୩ଟି ଡ୍ର' ସହ ଭାରତ ମୋଟ୍ ୭ ପଏଣ୍ଟ ପାଇ ନଅ ଦଳୀୟ ଟେବୁଲ୍ ତାଲିକାର ୮ମ ସ୍ଥାନରେ ରହିଛି।

# ନେସନ୍ସ କପ୍ ମହିଳା ହକି: ହ୍ୟାଟ୍ରିକ ବିଜୟ ସହ ସେମିରେ ଭାରତ

ଅକ୍‌ଲାଣ୍ଡ, ୧୮।୬ (ଏଜେନ୍ସି): ନ୍ୟୁଜିଲାଣ୍ଡରେ ଚାଲିଥିବା ଏଫ୍‌ଆଇଏଚ୍ ନେସନ୍ସ କପ୍ ମହିଳା ହକି ଟୁର୍ଣ୍ଣାମେଣ୍ଟରେ ହ୍ୟାଟ୍ରିକ ବିଜୟ ସହ ଭାରତ ସେମିଫାଇନାଲରେ ସ୍ଥାନ ପକ୍କା କରିଛି। ଗୁରୁବାର ପୁଲ୍ ପର୍ଯ୍ୟାୟର ୩ୟ ମ୍ୟାଚରେ ଭାରତ ୩-୨ ଗୋଲରେ ଉରୁଗୁଏକୁ ପରାସ୍ତ କରିଥିଲା। ଭାରତ ପକ୍ଷରୁ ଦୀପିକା ସେରାୱତ ୨ଟି ଓ ଦୀପିକା ସୋରେଙ୍ଗ ଗୋଲ୍ ଦେଇଥିଲେ। ପୂର୍ବରୁ ଭାରତ ୩-୨ ଗୋଲରେ ଆମେରିକାକୁ ଓ ୨-୧ ଗୋଲ୍‌ରେ ଜାପାନକୁ ହରାଇଥିଲା। ଫଳରେ ହ୍ୟାଟ୍ରିକ ବିଜୟ ସହ ଭାରତ ୯ ପଏଣ୍ଟ ପାଇ ପୁଲ୍-ଏ'ରେ ଶୀର୍ଷରେ ରହିବା ସହ ସେମିଫାଇନାଲକୁ ଉଠିଛି। ଶନିବାର ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲରେ ଭାରତର ମୁକାବିଲା ଚିଲି ସହ ହେବ।

OFFICE OF THE PRINCIPAL
ITAMATI H. S. SCHOOL OF EDUCATION AND TECHNOLOGY
At /P.O./P.S.- Itamati, Dist- Nayagarh - 752068, Ph. No.-(06753) 256090
WALK-IN-INTERVIEW
A walk in interview of guest faculties (for +2 classes) will be held on dt. **23.06.2026 at 11:00 AM** in the H S School premises for Contractual Appointment of lecturers in the following subjects.
**1. Economics - 01, 2. English - 01, 3. Sociology - 01, 4. History - 01**
**Qualifications: P.G.** in concerned subject with **55% marks.** Candidates with higher qualification are preferred. No TA/DA will be paid for the purpose. Candidates are required to produce all certificates (Original & Xerox).
Sd/- Principal
Itamati H. S. of Edn. & Tech.

# ଏସୀୟ କ୍ରୀଡ଼ା ଟିଟି ଦଳରୁ ମନିକା ବାତ୍ରା ବାଦ୍

ନୂଆଦିଲ୍ଲୀ, ୧୮।୬ (ଏଜେନ୍ସି): ଆଗାମୀ ଏସୀୟ କ୍ରୀଡ଼ା ଲାଗି ଗୁରୁବାର ଭାରତୀୟ ଟେବୁଲ ଟେନିସ (ଟିଟି) ଦଳ ଘୋଷଣା କରାଯାଇଛି। ତେବେ ଦେଶର ସବୁଠୁ ତାରକା ଟିଟି ଖେଳାଳି ମନିକା ବାତ୍ରାଙ୍କୁ ଘୋଷିତ ଦଳରୁ ବାଦ୍ ଦିଆଯିବା ସମସ୍ତଙ୍କୁ ଚକିତ କରିଛି। ଟେବୁଲ ଟେନିସ୍ ଫେଡେରେସନ୍ ଅଫ୍ ଇଣ୍ଡିଆ (ଟିଟିଏଫ୍‌ଆଇ) ଦ୍ୱାରା ନିର୍ଦ୍ଧାରିତ ଚୟନ ମାନଦଣ୍ଡ ପୂରଣ କରି ନ ଥିବାରୁ ମନିକାଙ୍କୁ ବାଦ୍ ଦିଆଯାଇଛି। ସେ ଘରୋଇ ଇଭେଣ୍ଟରେ ଅଂଶଗ୍ରହଣ ନ କରି ଅନୁପସ୍ଥିତ ରହିଥିଲେ। ଯାହା ଫଳରେ ସେ ଟିଟିଏଫ୍‌ଆଇ ର୍ୟାଙ୍କିଙ୍ଗରେ ସ୍ଥାନ ପାଇନାହାଁନ୍ତି। ତଥାପି ସ୍ୱସ୍ତିକା ଘୋଷଙ୍କ ସହିତ ରିଜର୍ଭ ଦଳରେ ମନିକାଙ୍କୁ ନିଆଯାଇଛି। ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଏକାଧିକ ପଦକ ଜିତିଥିବା ମନିକା ବର୍ତ୍ତମାନ ବିଶ୍ୱ ମାନ୍ୟତାର ୫୧ତମ ସ୍ଥାନରେ ରହିଛନ୍ତି। ଏସୀୟ କ୍ରୀଡାର ବିଂଶତମ ସଂସ୍କରଣ ସେପ୍ଟେମ୍ବର ୧୯ ରୁ ଅକ୍ଟୋବର ୪ ପର୍ଯ୍ୟନ୍ତ ଜାପାନର ଆଇଚି-ନାଗୋୟାରେ ଅନୁଷ୍ଠିତ ହେବ।

# ରାଜ୍ୟ ୧୧ ବର୍ଷରୁ କମ୍ ଚେସ୍ ଉଦ୍‌ଘାଟିତ

ଭୁବନେଶ୍ୱର, ୧୮।୬ (ସମିସ): ରାଜ୍ୟ ୧୧ ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତା ପଟିଆରେ ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ଚେସ୍ ସଂଘ ଓ କ୍ରୀଡ଼ା ବିଭାଗର ମିଳିତ ଆୟୋଜନରେ ଆୟୋଜିତ ଏହି ପ୍ରତିଯୋଗିତାକୁ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଚାରିଦିନ ଧରି ଚାଲିବାକୁ ଥିବା ୮ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ରେକର୍ଡ ୧୮୦ ଜଣ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଯେଉଁଥିରେ ୧୩୫ଜଣ ବାଳକ ଓ ୩୫ଜଣ ବାଳିକା ପ୍ରତିଯୋଗୀ ରହିଛନ୍ତି। ସେହିଭଳି ଅଂଶଗ୍ରହଣକାରୀଙ୍କ ମଧ୍ୟରେ ୪୨ଜଣ ଅନ୍ତର୍ଜାତୀୟ ରେଟେଡ ଖେଳାଳି ରହିଛନ୍ତି। ଦ୍ୱିତୀୟ ରାଉଣ୍ଡ ଶେଷ ସୁଦ୍ଧା ବାଳକ ବିଭାଗରେ ଟପ୍ ସିଡ୍ ଅଦଭିକ ଆଦିତ୍ୟ ସ୍ୱାଇଁ, ଆଦ୍ୟ ଅଦଭିକ ଦାଶ, ଶାୟାଂଶ ଦାସ, ସତ୍ୟ ସ୍ୱରୂପ ତ୍ରିପାଠୀ, ଶିବମ ସାବତ ଓ ସୋନାଲ ବୈଭବଙ୍କ ସହ ମୋଟ୍ ୨୭ଜଣ ଖେଳାଳି ୨ ପଏଣ୍ଟ ଲେଖାଏ ପାଇ ମିଳିତ ଭାବରେ ଅଗ୍ରଣୀ ଲାଭ କରିଛନ୍ତି। ସେହିଭଳି ବାଳିକାରେ ମୋଟ୍ ୯ ଜଣ ଖେଳାଳି ୨ ପଏଣ୍ଟ ସହ ମିଳିତ ଅଗ୍ରଣୀ ହାସଲ କରିଛନ୍ତି।

ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ନିଖିଳ ଓଡ଼ିଶା ଚେସ୍ ସଂଘ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ, ବିଧାୟକ ଦୁର୍ଗାପ୍ରସନ୍ନ ନାୟକ, ବିଜେପି ନେତା ଗୋଲେଖ ମହାପାତ୍ର, କେନ୍ଦ୍ରପଡ଼ା ଜିଲ୍ଲା ଚେସ୍ ସଂଘ ସଭାପତି କିଶୋର କୁମାର ପଣ୍ଡା, ରାଜ୍ୟ ସଂଘର ଯୁଗ୍ମ ସମ୍ପାଦକ ଭବେଶ ମହାନ୍ତି, ଆୟୋଜକ ମନୋଜ ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହିଥିଲେ।

# ପ୍ରତ୍ୟାଶାଙ୍କୁ ସ୍ୱର୍ଣ୍ଣ

ଭୁବନେଶ୍ୱର, ୧୮।୬ (ସମିସ): ଅହମ୍ମଦାବାଦରେ ଚାଲିଥିବା ଜାତୀୟ ସିନିଅର ଆକ୍ୱାଟିକ ଚାମ୍ପିଅନସିପ୍‌ର ୭୯ତମ ସଂସ୍କରଣରେ ଓଡ଼ିଶାର ପ୍ରତ୍ୟାଶା ରାୟ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ଗୁରୁବାର ଅନୁଷ୍ଠିତ ମହିଳା ୨୦୦ ମିଟର୍ ବ୍ୟାକଷ୍ଟ୍ରୋକରେ ପ୍ରତ୍ୟାଶା ୨ ମିନିଟ୍ ୨୦.୨୨ ସେକେଣ୍ଡ ସମୟ ନେଇ ରେସ୍ ଫିନିଶ କରିବା ସହ ପୋଡିୟମର ପ୍ରଥମ ସ୍ଥାନରେ ରହିଥିଲେ। ଏଥିରେ କର୍ଣ୍ଣାଟକର ନୈଶ (୨:୨୧.୬୪) ଓ ଉତ୍ତର ପ୍ରଦେଶର ଜିୟା ଯାଦବ (୨:୨୨.୨୬) ଯଥାକ୍ରମେ ରୌପ୍ୟ ଓ କାଂସ୍ୟ ପଦକ ହାସଲ କରିଥିଲେ। ଏହି ଚାମ୍ପିଅନସିପ୍‌ରେ ପ୍ରତ୍ୟାଶାଙ୍କ ଏହା କ୍ରମାଗତ ଦ୍ୱିତୀୟ ପଦକ। ଗତକାଲି ସେ ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକରେ କାଂସ୍ୟ ପଦକ ଜିତିଥିଲେ।



ସକାଳ THE SAKALA
www.thesakala.in
The Sakala require the following post for Head Office urgently.
ADVERTISEMENT EXECUTIVE
Qualification: MBA with 5 yrs. experience.
Send your CV by 20.06.2026 to
Asst. Manager HR
Email: hr@thesakala.com
Mob.: 8249526803
THE SAKALA
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS